# ଧରିତ୍ରୀ
# DHARITRI

ଧରିତ୍ରୀ 50 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୨/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Friday, January 12/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୫୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 50 ମୂଲ୍ୟ₹୭/-




KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Saffron Blended
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: You Tube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୨/୨୦୨୪ | Bhubaneswar, Friday, January 12/2024 | ପୃଷ୍ଠା-୧




**ଅମନ ଶେରାୱତଙ୍କୁ ସ୍ୱର୍ଣ୍ଣ**

ଭାରତୀୟ କୁସ୍ତି ଯୋଦ୍ଧା ଅମନ ଶେରାୱତ ଜାଗ୍ରେବ ଓପନ ର‌୍ୟାଙ୍କିଙ୍ଗ ସିରିଜ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୦୬

୦୫

**ଶାହରୁଖ୍‌ଙ୍କୁ 'ଇଣ୍ଡିଆନ ଅଫ୍ ଦି ଇୟର'**

ନୂଆଦିଲ୍ଲୀ ତାଜ୍ ପ୍ୟାଲେସରେ ଆୟୋଜିତ ଆୱାର୍ଡ ଶୋ'ରେ ବଲିଉଡ୍ ଅଭିନେତା ଶାହରୁଖ୍ 'ଇଣ୍ଡିଆନ ଅଫ୍ ଦି ଇୟର' ଆୱାର୍ଡରେ ସମ୍ମାନିତ ହୋଇଛନ୍ତି।






ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚନ କରୁଛନ୍ତି।

# ଅଯୋଧ୍ୟା ଯିବେନାହିଁ ୪ ଶଙ୍କରାଚାର୍ଯ୍ୟ

**ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା**



ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ (ପୁରୀ ଗୋବର୍ଦ୍ଧନ ପୀଠ)



ସ୍ୱାମୀ ସଦାନନ୍ଦ ସରସ୍ୱତୀ (ଦ୍ୱାରକା ପୀଠ)



ସ୍ୱାମୀ ଭାରତୀ ଶ୍ରୀ ତୀର୍ଥ (ଶାରଦା ପୀଠ)



ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ(ଜ୍ୟୋତିର୍ମଠ)

ନୂଆଦିଲ୍ଲୀ,୧୧।୧

ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ଆଉ ମାତ୍ର ୧୦ ଦିନ ବାକିଥିବାବେଳେ ଅନେକ ହିନ୍ଦୁ ସନ୍ଥ ଉକ୍ତ କାର୍ଯ୍ୟକ୍ରମକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ହିନ୍ଦୁଧର୍ମର ୪ ଧାମ ପୁରୀ ଗୋବର୍ଦ୍ଧନ ପୀଠ, ଜ୍ୟୋତିର୍ମଠ, ଦ୍ୱାରକା ଏବଂ ଶ୍ରୀଙ୍ଗେରୀର ଶଙ୍କରାଚାର୍ଯ୍ୟ ଆସନ୍ତା ୨୨ ତାରିଖ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ସନାତନ ଧର୍ମ ନିୟମାବଳୀର ଉଲ୍ଲଂଘନ କରାଯାଇ ଉତ୍ସବ ପାଳନ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ସବର ମୁଖ୍ୟ ଆୟୋଜକ ହୋଇଥିବାରୁ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବର ଉଦ୍ଦେଶ୍ୟକୁ ନେଇ ବରିଷ୍ଠ ସନ୍ଥମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କୁ ଆଗରେ ରଖି ସନାତନ ଶାସ୍ତ୍ରର ପାରମ୍ପରିକ ରୀତିନୀତିକୁ ଅଣଦେଖା କରାଯାଉଥିବା ସେମାନେ କହିଛନ୍ତି।

ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଉତ୍ସବରେ ଯୋଗଦେବେ ନାହିଁ ବୋଲି ଗତ ସପ୍ତାହରେ କହିଥିଲେ। ଶାସ୍ତ୍ରୀୟ ବିଧି ଅନୁଯାୟୀ ରାମଲାଲାଙ୍କ ମୂର୍ତ୍ତି ମନ୍ଦିରରେ ସ୍ଥାପନ କରାଯିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଗୁରୁବାର ସେ ଭଗବାନ ରାମଙ୍କ ପ୍ରତି ସମ୍ମାନ ବଜାୟ ରଖିବା ଉପରେ ଚିନ୍ତାବ୍ୟକ୍ତ କରିବା ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା କରାଯିବା ଆବଶ୍ୟକ ବୋଲି କହିଛନ୍ତି। ପ୍ରାଣପ୍ରତିଷ୍ଠା ଉତ୍ସବକୁ ରାଜନୈତିକ ରଙ୍ଗ ଦିଆଯାଉଥିବାରୁ ସେ ନ ଯିବା ପାଇଁ ନୀତିଗତ ଭାବେ ନିଷ୍ପତ୍ତି ନେଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ମନ୍ଦିର ଗର୍ଭଗୃହରେ ରହି ମୂର୍ତ୍ତିକୁ ସ୍ପର୍ଶ କରିବା, ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପନ୍ନ କରିବା ରାଜନୈତିକ ରଙ୍ଗ। ଭଗବାନ ରାମଙ୍କ ପ୍ରାଣପ୍ରତିଷ୍ଠା ଆଧାତ୍ମିକ ରୀତିନୀତି ଅନୁଯାୟୀ ହେବା ଆବଶ୍ୟକ। ଅର୍ଦ୍ଧସତ୍ୟ ଓ ଅର୍ଦ୍ଧମିଥ୍ୟାକୁ ଫେଣ୍ଟା ନ ଯାଉ। ସବୁକିଛି ଆଧାତ୍ମିକ ଜ୍ଞାନ ଅନୁଯାୟୀ କରାଯାଉ ବୋଲି ପୁରୀ ଶଙ୍କରାଚାର୍ଯ୍ୟ କହିଛନ୍ତି।

ଅନ୍ୟପକ୍ଷରେ ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ଭିନ୍ନ ଆଭିମୁଖ୍ୟ ପ୍ରକାଶ କରିବା ସହ ୨୨ ତାରିଖରେ ରାମମନ୍ଦିର ଯିବେ ନାହିଁ ବୋଲି କହିଛନ୍ତି। ମନ୍ଦିର ନିର୍ମାଣ ସନାତନ ଧର୍ମ ପାଇଁ ବିଜୟର ସୂଚନା ଦେଉନାହିଁ। ପୂର୍ବରୁ ଅଯୋଧ୍ୟାରେ ରାମମନ୍ଦିର ଥିଲା। ତେଣୁ ଏହାର ନିର୍ମାଣ ଧର୍ମ ପାଇଁ ଏକ ଉପହାର କିମ୍ବା ବିଜୟୋଲ୍ଲାସ ନୁହେଁ। ରାଜନୈତିକ ପ୍ରତିବନ୍ଧକ ଯୋଗୁ ରାଜନେତାମାନେ ସେଦିନ ଅଯୋଧ୍ୟା ଯାଉ ନାହାନ୍ତି। ତେବେ ତାଙ୍କ ଯିବାରେ କୌଣସି ପ୍ରତିବନ୍ଧକ ନ ଥିବା ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି। ଦେଶରୁ ଯେଉଁଦିନ ଗୋହତ୍ୟା ବନ୍ଦ ହେବ, ସେଦିନ ସେ ଅଯୋଧ୍ୟା ରାମମନ୍ଦିର ଯାଇ ଉତ୍ସାହର ସହ ପୂଜାର୍ଚ୍ଚନା କରିବେ ବୋଲି କହିଛନ୍ତି। ଅଦାଲତଙ୍କ ନିଷ୍ପତ୍ତି ଅନୁଯାୟୀ ଉକ୍ତ ଜମି ହିନ୍ଦୁଙ୍କର। ତାହାର ସେମାନେ ସଦୁପଯୋଗ କରିବେ କି ଦୁରୁପଯୋଗ, ☞ପୃଷ୍ଠା-୨

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

■ **ଲୋଗୋର ଟ୍ୟାଗ୍‌ଲାଇନ-'ଭାଷା ହିଁ ଭବିଷ୍ୟତ'**

■ **ଭାଷା ସମ୍ମିଳନୀର ବିପୁଳ ସଫଳତା କାମନା କଲେ**

ଭୁବନେଶ୍ୱର,୧୧।୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚିତ କରିଛନ୍ତି। ଏହାର ଟ୍ୟାଗ୍‌ଲାଇନ ରହିଛି 'ଭାଷା ହିଁ ଭବିଷ୍ୟତ'। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାଷା ସମ୍ମିଳନୀର ବିପୁଳ ସଫଳତା କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ସମ୍ମିଳନୀ ଆସନ୍ତା ଫେବୃଆରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୁଦ୍ଧିଜୀବୀ, ଗବେଷକ, ବିଦ୍ୱାନ୍ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମତ ବିନିମୟ ପାଇଁ ଏହି ସମ୍ମିଳନୀ ଏକ ସୁନ୍ଦର ମଞ୍ଚ ଭାବେ କାର୍ଯ୍ୟ କରିବ ବୋଲି ମୁଁ ଆଶା କରୁଛି।

ସେ କହିଛନ୍ତି ଯେ, ଆଧୁନିକ ଭାରତବର୍ଷରେ ଓଡ଼ିଶା ହେଉଛି ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଓଡ଼ିଆ ଭାଷା ଅନ୍ୟତମ ଶାସ୍ତ୍ରୀୟ ଭଷାର ମାନ୍ୟତା ଲାଭକରି ଆମ ମାଟି ଏବଂ ଭାଷାର ଗୌରବ ବୃଦ୍ଧି କରିଛି। ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ। ଏକ ସ୍ୱତନ୍ତ୍ର ଐତିହ୍ୟର ଶକ୍ତିଶାଳୀ ବାହକ ଭାବରେ ଆମ ଭବିଷ୍ୟତ ପିଢ଼ିଙ୍କ ପାଖରେ କିପରି ଓଡ଼ିଆ ଭାଷାର ଆଦର ବଢ଼ିବ ଏବଂ ଆଧୁନିକ ଜ୍ଞାନକୌଶଳ ଜରିଆରେ ଆମ ଭାଷା କିପରି ଆଗକୁ ବଢ଼ିପାରିବ ସେ ସମ୍ପର୍କରେ ବିଚାର-ବିମର୍ଷ କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୩୧ରୁ ବଜେଟ ଅଧିବେଶନ

ନୂଆଦିଲ୍ଲୀ,୧୧।୧

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୩୧ରୁ ଆରମ୍ଭ ହୋଇ ଫେବୃଆରୀ ୯ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ଲୋକ ସଭା ନିର୍ବାଚନ ଶେଷ ହୋଇ ନୂଆ ସରକାର ଗଢ଼ାହେବା ପର୍ଯ୍ୟନ୍ତ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ଅନ୍ତରୀଣ ବଜେଟ ଅଣାଯିବ। ଏପ୍ରିଲ-ମେ'ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଏହା ପୂର୍ବରୁ ବଜେଟ ଅଧିବେଶନ ଚଳିତ ପାର୍ଲାମେଣ୍ଟର ଶେଷ ଅଧିବେଶନ ହେବ।

ଅନ୍ତରୀଣ ବଜେଟରେ ମହିଳା କୃଷକମାନଙ୍କ ପାଇଁ ଡବଲ ପିଏମ୍ କିଷାନ ସମ୍ମାନ ନିଧି ପ୍ରସ୍ତାବ ଅଣାଯାଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏଥିପାଇଁ ସରକାରଙ୍କୁ ଅତିରିକ୍ତ ୧୨ ହଜାର କୋଟି ଟଙ୍କାର ☞ପୃଷ୍ଠା-୨

# ଓଡ଼ିଶା ୪ର୍ଥ ସ୍ୱଚ୍ଛ ରାଜ୍ୟ

ଭୁବନେଶ୍ୱର, ୧୧।୧ (ବନ୍ଦନା ସେଠୀ)

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩ର ଫଳାଫଳ ଗୁରୁବାର ଘୋଷଣା କରାଯାଇଛି। ଚଳିତବର୍ଷ ପ୍ରଥମ ଥର ଲାଗି ୨ଟି ରାଜ୍ୟକୁ ପ୍ରଥମ ପୁରସ୍କାର ମିଳିଥିବାବେଳେ ଉଭୟ ୯୩୪୮.୩୯ ସ୍କୋର ପାଇଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋର ସହର ଲଗାତାର ସପ୍ତମ ଥର ପାଇଁ ବାଜିମାତ୍ କରିଥିବାବେଳେ ଗୁଜରାଟର ସୁରଟ ପ୍ରଥମ ଥର ଲାଗି ଏହି ପୁରସ୍କାର ହାସଲ କରିଛି। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପରେ ଆୟୋଜିତ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରୀ ହରଦୀପ୍ ସିଂ ପୁରୀ ଯୋଗଦେଇ ବିଜେତା ରାଜ୍ୟ ଓ ସହରର ପ୍ରତିନିଧିମାନଙ୍କୁ ପୁରସ୍କୃତ କରିଛନ୍ତି। ଅପରପକ୍ଷେ ସ୍ୱଚ୍ଛତା କ୍ଷେତ୍ରରେ ଷ୍ଟେଟ୍ ର‌୍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ସ୍ଥାନ ୪ର୍ଥରେ ରହିଛି। ପ୍ରଥମ ସ୍ଥାନରେ ମହାରାଷ୍ଟ୍ର ଥିବାବେଳେ ୩୭୨୧.୫୫ ସ୍କୋର ମିଳିଛି। ଦ୍ୱିତୀୟରେ ମଧ୍ୟପ୍ରଦେଶକୁ ୩୬୫୭.୯୨, ତୃତୀୟ ସ୍ଥାନରେ ଥିବା ଛତିଶଗଡ଼କୁ ୩୪୨୫.୪୧ ଏବଂ ଚତୁର୍ଥ ସ୍ଥାନରେ ଥିବା ଓଡ଼ିଶାକୁ ୩୧୩୧.୩୮ ସ୍କୋର ମିଳିଥିବା ସୂଚନା ରହିଛି।

ସେହିପରି ଚଳିତବର୍ଷ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟ ଭଲ ପ୍ରଦର୍ଶନ କରିଛି। ଗତଥର ଭୁବନେଶ୍ୱରକୁ ସର୍ବଭାରତୀୟ ସ୍ତରରେ ୮୦ତମ ର‌୍ୟାଙ୍କ୍ ମିଳିଥିବାବେଳେ ଏଥର ୩୪ତମ ର‌୍ୟାଙ୍କ୍ ମିଳିଛି। ଏଥିସହ ୱାଟର ପ୍ଲସ୍ ଏବଂ ଗାର୍‌ବେଜ୍ ଫ୍ରି ବା ଆବର୍ଜନାମୁକ୍ତ ସହର ଭାବେ ଥ୍ରୀ ଷ୍ଟାର ରେଟିଂ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପାଗଳାମିର ପରିଭାଷା**




# ପ୍ରେମିକାଙ୍କୁ ବାହାହେଲେ ବ୍ରୁନେଇ ଯୁବରାଜ

ବନ୍ଦର ସେରି ବେଗାୱନ,୧୧।୧

ଏସିଆର ଅନ୍ୟତମ ସବୁଠୁ ଯୋଗ୍ୟ ବ୍ୟାଚେଲର ଭାବେ ପରିଚିତ ବ୍ରୁନେଇର ଯୁବରାଜ ଅବଦୁଲ ମାଟିନ୍ ଏକ ସାଧାରଣ ପରିବାରରେ ଗୁରୁବାର ବିବାହ କରିଛନ୍ତି। ୧୦ ଦିନ ଧରି ଏହି ବିବାହ ଉତ୍ସବ ଚାଲିବ। ରାଜଧାନୀ ବନ୍ଦର ସେରି ବେଗାୱନର ସ୍ୱର୍ଣ୍ଣଖଚିତ ମସ୍‌ଜିଦରେ ୩୨ ବର୍ଷୀୟ ଯୁବରାଜ ୨୯ ବର୍ଷୀୟା ୟାଙ୍ଗ ମୁଲିଆ ଆନିଶ ରୋସ୍‌ନାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ପୋଲୋ ଖେଳୁଥିବା ଯୁବରାଜ ମାଟିନ ହେଉଛନ୍ତି ବିଶ୍ୱର ସବୁଠୁ ଦୀର୍ଘଦିନ ଶାସନରେ ଥିବା ସୁଲ୍‌ତାନ ହାସାନଲ ବୋଲ୍‌କିଆଙ୍କ ଦଶମ ସନ୍ତାନ। ସେ ଏକଦା ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଥିଲେ। ତାଙ୍କ ବୋହୂ ହେଉଛନ୍ତି, ତାଙ୍କ ବାପାଙ୍କ ମୁଖ୍ୟ ଉପଦେଷ୍ଟାଙ୍କ ନାତୁଣୀ। ତାଙ୍କର ଏକ ଫେଶନ ବ୍ରାଣ୍ଡ ରହିଥିବାବେଳେ ସେ ଏକ ପର୍ଯ୍ୟଟନ ବ୍ୟବସାୟର ମାଲିକ। ରବିବାର ୧,୭୮୮ ପ୍ରକୋଷ୍ଠ ବିଶିଷ୍ଟ ରାଜପ୍ରାସାଦରେ ଏହି ରାଜକୀୟ ବିବାହର ସମାପନ ଉତ୍ସବ ଅନୁଷ୍ଠିତ ହେବ। ଅତିଥି ତାଲିକାରେ ଅନ୍ତର୍ଜାତୀୟ ରାଜପରିବାର ସଦସ୍ୟ ଏବଂ ରାଜନେତାମାନେ ରହିଛନ୍ତି। ରବିବାର ହେବାକୁ ଥିବା ବିଶାଳ ଶୋଭାଯାତ୍ରାକୁ ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇ ଉପଭୋଗ କିରବାକୁ ବ୍ରୁନେଇ ବାସିନ୍ଦା ଯୋଜନା କରିଛନ୍ତି।



ଯୁବରାଜ ଅବଦୁଲ ମାଟିନ୍



ୟାଙ୍ଗ୍ ମୁଲିଆ ଆନିଶ ରୋସ୍‌ନା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ ଅର୍ଜି ସଞ୍ଚେ ଯେହୁ ନ ଖାଇ ନ ଦେଇ**
**ଇହ ପରଲୋକେ ସେହୁ ନାନା ଦୁଃଖ ପାଇ ।**

ଅର୍ଜିତ ଧନକୁ ସୁପଥରେ ଖର୍ଚ୍ଚ କରାଯିବା ଉଚିତ । ଯେଉଁ ବ୍ୟକ୍ତି ଧନ ଅର୍ଜନ କରି ଭଲ ଭାବରେ ମୁଠେ ଖାଏ ନାହିଁ କି ଦାନ ଧର୍ମ କରେ ନାହିଁ, ସେଭଳି ବ୍ୟକ୍ତି ନରାଧମ ବୋଲାଇଥାନ୍ତି । ଏପରି ବ୍ୟକ୍ତି ଇହ ପରଲୋକରେ ନାନା ଦୁଃଖକଷ୍ଟ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଧରମଟି ଅଟେ ପରମ ବନ୍ଧୁ,**
**ମରଣରେ କେଭେଁ ନ ଯାଏ କନ୍ଧୁ ।**

ଧର୍ମ ହିଁ ଜୀବନର ପରମ ବନ୍ଧୁ । ବ୍ୟକ୍ତିର ମୃତ୍ୟୁ ପରେ ମଧ୍ୟ ଧର୍ମର ବିଲୋପ ଘଟି ନ ଥାଏ । ତେଣୁ ବ୍ୟକ୍ତିଙ୍କୁ ସତ୍ୟନିଷ୍ଠ ରହିବା, ଧର୍ମପଥରେ ଚାଲିବା ଲାଗି ଏଠାରେ ସୁପରାମର୍ଶ ଦିଆଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ






ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ହାଇଟେକ୍ ହସ୍ପିଟାଲରେ ଶ୍ରମ ବିଭାଗର ତଦନ୍ତ

**ଭୁବନେଶ୍ୱର, ୧୧।୧(ସୁନିତ୍ ମିଶ୍ର)**

ହାଇଟେକ୍ ମେଡିକାଲ କଲେଜରେ ବିସ୍ଫୋରଣ ଯୋଗୁ ୩ ଜଣଙ୍କ ଜୀବନ ଯିବା ସହିତ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାରେ ତଦନ୍ତ କରିବାକୁ ଶ୍ରମ କମିଶନରଙ୍କୁ ରାଜ୍ୟ ସରକାର ଚିଠି ଲେଖିବା ପରେ ରାଜ୍ୟ ଶ୍ରମ କମିଶନରଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧାର ଏକ ପ୍ରତିନିଧି ଦଳ ହାଇଟେକ୍ ହସ୍ପିଟାଲ ଯାଇ ସରଜମିନ ତଦନ୍ତ କରିଥିବା ଜଣାପଡ଼ିଛି । ଗୁରୁବାର ଏହି ଟିମ୍ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଭେଟି ତୁରନ୍ତ ଦୁର୍ଘଟଣାରେ ଶିକାର ହୋଇଥିବା କର୍ମଚାରୀଙ୍କୁ ଅନୁକମ୍ପା ରାଶି ପ୍ରଦାନ ଲାଗି କହିବା ସହିତ ଏକ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ଏହି ରିପୋର୍ଟ ରାଜ୍ୟ ଶ୍ରମ କମିଶନରଙ୍କୁ ମଧ୍ୟ ସେମାନେ ପ୍ରଦାନ କରିସାରିଥିବା ଜଣାପଡିଛି ।

ଶ୍ରମ କମିଶନର ଅନୁପମ ଶାହାଙ୍କୁ ପଚାରିବାରୁ, ଶ୍ରମିକମାନେ କିପରି ଅନୁକମ୍ପା ରାଶି ପାଇବେ ସେନେଇ ଖୋର୍ଦ୍ଧାର ଏକ ଟିମ୍ ହାଇଟେକ୍ ହସ୍ପିଟାଲ ଯାଇଥିଲେ । ସେମାନେ ତଦନ୍ତ କରି ରିପୋର୍ଟ ମଧ୍ୟ ପ୍ରଦାନ କରିସାରିଛନ୍ତି । ଦୁର୍ଘଟଣା କିପରି ହେଲା କ'ଣ ଏନେଇ ପୋଲିସ କେସ୍ ହୋଇଛି । ଯେଉଁ କର୍ମଚାରୀ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବା ଆହତ ହୋଇଛନ୍ତି ସେମାନେ କିପରି ସାହାଯ୍ୟ ପାଇବେ ସେନେଇ ଶ୍ରମ ବିଭାଗ ତଦନ୍ତ କରିଛି ବୋଲି ଶାହା କହିଛନ୍ତି । ସୂଚନାଯୋଗ୍ୟ, ବୈଷୟିକ ଓ ବୃତ୍ତିଗତ ଛାତ୍ର ସଂଘ ଆବାହକ ବିପ୍ଳବ ପ୍ରକାଶ ମହାନ୍ତି ଗତ ୮ ତାରିଖରେ ୫-ଟି ଅଧ୍ୟକ୍ଷ ଏବଂ ଶ୍ରମ ସଚିବଙ୍କୁ ଅଭିଯୋଗକରି କହିଥିଲେ, ହାଇଟେକ୍ ହସ୍ପିଟାଲ ଦୁର୍ଘଟଣା ଘଟଣାରେ କର୍ତ୍ତୃପକ୍ଷ ବେପରୁଆ ମନ୍ତବ୍ୟ ଦେବା ସାଙ୍ଗକୁ ନିଜ ଦୋଷ ଲୁଚାଇବାର ଅପଚେଷ୍ଟା କରୁଛନ୍ତି । ଇସି ଆକ୍ଟ ୪(କ) ଓ ଶ୍ରମ ଆଇନ ଅନୁସାରେ ଜରିମାନା ଓ ଆପରାଧିକ ମାମଲା ରୁଜୁ କରିବା ସହ ଧାରା ୧୨ ଅନୁଯାୟୀ ସମସ୍ତ ମୃତ ଏବଂ ଆହତ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଉ । ହସ୍ପିଟାଲ କର୍ତ୍ତୃପକ୍ଷ ଶ୍ରମିକମାନଙ୍କ ସୁରକ୍ଷା ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି । ବିପ୍ଳବଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଶ୍ରମ କମିଶନରଙ୍କୁ ଗୁରୁବାର ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଚିଠି ଲେଖିଥିଲେ ।

# ସରକାରୀ ସ୍କୁଲରେ ପଢ଼ି ମଧ୍ୟ ଶୀର୍ଷକୁ ଯାଇ ହେବ: ପାଣ୍ଡିଆନ

**ଭୁବନେଶ୍ୱର(ଅନିଲ ଦାସ)/ବଲାଙ୍ଗୀର (ବୀରେନ୍ଦ୍ର କୁମାର ଝାଙ୍କର),୧୧।୧**

ସରକାରୀ ସ୍କୁଲରେ ପାଠପଢ଼ି ମଧ୍ୟ ଭଲ କ୍ୟାରିୟର କରିହେବ ଏବଂ ଶୀର୍ଷକୁ ଯାଇ ହେବ । ଏହି ବାର୍ତ୍ତା ଦେଇଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଗୁରୁବାର ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଛାତ୍ରୀଛାତ୍ରଙ୍କୁ ସଫଳତାର ଗୁରୁମନ୍ତ୍ର ଦେଇଛନ୍ତି । କଠିନ ପରିଶ୍ରମ ହିଁ ସଫଳତାର ସୂତ୍ର । ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସରକାରୀ ସ୍କୁଲରେ ପଢ଼ି ଆଜି ସଫଳତାର ଶୀର୍ଷରେ ଥିବା କେତେକ ବ୍ୟକ୍ତିଙ୍କ ଉଦାହରଣ ପାଣ୍ଡିଆନ ଦେଇଥିଲେ ।

ସେ ନିଜେ ମଧ୍ୟ ସରକାରୀ ସ୍କୁଲରେ ପାଠପଢ଼ି ଆଇଏଏସ୍ ଅଫିସର ହୋଇପାରିଥିଲେ ବୋଲି ପାଣ୍ଡିଆନ ପିଲାମାନଙ୍କୁ କହିଥିଲେ । ପ୍ରତିଦିନ ୨୦ କିଲୋମିଟର ସାଇକେଲ ଚଳାଇ ସ୍କୁଲକୁ ଯା'ଆସ କରୁଥିଲେ । ସରକାରୀ ସ୍କୁଲରେ ପାଠପଢ଼ି କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ଏ ସମସ୍ତେ ଆଜି ସଫଳତା ହାସଲ କରି ସଫଳ ବ୍ୟକ୍ତିତ୍ୱର ପରିଚୟ ପାଇଛନ୍ତି । ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶର ଉନ୍ନତି ଲାଗି ଏହି ନୂଆ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ କରିଛନ୍ତି । ଛାତ୍ରୀଛାତ୍ରମାନେ ଏବେ ସେମାନଙ୍କ ଜୀବନର ଗୋଲଡେନ ପିରିୟଡରେ ଅଛନ୍ତି । ୫ବର୍ଷରେ ଯାହା କରିବେ ତା' ଉପରେ ନିର୍ଭର କରିବ ଆଗାମୀ ୫୦ ବର୍ଷ । ସଫଳତା ଲାଗି ପାଠ ପଢ଼ିବା ଜରୁରୀ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବାହାରକୁ ଆଣିବାକୁ ପଡ଼ିବ । କୋ-କରିକୁଲାର କାର୍ଯ୍ୟକ୍ରମରେ ଭାଗନେଲେ ସେମାନଙ୍କର ବ୍ୟକ୍ତିତ୍ୱର ସାମଗ୍ରିକ ଉନ୍ନତି ହେବ । ସଫଳ ହେବାକୁ ହେଲେ ବ୍ୟକ୍ତିତ୍ୱ ବିକାଶ କରିବାକୁ ପଡ଼ିବ । ସେଥିଲାଗି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଛାତ୍ରୀଛାତ୍ରଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ । ଏହି ଚିନ୍ତାଧାରାକୁ ନେଇ ମୁଖ୍ୟମନ୍ତ୍ରୀ ଏହି ନୂଆ-ଓ ପ୍ଲାଟଫର୍ମ ଦେଇଛନ୍ତି । କଠିନ ପରିଶ୍ରମ କରିବାକୁ ହେଲେ ସୁସ୍ଥ ରହିବାକୁ ପଡ଼ିବ । ସୁସ୍ଥ ରହିବାକୁ ଅତିକମ୍‌ରେ ୩୦ମିନିଟ ଶାରୀରିକ ବ୍ୟାୟାମ ସହ ମସ୍ତିଷ୍କର ବିକାଶ ଲାଗି ୧୫ ମିନିଟ ଧ୍ୟାନ କରନ୍ତୁ ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି । ଏ ଫିଟ୍ ବଡି ଗିଭ୍ ଫିଟ୍ ମାଇଣ୍ଡ୍ । ସୁସ୍ଥ ରହିଲେ ମନ ସୁସ୍ଥ ରହିବ ଏବଂ ପରିଶ୍ରମ କରିପାରିବେ । ଭବିଷ୍ୟତ ଉଜ୍ଜ୍ୱଳ କରିବାକୁ ହେଲେ ଦିନରାତି ଏକ କରି ପଢ଼ିବାକୁ ପଡ଼ିବ । କଠିନ ପରିଶ୍ରମ କରିବା ସହ ମା' ବାପା ଓ ଗୁରୁଜନଙ୍କ କଥା ମାନିବାକୁ ଛାତ୍ରୀଛାତ୍ରଙ୍କୁ ପାଣ୍ଡିଆନ କହିଛନ୍ତି ।

**ବଲାଙ୍ଗୀର ଜିଲାସ୍ତରୀୟ ନୂଆ-ଓ ଉତ୍ସବ**


ବଲାଙ୍ଗୀର ଜିଲାସ୍ତରୀୟ ନୂଆ-ଓ ଉତ୍ସବରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବକ୍ତବ୍ୟ ରଖୁଛନ୍ତି ।

ଏହି ଅବସରରେ ପାଣ୍ଡିଆନ ସଫଳ ଉଦ୍ୟୋଗୀ ସୁବ୍ରୋତ ବାଗ୍‌ଚୀଙ୍କ ଉଦାହରଣ ଦେଇଥିଲେ । ପାଟଣାଗଡ଼ରେ ୧୯୫୭ ମସିହାରେ ଜନ୍ମ ହୋଇଥିଲେ ସୁବ୍ରୋତ । ପାଟଣାଗଡ଼ରେ ସରକାରୀ ସ୍କୁଲରେ ପାଠପଢ଼ି ଓଡ଼ିଶା ସେକ୍ରେଟାରିଏଟ୍‌ରେ ଜଣେ କିରାଣି ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ଏହାପରେ ଚାକିରି ଛାଡ଼ି ଆଇଟି କ୍ଷେତ୍ରରେ ଯୋଗଦେଇଥିଲେ । ଆଇଟି ଇଣ୍ଡଷ୍ଟ୍ରିରେ ଯୋଗଦେଇ ସେ ଆଜି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି । ମାଇଣ୍ଡ ଟ୍ରି ଭଳି ଆଇଟି କମ୍ପାନୀ କରି ୨୦ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି । ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୧ ଲକ୍ଷ କୋଟିରୁ ଅଧିକ । ସେହିପରି ଆଉ ଜଣେ ସଫଳ ବ୍ୟକ୍ତିତ୍ୱ ହେଉଛନ୍ତି ସିନେ ନିର୍ଦ୍ଦେଶକ ନୀଳମାଧବ ପଣ୍ଡା । ସୁବର୍ଣ୍ଣପୁର ଜିଲାର ଏହି ବ୍ୟକ୍ତିତ୍ୱ ଗାଁ କଲେଜରେ ପାଠ ପଢୁଥିଲେ । ଯୁକ୍ତ ୨ ଫେଲ୍ ହୋଇଯିବା ପରେ ସେ ଦିଲ୍ଲୀ ଚାଲିଯାଇଥିଲେ । ସେଠାରେ ସିନେମାଟୋଗ୍ରାଫି ଶିକ୍ଷା ନେଇଥିଲେ । କଠିନ ପରିଶ୍ରମ ବଳରେ ସେ ଆଜି ଭାରତୀୟ ସିନେମା ଜଗତର ଜଣେ ଆଗ ଧାଡ଼ିର ନିର୍ଦ୍ଦେଶକ । ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍ଦୁଲ କଲାମଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରି ବେଶ୍ ପ୍ରଶଂସା ସାଉଁଟିଛନ୍ତି । ସିନେମା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି । ଆଉ ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଜଷ୍ଟିସ ସଂଜୟ ମିଶ୍ର । ବଲାଙ୍ଗୀର ପୃଥ୍ୱୀରାଜ ସରକାରୀ ହାଇସ୍କୁଲରୁ ପାଠ ପଢ଼ି ସେ ଝାଡ଼ଖଣ୍ଡ ହାଇକୋର୍ଟରେ ମୁଖ୍ୟ ବିଚାରପତି ହୋଇପାରିଥିଲେ । ବଲାଙ୍ଗୀରର ସେଇ ପୃଥ୍ୱୀରାଜ ହାଇସ୍କୁଲରୁ ପାଠ ପଢ଼ିଥିବା ଅରୁଣ ଷଡ଼ଙ୍ଗୀ ଆଜି ଓଡ଼ିଶାର ପୋଲିସ ଡିଜି ପାହ୍ୟାକୁ ଯାଇପାରିଛନ୍ତି । ଆଉ ଜଣେ ଆତ୍ମବିଶ୍ୱାସର ଭରପୂର ଥିବା ବ୍ୟକ୍ତିତ୍ୱ ପାୟଲଙ୍କ ଉଦାହରଣ ଦେଇଥିଲେ ପାଣ୍ଡିଆନ । ଦୁର୍ଘଟଣାରେ ତାଙ୍କର ଦୁଇହାତ ଓ ଗୋଡ଼ ସେ ହରାଇଛନ୍ତି । ତେବେ ପାୟଲଙ୍କ ଭିତରେ ଥିବା ଗଭୀର ଆତ୍ମବିଶ୍ୱାସ ତାଙ୍କୁ ବଡ଼ ଲକ୍ଷ୍ୟ ହାସଲ କରିବାକୁ ଶକ୍ତି ଦେଇଛି । ପାରା ଆଥ୍‌ଲେଟିକ ପାଇଁ ଅଭ୍ୟାସ କରୁଛନ୍ତି ବଲାଙ୍ଗୀର ଝିଅ ପାୟଲ । ନିକଟରେ ସେ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ପାଇଛନ୍ତି ବୋଲି ପିଲାମାନଙ୍କୁ କହିଥିଲେ ।

ଆଜିର କାର୍ଯ୍ୟକ୍ରମ ମଞ୍ଚରେ କେବଳ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ୍ ବକ୍ତବ୍ୟ ରଖିଥିଲେ । ମଞ୍ଚ ତଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଭିନିଲ କ୍ରିଷ୍ଣା, ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ଋଷିକେଶ ଖିଲାରୀ, ଏଡିଏମ୍ ଲମ୍ବୋଦର ଧରୁଆ, ମହେନ୍ଦ୍ର ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ସ୍କୁଲ ଓ ଡିଗ୍ରୀ କଲେଜରୁ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ଆସି ଯୋଗଦାନ କରିଥିଲେ । ବଲାଙ୍ଗୀରରୁ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ୍ କଣ୍ଟାବାଞ୍ଜି ଏବଂ ସଇଁତଳା ଗସ୍ତ କରି ସେଠାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲୋକଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରିଥିଲେ ।

# ବାଇକ୍ ଦୁର୍ଘଟଣାରେ ୨ ମୃତ

**କାମାକ୍ଷାନଗର,୧୧।୧(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ମହୁଲି ଓଟିପିସିଏଲ୍ କଲୋନି ନିକଟର ଗୁରୁବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ୨ ଆରୋହୀଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ମହୁଲି ଗ୍ରାମର ସାଗର ସାହୁ(୨୫) ଓ ଅଘିରାଗୋଡ଼ା ଗ୍ରାମର ଶିବରାମ ବେହେରା (୩୨) । ପୋଲିସ କହିଛି, କାମାକ୍ଷାନଗରରୁ ମହୁଲି ଗ୍ରାମର ସାଗର ଏକ ବାଇକ୍‌ରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଶିବରାମଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା । ବାଇସିଙ୍ଗା ଗ୍ରାମର କାହ୍ନା ସାହୁ ଓ ଅଗିରାଗୋଡା ଗ୍ରାମର ବାପୁନ ସାହୁ ଗୁରୁତର ହୋଇଥିଲେ । ଖବରପାଇ ତୁମୁସିଙ୍ଗା ଥାନା ଅଧିକାରୀ ମମତା ସାମନ୍ତରାୟ ଓ ଫାଣ୍ଡି ଅଧିକାରୀ ସମରେନ୍ଦ୍ର ସାମଲ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି କମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ଏ ସଂକ୍ରାନ୍ତରେ ଥାନାରେ ନଂ. ୭/୨୪ରେ ଏକ ମାମଲା ରୁଜୁ ହୋଇଛି ।


ନୂଆଦିଲ୍ଲୀଠାରେ ଅତିଥିଙ୍କଠାରୁ ବିଏମ୍‌ସି ମେୟର ସୁଲୋଚନା ଦାସ ଏବଂ କମିଶନର ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ପୁରସ୍କାର ଗ୍ରହଣ କରୁଛନ୍ତି ।

## ଓଡ଼ିଶା ୪ର୍ଥ ...

ମିଳିବା ସହ ରାଜ୍ୟରେ ପ୍ରଥମ ସହର ଭାବେ ସ୍ଥାନ ଅଧିକାର କରିଛି । ଏଥିପାଇଁ ଭୁବନେଶ୍ୱରକୁ 'କ୍ଲିନ୍ ସିଟି ଇନ୍ ଓଡ଼ିଶା' ପୁରସ୍କାର ମିଳିଛି । ୨୦୨୨ରେ ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେରେ ମୋଟ୍ ୭୫୦୦ ନମ୍ବର ରଖାଯାଇଥିବାବେଳେ ୨୦୨୩ରେ ଏହାକୁ ବୃଦ୍ଧି କରି ମୋଟ୍ ୯୫୦୦ ନମ୍ବର ରଖାଯାଇଥିଲା । ସେଥିରୁ ୫୧% ଅର୍ଥାତ୍ ୪୮୩୦ ମାର୍କ ସର୍ଭିସ ଲେଭଲ ପ୍ରୋଗ୍ରେସ୍ ବାବଦରେ ଥିବାବେଳେ ୨୬% ଅର୍ଥାତ୍ ୨୫୦୦ ମାର୍କ ସାର୍ଟିଫିକେଶନ୍ ଏବଂ ୨୩% ଅର୍ଥାତ୍ ୨୧୭୦ ମାର୍କ ସିଟିଜେନ୍ ଭଏସ୍ ବାବଦରେ ରହିଥିଲା । ଏହି ସବୁକୁ ମିଶାଇ ଭୁବନେଶ୍ୱରକୁ ସର୍ବେକ୍ଷଣରେ ମୋଟ୍ ୯୫୦୦ରୁ ୭୩୧୪.୯୦ ନମ୍ବର ମିଳିଛି । ଗୁରୁବାର ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଆବର୍ଜନା ପରିଚାଳନା, ପ୍ଲାଷ୍ଟିକ୍ ଆବର୍ଜନାର ପରିଚାଳନା, ରିସାଇକେଲ, ରିୟୁଜ୍ ନୀତିର ପ୍ରୟୋଗ ଏବଂ ସଫେଇ କର୍ମଚାରୀଙ୍କ ସୁରକ୍ଷା ଆଦି ବିଭିନ୍ନ ଆଧାରରେ ର୍‍ୟାଙ୍କିଙ୍ଗ୍ କରାଯାଇଥାଏ । ୨୦୧୬ରୁ କେନ୍ଦ୍ର ସରକାର ଦେଶରେ ସ୍ୱଚ୍ଛ ସର୍ବେକ୍ଷଣ କରୁଛନ୍ତି । ଚଳିତ ବର୍ଷ ୪ ହଜାର ୪୭୭ଟି ସହରକୁ ସର୍ଭେରେ ସାମିଲ କରାଯାଇଥିଲା ।

### ଟପ୍ ଟେନ୍ ତାଲିକାରେ ନାହିଁ ଓଡ଼ିଶାର କୌଣସି ସହର

ଏଥର ମଧ୍ୟ ଓଡ଼ିଶାର କୌଣସି ସହର ଟପ୍ ଟେନ୍ ତାଲିକାରେ ସ୍ଥାନ ପାଇନାହିଁ । ଭୁବନେଶ୍ୱର ୩୪ତମ ସ୍ଥାନରେ ରହିଥିବାବେଳେ ଏହା ପଛକୁ ୬୭୩୬.୭୦ ନମ୍ବରରେ ୬୨ତମ ସ୍ଥାନରେ ପୁରୀ ସହର ରହିଛି । ସେହିପରି ୯୯ତମ ସ୍ଥାନରେ ବାଲେଶ୍ୱର (୬୦୩୦.୧୦ ନମ୍ବର), ୧୧୧ତମ ସ୍ଥାନରେ ବ୍ରହ୍ମପୁର (୫୮୧୨.୨୦ ନମ୍ବର), ୧୧୯ତମ ସ୍ଥାନରେ ରାଉରକେଲା (୫୬୮୯.୮୦ ନମ୍ବର), ୧୬୩ତମ ସ୍ଥାନରେ ସମ୍ବଲପୁର (୪୭୬୧.୫୦ ନମ୍ବର), ୧୭୨ତମ ସ୍ଥାନରେ କଟକ (୪୬୮୧.୪୦ ନମ୍ବର) ଏବଂ ୨୨୯ତମ ସ୍ଥାନରେ ଭଦ୍ରକ ରହିଛି । ସର୍ଭେରେ ରାଜ୍ୟର ମୋଟ୍ ୧୧୪ଟି ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ମହାନଗର ନିଗମ ଅଂଶଗ୍ରହଣ କରିଥିବାବେଳେ ମୋଟ୍ ୨ଟି ପୁରସ୍କାର ମିଳିଛି । ସେହିପରି ୬୨ଟି ଓଡିଏଫ୍, ୧୮ଟି ଓଡିଏଫ୍‌ପ୍ଲସ୍, ୩୩ଟି ଓଡିଏଫ୍ ପ୍ଲସ୍‌ପ୍ଲସ୍, ଗୋଟିଏ ୱାଟର ପ୍ଲସ୍, ୧୪ଟି ୱାନ୍‌ଷ୍ଟାର, ୨ଟି ଥ୍ରୀ ଷ୍ଟାର ମିଳିଛି ।

## ଅଯୋଧ୍ୟା ଯିବେନାହିଁ ...

ତାହା ସେମାନଙ୍କର ବିବେକ ଉପରେ ନିର୍ଭର କରେ ବୋଲି ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି । ଶ୍ରୀଙ୍ଗେରୀ ଶରଦାପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀଭାରତୀ ତୀର୍ଥଜୀ ରାମମନ୍ଦିର ନିର୍ମାଣକୁ ନେଇ ଆନନ୍ଦ ବ୍ୟକ୍ତ କରିଥିଲେ ମଧ୍ୟ ନିମନ୍ତ୍ରଣକୁ ଗ୍ରହଣ କରିନାହାନ୍ତି । ତାଙ୍କ ମତରେ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହୋଇନାହିଁ । ଅସମ୍ପୂର୍ଣ୍ଣ ମନ୍ଦିରରେ ଭଗବାନଙ୍କ ପ୍ରାଣପ୍ରତିଷ୍ଠା କରିବା ଠିକ୍ ନୁହେଁ । ଏଭଳି କାର୍ଯ୍ୟର ଧାର୍ମିକତାକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅଯୋଧ୍ୟାରେ ଏସିଆର ସର୍ବବୃହତ୍ ମସ୍‌ଜିଦ ନିର୍ମାଣ ହେବାକୁ ଥିବାରୁ ଏହାକୁ ଶ୍ରୀଙ୍ଗେରୀ ଶଙ୍କରାଚାର୍ଯ୍ୟ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ରାମମନ୍ଦିର ନିର୍ମାଣରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଶଙ୍କରାଚାର୍ଯ୍ୟ କିମ୍ବା ସେମାନଙ୍କ ପ୍ରତିନିଧିମାନଙ୍କଠାରୁ ପରାମର୍ଶ ନେଇ ନ ଥିବାରୁ ଏହା ଆଧ୍ୟାତ୍ମିକ ନେତାମାନଙ୍କୁ ବାଦ୍ ଦେଇ ନିର୍ମାଣ ହୋଇଥିବା ଶ୍ରୀଭାରତୀ ତୀର୍ଥଜୀ କହିଛନ୍ତି । ଦ୍ୱାରକା ଶାରଦାପୀଠ ଶଙ୍କରାଚାର୍ଯ୍ୟ ଶ୍ରୀ ସ୍ୱାମୀ ସଦାନନ୍ଦ ସରସ୍ୱତୀ ମନ୍ଦିର ପ୍ରାଣପ୍ରତିଷ୍ଠା ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ହିନ୍ଦୁ ଶାସ୍ତ୍ର ମତରେ ପୌଷ ହେଉଛି ଏକ ଅପବିତ୍ର ମାସ । ତେଣୁ ଏହି ମାସରେ ଭଗବାନଙ୍କ ମୂର୍ତ୍ତିର ପ୍ରାଣପ୍ରତିଷ୍ଠା କରାଯିବା ଠିକ୍ ନୁହେଁ । ଭଗବାନ ରାମଙ୍କ ପବିତ୍ର ଜନ୍ମଦିନ ରାମନବମୀରେ ପ୍ରାଣପ୍ରତିଷ୍ଠା ଉତ୍ସବ ଅଧିକ ଉପଯୁକ୍ତ ହୋଇଥାନ୍ତା ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ଜାନୁୟାରୀ ୨୨କୁ ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ ବାଛିବା ପଛର ପ୍ରଥମ କାରଣ ରାଜନୀତି ବୋଲି ସ୍ୱାମୀ ସଦାନନ୍ଦ ସରସ୍ୱତୀ କହିଛନ୍ତି । ରାମନବମୀ ବେଳକୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଥିବ । ଫଳରେ ପ୍ରାଣପ୍ରତିଷ୍ଠା ଉତ୍ସବ ଭାଜପା ନେତାମାନଙ୍କୁ ବିଶେଷ ରାଜନୈତିକ ଫାଇଦା ଦେବ ନାହିଁ । ରାଜନୈତିକ ଦିଗକୁ ଲକ୍ଷ୍ୟ ରଖି ପ୍ରାଣପ୍ରତିଷ୍ଠା ନିଷ୍ପତ୍ତି ନିଆଯାଇଛି । ମନ୍ଦିର ସମ୍ପୂର୍ଣ୍ଣ ହେବା ପୂର୍ବରୁ ପ୍ରାଣପ୍ରତିଷ୍ଠା ଉପରେ ମଧ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ପ୍ରଶ୍ନ ଉଠାଇଛନ୍ତି । ସୂଚନାଯୋଗ୍ୟ, ମନ୍ଦିର ପ୍ରାଣପ୍ରତିଷ୍ଠାର ସପ୍ତାହେ ପୂର୍ବରୁ ଅର୍ଥାତ୍ ୧୬ ତାରିଖରୁ ବୈଦିକ ରୀତିନୀତି ଅନୁଷ୍ଠିତ ହେବ । ବାରାଣସୀର ପୂଜକ ଲକ୍ଷ୍ମୀକାନ୍ତ ଦୀକ୍ଷିତ ୨୨ ତାରିଖର ପ୍ରାଣପ୍ରତିଷ୍ଠା ଉତ୍ସବର ମୁଖ୍ୟ ରୀତିନୀତି ସମ୍ପନ୍ନ କରିବେ । ସେଦିନ ମନ୍ଦିରରେ ମୂର୍ତ୍ତି ସ୍ଥାପନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ ।

**ପ୍ରଥମ ପୃଷ୍ଠାରୁ...**

## ୩୧ରୁ ବଜେଟ ...

ବ୍ୟୟଭାର ବହନ କରିବାକୁ ପଡ଼ିବ । ଲୋକ ସଭା ନିର୍ବାଚନ ଆଉ ୨/୩ ମାସ ଥିବାରୁ ପୂର୍ଣ୍ଣ ବଜେଟ ନ ଆଣି ସରକାର ଅନ୍ତରୀଣ ବଜେଟ ଆଣିବେ । ନିର୍ବାଚନ ବର୍ଷରେ କିମ୍ବା ପୂର୍ଣ୍ଣ ବଜେଟ ପାଇଁ ଯଥେଷ୍ଟ ସମୟ ନ ଥିଲେ ଅନ୍ତରୀଣ ବଜେଟ ଅଣାଯାଇଥାଏ । ନିର୍ବାଚନ ପରେ ପରବର୍ତ୍ତୀ ସରକାର ସମ୍ପୂର୍ଣ୍ଣ ବାର୍ଷିକ ବଜେଟ ପ୍ରସ୍ତୁତ କରିବେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବ । ଫଳରେ ମାନସିକ ଅସ୍ଥିରତା ଭିତରେ ଚଳିବାକୁ ବାଧ୍ୟ ହେବେ । ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ । ପାରିବାରିକ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବାର ସୂଚନା ରହିଛି । ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ସନ୍ଧ୍ୟାରେ ତାହା ପାଇବେ ।

**ବୃଷ** ରୋହିଣୀ ନକ୍ଷତ୍ର ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ନୂତନ ଯୋଜନା ସକାଶେ ମନ ବଳାଇବେ । ପିଲାଙ୍କ ସମସ୍ୟାକୁ ନେଇ ମନରେ ସରସତା ରହିବ ନାହିଁ । ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି କୌଣସି ଘରୋଇ କଥା ଭିତରେ ନିଜର ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ ।

**ମିଥୁନ** ବାରମ୍ବାର ପ୍ରତିରୋଧ ବଢ଼ିବା ଦ୍ୱାରା ଅଟକି ରହିଥିବା କାମଟିକୁ ଆଜି ସମ୍ପନ୍ନ କରିବେ । ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ । ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେବେ । ଭୁଲ୍ ବୁଝାମଣା କିମ୍ବା ସନ୍ଦେହଜନିତ ପାରିବାରିକ ଦିଗଟି ବିଶେଷ ଭଲ ରହିବ ନାହିଁ ।

**କର୍କଟ** ଭାଇଙ୍କ ଅଭାବ ଅସୁବିଧା ସାଙ୍ଗକୁ କିମ୍ବା ସ୍ୱାସ୍ଥ୍ୟହାନି କାରଣକୁ କେନ୍ଦ୍ରକରି ମନ ଅଶାନ୍ତ ରହିବ । କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି କାମ ହାସଲ ସକାଶେ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିବାକୁ ଚେଷ୍ଟା କରିବେ । କ୍ରୀଡ଼ା ଓ ମନୋରଞ୍ଜନ ପ୍ରଭୃତିରେ ପ୍ରତିଯୋଗିତା ମନୋଭାବ ଉପୁଜିବ । ପୁନର୍ବସୁ ନକ୍ଷତ୍ର ନୂତନ କାମ ସକାଶେ ମନ ବଳାଇ ପାରନ୍ତି ।

**ସିଂହ** ଅଫିସରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ, ଫଳରେ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ । ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସମସ୍ୟା ସୃଷ୍ଟି କରିପାରନ୍ତି । କାରବାର, ପରିବହନ, ଷ୍ଟେଶନେରି ଦୋକାନୀ ଲାଭବାନ ହେବେ । ପାରିବାରିକ ସ୍ଥିତି ଭଲ ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ।

**କନ୍ୟା** ଆଜି ସହଜ ଓ ସୁବିଧାରେ କାମ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ସାଙ୍ଗସାଥୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ କିନ୍ତୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି । କଳହରୁ ଦୂରେଇ ନ ରହିଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ ।

**ତୁଳା** ବନ୍ଧୁଙ୍କ ମନ ବୁଝିଲାଭଳି କଥା କହି ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ । ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ, ଏଣୁ ସତର୍କତାର ସହ କିଛି କହିବା ଭଲ । ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ । ଆଲୋଚନା କ୍ଷେତ୍ରରେ ଭୁଲ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ ।

**ବିଛା** ଆଜି ପୂର୍ବ ପରିକଳ୍ପିତ ଲକ୍ଷ୍ୟ ହାସଲରେ କୌଣସି ଅସୁବିଧା ହେବ ନାହିଁ । ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । କୌଣସି ମହିଳାଙ୍କ ତରଫରୁ ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି ଯୋଜନା କରିବେ । ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିପାରନ୍ତି ।

**ଧନୁ** ଆର୍ଥିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ହାତରେ ଥିବା କାମକୁ ସମ୍ପନ୍ନ କରିପାରିବେ । ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି । ଫେରନ୍ତା ବାଟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ । ନିର୍ମାଣାଧୀନ କାର୍ଯ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଭଲ ।

**ମକର** ଖଳଲୋକଙ୍କ କାନକୁହା କଥାରେ ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ । ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ । କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ । ଭଲ ସମ୍ପର୍କ ନ ଥିବା, ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଚେଷ୍ଟା କରି ମଧ୍ୟ କିଛି କ୍ଷତି କରିପାରିବେ ନାହିଁ ।

**କୁମ୍ଭ** ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ । ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ମାତ୍ର ଡରିବାର କିଛି କାରଣ ନାହିଁ । ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ । ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ବିଶେଷ ଭାବରେ ଉପକୃତ ହେବେ ।

**ମୀନ** ବିଭିନ୍ନ ପ୍ରକାର ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି । କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି । ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି । ଆଜି ଅର୍ଥ ପାଇବା ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବେ ।

ଆଜି ଜାନୁଆରୀ ୧୨ ତାରିଖ, ପୌଷ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶୁକ୍ରବାର, ଜାତୀୟ ଯୁବ ଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ସକାଳ ୦୬।୨୭ ମି. ଗତେ, ଘ. ୦୭।୧୧ ମଧ୍ୟେ, ଘ.୦୭।୫୪ ଗତେ, ଘ୦୯।୧୧ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦।୩୨ ମି. ଗତେ, ଘ.୧୧।୫୪ ମଧ୍ୟେ ରାହୁକାଳ ।

# ମନ୍ଦିର ବାରଣ୍ଡାରେ ଶିଶୁପୁତ୍ରଙ୍କୁ ପଥରରେ ଛେଚି ହତ୍ୟା

## ମୃତକଙ୍କ ହାତ, ଗୋଡ଼ କାଟି ସାଙ୍ଗରେ ନେଇଗଲେ ଅଭିଯୁକ୍ତ

ଡାବୁଗାଁ, ୧୧।୧(ପ୍ରଜ୍ଞାରଞ୍ଜନ ପରିଡ଼ା)


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ମନ୍ଦିର ବାରଣ୍ଡାରେ ପୂଜାରୀଙ୍କ ଶିଶୁପୁତ୍ରଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏହା ଦେଖି ପୂଜାରୀ ସଂଜ୍ଞାହୀନ ହୋଇପଡ଼ିବା ପରେ ଅଭିଯୁକ୍ତ ମୃତକଙ୍କ ହାତ ଗୋଡ଼ କାଟି ରକ୍ତ ପିଇବା ପରେ ତାହାକୁ ନେଇ ଘରକୁ ପଳାଇଛନ୍ତି। ଏଭଳି ଲୋମଟାଙ୍କୁରା ବୀଭତ୍ସ ଦୃଶ୍ୟ ଗୁରୁବାର ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବୋରିଗାଁ ପଞ୍ଚାୟତ ମେଣ୍ଡ୍ରା ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ ମେଣ୍ଡ୍ରା ଗ୍ରାମ ନିକଟ ସରଗୁଲି ପାହାଡ଼ ଉପରେ ଥିବା ଶିବ ମନ୍ଦିରର ପୂଜକ ସନାଧର ପୂଜାରୀଙ୍କ ପୁଅ ଚନ୍ଦନ (୫)। ଅଭିଯୁକ୍ତ ଜଳେନ୍ଦ୍ର ସାନ୍ତା (୨୫)ଙ୍କୁ ପୋଲିସ ଗିରଫ କରିଛି।

ଗୁରୁବାର ସକାଳୁ ସନାଧର ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ପରେ ଚନ୍ଦନ ଜିଦ୍ କରି ଅଜାଙ୍କ ସହ ମନ୍ଦିରକୁ ଯାଇଥିଲେ। ମନ୍ଦିର ବାହାରେ ସେ ଖେଳୁଥିବାବେଳେ ପୂର୍ବାହ୍ନ ପ୍ରାୟ ୧୦.୩୦ ସମୟରେ ଗ୍ରାମର ଜଳେନ୍ଦ୍ର ସେଠାରେ ପହଞ୍ଚି ଥିଲେ। ସନାଧରଙ୍କ ସହ କୌଣସି କାରଣରୁ ତାଙ୍କର ପାଟିତୁଣ୍ଡ ହୋଇଥିଲା। ସେ ଏଥିରେ ଉତ୍କ୍ଷିପ୍ତ ହୋଇ ବାହାରେ ଖେଳୁଥିବା ଚନ୍ଦନଙ୍କୁ ମନ୍ଦିର ବାରଣ୍ଡାକୁ ଆଣି ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ଘଟଣାସ୍ଥଳରେ ଚନ୍ଦନଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାଦେଖି ସନାଧର ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଜଳେନ୍ଦ୍ର ମୃତ ଚନ୍ଦନଙ୍କ ଡାହାଣ ହାତ ଓ ବାମ ଗୋଡ଼ କାଟି ଦେଇ ମୃତଦେହରୁ ବାହାରୁଥିବା ରକ୍ତ ପିଇଥିଲେ। ଚେତା ଫେରିବା ପରେ ସନାଧର ପାଟି କରିଥିଲେ। ହତ୍ୟା ଖବରପାଇ ଲୋକମାନେ ପହଞ୍ଚିବାରୁ ଅଭିଯୁକ୍ତ ଜଳେନ୍ଦ୍ର କଟା ହାତ ଗୋଡ ଧରି ଗ୍ରାମକୁ ଦୌଡ଼ି ପଳାଇ ଆସିଥିଲେ। ଘର ବାରିପଟେ ଜାଳେଣି ପାଇଁ ଥିବା ଶୁଖିଲା ମକା ଗଛ ଗଦାତଳେ କଟା ହାତଗୋଡ଼କୁ ଲୁଚାଇ ଦେଇଥିଲେ। ପଛରେ ଆସୁଥିବା ଲୋକେ ଜଳେନ୍ଦ୍ରଙ୍କୁ କାବୁକରି ଏକ ଗଛରେ ବାନ୍ଧି ଡାବୁଗାଁ ପୋଲିସକୁ ଖବର ଦେଇଥିଲେ। ଡାବୁଗାଁ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଜଳେନ୍ଦ୍ରଙ୍କୁ ଗିରଫକରି ଥାନାକୁ ପଠାଇଥିଲେ। ପରେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏହାପରେ ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା, ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଧୁସ୍ମିତା ମିଶ୍ର ଓ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଡାକ୍ତରଖାନାକୁ ପଠାଯାଇଥିଲା। ସନାଧର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି କେସ୍ ନଂ. ୯/୨୪ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଜଳେନ୍ଦ୍ର ସାନ୍ତାଙ୍କୁ ଥାନାରେ ଅଟକ ରଖାଯାଇଛି।

# ଦକ୍ଷ ଯୁବଶକ୍ତି ଏବଂ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଭାରତ ସବୁ ସମସ୍ୟାର ସମାଧାନ କରିବ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୧।୧(ସୁନିତ୍ ମିଶ୍ର)

ଦକ୍ଷ ଯୁବଶକ୍ତି ଏବଂ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଭାରତ ସମସ୍ତ ସମସ୍ୟାର ସମାଧାନ ପ୍ରଦାନ ପାଇଁ ପ୍ରସ୍ତୁତ ବୋଲି ଗୁରୁବାର ଗୁଜରାଟର ଗାନ୍ଧୀନଗର ଠାରେ ଆୟୋଜିତ ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ସମ୍ମିଟ୍-୨୦୨୪ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ସମ୍ମିଟ୍‌ର ୨ଟି ଅଧିବେଶନ ଯଥା ଭବିଷ୍ୟତ ପାଇଁ ଶ୍ରମଶକ୍ତି ନିର୍ମାଣ: ଶିଳ୍ପବିପ୍ଳବ ୪.୦ ପାଇଁ ଦକ୍ଷତା ବିକାଶ ଶୀର୍ଷକ ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇଛନ୍ତି। ଏହାବ୍ୟତୀତ ଦକ୍ଷତା ବିକାଶ ପାଇଁ ଗ୍ଲୋବାଲ ନେଟ୍‌ୱର୍କକୁ ବିକଶିତ କରିବା ନେଇ ଆୟୋଜିତ ୨ୟ ଅଧିବେଶନରେ ଯୋଗଦେଇ ନିଜ ମତ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଭାରତରେ ଡେମୋଗ୍ରାଫିକ ଡିଭିଡେଣ୍ଡ ଓ ଗୁଣାତ୍ମକ ଶିକ୍ଷାନୁଷ୍ଠାନମାନ ଅଛି। ଏହା ମାଧ୍ୟମରେ ଭାରତ ସବୁ ପ୍ରକାର ସମାଧାନ ପ୍ରଦାନ ପାଇଁ ପ୍ରସ୍ତୁତ ଅଛି। ଦକ୍ଷତା ଏବଂ ଧନ୍ଦାମୂଳକ ଶିକ୍ଷା ବର୍ତ୍ତମାନ ଆନୁଷ୍ଠାନିକ ଭାବେ ଆମ ଶିକ୍ଷା ପରିସଂସ୍ଥାନର ଏକ ଅଂଶବିଶେଷ ହେବ, ଯେଉଁ ବିଷୟକୁ ପୂର୍ବରୁ ଏତେ ଗୁରୁତ୍ୱ ଦିଆଯାଉ ନ ଥିଲା। ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଭାରତର ଷ୍ଟାର୍ଟଅପ୍ ଓ ଇନୋଭେସନ ଦେଶକୁ ଜ୍ଞାନ ଏବଂ ଦକ୍ଷତା କେନ୍ଦ୍ରରେ ପରିଣତ କରିଛି। ଯେତେବେଳେ ବିଶ୍ୱର ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି, ସେତେବେଳେ ଭାରତ ଏହାର ଯୁବବର୍ଗଙ୍କ ଦ୍ୱାରା ସଶକ୍ତ ହୋଇଛି। ଆଗାମୀ ୨୫ରୁ ୩୦ ବର୍ଷ ମଧ୍ୟରେ କର୍ମକ୍ଷେତ୍ରରେ ଜନସଂଖ୍ୟା ଦୃଷ୍ଟିରୁ ଭାରତ ଅଗ୍ରଣୀ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେଣୁ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ଲକ୍ଷ୍ୟ ହାସଲ କରିବାକୁ ହେଲେ ସମସ୍ତଙ୍କୁ ବିଶେଷ କରି ଯୁବବର୍ଗଙ୍କୁ ଅଧିକ ଯୋଗଦାନ ଦେବାକୁ ପଡ଼ିବ। ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ସମ୍ମିଟ୍ ଜାତୀୟ ପ୍ରାଥମିକତା ଭିତ୍ତିରେ ଦେଶର ବିକାଶ ଯାତ୍ରାକୁ ପ୍ରତିଫଳିତ କରିବା ଦିଗରେ ଏକ ଉତ୍ତମ ମାଧ୍ୟମ। ଶିକ୍ଷା ଏବଂ ଦକ୍ଷତା ଇକୋସିଷ୍ଟମରେ ଜାତୀୟ ଶିକ୍ଷା ନୀତି ଦେଶର ଯୁବଶକ୍ତିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ନାମଟେକ୍ ଏବଂ ଆଇଟିଜ୍, ସିଙ୍ଗାପୁର ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

## ବଚସାରୁ ସ୍ତ୍ରୀସ୍ୱାମୀଙ୍କ ଆତ୍ମହତ୍ୟା

ବୈପାରିଗୁଡ଼ା, ୧୧।୧(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ମାଝିଗୁଡ଼ା ପଞ୍ଚାୟତର ଭାଲିଆପଦର ଗ୍ରାମରେ ବୁଧବାର ରାତିରେ ଘଟିଛି ଏକ ଦୁଃଖଦ ଘଟଣା। ସ୍ତ୍ରୀ ଓ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ବଚସାକୁ କେନ୍ଦ୍ରକରି ପ୍ରଥମେ ସ୍ତ୍ରୀ ଆତ୍ମହତ୍ୟା କରିଦେଇଥିଲେ। ଏହି ଦୁଃଖ ସହି ନ ପାରି ପରେ ସ୍ୱାମୀ ଆତ୍ମହତ୍ୟା କରି ଦେଇଥିବା ଜଣାପଡ଼ିଛି।

ଖବରରୁ ପ୍ରକାଶ, ବୁଧବାର ରାତିରେ କୌଣସି ଘଟଣାକୁ କେନ୍ଦ୍ରକରି ସ୍ୱାମୀ ଦିନୁ ପରଜା (୪୫) ଓ ସ୍ତ୍ରୀ ରୁକ୍ମିଣୀଙ୍କ ମଧ୍ୟରେ ବଚସା ହୋଇଥିଲା। ଉକ୍ତ ଘଟଣା ପରେ ଦିନୁ ବାହାରକୁ ଚାଲିଯାଇଥିଲେ। ଏହି ସମୟରେ ରୁକ୍ମିଣୀ ଘର ଭିତରେ ଦଉଡି ଲଗାଇ ଆତ୍ମହତ୍ୟା କରି ଦେଇଥିଲେ। ଘର ଭିତରୁ କିଛି ଶବ୍ଦ ଶୁଣି ପଡ଼ୋଶୀ ଲୋକେ ଓ ସ୍ୱାମୀ ଦିନୁ ଘର ଭିତରକୁ ଆସି ଦେଖିବା ବେଳକୁ ରୁକ୍ମିଣୀଙ୍କ ମୃତଦେହ ଝୁଲୁଥିଲା। ସମସ୍ତେ ମିଶି ମୃତଦେହ ବାହାର କରି ତଳକୁ ଆଣିଥିଲେ। ଘଟଣା ପରେ ଦିନୁ ମର୍ମାହତ ହୋଇ ସେହି ରାତିରେ ଘରଠାରୁ କିଛି ଦୂରରେ ଥିବା ଏକ କାଜୁବାଡ଼ରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଦେଇଥିଲେ। ଏ ନେଇ ଗୁରୁବାର ଦିନୁଙ୍କ ପରିବାର ଲୋକେ ବୈପାରିଗୁଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାକୁ ନେଇ କେସ୍ ନଂ. ୧ ଓ ୨/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସରକାରୀ କ୍ୱାର୍ଟର୍ସରେ ବିଡିଓଙ୍କ ଝୁଲନ୍ତା ମୃତଦେହ

## ଛୁଟି ମିଳୁ ନ ଥିବାରୁ ମାନସିକ ଚାପରେ ଥିଲେ: ପରିବାର

ସିମୁଳିଆ(ସନ୍ତୋଷ ନାୟକ)/ ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ), ୧୧।୧


ବିଡିଓ ବିଶ୍ୱରଞ୍ଜନ ମହାନ୍ତି

ବାଲେଶ୍ୱର ଜିଲା ସିମୁଳିଆ ବିଡିଓ ବିଶ୍ୱରଞ୍ଜନ ମହାନ୍ତି(୫୮)ଙ୍କ ଝୁଲନ୍ତା ମୃତଦେହ ଗୁରୁବାର ସନ୍ଧ୍ୟାରେ ସରକାରୀ କ୍ୱାର୍ଟର୍ସରୁ ଜବତ କରାଯାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିଡିଓଙ୍କ ଘର ମୟୂରଭଞ୍ଜ ଜିଲା ବାରିପଦାରେ ବୋଲି ସୂଚନା ମିଳିଛି। ବିଡିଓଙ୍କ ଏଭଳି ମୃତ୍ୟୁକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ଅତ୍ୟଧିକ କାମ ଚାପ ଯୋଗୁ ସେ ମାନସିକ ଅବସାଦରେ ଥିଲେ। ସେ କାର୍ଯ୍ୟରେ ଯୋଗ ଦେବା ଦିନଠାରୁ ତାଙ୍କୁ ଛୁଟି ମିଳି ନ ଥିବା ତାଙ୍କ ବାପା ନରେନ୍ଦ୍ର ପ୍ରସାଦ ମହାନ୍ତି ଗଣମାଧ୍ୟମ ଆଗରେ କହିଛନ୍ତି।

ଗୁରୁବାର ପୂର୍ବାହ୍ନ ୧୧ଟାରେ ବିଡିଓ ମହାନ୍ତି ବ୍ଲକ କାର୍ଯ୍ୟାଳୟକୁ ଯାଇ ଅଧଘଣ୍ଟା କାର୍ଯ୍ୟ କରିଥିଲେ। ଏହାପରେ ଅସୁସ୍ଥତା ଅନୁଭବ କରିବାରୁ ନିଜ କ୍ୱାର୍ଟର୍ସକୁ ଫେରିଆସିଥିଲେ। ଅପରାହ୍ନ ୪ଟାରେ ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ ବୈଠକ ଥିବାରୁ ବିଡିଓଙ୍କୁ ଖୋଜାପଡିବା ସହିତ ବାରମ୍ବାର ତାଙ୍କ ମୋବାଇଲକୁ ଫୋନ କରାଯାଇଥିଲା। ବିଡିଓ ଫୋନ ନ ଉଠାଇବାରୁ ଜଣେ ପିଅନଙ୍କୁ ତାଙ୍କ କ୍ୱାର୍ଟର୍ସକୁ ପଠାଯାଇଥିଲା। ତେବେ ଭିତରପଟୁ କବାଟ ବନ୍ଦ ଥିବା ପିଅନ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକଙ୍କୁ ଜଣାଇଥିଲେ। ବ୍ଲକ ଅଧ୍ୟକ୍ଷ ମଲିକ ପୋଲିସ ଓ ତହସିଲଦାରଙ୍କୁ ଖବର ଦେଇଥିଲେ। କବାଟ ଖୋଲାଯିବା ପରେ ଫ୍ୟାନରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଉଲ୍ଲେଖଯୋଗ୍ୟ ଯେ, ବିଡିଓ ୨୦୨୩ ଅକ୍ଟୋବର ୨୫ତାରିଖରେ ସିମୁଳିଆରେ ଯୋଗ ଦେଇଥିଲେ। ସେ କ୍ୱାର୍ଟର୍ସରେ ଏକାକୀ ରହୁଥିଲେ। ୨ବର୍ଷ ପରେ ସେ ଅବସର ନେଇଥାନ୍ତେ। ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଏଭଳି ସନ୍ଦେହଜନକ ମୃତ୍ୟୁକୁ ନେଇ ନାନା ଆଲୋଚନା ହେଉଛି। ଏହି ଘଟଣା ସମ୍ପର୍କରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ୍ ଯୋଗେ ଚେଷ୍ଟା କରାଯାଇଥିଲେ ହେଁ, କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଭିମ୍‌ସାରରୁ ଡିସ୍‌ଚାର୍ଜ ହେଲେ ବିଜୟିନୀ

■ ପରିତ୍ୟକ୍ତ ବୋର୍‌ୱେଲ ମଧ୍ୟରୁ ଉଦ୍ଧାର ହୋଇଥିଲେ

ସମ୍ବଲପୁର, ୧୧।୧(ପ୍ରମୋଦ ବହିଦାର)


ଶିଶୁ ସ୍ଥାନାନ୍ତର ସମୟରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

ସମ୍ବଲପୁର ଜିଲା ରେଙ୍ଗାଲି ଅଞ୍ଚଳର ଏକ ପରିତ୍ୟକ୍ତ ବୋର୍‌ୱେଲରୁ ଉଦ୍ଧାର ହୋଇ ଦୀର୍ଘ ଏକମାସ ଧରି ଭିମ୍‌ସାର ଶିଶୁ ବିଭାଗରେ ଚିକିତ୍ସାଧୀନ ଥିବା ଶିଶୁକନ୍ୟା ବିଜୟିନୀ ସୁସ୍ଥ ହୋଇ ଗୁରୁବାର ମେଡିକାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଶିଶୁ ସୁରକ୍ଷା ସମିତି ଅନୁମତି ପ୍ରଦାନ କରିବା ପରେ ବିଜୟିନୀଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି ଜରିଆରେ ଛଞ୍ଚାନପାଲିସ୍ଥିତ ରୁକ୍ମିଣୀଲାଠ ବାଲ ନିକେତନ ପରିସରରେ ଥିବା ଆଡପ୍‌ଶନ ଏଜେନ୍ସିକୁ ସ୍ଥାନାନ୍ତର କରାଯାଇଛି। ଭିମ୍‌ସାର ଏସ୍‌ଏନ୍‌ସିୟୁରେ ଏହି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଭିମ୍‌ସାର ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ବିମଳ ପଣ୍ଡା, ଅଧୀକ୍ଷକ ଡା. ଲାଲମୋହନ ନାୟକ, ଏସ୍‌ଏନ୍‌ସିୟୁ ମୁଖ୍ୟ ଶିଶୁରୋଗ ବିଶେଷଜ୍ଞ ଡା. ସଂଯୁକ୍ତା ପଣ୍ଡା, ଡା. ଶଙ୍କର ରାମଚନ୍ଦାନୀ ପ୍ରମୁଖଙ୍କ ଉପସ୍ଥିତିରେ ଶିଶୁକନ୍ୟାକୁ ଜିଲା ଶିଶୁ କଲ୍ୟାଣ କମିଟିର ବବିତା କର ଓ ଆଡପ୍‌ଶନ ଏଜେନ୍ସିର ଦୁଇଜଣ ସେବିକାଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ଶିଶୁକନ୍ୟା ସୁସ୍ଥ ହୋଇଥିବା ଖୁସିରେ ଭିମ୍‌ସାର ଏସ୍‌ଏନ୍‌ସିୟୁରେ କେକ୍ କଟାଯାଇ ପରସ୍ପରକୁ ବଣ୍ଟାଯାଇଥିଲା।

ସୂଚନାଯୋଗ୍ୟ, ଗତ ଡିସେମ୍ବର ୧୨ରେ ରେଙ୍ଗାଲି ବ୍ଲକ ଲାରିପାଲି ପଞ୍ଚାୟତ ଜଙ୍ଗଲ ମଧ୍ୟରେ ଥିବା ଏକ ପରିତ୍ୟକ୍ତ ବୋର୍‌ୱେଲ ମଧ୍ୟରୁ ଉକ୍ତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଥିଲା। ପରେ ଜିଲା ପ୍ରଶାସନର ତତ୍ତ୍ୱାବଧାନରେ ଶିଶୁକୁ ତୁରନ୍ତ ଭିମ୍‌ସାର ଏସ୍‌ଏନ୍‌ସିୟୁ ବିଭାଗରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଗତ ଜାନୁଆରୀ ୧ରେ ଶିଶୁକନ୍ୟା ଜନ୍ମ ହେବାର ୨୧ଦିନ ପୂର୍ତ୍ତି ଉପଲକ୍ଷେ ଭିମ୍‌ସାର ଏସ୍‌ଏନ୍‌ସିୟୁରେ ଏକୋଇଶିଆ ପାଳନ କରାଯାଇ ତା'ର ନାମ ବିଜୟିନୀ ରଖାଯାଇଥିଲା।

# ଉଚ୍ଛେଦ ବେଳେ ବିଷ ପିଇଲେ ମହିଳା

## ସରକାରୀ ଜମିରେ ଆବାସ ଘର

ହାଟଡିହୀ, ୧୧।୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ତହସିଲ ଅଧୀନ ଗେଡ଼ମା ପଞ୍ଚାୟତ ଜଳସରପୁର ଗ୍ରାମରେ ଏକ ସରକାରୀ ଜମିରେ ହୋଇଥିବା ଆବାସ ଘର ଉଚ୍ଛେଦ ବେଳେ ଅଭାବନୀୟ ଘଟଣା ଘଟିଛି। ଉଚ୍ଛେଦକୁ ବିରୋଧ କରି ଜଣେ ମହିଳା(ଘର ମାଲିକ) ବିଷ ପିଇ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ପ୍ରେମଲତା ନାୟକଙ୍କ ଜମି ସମ୍ମୁଖରେ ଥିବା ସରକାରୀ ଜାଗା (ଖାତା ନଂ. ୪୧୫ ଏବଂ ପ୍ଲଟ ନଂ. ୧୧୭୧)କୁ ଗ୍ରାମର ରଞ୍ଜନ ଧଳ ଜବରଦଖଲ କରିଥିଲେ। ଫଳରେ ପ୍ରେମଲତା ନିଜ ଜମିକୁ ଯିବା ଆସିବା କରିବାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ବାବଦରେ ପ୍ରେମଲତା ୨୦୨୩ରେ ଥାନା ଓ ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କୌଣସି ପଦକ୍ଷେପ ନିଆ ନ ଯିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେସ ନଂ. ଡବ୍ଲ୍ୟୁ.ପି. (ସି)୧୯୬୬୯/୨୦୨୩ର ଶୁଣାଣି କରି ଏକ ଫାଇନାଲ ଅର୍ଡର ପାସ କରିବା ପାଇଁ ହାଇକୋର୍ଟ ହାଟଡ଼ିହୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଗୁରୁବାର ତହସିଲ କର୍ମଚାରୀ ଏବଂ ନନ୍ଦିପଦା ପୋଲିସ ଉପସ୍ଥିତିରେ ରଞ୍ଜନଙ୍କ ଗୃହ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ ରଞ୍ଜନଙ୍କ ସ୍ତ୍ରୀ କନକଲତା ବିଷ ପିଇ ଦେଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଶାଳନିଆ ସିଏଚ୍‌ସି ଏବଂ ପରେ ଭଦ୍ରକ ମେଡିକାଲ ନିଆଯାଇଛି। ସୂଚନା ଯୋଗ୍ୟ କନକଲତା ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଗୃହ ନିର୍ମାଣ କରି ଦୀର୍ଘ ବର୍ଷ ହେବ ପରିବାର ସହ ବସବାସ କରୁଥିଲେ। ଏନେଇ ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ର କହିଛନ୍ତି, ହାଇକୋର୍ଟଙ୍କ ଅର୍ଡର ଅନୁଯାୟୀ ଗୃହ ଉଚ୍ଛେଦ କରାଯାଇଥିଲା। ସେହି ସମୟରେ ମହିଳା ଜଣଙ୍କ ବିଷ ପିଇଦେଇଥିଲେ। ତାଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଥିଲା।

# ଗ୍ୟାସ୍‌ରୁ ନିଆଁ ଲାଗି ବୃଦ୍ଧା ମୃତ

ହାଟଡ଼ିହୀ, ୧୧।୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ରମ୍ଭାସ ଗ୍ରାମରେ ଗ୍ୟାସ୍‌ରେ ରୋଷେଇ କରୁଥିବା ବେଳେ ନିଆଁ ଲାଗି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ପୀତାମ୍ବର ମଲିକଙ୍କ ପତ୍ନୀ ପାର୍ବତୀ ମଲିକ। ସେ ଗୁରୁବାର ଗ୍ୟାସରେ ରୋଷେଇ କରୁଥିବା ସମୟରେ ତାଙ୍କ ପିନ୍ଧା ଲୁଗାରେ ନିଆଁ ଲାଗିଯାଇଥିଲା। ପାର୍ବତୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ତଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ପାର୍ବତୀଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ନିଜ ଗଳା କାଟିଦେଲେ ଶିକ୍ଷକ

ରାଇଘର, ୧୧।୧(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କଚରାପାରା ପଞ୍ଚାୟତରେ ଥିବା ଅଲେଖ ମହିମା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଆଶିଷ କୁମାର ସ୍ୱାଇଁ ଗୁରୁବାର ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ସ୍କୁଲରେ ମାନସିକ ଯନ୍ତ୍ରଣା ଦିଆଯାଉଥିବା ଅଭିଯୋଗ ଆଣିଛନ୍ତି ଶିକ୍ଷକଙ୍କ ସ୍ତ୍ରୀ ଗୀତାଞ୍ଜଳି। ଶିକ୍ଷକ ସ୍ୱାଇଁ ଡିସେମ୍ବରରୁ ମାନସିକ ଚାପରେ ରହୁଥିଲେ। ଦେହ ଖରାପ ହେବାରୁ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହୋଇ ଫେରିବା ପରେ କାର୍ଯ୍ୟରେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭୁବନ ମୋହିନୀ ନାୟକ ଶିକ୍ଷକ ସ୍ୱାଇଁଙ୍କୁ ମାନସିକ ଯନ୍ତ୍ରଣା ଦେବା ସହ ସ୍କୁଲର ସମସ୍ତ କାମ କରିବାକୁ ବାଧ୍ୟ କରୁଥିଲେ ବୋଲି ଗୀତାଞ୍ଜଳି କହିଛନ୍ତି। ଡିସେମ୍ବର ମାସରେ ୧୧ରୁ ୧୮ତାରିଖ ପର୍ଯ୍ୟନ୍ତ ଯେଉଁ ଛୁଟି ନେଇଥିଲେ ତାହାର ଦରମା କରାଯାଇ ନ ଥିଲା। ଏସବୁ ନେଇ ବୁଧବାର ଦଉଡ଼ି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିବାବେଳେ ଗୀତାଞ୍ଜଳି ଏହାଦେଖି ତାଙ୍କୁ ଅଟକାଇଥିଲେ। ଗୁରୁବାର ସକାଳ ପ୍ରାୟ ୮ ଟାରେ ବ୍ଲେଡରେ ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୀତାଞ୍ଜଳି ଏହା ଜାଣିବା ପରେ ସାହି ପଡ଼ିଶା ଲୋକଙ୍କୁ ଡାକିଥିଲେ। ସମସ୍ତେ ତାଙ୍କୁ ଉଦ୍ଧାର କରି ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପରିବାର ଲୋକେ କଟକ ନେଇଯାଇଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ଗୀତାଞ୍ଜଳି ଆଣିଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଶିକ୍ଷକ ଆଶିଷ ଡିସେମ୍ବର ୧୧ରୁ ୧୮ ପର୍ଯ୍ୟନ୍ତ ଛୁଟିରେ ଥିଲେ। ସେ ଦେଇଥିବା ଛୁଟି ଦରଖାସ୍ତ ଡିଇଓଙ୍କୁ ପଠାଯାଇଛି। ତାଙ୍କର ଦରମା କାହିଁକି ହୋଇନାହିଁ ସେ ସମ୍ପର୍କରେ ଜାଣିନାହିଁ ବୋଲି ସେ କହିଛନ୍ତି।

# ସମୂହ ଇସ୍ତଫା ଦେଲେ ୨୨ ସରପଞ୍ଚ

## ଅର୍ପଣ ରଥ ପରିକ୍ରମାରେ ଅଣଦେଖା ଅଭିଯୋଗ

କେନ୍ଦୁଝର, ୧୧।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)


ତେଲକୋଇ ବ୍ଲକ୍‌ର ୨୨ ସରପଞ୍ଚ।

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ୨୨ ପଞ୍ଚାୟତର ସରପଞ୍ଚ ଗୁରୁବାର ନାଟକୀୟ ଢଙ୍ଗରେ ସମୂହ ଇସ୍ତଫା ଦେଇଛନ୍ତି। ଶ୍ରୀଜଗନ୍ନାଥ ପରିକ୍ରମା ଅର୍ପଣ ରଥ କାର୍ଯ୍ୟକ୍ରମ ପରିଚାଳନାରେ ବ୍ୟତିକ୍ରମ ଓ ସେମାନଙ୍କୁ ଅଣଦେଖା ଅଭିଯୋଗ କରି ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଇସ୍ତଫାପତ୍ର ପ୍ରଦାନ କରାଯାଇଛି। ଏଥିସହ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କୁ ଭେଟି ଅଭିଯୋଗ ଜଣାଇବା ସହ ଇସ୍ତଫାପତ୍ର ଦେବାକୁ ଆସିଥିବା ବେଳେ ଦେଖା ହୋଇପାରି ନ ଥିବା ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା ସୂଚନା ଦେଇଛନ୍ତି।

ଅଭିଯୋଗ ମୁତାବକ, ବ୍ଲକ୍ ପ୍ରଶାସନର ଅଣଦେଖା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ବାବଦରେ ଘୋଷଣା ଅର୍ଥ ରାଶିର ମନମାନି ଖର୍ଚ୍ଚ ହେଉଛି। ଫଳରେ ଏହାକୁ ନେଇ ସେମାନେ ଲୋକଙ୍କ ପ୍ରଶ୍ନର କୌଣସି ଉତ୍ତର ଦେଇପାରୁ ନ ଥିବା କହିଛନ୍ତି। ଏହାଦ୍ୱାରା ସେମାନଙ୍କ ଗଣତାନ୍ତ୍ରିକ କ୍ଷମତା କ୍ଷୁଣ୍ଣ ହେଉଥିବା ବେଳେ ସେମାନଙ୍କ ସ୍ୱାଧୀନତା ଓ ମୌଳିକ ଅଧିକାରକୁ ଜୋରଜବରଦସ୍ତ ବନ୍ଦ କରିଦିଆଯାଉଥିବା ଅଭିଯୋଗ କରି ଏଭଳି ସମୂହ ଇସ୍ତଫା ଦେଇଥିବା ଜଗମୋହନପୁର ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ପ୍ରଦାନ, ରାଇସୁଆଁ ସରପଞ୍ଚ ବାଗେନ ଚମ୍ପିଆ, ତେଲକୋଇର ରଶ୍ମିତା ନାୟକ, ଦେଉଳଢ଼ିଆର ପ୍ରିୟଙ୍କା ଦଳବେହେରା, ଛାମୁଣ୍ଡାର ସୁଷମା ନାୟକ, ପଡ଼ାଙ୍ଗର ଦିଲେଶ୍ୱର ନାୟକ, ସିଗିଳାର ମୋହନ କୁମାର ନାୟକ, ବିମଳାର ପ୍ରସନ୍ନ ନାୟକ, ବିଞ୍ଝବାହାଳର ସୌମେନ୍ଦ୍ର କୁମାର ନାୟକ, କରଦାଙ୍ଗି ସରପଞ୍ଚ କବିତା ମୁଣ୍ଡା ପ୍ରମୁଖ କହିଛନ୍ତି। ଏ ନେଇ ତେଲକୋଇ ବିଡିଓ ଗୀତା ମୁର୍ମୁ କହିଛନ୍ତି, ସେ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ କାମ କରୁଛନ୍ତି। ପ୍ରଥମେ ସରପଞ୍ଚମାନଙ୍କୁ ଖର୍ଚ୍ଚ କରିବାକୁ କୁହାଗଲା। କିନ୍ତୁ ସରପଞ୍ଚ ସଂଘ ପକ୍ଷରୁ ସମସ୍ତ ଅର୍ଥ ଦେବାକୁ ଦାବି କରାଯାଉଛି। ତେବେ ସେମାନେ ନେଇଥିବା ଅର୍ଥର ଖର୍ଚ୍ଚ ହିସାବ ଦେବାକୁ କୁହାଯାଇଛି। ଆସିଥିବା ଅର୍ଥରୁ କିଛି ସ୍ଥାନୀୟ ଅଞ୍ଚଳରେ ଥିବା ଅର୍ଦ୍ଧନିର୍ମିତ ଜଗନ୍ନାଥ ମନ୍ଦିରର ସମ୍ପୂର୍ଣ୍ଣ ପାଇଁ ଦେବାକୁ କୁହାଯାଇଥିଲା ଏବଂ ପରେ ଏକ ଲକ୍ଷ ଟଙ୍କାରେ ଏହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିବାକୁ କୁହାଗଲା। ଏହାକୁ ନେଇ ସେମାନେ ଭିନ୍ନ ମତବ୍ୟକ୍ତ କରିଛନ୍ତି। ଏ ନେଇ ସେମାନଙ୍କୁ ବୁଝାଇଥିଲେ ହେଁ ନ ଶୁଣିବାରୁ ଉଚ୍ଚ ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି। ଏଣୁ ଉପଜିଲାପାଳ ଓ ଜିଲାପାଳଙ୍କ ପାଖକୁ ଯାଇଛନ୍ତି।

ପ୍ରକାଶଯୋଗ୍ୟ, ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ବିଭିନ୍ନ ବ୍ଲକ୍‌ରେ ଗାଁ ଗାଁ ବୁଲି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରୁଛି। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତକୁ ୨ ଲକ୍ଷ ଟଙ୍କା ସରକାର ଘୋଷଣା କରିଛନ୍ତି। ତେବେ ଏହି ଖର୍ଚ୍ଚ କିଭଳି ହେବ ସେନେଇ ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇଛି। ତଦନୁଯାୟୀ ଏହାର ଖର୍ଚ୍ଚ ହିସାବ ମଧ୍ୟ ଦେବାକୁ ପଡ଼ିବ।

# ଗାଁକୁ ଆସିଲେ ଗ୍ରାମବାସୀ, ପରିବାରଙ୍କୁ ଦିଆଯାଏ ନିର୍ଯାତନା

## ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ବିସ୍ଫୋରକ ବୟାନ

ମାଲକାନଗିରି, ୧୧।୧ (ଦୁର୍ଯ୍ୟୋଧନ ପାତ୍ର)


ଉଙ୍ଗି ମାଡବୀ

୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀ ଉଙ୍ଗି ମାଡବୀ ମାଲକାନଗିରି ଏସ୍‌ପିଙ୍କ ନିକଟରେ ବୁଧବାର ଆତ୍ମସମର୍ପଣ କରିଥିଲେ। ଗୁରୁବାର ଏସ୍‌ପି ନୀତେଶ ବାଧ୍ୱାନୀ ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ଉଙ୍ଗିଙ୍କ ଏକ ବିସ୍ଫୋରକ ବୟାନର ଅଡିଓ ଗଣମାଧ୍ୟମକୁ ଦେଇଛନ୍ତି। ସେଥିରେ ଉଙ୍ଗି କହିଛନ୍ତି, ମାଓବାଦୀ ସଂଗଠନରେ କାର୍ଯ୍ୟ କରୁଥିବା ସମୟରେ ନିଜ ଗ୍ରାମକୁ ଆସିବାବେଳେ ମାଓବାଦୀମାନେ ଆମ୍ଭ ଗ୍ରାମକୁ ଆସି ଗ୍ରାମବାସୀଙ୍କୁ ମାରପିଟ କରିବା ସହ ନିର୍ଯାତନା ଦେଉଛନ୍ତି। ତେଣୁ ଏପରି ନିର୍ଯାତନାକୁ ସହି ନ ପାରି ଅନେକ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଯଦି କୌଣସି କାରଣରୁ ଗ୍ରାମବାସୀ କିମ୍ବା ପରିବାର ବର୍ଗଙ୍କୁ ଦେଖିବାକୁ ଆସିଲେ ଗ୍ରାମବାସୀ ଓ ପରିବାରବର୍ଗ ନିର୍ଯାତିତ ହୁଅନ୍ତି। ସେପରି ସଂଗଠନରେ ରହିବା ଉଚିତ ମନେ ନ କରି ଆତ୍ମସମର୍ପଣ କରି ଆଗାମୀ ଦିନରେ ପରିବାର ଓ ଗ୍ରାମ ଲୋକଙ୍କ ସହ ସୁଖରେ ଜୀବନ କାଟିବେ ବୋଲି ସେ କହିଛନ୍ତି। ତାଙ୍କ ପରି ଅନେକ ମାଓବାଦୀଙ୍କ ପରିବାର ଓ ଗ୍ରାମବାସୀଙ୍କୁ ରାତିରେ ଆସି ନିର୍ଯାତନା ଦିଆଯାଉଥିବା ସେ ପ୍ରକାଶ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ। **-ଶ୍ରୀମା**

**-ଚନ୍ଦ୍ରଦର୍ଶନ ପୂଜା ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ**



# ପାଗଳାମିର ପରିଭାଷା




**ଅରବିନ୍ଦ ସୁବ୍ରମଣ୍ୟମ**
ସିନିୟର ଫେଲୋ, ଇନ୍‌ଷ୍ଟିଚ୍ୟୁଟ ଫର୍ ଇଣ୍ଟରନ୍ୟାଶନାଲ ଇକୋନୋମିକ୍ସ

**ନବନିରଜ ଶର୍ମା**
ଏନର୍ଜି ଇକୋନୋମିଷ୍ଟ

ଦୁବାଇରେ ଅନୁଷ୍ଠିତ ୨୦୨୩ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍‌୨୮) ଜୀବାଶ୍ମ ଇନ୍ଧନରୁ ପର୍ଯ୍ୟାୟକ୍ରମେ ଦୂରେଇଯିବାକୁ ଆହ୍ୱାନ ଦେଇଥିଲା। ଏ ସମ୍ପର୍କିତ ଘୋଷଣାନାମାରେ ସମ୍ମିଳନୀ ବି ଶେଷ ହୋଇଥିଲା। ଅନ୍ତର୍ଜାତୀୟ ସମୁଦାୟ ୨୦୧୫ ପ୍ୟାରିସ୍ ଜଳବାୟୁ ଚୁକ୍ତି ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ନିଶ୍ଚିତ ପୂରଣ କରିପାରବ ବୋଲି ଏହି ଘୋଷଣାନାମା ଏକ ଆଶା ସଞ୍ଚାର କରିଛି। କିନ୍ତୁ ବିଶ୍ୱର ତୃତୀୟ ବୃହତ୍ତମ ଗ୍ରୀନ୍ ହାଉସ ଗ୍ୟାସ୍ (ଜିଏଚ୍‌ଜି) ବା ସବୁଜଗୃହ ବାଷ୍ପ ନିର୍ଗମନକାରୀ ଦେଶ ଭାରତ ତ୍ୱରିତ ଓ ନିର୍ଣ୍ଣାୟକ ପଦକ୍ଷେପ ନ ନେଲେ ଲକ୍ଷ୍ୟ ହାସଲ କଷ୍ଟକର ହୋଇଯିବ। ୨୦୨୨ରେ ବୈଶ୍ୱିକ ସବୁଜଗୃହ ବାଷ୍ପର ୩୦.୭% ଚାଇନା ଏବଂ ୧୩.୬% ଆମେରିକା ନିର୍ଗମନ କରିଥିବାବେଳେ ଭାରତର ଏହା ଥିଲା ୭.୬%। ତଥାପି ଭାରତ ଆବଶ୍ୟକ ଅକ୍ଷୟ ଶକ୍ତି ହାସଲ କରିବାକୁ ଲକ୍ଷ୍ୟ ଜାରି ରଖିଛି ଓ ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ଆଲୋଚନାରେ ପ୍ରମୁଖ ଭୂମିକା ନେଇଛି। ଏହି ପଦକ୍ଷେପରୁ ବୁଝାପଡୁଛି ଯେ, ବାସ୍ତବରେ ଭାରତ ଜୀବାଶ୍ମ ଇନ୍ଧନରୁ ଦୂରେଇଯିବା ଲାଗି ପ୍ରତିବଦ୍ଧ । ତେବେ ଏହି ଦେଶ ଅନେକ ରାଜନୈତିକ ବାଧାବିଘ୍ନକୁ ସାମ୍ନା କରୁଛି, ଯାହା ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ଲକ୍ଷ୍ୟଗୁଡ଼ିକୁ ହାସଲ କରିବାରେ ଭାରତର ଦକ୍ଷତାକୁ ଗମ୍ଭୀର ଭାବେ ବାଧାଦେବା ସମ୍ଭାବନା ସୃଷ୍ଟି ହୋଇଛି।

ପେଟ୍ରୋଲିୟମ ସମ୍ବନ୍ଧୀୟ ଉତ୍ପାଦ ଉପରେ ଟିକସ ଦେବା, ବିଶ୍ୱ ସ୍ତରରେ ଦର ବୃଦ୍ଧି ହେଲେ ଟିକସ ହ୍ରାସ କରିବା ଏବଂ ମୂଲ୍ୟ ହ୍ରାସ ହେଲେ ଟିକସ ବଢ଼ାଇବାରେ ଭାରତ ଏକ ପ୍ରତିକୂଳ ଆଭିମୁଖ୍ୟ ଗ୍ରହଣ କରିଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ଗ୍ୟାସ୍ ମୂଲ୍ୟ ବୃଦ୍ଧି ପାଇବା ଯୋଗୁ ୟୁରୋପୀୟ ସରକାରଗୁଡ଼ିକ ଏକ ଚରମ ରଣନୀତି ଅନୁସରଣ କରିଥିଲେ ଏବଂ ଗ୍ରାହକଙ୍କୁ ଶକ୍ତି ଖର୍ଚ୍ଚରୁ ରକ୍ଷା କରିବା ପାଇଁ ସେପ୍ଟେମ୍ବର୨୦୨୧ରୁ ଜାନୁଆରୀ ୨୦୨୩ ମଧ୍ୟରେ ୬୫୦ ବିଲିୟନ ୟୁରୋ(୭୧୨ ବିଲିୟନ ଡଲାର)ରୁ ଅଧିକ ସବ୍‌ସିଡି ପ୍ରଦାନ କରିଥିଲେ। ଭାରତରେ ମଧ୍ୟ ବିଦ୍ୟୁତ୍ ଉପରେ ଅତ୍ୟଧିକ ରିହାତି ପ୍ରଦାନ କରାଯାଉଛି। ଏହା ସହ ବହୁ ପରିବାର ଓ କୃଷକ ମାଗଣା ଶକ୍ତିରୁ ଲାଭ ଉଠାଉଛନ୍ତି କିମ୍ବା ବିଦ୍ୟୁତ୍‌ର ବାସ୍ତବ ମୂଲ୍ୟଠାରୁ ବହୁତ କମ୍ ଦେଉଛନ୍ତି। ଏହାକୁ ଭରଣା କରିବା ପାଇଁ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥା ଉପରେ ଅଧିକ ମୂଲ୍ୟ ଲଗାଯାଉଛି। ଏପରିକି ଏହି ବ୍ୟବସ୍ଥାରେ ସରକାର ବିଦ୍ୟୁତ୍ ଉତ୍ପାଦନ ମୂଲ୍ୟର ୨୦ ପ୍ରତିଶତ ସବ୍‌ସିଡି ଦେଉଛନ୍ତି।



ଭାରତରେ ନିର୍ଗମନ ହେଉଥିବା ମୋଟ ଜିଏଚ୍‌ଜିର ୩୪% ବିଦ୍ୟୁତ୍ କ୍ଷେତ୍ରରୁ ହେଉଥିବାବେଳେ ଏହାକୁ ହ୍ରାସ କରିବା ଲାଗି ବିଦ୍ୟୁତ୍ ପ୍ରାଇସିଂ( ବିଭିନ୍ନ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ୍‌ର ମୂଲ୍ୟ) ପୁନର୍ଗଠନ କରିବା ଅତି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହା ସହଜ ହେବ ନାହିଁ। କାରଣ ଏହା ଗୋଟିଏ କେନ୍ଦ୍ରୀୟ ପ୍ରାଧିକରଣ ଦ୍ୱାରା ହୁଏ ନାହିଁ। ଏହା ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରାଧିକରଣ ଦ୍ୱାରା କରାଯାଇଥାଏ। ଏହି ୩୬ଟି ପ୍ରାଧିକରଣରେ ପ୍ରତ୍ୟେକଙ୍କର ନିଜସ୍ୱ ନୀତି ଏବଂ ସ୍ୱାର୍ଥ ରହିଛି। ଏହା ଏକ ଜଟିଳ ସମସ୍ୟା, ଯାହା କାର୍ବନ ସବ୍‌ସିଡି (କାର୍ବନ ନିର୍ଗମନ ହ୍ରାସ ଲାଗି ଦିଆଯାଉଥିବା ସବ୍‌ସିଡି) ଦୂର କରିବା ଲାଗି ନିଆଯାଉଥିବା ପଦକ୍ଷେପକୁ ଜଟିଳ କରୁଛି। ଭାରତର ସ୍ୱାଧୀନୋତ୍ତର ଇତିହାସରେ ପ୍ରତ୍ୟେକ ରାଜ୍ୟ ବିଦ୍ୟୁତ୍ ସବ୍‌ସିଡି ଦେଇଆସିଛନ୍ତି। ଫଳସ୍ୱରୂପ,ଦେଶର ଗଣତାନ୍ତ୍ରିକ ରାଜନୀତିରେ ମାଗଣା କିମ୍ବା ଶସ୍ତା ବିଦ୍ୟୁତ୍ ଆଶା ଗଭୀର ଭାବରେ ଜଡ଼ିତ ରହିଛି। ଶକ୍ତି କ୍ଷେତ୍ରରେ ଅତ୍ୟଧିକ ସବ୍‌ସିଡି ପ୍ରଦାନ କରିବା ଦ୍ୱାରା ଶକ୍ତି ଉପଲବ୍ଧତା ଯଥେଷ୍ଟ ବଢ଼ିଛି ସତ, କିନ୍ତୁ ଏହା ସ୍ୱଚ୍ଛ ଶକ୍ତି ବିନିଯୋଗରେ ବାଧା ସୃଷ୍ଟି କରିବା ସହ ରାଜ୍ୟ ସରକାରଙ୍କ ଆର୍ଥିକ ସ୍ଥିତି ଉପରେ ଚାପ ପକାଇଛି। କୃଷି କ୍ଷେତ୍ରରେ ମାଗଣା ବିଦ୍ୟୁତ୍ ଯୋଗାଣ ଜଳ ସମ୍ପଦର ଅବନତି ଏବଂ ହ୍ରାସ କରୁଛି। ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ଉପରେ ନିର୍ଭରଶୀଳ ହେବା ଯୋଗୁ ପ୍ରଦୂଷଣ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି ଏବଂ କାର୍ବନ ନିର୍ଗମନ ବୃଦ୍ଧି ପାଉଛି।

ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ୍ ମୂଲ୍ୟକୁ ସୁବ୍ୟବସ୍ଥିତ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଗୁଡ଼ିକୁ ଉତ୍ସାହିତ କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଫଳାଫଳ କମ୍ ମିଳିଛି। ସେହିଭଳି ୟୁରୋପୀୟ ୟୁନିୟନ(ଇୟୁ)ର କାର୍ବନ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜମ୍ (ସିବିଏଏମ୍) କିମ୍ବା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ସମ୍ବନ୍ଧିତ ରିପୋର୍ଟିଂ ଭଳି ପଦକ୍ଷେପଗୁଡ଼ିକ ବିଶେଷ ପ୍ରଭାବ ପକାଇବା ସମ୍ଭାବନା ନାହିଁ । କିନ୍ତୁ ଏହିସବୁ ପଦକ୍ଷେପ ଉତ୍ପାଦନକାରୀଙ୍କୁ ଆର୍ଥିକ ସୁରକ୍ଷା ଦିଏ। ଏହା ମୁଖ୍ୟତଃ ବାଣିଜ୍ୟ ସାମଗ୍ରୀ ଓ ସେବା ଏବଂ ଭାରତରେ ଅଧିକ ସବ୍‌ସିଡି ଦିଆଯାଉ ନ ଥିବା ସେକ୍ଟରଗୁଡିକ ପାଇଁ ଉଦ୍ଦିଷ୍ଟ । ଏଥିପାଇଁ ସରକାର ନିର୍ଗମନ ସୀମିତ କରିବା ଲାଗି ଏକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ଯେ, ସିବିଏଏମ୍ ପରି ବ୍ୟବସ୍ଥା ଅଣଶିଳ୍ପ ବିଦ୍ୟୁତ୍ ଉପଯୋଗ ମୂଲ୍ୟ ଉପରେ ସର୍ବନିମ୍ନ ପ୍ରଭାବ ପକାଇବ। କିନ୍ତୁ ଭାରତର ବିଦ୍ୟୁତ୍ ସବ୍‌ସିଡି ଅଧିକ ଲୋକ ଚାହୁଁଛନ୍ତି । ଅନ୍ୟପକ୍ଷରେ ସଂସ୍କାର ପ୍ରତିରୋଧ ମଧ୍ୟ ଅଛି। ଏହାର ଅର୍ଥ ନୁହେଁ ଯେ ଉଭୟ ଭାରତ ତଥା ବିଶ୍ୱବ୍ୟାପୀ ନିର୍ଗମନ ହ୍ରାସ କରିବା ପ୍ରୟାସ ବିଫଳ ହେବ। ଭାରତରେ ବିଦ୍ୟୁତ୍ ଯୋଗାଣର ମୂଲ୍ୟ କିଭଳି ବଦଳାଯାଇପାରିବ ତାହାର କମ୍ ସୁଯୋଗ ଅଛି , କିନ୍ତୁ ଏହା କିଭଳି କମ୍ ମୂଲ୍ୟରେ ଉତ୍ପାଦିତ ହୋଇପାରିବ ତା' ପାଇଁ ପରିବର୍ତ୍ତନ ଅଣାଯାଇପାରିବ। ଜୀବାଶ୍ମ ଇନ୍ଧନ ଶକ୍ତିରୁ ଅକ୍ଷୟ ଶକ୍ତି ଆଡ଼କୁ ପରିବର୍ତ୍ତନ ହେଲେ କାର୍ବନ ନିର୍ଗମନ ହ୍ରାସକରି ଶସ୍ତା ବିଦ୍ୟୁତ୍ ଯୋଗାଣ କରାଯାଇପାରିବ। ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ ହେବା ପାଇଁ ଅକ୍ଷୟ ଶକ୍ତି ଉତ୍ପାଦନ ଏବଂ ସଂରକ୍ଷଣ ଶସ୍ତା ହେବା ଜରୁରୀ। ସେହି ଶକ୍ତିକୁ ଶସ୍ତାରେ ଯୋଗାଇଦେଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମୁଦ୍ରାସ୍ଫୀତି ହ୍ରାସ ଆଇନ ପରି ଶିଳ୍ପନୀତି ଭାରତ ଭଳି ବିକାଶଶୀଳ ଦେଶକୁ ଅଧିକ ଲାଭ ଦେଇପାରେ। ଏହିପରି ନୀତିଗୁଡ଼ିକ ସବୁଜ ଶକ୍ତି ଉତ୍ପାଦନ ଏବଂ ସଂରକ୍ଷଣର ଖର୍ଚ୍ଚ ହ୍ରାସ କରି ସବ୍‌ସିଡିଯୁକ୍ତ ବିଦ୍ୟୁତ୍ ନିର୍ଗମନ ଦୃଷ୍ଟିକୋଣରୁ କମ୍ ସମସ୍ୟା ସୃଷ୍ଟି କରିପାରେ।

ଭାରତର ଅଭିଜ୍ଞତା ନୀତି ନିର୍ଦ୍ଧାରଣକାରୀ ଏବଂ ଅର୍ଥନୀତିଜ୍ଞଙ୍କ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ବାଟ ଦେଖାଏ। କାର୍ବନ ଟ୍ୟାକ୍ସ (ଉତ୍ପାଦନରେ ନିର୍ଗମନ ହେଉଥିବା କାର୍ବନ ନିମନ୍ତେ ଲାଗୁ ଟିକସ) ପାଇଁ ସର୍ବସମ୍ମତ ତଥା ଜୋରଦାର ଦାବି ଭୁଲ୍ ମାର୍ଗରେ ଯାଇପାରେ। କାରଣ ଏହା ଦେଶର ବାସ୍ତବତାକୁ ଅଣଦେଖା କରିଥାଏ । ଭାରତର ୩୬ଟି ପ୍ରାଧିକରଣ ବିଦ୍ୟୁତ୍ ଉତ୍ପାଦନରେ ପରୋକ୍ଷ କାର୍ବନ ସବ୍‌ସିଡି ହଟାଇବା ସମ୍ଭବ ନୁହେଁ । ତେଣୁ ଲାଭଦାୟକ ସମାଧାନର ପଥଗୁଡିକ ଚିହ୍ନଟ କରିବା ଉପରେ ଧ୍ୟାନଦେବା ଗୁରୁତ୍ୱପୂର୍ଣ୍ଣ, ଯାହାକୁ ରାଜନୈତିକ ପ୍ରତିବନ୍ଧକ ମଧ୍ୟରେ ବିକଶିତ ଏବଂ କାର୍ଯ୍ୟକାରୀ କରାଯାଇପାରିବ। ଉଦାହରଣ ସ୍ୱରୂପ,ଅନ୍ତର୍ଜାତୀୟ ଆର୍ଥିକ ସହାୟତା ବିକାଶଶୀଳ ଦେଶଗୁଡ଼ିକରେ ଅକ୍ଷୟ ଶକ୍ତି ଏବଂ ସଂରକ୍ଷଣ ପ୍ରକଳ୍ପ ସହ ଜଡ଼ିତ ବିପଦକୁ ଯଥେଷ୍ଟ ପରିମାଣରେ ହ୍ରାସ କରିବା ସହ ଘରୋଇ ନିବେଶ ପାଇଁ ସେମାନଙ୍କୁ ଅଧିକ ଆକର୍ଷିତ କରିପାରେ। ଏଥିରୁ ସ୍ପଷ୍ଟ ଯେ, କେବଳ ପୋଥିଗତ ସମାଧାନ ଆମକୁ କୌଣସି ଲକ୍ଷ୍ୟରେ ପହଞ୍ଚାଇପାରିବ ନାହିଁ। ଯଦି ପାଗଳାମିର ପରିଭାଷା ବାରମ୍ବାର ପ୍ରକାଶ ପାଏ କିମ୍ବା ଏ ସମ୍ପର୍କରେ କେବଳ ସୁସମାଚାର ପ୍ରଚାରକରି ଏକ ଭିନ୍ନ ଫଳାଫଳ ଆଶା କରାଯାଏ, ତେବେ ଏହି ନିର୍ଦ୍ଦିଷ୍ଟ ପାଗଳାମି ଆମ ସମସ୍ତଙ୍କୁ ବିପଦରେ ପକାଇବ।

# ବିକାଶ ହଜିଛି



ଡ. ଚିନ୍ତାମଣି ପଣ୍ଡା

ସେଦିନ ବିକାଶ ହଠାତ୍ ସ୍କୁଲଯିବା ବାହାନାରେ ଘରୁ ଲୁଚି କେଉଁଆଡ଼େ ପଳେଇଗଲା। ଗାଁ ସାରା ଏକଥା ହୁରି ପଡିଗଲା। ବିକାଶର ମା' ମୁଣ୍ଡକୋଡି ବାହୁନା ପକାଇଥାଏ। ସବୁଆଡେ ଖୋଜାଖୋଜି କଲା ପରେ ନ ମିଳିବାରୁ ତା'ର ବାପା ଗାଁ ଲୋକମାନଙ୍କୁ ଧରି ବିଦ୍ୟାଳୟ ପାଖରେ ପହଞ୍ଚିଲେ। ପ୍ରଧାନଶିକ୍ଷକଙ୍କୁ ବିକାଶ ବିଷୟରେ ପଚାରନ୍ତେ ସେ ବିକାଶ ଅଛି କହିକି ସମସ୍ତଙ୍କୁ ରୂପାନ୍ତରିତ ତଥା ନୂତନ ରଙ୍ଗରେ ରଙ୍ଗାୟିତ ସ୍କୁଲ ଘରଆଡକୁ ନେଇ ବୁଲାଇଲେ ଏବଂ କହିଲେ ଆଜ୍ଞା ଏଇ ହେଉଛି ବିକାଶ। ବିକାଶର ବାପା କହିଲେ, ଆପଣମାନେ ଥାଉ ଥାଉ ମୋ ପୁଅ ବିକାଶ କେମିତ ଅନ୍ତର୍ଦ୍ଧାନ ହୋଇଗଲା ? ତହୁଁ ଶିକ୍ଷକ କହିଲେ, ଦୁଇଜଣ କର୍ମଚାରୀଙ୍କୁ ନେଇ ଏତେବଡ ବିଦ୍ୟାଳୟ କଥା ବୁଝି ହେଉନାହିଁ ଆଜ୍ଞା । ତେଣେ ପାଠପଢା ସାଙ୍ଗକୁ ମଧ୍ୟାହ୍ନଭୋଜନ। ସବୁ ପିଲାଙ୍କ ଖବର କାହୁଁ ବା ରଖିପାରିବୁ। ସେ ତ ଆଜି ସ୍କୁଲ ଆସିନି ଅନ୍ୟ କେଉଁଠି ଥିବ ଦେଖନ୍ତୁ। ତହୁଁ ବିକାଶକୁ ଖୋଜିବାକୁ ସମସ୍ତେ ଗ୍ରାମ୍ୟ କୃଷି କର୍ମଚାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଲେ । ସେ ପ୍ରାଞ୍ଜଳ ଭାବରେ ବୁଝାଇ ନେଲେ ଯେ ଆପଣମାନେ କାଳିଆ, ବଳରାମ ଯୋଜନା, ମୋ ପୋଖରୀ ଯୋଜନା ଇତ୍ୟାଦିରେ ଅନେକ ସହାୟତା ପାଇ ଚାଲିଛନ୍ତି, ପୁଣି ବିକାଶ ଖୋଜୁଛନ୍ତି କିପରି ? ତହୁଁ ବିକାଶକୁ ନ ପାଇ ନିରାଶ ହୋଇ ସମସ୍ତେ ପଞ୍ଚାୟତ ଅଫିସକୁ ଚାଲିଲେ।

ପଞ୍ଚାୟତ ସେକ୍ରେଟାରିଙ୍କୁ ବିକାଶ ହଜିବା କଥା ପଚାରନ୍ତେ ସେ କହିଲେ, ଆପଣମାନେ ବିଜୁ ପକ୍କାଘର ଯୋଜନାରେ ଘର ପାଉଛନ୍ତି, ବସୁଧା ଯୋଜନାରେ ଜଳ ପାଉଛନ୍ତି, ଗାଁରେ ମାଗଣା ବିଜୁଳିବତି ଜଳୁଛି, ଗାଁକୁ ଲକ୍ଷ୍ମୀବସ୍ ଆସୁଛି, ହରିଶ୍ଚନ୍ଦ୍ର ଯୋଜନାରେ ମଲେ ମଧ୍ୟ ପରିଜନମାନେ ସହାୟତା ପାଉଛନ୍ତି। ଏହା କ'ଣ ବିକାଶ ନୁହେଁ ? ସେଠାରୁ ପୁଣି ଗାଁଲୋକେ ଡାକ୍ତରଖାନାରେ ଯାଇ ବିକାଶକୁ ଖୋଜିଲେ। ଡାକ୍ତର ଦାୟିତ୍ୱରେ ଥିବା ଫାର୍ମାସିଷ୍ଟ ବାବୁ କହିଚାଲିଲେ, ଆଜ୍ଞା ମମତା ଯୋଜନାରେ ପିଲାଟିଏ ଗର୍ଭରେ ସଞ୍ଚରିବା ବେଳଠୁ ମା'ମାନଙ୍କୁ ପଇସା ମିଳୁଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପରିବାର ପିଛା ୫ରୁ ୧୦ ଲକ୍ଷ ଯାଏ ଚିକିତ୍ସା ଖର୍ଚ୍ଚ ପାଉଛନ୍ତି। ଏହାଛଡା ସହାୟ, ନିଦାନ, ଅନ୍‌ମୋଲ ତଥା ଆମ କ୍ଲିନିକ ଯୋଜନାରେ ଘର ପାଖରେ ସବୁ ପରୀକ୍ଷାନିରୀକ୍ଷା ସୁବିଧା ମାଗଣାରେ ପାଉଛନ୍ତି, ନିରାମୟ ଯୋଜନାରେ ମାଗଣା ଔଷଧ ପାଇବା ପରେ ଆପଣମାନେ ପୁଣି ବିକାଶକୁ ଖୋଜୁଛନ୍ତି ? ଡାକ୍ତରଖାନାରୁ ବାହାରି ଥାନାକୁ ଯିବା ବାଟରେ ଡାକଘରଟି ପଡିଲା। ସେଠାରେ ବିକାଶକୁ ଖୋଜନ୍ତେ, ଡାକପାଳ ବୁଝାଇଦେଲେ ଯେ କେନ୍ଦ୍ର ସରକାଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ଚାଉଳ, ଚିନି, କିରୋସିନ ରାଶନ କାର୍ଡରେ ଆପଣମାନଙ୍କୁ ମିଳୁନାହିଁ କିଁ? ଏହାବ୍ୟତୀତ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଫସଲବୀମା ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଆର୍ଥିକ ସହାୟତା, ଆବାସ ଯୋଜନାରେ ଘର ଇତ୍ୟାଦି ହାତେଇ ନେଇସାରିବା ପରେ ବିକାଶକୁ ଖୋଜିବାକୁ ଆସୁଛନ୍ତି ? ଯଦି ଚାହୁଁଛନ୍ତି ସୁକନ୍ୟା ସମୃଦ୍ଧି ଯୋଜନା ତଥା କିଷାନ ବିକାଶ ପତ୍ର, ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ ମାଧ୍ୟମରେ ଡାକଘରେ ସଞ୍ଚୟ ଖାତାଟିଏ ଖୋଲନ୍ତୁ, ସବୁଠାରୁ ଅଧିକ ସୁଧ ପାଇବେ। ଏକଥା ଶୁଣି ଗ୍ରାମବାସୀ ଥାନାରେ ଯାଇ ବିକାଶ ନିରୁଦ୍ଦିଷ୍ଟ ବୋଲି ଅର୍ଜିଟିଏ ଦେବାକୁ ପହଞ୍ଚନ୍ତେ ଦେଖିଲେ ସର୍ବସାଧାରଣଙ୍କ ପାଇଁ ଅଭ୍ୟର୍ଥନା ଗୃହଟିଏ ଅଛି। ଆଦର୍ଶ ଥାନା ବୋଲି ଲେଖାହୋଇ କାନ୍ଥବାଡକୁ ରଙ୍ଗିନଚିତ୍ରରେ ସଜାଯାଇଛି। ଆପତ୍ତି ଅଭିଯୋଗ ଶୁଣିବାକୁ ସମସ୍ତ ପ୍ରାବଧାନ ଖଞ୍ଜାଯାଇଛି ସତ କିନ୍ତୁ କର୍ମଚାରୀଙ୍କ ସଂଖ୍ୟା ସମାନୁପାତିକ ନାହିଁ। ତେଣୁ ବିକାଶ ନିରୁଦ୍ଦିଷ୍ଟ ହେବାର ଅଭିଯୋଗପତ୍ରଟି ସେଠାରେ ଦାଖଲ କଲାବେଳକୁ ଥାନାବାବୁ କହିଲେ, ଧୈର୍ଯ୍ୟର ସହିତ ଅପେକ୍ଷାକର । ଯଦି କୁଆଡେ ଯାଇଥିବ ୨୦୨୪ ନିର୍ବାଚନ ବେଳକୁ ଆସି ପହଞ୍ଚିବ, ଆପଣମାନେ ଗାଁକୁ ଫେରିଯାନ୍ତୁ, ଆମେ ମଧ୍ୟ ବିକାଶକୁ ଧରିଆଣି ଆପଣମାନଙ୍କ ପାଖରେ ପହଞ୍ଚାଇବାର ସମସ୍ତ ବ୍ୟବସ୍ଥା କରୁଛୁ। ଏହା ଶୁଣି ବିକାଶର ବାପାଙ୍କ ସହିତ ଗ୍ରାମବାସୀ କାନମୁଣ୍ଡା ଆଉଁସି ଗାଁକୁ ଫେରିଆସି ଦେଖନ୍ତି ଯେ ବିକାଶର ଘରେ ପ୍ରବଳ ଗହଳି। ତା'ର ମା' ବିକାଶକୁ ଗୋଡରେ ବସେଇ ଖୋଇଦେବା ବେଳେ କହୁଥାଏ ମୋ ଧନରେ, ସୁନାରେ, ତତେ କାହାର ନଜର ନ ଲାଗୁ। ମୋ ବିରୋଧୀଏ ଅନ୍ଧହୋଇ ଯାନ୍ତୁ ତୋତେ ଦେଖି ନ ପାରନ୍ତୁ । ତୁ ସୁରକ୍ଷିତ ଥା।

ମୋ: ୮୧୪୪୦୬୬୦୧୬

## ଏଇ ଭାରତରେ

ଅନେକ ସାମାଜିକକର୍ମୀ, ବେସରକାରୀ ସଂସ୍ଥା କିମ୍ବା ଡାକ୍ତର ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇଦେବା ବିଷୟ ସାମ୍ନାକୁ ଆସିଥାଏ। କିନ୍ତୁ ବେଙ୍ଗାଲୁରୁର ଅଜୟନ ନାମ୍ବିନିପୁରଥୁ ରୋଗୀମାନଙ୍କୁ ହ୍ୱିଲ ଚେୟାର, ନେବୁଲାଇଜର, ୱାକିଂ ଷ୍ଟିକ୍ ଓ ବେଡ୍ ଆଦି ମେଡିକାଲ ଉପକରଣ ମାଗଣାରେ ଯୋଗାଇ ଦେଉଛନ୍ତି। ଯେଉଁମାନେ ଏସବୁ କିଣିବା ପାଇଁ ସକ୍ଷମ ନୁହନ୍ତି, ନିର୍ଦ୍ଦିଷ୍ଟ ଭାବେ ସେମାନଙ୍କୁ ସେ ଏସବୁ ଦେଉଛନ୍ତି। ବିଜୟନଙ୍କଠାରୁ ଏସବୁ ଉପକରଣ ସଂଗ୍ରହ କରୁଛନ୍ତି। ସେ ଏବେ ସୁଦ୍ଧା ୮୫ ଜଣଙ୍କୁ ମେଡିକାଲ ଉପକରଣ ଯୋଗାଇ ସାରିଲେଣି। 'ସନାଥ୍ୟ ଫାଉଣ୍ଡେଶନ' ନାମକ ଏକ ବେସରକାରୀ ସଂସ୍ଥା ମାଧ୍ୟମରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ବିଜୟନଙ୍କ ଜନ୍ମ କେରଳରେ ଓ ସେଇଠି ବି ପଢ଼ିଛନ୍ତି। କିନ୍ତୁ ପଢ଼ିବା ଲାଗି ବେଙ୍ଗାଲୁରୁ ଆସିବା ପରେ ଏଭଳି ସେବା ଯୋଗାଇ ଦେବାର ଧାରଣା ପ୍ରଥମେ ତାଙ୍କ ମନକୁ ଆସିଥିଲା । ପରେ ୨୦୧୬ରେ ଏଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ୨୦୧୭ରେ ସନାଥ୍ୟ ଫାଉଣ୍ଡେଶନ ଗଠନ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ଜାନୁଆରୀ ୧୯୭୫**

- ସୋଭିଏତ୍ ରୁଷିଆ ପକ୍ଷରୁ ସୋୟୁଜ-୧୭ ଶୀର୍ଷକ ଏକ ସମାନବ ମହାକାଶ ପୋତ ପ୍ରେରଣ।
- ବମ୍ବେ ଉପକୂଳବର୍ତ୍ତୀ ଅଞ୍ଚଳରେ ତୈଳ ଅନୁସନ୍ଧାନ କାର୍ଯ୍ୟ ଚାଲିଥିବା ବେଳେ ତୃତୀୟ କୂଅରୁ ତୈଳର ସନ୍ଧାନ ମିଳିଥିବା ନେଇ ପେଟ୍ରୋଲିୟମ ଓ ରାସାୟନିକ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା।
- ହରିଆଣାର ଜିନ୍ଦଠାରେ ଦେଢ଼କୋଟି ଟଙ୍କା ବ୍ୟୟରେ ଏକ ସ୍ୱୟଂକ୍ରିୟ ଗୋଖାଦ୍ୟ କାରଖାନା ପ୍ରତିଷ୍ଠା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 7 | | | | 4 |
| | | | 4 | | | | | 2 |
| | 8 | | | | | 6 | | |
| | 3 | 2 | | | 1 | | | |
| | 5 | 7 | | | | | | 3 |
| | 6 | | 8 | | | | | 1 |
| | | | 9 | 6 | | 7 | | |
| 2 | | | | 4 | | 3 | | 6 |
| | | 5 | | 8 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 7 | 4 | 5 | 9 | 6 | 2 |
| 4 | 9 | 6 | 1 | 8 | 2 | 7 | 5 | 3 |
| 7 | 5 | 2 | 3 | 6 | 9 | 8 | 4 | 1 |
| 2 | 8 | 3 | 6 | 5 | 4 | 1 | 9 | 7 |
| 9 | 4 | 7 | 8 | 1 | 3 | 6 | 2 | 5 |
| 1 | 6 | 5 | 2 | 9 | 7 | 4 | 3 | 8 |
| 8 | 7 | 4 | 5 | 3 | 6 | 2 | 1 | 9 |
| 5 | 2 | 9 | 4 | 7 | 1 | 3 | 8 | 6 |
| 6 | 3 | 1 | 9 | 2 | 8 | 5 | 7 | 4 |

ଗତକାଲିର ଉତ୍ତର

# ସ୍ୱାମୀ ବିବେକାନନ୍ଦ ଓ ବିଶ୍ୱଦର୍ଶନ



ଜନାର୍ଦ୍ଦନ ପତି

ଆଧୁନିକ ଭାରତର ସର୍ବଶ୍ରେଷ୍ଠ ବୈଦିକ ଦର୍ଶନର ଦାର୍ଶନିକ ଓ ସମାଜ ସଂସ୍କାରକ ଭାବେ ସ୍ୱାମୀ ବିବେକାନନ୍ଦ କେବଳ ଭାରତରେ ନୁହେଁ, ୟୁରୋପ, ଆମେରିକା ଓ ଏସିଆର ବିଭିନ୍ନ ଦେଶରେ ଖ୍ୟାତିଅର୍ଜନ କରିଥିଲେ। ସେ ୧୨।୧।୧୮୬୩ରେ ଜନ୍ମଗ୍ରହଣ କରିଥିଲେ ଓ ୪।୭।୧୯୦୨ରେ ମୃତ୍ୟୁବରଣ କରିଥିଲେ। ଏହି ସ୍ୱଳ୍ପକାଳ ମଧ୍ୟରେ ସେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିପାରିଥିଲେ। ୧୮୯୩ରେ ଆମେରିକାର ଚିକାଗୋ ସହରରେ ଅନୁଷ୍ଠିତ ବିଶ୍ୱ ଧର୍ମ ପାର୍ଲାମେଣ୍ଟରେ ତାଙ୍କର ଓଜସ୍ୱିନୀ ବକ୍ତବ୍ୟ ତାଙ୍କୁ ସମଗ୍ର ବିଶ୍ୱରେ ପରିଚିତ କରାଇଥିଲା। ସେ ହିନ୍ଦୁ ଧର୍ମର ଦର୍ଶନକୁ ବିଶ୍ୱ ଦରବାରରେ ଉପସ୍ଥାପନ କରି ଭାରତର ସମ୍ମାନ ବହୁଗୁଣ ବଢାଇ ପାରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଥିଲା ବିଶ୍ୱ ଦର୍ଶନ। ସ୍ୱାମୀ ବିବେକାନନ୍ଦ ଜନ୍ମଗ୍ରହଣ ପରେ ନରେନ୍ଦ୍ର ନାଥ ଦତ୍ତ ଭାବରେ ପରିଚୟ ଲାଭ କରିଥିଲେ। ପରେ ସେ ସ୍ୱାମୀ ବିବେକାନନ୍ଦ ନାମରେ ଖ୍ୟାତି ଅର୍ଜନ କରିଛନ୍ତି।

ବିବେକାନନ୍ଦ ପ୍ରାୟ ୪ ବର୍ଷ ଆମେରିକାରେ ରହି ଶତାଧିକ ଧର୍ମ ସଭାରେ ବକ୍ତବ୍ୟ ରଖିଥିଲେ। ତାଙ୍କ ମତରେ ଧର୍ମ କେବଳ ତତ୍ତ୍ୱ ନୁହେଁ ବରଂ ଜୀବନ ପ୍ରଣାଳୀ ପାଇଁ ଏକ ଦର୍ଶନ। ଏହା ମଣିଷକୁ ବର୍ବରତାରୁ ମନୁଷ୍ୟତାକୁ ନେଇଯାଇଥାଏ। ସେ ତାଙ୍କ ସମୟର ଧର୍ମୀୟ ରୂଢ଼ିବାଦୀ କାର୍ଯ୍ୟକ୍ରମକୁ ଘୃଣା କରୁଥିଲେ। ସେ କହିଛନ୍ତି- ବିଜ୍ଞାନ ଯେପରି ପରୀକ୍ଷାମୂଳକ ଭାବେ ନିଜକୁ ପ୍ରତିଷ୍ଠା କରିଛି, ଧର୍ମ ସେହିପରି କାରଣ ଦେଖାଇ ନିଜକୁ ପ୍ରତିଷ୍ଠା କରିବା ଆବଶ୍ୟକ। ଯଦି ଏକ ଧର୍ମ ଏହି ପରୀକ୍ଷାମୂଳକ ପ୍ରକ୍ରିୟାରେ ଧ୍ୱଂସ ହୋଇଯାଏ, ତେବେ ଏହା ମୂଲ୍ୟହୀନ ଅନ୍ଧବିଶ୍ୱାସ। ସ୍ୱାମୀ ବିବେକାନନ୍ଦ ଭାରତର ସମସ୍ତ ଧର୍ମକୁ ବିଶ୍ଳେଷଣ କରିଥିଲେ। ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମ ବୁଦ୍ଧଙ୍କ ସମ୍ପର୍କରେ ସେ କହିଛନ୍ତି- 'ସେ ସମସ୍ତ ପ୍ରକାର ଅସମାନତା ବିରୋଧରେ ପ୍ରତିବାଦ କରିଛନ୍ତି, ମଣିଷ-ମଣିଷ ଭିତରେ ଓ ମଣିଷ-ପଶୁ ମଧ୍ୟରେ। ତାଙ୍କ ମତରେ ସବୁ ଜୀବନ ସମାନ।

ହିନ୍ଦୁ ଦର୍ଶନର ଅନୁରାଗୀମାନଙ୍କୁ ସ୍ୱାମିଜୀ କହିଛନ୍ତି- ଏଠାରେ ଲୋକମାନେ ବେଦକୁ ତ୍ୟାଗ କରି ଦେଇଛନ୍ତି, ତୁମର ସମସ୍ତ ଦର୍ଶନ ଠୁଳ ହୋଇଛି ରୋଷେଇ ଘରେ। ଭାରତର ବର୍ତ୍ତମାନ ଧର୍ମର ଭିତ୍ତି ହେଉଛି- ଅସ୍ପୃଶ୍ୟତା। ଏହାକୁ ବ୍ରିଟିଶମାନେ କେବେହେଲେ ଗ୍ରହଣ କରିବେ ନାହିଁ। ବର୍ତ୍ତମାନର ହିନ୍ଦୁଧର୍ମର କ୍ଷୟ ଘଟିଛି। ଏତିକିବେଳେ ସ୍ୱାମୀ ବିବେକାନନ୍ଦଙ୍କୁ ପ୍ରଶ୍ନ କରାଯାଇଥିଲା। ଭାରତର ପୁନଃଜାଗରଣ ପାଇଁ କ'ଣ କରାଯିବା ଆବଶ୍ୟକ ?

ସ୍ୱାମିଜୀ କହିଥିଲେ- ସବୁଠାରୁ ବଡ଼ ଅପରାଧ ହୋଇଛି ସାଧାରଣ ମଣିଷଙ୍କୁ ଉପେକ୍ଷା କରାଯାଇଛି। ତାହା ହିଁ ଆମ ଅଧପତନର ମୂଳକାରଣ। ଯେ ପର୍ଯ୍ୟନ୍ତ ଭାରତର ସବୁ ଲୋକଙ୍କୁ ଶିକ୍ଷା, ଉପଯୁକ୍ତ ଖାଦ୍ୟ ଓ ସେମାନଙ୍କ ଯତ୍ନ ନିଆ ନ ଯାଇଛି, ସେତେଦିନ ପର୍ଯ୍ୟନ୍ତ ଭାରତର ବିକାଶ ହେବ ନାହିଁ। ଆମର ଶିକ୍ଷା ପାଇଁ ସେମାନେ ଟିକସ ଦିଅନ୍ତି, ସେମାନେ ଆମ ପାଇଁ ମନ୍ଦିର ନିର୍ମାଣ କରନ୍ତି ଏବଂ ତାହାର ପ୍ରତିଦାନରେ ସେମାନେ ପଦାଘାତ ପାଆନ୍ତି। ବାସ୍ତବ କ୍ଷେତ୍ରରେ ସେମାନେ ଆମର କ୍ରୀତଦାସ। ସେମାନଙ୍କୁ ସେମାନଙ୍କର ଅଧିକାର ଦିଅ ଓ ସେମାନେ ତାଙ୍କ ଅଧିକାରକୁ ସାବ୍ୟସ୍ତ କରନ୍ତୁ।



ମହିଳାମାନଙ୍କ ପ୍ରସଙ୍ଗରେ ସ୍ୱାମୀ ବିବେକାନନ୍ଦ କହିଥିଲେ- ସେମିଟିକ୍ ଜାତିରେ ମହିଳାମାନଙ୍କ ଉପସ୍ଥିତି ପୂଜା ପାଇଁ ଗ୍ରହଣୀୟ ନୁହେଁ, ଏପରି କି କୌଣସି ଧର୍ମୀୟ କାର୍ଯ୍ୟରେ ମହିଳାମାନଙ୍କ ଭୂମିକା ରହେ ନାହିଁ। ମାତ୍ର ଆର୍ଯ୍ୟ ଜାତିରେ ଧର୍ମୀୟ କାର୍ଯ୍ୟରେ ସ୍ତ୍ରୀ ନ ଥିଲେ ତାହା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ତେବେ ବର୍ତ୍ତମାନର ହିନ୍ଦୁଧର୍ମ କ'ଣ ଆର୍ଯ୍ୟ ଧାରା ପ୍ରତି ବିଶ୍ୱସ୍ତ ନୁହେଁ କି? ତାଙ୍କୁ ଏହି ପ୍ରଶ୍ନ କରାଯାଇଥିଲା। ତାହାର ଉତ୍ତରରେ ସେ କହିଥିଲେ- ଆଧୁନିକ ହିନ୍ଦୁଧର୍ମ ବିଶେଷ ଭାବେ ପୁରାଣ ଦ୍ୱାରା ଆଧାରିତ, ଅର୍ଥାତ୍ ବୌଦ୍ଧଧର୍ମର ପରବର୍ତ୍ତୀ କାଳରେ ଏହା ବିଭିନ୍ନ ପୁରାଣ ଦ୍ୱାରା ପ୍ରଭାବିତ ହୋଇଆସିଛି।

ମହିଳାମାନଙ୍କ ବ୍ରହ୍ମଚର୍ଯ୍ୟ ସମ୍ପର୍କରେ ସ୍ୱାମିଜୀ କହିଥିଲେ- ଯଦି ଧର୍ମଶାସ୍ତ୍ରରେ ମହିଳାମାନେ ବ୍ରହ୍ମଚର୍ଯ୍ୟ ପାଳନ କରାଯିବା କଥା କୁହାଯାଇଛି, ତେବେ ପୁରୁଷମାନଙ୍କ ପାଇଁ ମଧ୍ୟ ତାହା ପ୍ରଯୁଜ୍ୟ। ହିନ୍ଦୁ ଧର୍ମରେ ପୁରୁଷ ଓ ମହିଳାମାନଙ୍କ ପାଇଁ ଭିନ୍ନ ଭିନ୍ନ କର୍ତ୍ତବ୍ୟ ନିରୂପଣ କରାଯାଇନାହିଁ।

ହିନ୍ଦୁ-ମୁସ୍‌ଲିମ ଏକତା ସମ୍ପର୍କରେ ୧୦।୬।୧୮୯୮ରେ ସ୍ୱାମୀ ବିବେକାନନ୍ଦ ତାଙ୍କ ବନ୍ଧୁ ମହମ୍ମଦ ସର୍ଫରାଜ ହୁସେନଙ୍କୁ ଏକ ପତ୍ରରେ ଲେଖିଥିଲେ, ବେଦାନ୍ତ ଦର୍ଶନ ମାନବ ଧର୍ମର ସର୍ବଶ୍ରେଷ୍ଠ ପର୍ଯ୍ୟାୟ। ମୋର ବିଶ୍ୱାସ ଏହା ଭବିଷ୍ୟତ ପାଇଁ ଆଲୋକ ବର୍ତ୍ତିକା। ଭାରତକୁ ହିନ୍ଦୁମାନେ ଅନ୍ୟମାନଙ୍କଠାରୁ ଆଗରୁ ଆସିଥିଲେ। ଅଦ୍ୱୈତ ବେଦାନ୍ତ ଯାହା ସବୁ ମଣିଷର ଆତ୍ମାକୁ ସମାନ ବୋଲି ବିଶ୍ୱାସ କରେ, ତାହା ହିନ୍ଦୁ ସମାଜରେ ଗ୍ରହଣୀୟ ହୋଇପାରିନାହିଁ। ମୋ ମତରେ ଯଦି କୌଣସି ଧର୍ମ ଏହି ସମତା ଚିନ୍ତାଧାରାକୁ ଠିକ୍ ଭାବରେ ଚଳାଇଛି, ତେବେ ତାହା ହେଉଛି ଏକମାତ୍ର ଇସ୍‌ଲାମ।

ଆମର ମାତୃଭୂମି ପାଇଁ ଦୁଇ ବିଶ୍ୱାସର ମିଳନ ଆବଶ୍ୟକ- ହିନ୍ଦୁଧର୍ମ ଓ ଇସ୍‌ଲାମ। ଆମ ଦେଶ ପାଇଁ ବେଦାନ୍ତ ମସ୍ତିଷ୍କ ଓ ଇସ୍‌ଲାମ ଶରୀର - ଏହା ହିଁ କେବଳ ଆଶା। ଖ୍ରୀଷ୍ଟଧର୍ମ ଓ ଅନ୍ୟାନ୍ୟ ଧର୍ମ ସମ୍ପର୍କରେ ସ୍ୱାମିଜୀ କହିଛନ୍ତି, ପ୍ରତ୍ୟେକ ଧର୍ମରେ କିଛି ଭଲଗୁଣ ଅଛି, ତା' ନ ହେଲେ କୋଟି କୋଟି ଲୋକ ତାହାକୁ କାହିଁକି ଗ୍ରହଣ କରୁଛନ୍ତି ? କୌଣସି ଧର୍ମ ଉଚ୍ଚ ନୁହେଁ କି କୌଣସି ଧର୍ମ ନୀଚ ନୁହେଁ। ଯେଉଁମାନେ ଗୋଟିଏ ଧର୍ମ ବା ଗୋଟିଏ ଧର୍ମର ପ୍ରତିଷ୍ଠାତାଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ବୋଲି କହୁଛନ୍ତି, ସେମାନେ ଭୁଲ କହୁଛନ୍ତି। ପାଶ୍ଚାତ୍ୟ ଦେଶର ଲୋକମାନେ ଯେଉଁ ଧର୍ମକୁ ବିଶ୍ୱାସ କରୁଛନ୍ତି, ସେଥିରେ ଥିବା ଭଲ ଗୁଣଗୁଡିକୁ ଆମେ ଗ୍ରହଣ କରିବା ଉଚିତ।

ସ୍ୱାମିଜୀ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଆଦି ସକଳ ଧର୍ମାବଲମ୍ବୀଙ୍କ ଘରେ ଖାଦ୍ୟ ଗ୍ରହଣ କରିଛନ୍ତି, ସେମାନଙ୍କ ଘରେ ରହିଛନ୍ତି ଓ ସବୁ ଧର୍ମ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ଏକ ବିଶ୍ୱଦର୍ଶନର ବାଣୀ ସେ ମାନବ ସମାଜକୁ ଦେଇଛନ୍ତି। ସ୍ୱାମିଜୀ ଜଣେ ବିଖ୍ୟାତ ହିନ୍ଦୁ ସନ୍ୟାସୀ ଥିଲେ, ମାତ୍ର ହିନ୍ଦୁତ୍ୱବାଦୀ ନ ଥିଲେ। ଭାରତୀୟ ସମାଜରେ ଦଳିତ, ଶୂଦ୍ର, ମହିଳା ଓ ଆଦିବାସୀମାନଙ୍କ ଶୋଚନୀୟ ଅବସ୍ଥା ଦେଖି ସେ ମ୍ରିୟମାଣ ହୋଇ ଉଠିଥିଲେ ଓ ହିନ୍ଦୁ ସମାଜର ସଂସ୍କାର ପାଇଁ ସେ ଅନ୍ୟ ଧର୍ମର ସୁଗୁଣଗୁଡିକୁ ଆହରଣ କରିବାକୁ ଉପଦେଶ ଦେଉଥିଲେ।

ଏକବିଂଶ ଶତାବ୍ଦୀରେ ଭାରତରେ ଧର୍ମୀୟ ବିଦ୍ୱେଷ ଓ ଉତ୍ପୀଡନ ବଢିବା କାଳରେ ବିବେକାନନ୍ଦଙ୍କ ଅମୂଲ୍ୟ ଦର୍ଶନ ଓ ତାଙ୍କର ମହାନ୍ ବାଣୀ ହିଁ ଭାରତୀୟ ସମାଜକୁ ଅଗ୍ରସର କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିବ, ଏଥିରେ ସନ୍ଦେହ ନାହିଁ। ଭାରତର ହିନ୍ଦୁସମାଜ ସ୍ୱାମୀ ବିବେକାନନ୍ଦଙ୍କ ଉତ୍ସର୍ଗୀକୃତ ଜୀବନଧାରାକୁ ଅଧ୍ୟୟନ କଲେ ଆମ ଦେଶରେ ସାମାଜିକ ବିଦ୍ୱେଷ, ଘୃଣା ଓ ଧର୍ମୀୟ ପାତରଅନ୍ତର ହ୍ରାସ ପାଇବ ଏବଂ ସମୃଦ୍ଧ ଭାରତ ପ୍ରତିଷ୍ଠା ହୋଇପାରିବ।

ମୋ-୯୪୩୭୦୦୭୭୭୦

## ପାଠକ ଶ୍ରେଷ୍ଠ ବିଚାରକ

### ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ

ମହାଶୟ,

ବର୍ତ୍ତମାନ ରାଜ୍ୟରେ ଶ୍ରୀଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଜୋରସୋର ପ୍ରଚାର ଚାଲିଛି ଯେଉଁଥିରେ ସେବକ ଶ୍ରେଣୀର ଦଇତାମାନେ ବେଶୀ ଉତ୍ସାହିତ। ସେମାନେ ସବୁ କାମରେ ଲାଗିପଡ଼ିଛନ୍ତି କ'ଣ ପାଇଁ ଓ କାହିଁକି ? ଅନ୍ୟ ଉପରସ୍ତରର ସେବକମାନେ ଗଲେ କୁଆଡ଼େ। ଆମ ସଂସ୍କୃତିରେ ପରିକ୍ରମା ଅଛିକି ? ଏହା ସହ ତାଳ ଦେଇ କେନ୍ଦ୍ର ସରକାର ମଧ୍ୟ ଭବ୍ୟ ଓ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ ଜୋରସୋରରେ ପ୍ରଚାର ଚଳାଇଛନ୍ତି। କରୋନାର ପ୍ରକୋପ ପୁଣି ବଢ଼ି ଚାଲୁଥିବାବେଳେ ଉଭୟ ସରକାର କେବଳ ମନ୍ଦିର ପାଇଁ ଆଗ୍ରହୀ କ'ଣ ପାଇଁ। ଆମ ସମ୍ବିଧାନରେ କ'ଣ ଆଉ କିଛି ମୂଲ୍ୟ ନାହିଁ। ସାର୍ବଭୌମତ୍ୱ ଗଲା କୁଆଡ଼େ ? ମନ୍ଦିର ହେଲେ ଦେଶର କି ଉନ୍ନତି ହେବ ? ବେକାରୀ, ଦାରିଦ୍ର୍ୟରେ ଦେଶ ଜର୍ଜରିତ ହେଉଥିବା ସମୟରେ ଏ ସବୁ ଭୋଟ ବ୍ୟାଙ୍କ ପ୍ରଚାର ସର୍ବସ୍ୱ ପ୍ରବୃତ୍ତି ଦେଶକୁ ପୁଣି ଭାଗ ଭାଗ କରାଇବା ପାଇଁ ଷଡ଼ଯନ୍ତ୍ର ଭଳି ଲାଗିଲାଣି। ଏହାର ଉତ୍ତର ଆମ ସମସ୍ତଙ୍କ ପାଖରେ ଅଛି ମାତ୍ର ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ ?

**-ଡ.ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡ଼ା, ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଲକ୍ଷ ଯୋଜନ-ବ୍ୟାପୀ
ଅଖଣ୍ଡ ଥାଟ ଚଳେ ଅବିଶ୍ରାମ
ଦିଗ୍‌ବଳୟକୁ ମାପି
ଉଠେ ସାମଗାନ ଗୁରୁଗମ୍ଭୀର
ତୁଟେ ମସ୍‌ଜିଦ, ତୁଟେ ମନ୍ଦିର।
-(ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଦୁର୍ଘଟଣାରୁ ବର୍ତ୍ତିଲେ ମେହବୁବା



**ଶ୍ରୀନଗର,୧୧।୧:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍ତି ଗୁରୁବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଅନନ୍ତନାଗ ଜିଲାର ସଙ୍ଗମଠାରେ ତାଙ୍କର କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ମେହବୁବା ଅଗ୍ନି ଦୁର୍ଘଟଣା ବିପନ୍ନଙ୍କୁ ଭେଟିବା ଲାଗି ଖାନାବଲ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କାର୍‌ରେ ଥିବା ବ୍ୟକ୍ତିଗତ ସୁରକ୍ଷା କର୍ମୀ ଓ ଡ୍ରାଇଭର ଆହତ ହୋଇଛନ୍ତି। ତେବେ ମେହବୁବାଙ୍କର କୌଣସି କ୍ଷତି ହୋଇ ନ ଥିବା ତାଙ୍କ ଝିଅ ଇଲ୍‌ତିଜା ଏକ୍ସ'ରେ ପୋଷ୍ଟ କରିଛନ୍ତି। ମେହବୁବା ମଧ୍ୟ ସୋସିଆଲ ମିଡିଆରେ ପୋଷ୍ଟ କରି ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ସେ ଆହତ ଡ୍ରାଇଭର ଏବଂ ପିଏସ୍‌ଓଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବେ ଆଡଭାନୀ



**ନୂଆଦିଲ୍ଲୀ,୧୧।୧(ପି.ଟି.):** ଅଯୋଧ୍ୟା ରାମ ଜନ୍ମଭୂମି ଆନ୍ଦୋଳନର ନେତୃତ୍ୱ ନେଇଥିବା ବର୍ଷୀୟାନ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ଆସନ୍ତା ୨୨ ତାରିଖ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବେ। ବିଶ୍ୱହିନ୍ଦୁ ପରିଷଦ ଅଧ୍ୟକ୍ଷ ଆଲୋକ କୁମାର ଏହି ସୂଚନା ଦେଇଛନ୍ତି। ତେବେ ଅନ୍ୟତମ ବରିଷ୍ଠ ନେତା ମୁରଲୀ ମନୋହର ଜୋଶୀ ଉତ୍ସବରେ ଯୋଗଦେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ୯୬ ବର୍ଷୀୟ ଆଡଭାନୀ ଆସିବାକୁ ସହମତି ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କୁମାର କହିଛନ୍ତି। ଉଭୟ ଆଡଭାନୀ ଏବଂ ଜୋଶୀ ଭାଜପାର ପ୍ରତିଷ୍ଠାତା ସଦସ୍ୟ ଏବଂ ୮୦ ଓ ୯୦ ଦଶକରେ ରାମ ଜନ୍ମଭୂମି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସ୍ୱାସ୍ଥ୍ୟ ଓ ବୟସାଧିକ୍ୟ କାରଣରୁ ସେମାନେ ଉତ୍ସବରେ ଯୋଗଦେଇ ନ ପାରନ୍ତି ବୋଲି ଗତ ମାସରେ ରାମ ଜନ୍ମଭୂମି ଟ୍ରଷ୍ଟ ପକ୍ଷରୁ କୁହାଯାଇଥିଲା। ଏହାକୁ ନେଇ ବିବାଦ ଦେଖାଦେବା ପରେ କୁମାର ଉଭୟଙ୍କୁ ନିମନ୍ତ୍ରଣ କରିଥିଲେ।

# ମାଳଦ୍ୱୀପରେ ବାହ୍ୟ ହସ୍ତକ୍ଷେପକୁ ବିରୋଧ କରିବୁ: ଚାଇନା

ବେଜିଂ,୧୧।୧(ପି.ଟି.)

ମାଳଦ୍ୱୀପର ଆଭ୍ୟନ୍ତରୀଣ ବ୍ୟାପାରରେ ବାହ୍ୟ ହସ୍ତକ୍ଷେପକୁ ଦୃଢ଼ ବିରୋଧ କରାଯିବ ବୋଲି ଚାଇନା ଗୁରୁବାର କହିଛି। ଉକ୍ତ ଦ୍ୱୀପପୁଞ୍ଜ ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁଙ୍କୁ ଚାଇନା ଗସ୍ତର ଶେଷ ଦିନରେ ବେଜିଂ କହିଛି। ଉଭୟ ଦେଶ ସେମାନଙ୍କର ମୁଖ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ପରସ୍ପରକୁ ଦୃଢ଼ ସମର୍ଥନ ଜାରି ରଖିବେ ବୋଲି ସହମତ ହୋଇଥିବା ଚାଇନା ନେତୃବୃନ୍ଦଙ୍କ ସହ ମୁଇଜ୍ଜୁଙ୍କ ଆଲୋଚନା ପରେ ଏକ ମିଳିତ ବିବୃତିରେ କୁହାଯାଇଛି। ଭାରତ ସହ କୂଟନୈତିକ ବିବାଦ ସୃଷ୍ଟି କରିବା ପରେ ଚାଇନା ସପକ୍ଷବାଦୀ ଭାବେ ଜଣଶୁଣା ମୁଇଜ୍ଜୁ ବେଜିଂ ଗସ୍ତରେ ଯାଇ ଅଧିକ ପର୍ଯ୍ୟଟକ ଓ



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ମାଳଦ୍ୱୀପ ପ୍ରତିପକ୍ଷ ମୋହମ୍ମଦ ମୋଇଜ୍ଜୁ।

ସହାୟତା ଯୋଗାଇଦେବାକୁ ଚାଇନାର ସହଯୋଗ ଲୋଡ଼ିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ୩ ମାଳଦ୍ୱୀପ ମନ୍ତ୍ରୀଙ୍କ ଅପମାନଜନକ ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଥିଲା। ଫଳରେ ମାଳଦ୍ୱୀପକୁ ଭାରତୀୟ ପର୍ଯ୍ୟଟନ ବାତିଲ କରିବା ଲାଗି ଅଭିଯାନ ଜୋର୍ ଧରିଥିଲା।

ମୁଇଜ୍ଜୁଙ୍କ ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ୨୦ ଚୁକ୍ତିନାମା ବୁଧବାର ସ୍ୱାକ୍ଷର ହୋଇଥିଲା। ମୁଇଜ୍ଜୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ପ୍ରଧାନମନ୍ତ୍ରୀ ଓ ଅନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ମାଳଦ୍ୱୀପରେ ଚାଇନା ପର୍ଯ୍ୟଟକ ସଂଖ୍ୟା ବଢ଼ାଇବାରେ ସହଯୋଗ କରିବା ଅନ୍ୟତମ। ମାଳଦ୍ୱୀପକୁ ସର୍ବାଧିକ ଭାରତୀୟ ପର୍ଯ୍ୟଟକ ଯାଉଥିବାବେଳେ ଦ୍ୱିତୀୟ ସ୍ଥାନରେ ରୁଷିଆ ଓ ତୃତୀୟରେ ଚାଇନା ରହିଛି। ସେହିପରି ଚାଇନା-ମାଳଦ୍ୱୀପ ବିସ୍ତୃତ ରଣନୀତିକ ସହଯୋଗ ସହଭାଗିତା କାର୍ଯ୍ୟଯୋଜନାରେ ଉଭୟ ପକ୍ଷ ସ୍ୱାକ୍ଷର କରିଛନ୍ତି। ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍, ଆର୍ଥନୈତିକ ଓ ବୈଷୟିକ ସହଯୋଗ, ଡିଜିଟାଲ ଅର୍ଥନୀତି, ଭିତ୍ତିଭୂମି ନିର୍ମାଣ ଆଦିରେ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି।




ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ଲାଗିବା ପାଇଁ ଏକ ସୁସଜ୍ଜିତ ଟ୍ରକ୍‌ରେ ୧୦୮ ଫୁଟ୍ ଲମ୍ବର ଅଗରବତୀ ନିଆଯାଉଛି।

# ଆଫଗାନିସ୍ତାନ, ପାକିସ୍ତାନରେ ଭୂକମ୍ପ: ଦିଲ୍ଲୀରେ ଝଟକା

ନୂଆଦିଲ୍ଲୀ/ଇସ୍‌ଲାମାବାଦ,୧୧।୧

ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ଗୁରୁବାର ଅପରାହ୍ନ ୨ଟା ୫୦ ମିନିଟ୍ ସମୟରେ ୬.୧ ତୀବ୍ରତାର ଭୂକମ୍ପ ହୋଇଛି। ଏହାର ପ୍ରଭାବରେ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନସିଆର୍) ସମେତ ଉତ୍ତର ଭାରତର ବିଭିନ୍ନ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଛି। ଆଫଗାନିସ୍ତାନ ରାଜଧାନୀ କାବୁଲଠାରୁ ୨୪୧ କିଲୋମିଟର ଉତ୍ତର-ଉତ୍ତରପୂର୍ବ ଦିଗରେ ଭୂକମ୍ପର କେନ୍ଦ୍ରସ୍ଥଳ। ପାକିସ୍ତାନରେ ମଧ୍ୟ ୬.୦ ତୀବ୍ରତାର ଭୂକମ୍ପ ହୋଇଛି। ତେବେ ଭୂକମ୍ପ ଜନିତ ଧନଜୀବନ ହାନି ସମ୍ପର୍କିତ କୌଣସି ଖବର ମିଳିନାହିଁ। ପାକିସ୍ତାନର ଇସ୍‌ଲାମାବାଦ, ଲାହୋର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ, ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶ ଏବଂ ପଞ୍ଜାବ ପ୍ରଦେଶର କେତେକ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିଲା। ପାକ୍ ଅଧିକୃତ କଶ୍ମୀରର ମୁଜାଫରବାଦରେ ମଧ୍ୟ ଭୂକମ୍ପ ହୋଇଛି। ଲୋକେ ଭୟରେ ଘରୁ ବାହାରି ଆସିଥିଲେ। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳରେ କମ୍ପନ ଯୋଗୁ ଲୋକେ ଭୟଭୀତ ହୋଇଯାଇଥିଲେ। ଘରେ ଥିବା ଆସବାବପତ୍ରଗୁଡ଼ିକ ଦୋହଲିଥିଲା ବୋଲି ଲୋକେ କହିଛନ୍ତି।

# ସ୍ୱଚ୍ଛ ନିର୍ବାଚନ ପାଇଁ ସିଇସିଙ୍କ ପରାମର୍ଶ

ନୂଆଦିଲ୍ଲୀ,୧୧।୧(ପି.ଟି.)

ଲୋକ ସଭା ନିର୍ବାଚନକୁ ସ୍ୱଚ୍ଛ କରିବା ପାଇଁ ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ଗୁରୁବାର ରାଜ୍ୟର ମୁଖ୍ୟ ନିର୍ବାଚନ ଅଫିସର (ସିଇଓ)ମାନଙ୍କୁ କହିଛନ୍ତି। ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ପାଇଁ ଜବରଦସ୍ତ ପ୍ରସ୍ତୁତି ହେବା ଆବଶ୍ୟକ ବୋଲି ଲୋକ ସଭା ନିର୍ବାଚନ ପୂର୍ବରୁ ସିଇଓମାନଙ୍କ ସମ୍ମିଳନୀକୁ କୁମାର କହିଛନ୍ତି। ନିର୍ବାଚନ ହେଉଛି କର୍ତ୍ତବ୍ୟ ଏବଂ ସଂକଳ୍ପର ଏକ ଯାତ୍ରା। ସମସ୍ତ ଭାଗିଦାରଙ୍କୁ ଯଥାସମ୍ଭବ ଶ୍ରେଷ୍ଠ ନିର୍ବାଚନୀ ଅନୁଭୂତି ପ୍ରଦାନ କରିବାକୁ ହେବ। ସଦ୍ୟସମାପ୍ତ

**ସିଇଓମାନଙ୍କ ସମ୍ମିଳନୀ**

ବିଧାନସଭା ନିର୍ବାଚନର ଅଭିଜ୍ଞତା ଓ ଶିକ୍ଷାକୁ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିବା ଉଦ୍ଦେଶ୍ୟରେ ଦୁଇଦିନିଆ ସିଇଓ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିସହିତ ନିର୍ବାଚନୀ ଯୋଜନା, ଖର୍ଚ୍ଚ ପର୍ଯ୍ୟବେକ୍ଷଣ, ଭୋଟର ତାଲିକା, ଆଇଟି ଆପ୍ଲିକେଶନ, ଡେଟା ପରିଚାଳନା ଏବଂ ଇଭିଏମ୍ ଉପରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଏବଂ ଅରୁଣ ଗୋଏଲ ଉପସ୍ଥିତ ଥିଲେ।

# ମଣିପୁରରେ ୩ ନିଖୋଜଙ୍କ ମୃତଦେହ ଠାବ

ଗୁଆହାଟୀ,୧୧।୧

ମଣିପୁରର ବିଷ୍ଣୁପୁର-ଚୁରାଚାନ୍ଦପୁର ଜିଲା ସୀମାରେ ଥିବା ଜଙ୍ଗଲକୁ ଜାଳେଣି ସଂଗ୍ରହ ପାଇଁ ଯାଇଥିବା ୪ ଜଣ ବୁଧବାର ନିଖୋଜ ହୋଇଯାଇଥିଲେ। ଗୁରୁବାର ସକାଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ମିଳିଛି। ସେମାନଙ୍କୁ ଉଗ୍ରପନ୍ଥୀମାନେ ଉଠାଇନେଇ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଇମ୍ଫାଲ ନିଆଯାଇଥିବାବେଳେ ଚତୁର୍ଥ ନିଖୋଜ ବ୍ୟକ୍ତିଙ୍କୁ ଖୋଜା ଚାଲିଛି। ୪ ଜଣଙ୍କ ଘର ବିଷ୍ଣୁପୁର ଜିଲା କୁମ୍ବି ତେରାଖୋଙ୍ଗରେ ଓ ସେମାନେ ମେଇତି ସମ୍ପ୍ରଦାୟର।

# ଗଣିକା ବୃତ୍ତିରେ ବିଦେଶୀଙ୍କୁ ସାମିଲ ପାଇଁ ଆପ୍



ଗିରଫ ଦୁଇ ଅଭିଯୁକ୍ତ।

**୨ ଇଞ୍ଜିନିୟର ଗିରଫ**

ବେଙ୍ଗାଲୁରୁ,୧୧।୧

ଏକ ସ୍ୱତନ୍ତ୍ର ଆପ୍ଲିକେଶନ ଡିଜାଇନ୍ କରି ବିଦେଶୀମାନଙ୍କୁ ନେଇ ଗଣିକାବୃତ୍ତି ର୍‌ୟାକେଟ ଚଳାଉଥିବା ୨ ଜଣ ସଫ୍ଟୱେର ଇଞ୍ଜିନିୟରଙ୍କୁ କର୍ନାଟକ ପୋଲିସ ଗିରଫ କରିଛି। ଏହି ବ୍ୟବସାୟ ସହ ଜଡ଼ିତ ଅନ୍ୟ ୮ ଜଣଙ୍କୁ ଗିରଫ କରାଯିବା ସହ ୭ ଜଣ ବିଦେଶୀ ମହିଳାଙ୍କୁ ଉଦ୍ଧାର କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦରାଜୁ ବୋଲି ଜଣାପଡ଼ିଛି। ପୋଲିସ କହିବା ଅନୁଯାୟୀ, ଅଭିଯୁକ୍ତମାନେ ଭଲ ଆୟ କରୁଥିଲେ ମଧ୍ୟ ଶେୟାର ବଜାରରେ ପ୍ରଚୁର କ୍ଷତି ସହିବାରୁ ଆର୍ଥିକ ସଙ୍କଟ ମଧ୍ୟରେ ରହିଥିଲେ। ସେମାନେ ବ୍ୟାଙ୍କ ଋଣ ପରିଶୋଧ କରିବା ପାଇଁ ବିଦେଶୀ ମହିଳାମାନଙ୍କୁ ନେଇ ଦେହବ୍ୟବସାୟ ର୍‌ୟାକେଟ ଚଳାଉଥିଲେ। ସେମାନେ ଏଥିପାଇଁ ଏକ ଆପ୍ ବିକଶିତ କରିଥିଲେ ଏବଂ ବେଙ୍ଗାଲୁରୁରେ ଜଣେ ତୁର୍କୀ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ଉକ୍ତ ମହିଳା ପର୍ଯ୍ୟଟକ ଭିଜାରେ ଭାରତ ଆସି ଜଣେ ଭାରତୀୟଙ୍କୁ ବିବାହ କରିଥିବାବେଳେ ଦେହ ବ୍ୟବସାୟକୁ ପେସା କରିଥିଲେ।

# ହୋଟେଲରେ ପଶି ଭିନ୍ନ ଧର୍ମର ଯୋଡ଼ିଙ୍କୁ ଆକ୍ରମଣ

ବେଙ୍ଗାଲୁରୁ,୧୧।୧

କର୍ନାଟକର ଏକ ହୋଟେଲ ପ୍ରକୋଷ୍ଠ ମଧ୍ୟରେ ୬ ଜଣ ଲୋକ ଜବରଦସ୍ତ ପ୍ରବେଶ କରି ଭିନ୍ନ ଧର୍ମର ଯୋଡ଼ିଙ୍କୁ ନିର୍ଘାତ ମାଡ଼ ମାରିଛନ୍ତି। ଉକ୍ତ ଯୋଡ଼ିଙ୍କ ଅପରାଧ ହେଲା ସେମାନେ ଭିନ୍ନ ଧର୍ମର ହୋଇଥିବା ସତ୍ତ୍ୱେ ଏକାଠି ହୋଇଥିଲେ। ଦୁଇଦିନ ପୂର୍ବରୁ ଭୁଲ୍‌ବଶତଃ ଭିନ୍ନ ଧର୍ମର ଦମ୍ପତି ଭାବି ସମ୍ପର୍କୀୟ ଭଉଣୀଭାଇଙ୍କୁ କେତେଜଣ ଲୋକ ମାଡ଼ ମାରିଥିଲାବେଳେ ହୋଟେଲରେ ଆକ୍ରମଣର ଏହି ଭିଡିଓ ସାମ୍ନାକୁ ଆସିଛି। ଆକ୍ରମଣକାରୀମାନେ ଭିଡିଓ ପ୍ରସ୍ତୁତ କରିଥିବାରୁ ସେମାନେ ଉକ୍ତ ଘଟଣାରେ ନାଁ କରିବାକୁ ଚାହୁଁଥିଲେ ବୋଲି ସୂଚନା ମିଳୁଛି। ସେମାନେ ହାଭେରି ଜିଲା ହାନଗାଲ ତାଲୁକରେ ଥିବା ଏକ ଲଜ୍ ରୁମ୍‌ରେ ପ୍ରବେଶ କରି ମହିଳା ଜଣଙ୍କ ମୁହଁକୁ ବୁର୍ଖାରେ ଘୋଡ଼ାଇବାକୁ ଉଦ୍ୟମ କରିଥିଲେ। ସେମାନେ ଖରାପ ଭାଷାରେ ଗାଳିଦେବା ସହ ମହିଳାଙ୍କୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ପରେ ପୁରୁଷ ଜଣକୁ ସେମାନେ ମାଡ଼ ମାରିବା ସହ ମାଡ଼ିବସି ଧରିଥିଲେ। ମହିଳା ଜଣକ ହିଜାବରେ ମୁହଁକୁ ଲୁଚାଇବାକୁ ଉଦ୍ୟମ କରୁଥିବାବେଳେ ଆକ୍ରମଣକାରୀ ତାଙ୍କ ମୁହଁକୁ ଖୋଲି ଫଟୋ ନେଉଥିଲେ। ଆକ୍ରମଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେମାନେ ଭିଡିଓ ପ୍ରସ୍ତୁତ କରିଥିଲେ। ଉକ୍ତ ଯୋଡ଼ି ହାନଗାଲ ଥାନାରେ ଏତଲା ଦେବା ପରେ ପୋଲିସ ସଂଖ୍ୟାଲଘୁ ସମ୍ପ୍ରଦାୟର ୨ ଜଣଙ୍କୁ ଗିରଫ କରିଛି। ଗତ ୭ ତାରିଖରେ ନାଲହାରା କ୍ରସ୍‌ଠାରେ ଏହି ଆକ୍ରମଣ ହୋଇଥିଲା। ଅଭିଯୁକ୍ତ ୬ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଅପହରଣ, ମହିଳାଙ୍କ ପ୍ରତି ଅଶାଳୀନ ବ୍ୟବହାର ଆଦି ଦଫାରେ ମାମଲା ରୁଜୁ ହୋଇଛି। ଗତ ମଙ୍ଗଳବାର ବେଲାଗାଭିଠାରେ ସମ୍ପର୍କୀୟ ଭଉଣୀଭାଇଙ୍କୁ ଭିନ୍ନ ଧର୍ମର ଯୋଡ଼ି ଭାବି ମାଡ଼ ମାରିବା ଘଟଣାରେ ୭ ଜଣ ଗିରଫ ହୋଇଛନ୍ତି।



## ଫୁରସତ

# ଯୁବବର୍ଗଙ୍କ ମନୋବଳ ଦୃଢ଼ହେବା ଜରୁରୀ

ଦେଶର ଯୁବବର୍ଗଙ୍କ ମନୋବଳ ବଢ଼ାଇବା ପାଇଁ ସ୍ୱାମୀ ବିବେକାନନ୍ଦ ନିରନ୍ତର ପ୍ରୟାସ କରୁଥିଲେ। ୧୮୬୩ ଜାନୁୟାରୀ ୧୨ରେ ସେ କୋଲକାତାଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମ ଦିବସକୁ ପ୍ରତିବର୍ଷ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ। କୌଣସି ଦେଶର ବିକାଶରେ ଯୁବବର୍ଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ହୃଦୟଙ୍ଗମ କରିଥିଲେ। ସେ ଯୁବବର୍ଗଙ୍କୁ ସେମାନଙ୍କର ମନୋବଳକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଉଥିଲେ।

୧୯୮୪ରେ ଭାରତ ସରକାର ଏହି ଦିନକୁ ଜାତୀୟ ଯୁବ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ। ୧୯୮୫ଠାରୁ ପ୍ରତିବର୍ଷ ଭାରତରେ ଏହି ଦିବସ ପାଳନ କରାଯାଉଛି। ବିବେକାନନ୍ଦଙ୍କ ଦର୍ଶନ ଏବଂ ଆଦର୍ଶକୁ ସ୍ମରଣ କରିବା ଲାଗି ଏହି ଦିନ ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଉତ୍ସାହର ସହିତ ପାଳନ କରାଯାଇଥାଏ। ଏହି ଅବସରରେ ଶୋଭାଯାତ୍ରା, ବକ୍ତୃତା, ସଙ୍ଗୀତ, ଯୁବ ସମ୍ମିଳନୀ, ସେମିନାର, ଯୋଗାସନା, ଉପସ୍ଥାପନା ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ସ୍ୱାମୀ ବିବେକାନନ୍ଦ ୧୯୦୨ ଜୁଲାଇ ୪ରେ ହାୱଡ଼ାର ବେଲୁର ମଠରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।




# 'ବିଟିଏସ୍' ଷ୍ଟାର୍‌ଙ୍କୁ ଭେଟିବାକୁ ଘରୁ ପଳାଇଲେ ୩ ନାବାଳିକା



**ଚେନ୍ନାଇ:** ସାଉଥ୍ କୋରିଆର ସଙ୍ଗୀତ ଏବଂ ସିନେମାର ଲୋକପ୍ରିୟତା ଭାରତରେ ବଢ଼ିବାରେ ଲାଗିଛି। ଝିଅଙ୍କ ମଧ୍ୟରେ ସାଉଥ୍ କୋରିଆର 'ବିଟିଏସ୍' ବ୍ରାଣ୍ଡ ପ୍ରତି ଅଧିକ ଲୋକପ୍ରିୟତା ଦେଖିବାକୁ ମିଳୁଛି। ଏପରି ଭଲପାଇବା ପାଇଁ କେବଳ ସାଉଥ୍ କୋରିଆ ଯିବା ହିଁ କେତେଜଣଙ୍କ ବଡ଼ ସ୍ୱପ୍ନ ପାଲଟିଯାଇଛି। ନିକଟରେ ତାମିଲନାଡୁରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଏଠାରେ ରହୁଥିବା ୩ ନାବାଳିକା 'ବିଟିଏସ୍'ର ବହୁତ ବଡ଼ ଫ୍ୟାନ୍। 'ବିଟିଏସ୍' ଷ୍ଟାରଙ୍କୁ ଭେଟିବାକୁ ୩ ଜଣ ୧୪ ହଜାର ଟଙ୍କା ନେଇ ଘରୁ ପଳାଇ ଚେନ୍ନାଇରେ ପହଞ୍ଚିଲେ। ୩ ଜଣଯାକ ସାଉଥ୍ କୋରିଆ ଯିବାକୁ ଚାହୁଁଥିଲେ। ବିନା ପାସ୍‌ପୋର୍ଟ ଏବଂ କମ୍ ଟଙ୍କାରେ ସେମାନେ ଗତ ୪ ତାରିଖରେ ସାଉଥ୍ କୋରିଆ ଯିବାକୁ ଯୋଜନା କରିଦେଲେ। ସେହିଦିନ ରାତିରେ ଏକ ହୋଟେଲରେ ରହି ପରଦିନ ଚେନ୍ନାଇରୁ ସେମାନେ ଏକ ଜାହାଜ ଜରିଆରେ ସିଓଲ ପର୍ଯ୍ୟନ୍ତ ପହଞ୍ଚିଗଲେ। ପରେ ସେମାନଙ୍କୁ ଲାଗିଲା କି ଏବେ ଘରକୁ ଫେରିଯିବା ଦରକାର। ସେମାନେ ଚେନ୍ନାଇରୁ ଘରକୁ ଯିବାକୁ ଟ୍ରେନ୍ ଧରିଲେ। ମଝିରେ କାଟପାଡ଼ି ଷ୍ଟେଶନରେ ଟ୍ରେନ୍ ଅଟକିବାରୁ ସେମାନେ ଖାଦ୍ୟ କିଣିବାକୁ ଗଲେ, ହେଲେ ସେତେବେଳେ ତାଙ୍କ ଟ୍ରେନ୍ ପଳାଇଲା। ସେଠାରୁ ତାଙ୍କୁ ଚାଇଲ୍ଡ ୱେଲ୍‌ଫେୟାର କମିଟି ସଦସ୍ୟ ଏବଂ ପୋଲିସ ଉଦ୍ଧାର କରି ଏକ ଆଶ୍ରୟସ୍ଥଳରେ ରଖାଇଥିଲା। ପରେ ଏମାନଙ୍କ ପରିବାର ଲୋକଙ୍କୁ ଡାକି ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ପୂର୍ବରୁ ଯେତେବେଳେ ଝିଅମାନେ ଘରକୁ ନ ଫେରିଲେ ସେବେ ତାଙ୍କ ଘରଲୋକ ପୋଲିସରେ ଖବର ଦେଇଥିଲେ।

# ଶାହରୁଖ୍‌ଙ୍କୁ 'ଇଣ୍ଡିଆନ ଅଫ୍ ଦି ଇୟର'



**ମୁମ୍ବାଇ:** ବଲିଉଡ୍ ବାଦ୍‌ଶାହ ଶାହରୁଖ୍ ଖାନ୍ ଗତବର୍ଷ ଲଗାତର ୩ଟି ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇ ରେକର୍ଡ କରିଛନ୍ତି। ତେବେ ଗତବର୍ଷ ପାଇଁ ଶାହରୁଖ୍‌ଙ୍କୁ 'ସିଏନ୍‌ଏନ୍ ନ୍ୟୁଜ୍ ୧୮ ଇଣ୍ଡିଆନ ଅଫ୍ ଦି ଇୟର' ଆୱାର୍ଡରେ ସମ୍ମାନିତ କରାଯାଇଛି। ବୁଧବାର ନୂଆଦିଲ୍ଲୀର ତାଜ୍ ପ୍ୟାଲେସରେ ଏହି ଆୱାର୍ଡ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶାହରୁଖ୍‌ଙ୍କ ବ୍ୟତୀତ ମଣି ରତ୍ନମ୍, ଜାଭେଦ ଅଖତର, ନୀରଜ ଚୋପ୍ରା, ଆଥ୍‌ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆର ଉପସଭାପତି ଅଞ୍ଜୁ ବବି ଜର୍ଜ, ସଞ୍ଜୀବ ଗୋଏଙ୍କା, ଅଫରୋଜ ଶାହାଙ୍କ ସମେତ ଅନେକ ଷ୍ଟାର ଯୋଗଦେଇଥିଲେ। ଶାହରୁଖ୍‌ଙ୍କୁ ଏହି ଆୱାର୍ଡ ମିଳିବା ସମୟରେ କହିଛନ୍ତି, ''ସେ ସର୍ବଦା ଖୁସି ରହୁଥିବା ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରନ୍ତି। ଏହା ପୂର୍ବରୁ ମଧ୍ୟ ମୋର କିଛି ଫିଲ୍ମ ଫ୍ଲପ୍ ହୋଇଛି। ସେଥିପାଇଁ ମତେ ଅଧିକ ପରିଶ୍ରମ କରିବାକୁ ପଡ଼ିବ।'' ତାଙ୍କ ଅଭିନୀତ ଫିଲ୍ମ 'ପଠାନ' ଏବଂ 'ଜୱାନ' ବିଶ୍ୱ ଦରବାରରେ ହଜାରେ କୋଟି ପାର୍ କରିପାରିଛି। ୧୯୯୨ରେ ଶାହରୁଖ୍ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ଫିଲ୍ମ ଭେଟି ଦେଇ ଦର୍ଶକଙ୍କ ପ୍ରିୟ ହୋଇପାରିଛନ୍ତି।

# ପୁଣି ଚର୍ଚ୍ଚାରେ ବ୍ଲେଡ୍ ରନର




ରିଭା ଷ୍ଟିନ୍‌କାମ୍ପଙ୍କ ସହ ପିଷ୍ଟୋରିୟସ।

**ଦ**କ୍ଷିଣ ଆଫ୍ରିକାର ବିଶ୍ୱବିଖ୍ୟାତ ପାରାଲିମ୍ପିକ୍ ଷ୍ଟାର୍ ଓସ୍କାର ପିଷ୍ଟୋରିୟସ ନିକଟରେ ପାରୋଲରେ ଆସିଛନ୍ତି। ପାରୋଲ ଅବଧି ୫ ବର୍ଷ ରହିଛି। ତେବେ ୨୦୨୯ ଡିସେମ୍ବର ପର୍ଯ୍ୟନ୍ତ ସେ ନଜରବନ୍ଦିରେ ରହିବେ। ପ୍ରିଟୋରିଆ ସହରସ୍ଥିତ ଏକ ଜେଲରେ ସେ ଗତ ୯ବର୍ଷ ହେଲା ବନ୍ଦୀ ଜୀବନ କଟାଉଥିଲେ। ଏହା ଭିତରେ ପାରୋଲ ସୁବିଧା ପାଇବାକୁ ସେ ଅନେକ ଥର ଉଦ୍ୟମ କରିଥିଲେ ବି ତାଙ୍କୁ ମିଳୁ ନ ଥିଲା। ୨୦୧୩, ଭାଲେଣ୍ଟାଇନ୍ ଡେ'ରେ ପ୍ରିଟୋରିଆ ବାସଭବନରେ ପିଷ୍ଟୋରିୟସଙ୍କ ଗୁଳିମାଡ଼ରେ




୨୯ବର୍ଷୀୟା ପ୍ରେମିକା ରିଭା ଷ୍ଟିନ୍‌କାମ୍ପ ପ୍ରାଣ ହରାଇଥିଲେ। ଭୁଲବଶତଃ ଗୁଳିକାଣ୍ଡ ହୋଇଗଲା ବୋଲି ତାଙ୍କ ଯୁକ୍ତିକୁ କୋର୍ଟ ଗ୍ରହଣ କରି ନ ଥିଲେ। ଏହି ମାମଲାରେ ସେ ଆଜୀବନ କାରାଦଣ୍ଡିତ ହୋଇଥିଲେ। ଓସ୍କାର ପିଷ୍ଟୋରିୟସଙ୍କ ଆଣ୍ଠୁ ତଳ ଗୋଡ଼ ନାହିଁ। କୃତ୍ରିମ ଗୋଡ଼ ଲଗାଇ ସେ ୨୦୧୨ଲଣ୍ଡନ ପାରାଲିମ୍ପିକ୍ ଦୌଡ଼ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଆଣ୍ଠୁ ତଳକୁ ଫାଇବର ପ୍ରସ୍ଥେଟିକ୍ ଗୋଡ଼ ଲଗାଇ ସେ ପାରାଲିମ୍ପିକ୍ ଦୌଡ଼ରେ ଭାଗ ନେଇଥିଲେ। ଏପରି ସଫଳତା ପାଇବାରେ ସେ ବିଶ୍ୱରେ ପ୍ରଥମ ଖେଳାଳି ବିବେଚିତ ହୋଇଥିଲେ। ବ୍ଲେଡ୍ ରନର ନାମରେ ସେ ଖ୍ୟାତି ଅର୍ଜନ କରିଥିଲେ। ତେବେ ଠିକ୍ ଭାଲେଣ୍ଟାଇନ୍ ଡେ'ରେ ନିଜ ପ୍ରେମିକାଙ୍କୁ ହତ୍ୟା କରିବା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ପ୍ରେମିକା ରିଭା ଜଣେ ମଡେଲ ଥିଲାବେଳେ ଆଇନ ଶିକ୍ଷା କରୁଥିଲେ। ଭିନ୍ନକ୍ଷମ ପିଷ୍ଟୋରିୟସଙ୍କ ଅଲିମ୍ପିକ୍ ସଫଳତା ହାସଲ ତାଙ୍କ ପକ୍ଷେ ଉଭୟ ଭଲ ଓ ମନ୍ଦ ପ୍ରମାଣିତ ହୋଇଥିଲା। ଜେଲ ଯିବା ତ ମନ୍ଦ ଥିଲା, ହେଲେ ଏହା ତାଙ୍କୁ ବିଶ୍ୱରେ ଚର୍ଚ୍ଚିତ କରିଥିଲା। ପିଷ୍ଟୋରିୟସ ଜେଲ ଯିବା ପରେ ଦକ୍ଷିଣ ଆଫ୍ରିକାରେ ତାଙ୍କ କାହାଣୀକୁ ନେଇ ଦୁଇଟି ସିନେମା ପ୍ରସ୍ତୁତ ହୋଇଥିଲା। ଗୋଟିଏ ସିନେମାରେ ଜଣେ ଭିନ୍ନକ୍ଷମ ଯୁବକର ପ୍ରେରଣାଦାୟୀ କାହାଣୀ ଥିଲାବେଳେ ଅନ୍ୟଟିରେ ସେହି ଯୁବକ ହାତରେ ତା'ପ୍ରେମିକା ହତ୍ୟାକାଣ୍ଡ କାହାଣୀ ପ୍ରଦର୍ଶିତ ହୋଇଥିଲା।

**-ସ୍ୱାଗତ ସମ୍ପଦ**

# ବିଶ୍ୱ ବିଖ୍ୟାତ କିମ୍ବଦନ୍ତୀ ଫୁଟ୍‌ବଲର



ଅଶୋକ ମହାନ୍ତି

**ଅ**ଲିମ୍ପିକ୍ କ୍ରୀଡ଼ା ପରେ ବିଶ୍ୱର ସର୍ବବୃହତ୍ତମ ଓ ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା ସମାରୋହ ହେଉଛି ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତା। ୧୯୩୦ରୁ ଆରମ୍ଭ ହୋଇଥିବା ବିଶ୍ୱକପ୍ ଫୁଟବଲର ୯୪ ବର୍ଷ ଇତିହାସରେ କେବଳ ମାତ୍ର ୩ ଜଣ ଉଭୟ ଖେଳାଳି ଓ କୋଚ୍/ମ୍ୟାନେଜର ଭାବେ ନିଜ ଦେଶକୁ ପ୍ରତିନିଧିତ୍ୱ କରି ବିଶ୍ୱକପ୍ ଟ୍ରଫି ହାସଲ କରିବାର ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେମାନେ ହେଲେ ବ୍ରାଜିଲର କିମ୍ବଦନ୍ତୀ ଖେଳାଳି ମାରିଓ ଜଗାଲୋ, ପଶ୍ଚିମ ଜର୍ମାନୀର ଫ୍ରାଞ୍ଜ ବେକେନବର ଓ ଫ୍ରାନ୍ସର ଡିଡିଅର ଡେସ୍‌ଚାମ୍ପ। ଏହି ୩ ଜଣ କ୍ରୀଡ଼ା(ଫୁଟ୍‌ବଲ) ବ୍ୟକ୍ତିତ୍ୱଙ୍କ ମଧ୍ୟରେ ମାରିଓ ଜଗାଲୋ ହେଉଛନ୍ତି ଏକମାତ୍ର ବ୍ୟକ୍ତି, ଯିଏକି ଉଭୟ ଖେଳାଳି ଓ କୋଚ୍ ଭାବେ ୪ଟି ବିଶ୍ୱକପ୍ ଟ୍ରଫି ଜିତିବାରେ ସଫଳ ହୋଇଥିଲେ। ପରିତାପର ବିଷୟ ଗତ ସପ୍ତାହରେ ମାତ୍ର ୨ ଦିନ ବ୍ୟବଧାନରେ ଜଗାଲୋ (୫ ଜାନୁଆରୀ) ଓ ବେକେନବର (୭ ଜାନୁଆରୀ) ପରଲୋକ ଗମନ କରିଛନ୍ତି। ଏହି ଦୁଇ କିମ୍ବଦନ୍ତୀ ଖେଳାଳିଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...



ମାରିଓ ଜଗାଲୋ




ଫ୍ରାଞ୍ଜ ବେକେନବର

**୧୯୩୦ରୁ ଆରମ୍ଭ ହୋଇଥିବା ବିଶ୍ୱକପ୍ ଫୁଟ୍‌ବଲର ୯୪ ବର୍ଷ ଇତିହାସରେ କେବଳ ୩ ଜଣ ଉଭୟ ଖେଳାଳି ଓ କୋଚ୍/ମ୍ୟାନେଜର ଭାବେ ନିଜ ଦେଶକୁ ପ୍ରତିନିଧିତ୍ୱ କରି ଟ୍ରଫି ହାସଲ କରିବାର ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେମାନେ ହେଲେ ବ୍ରାଜିଲର କିମ୍ବଦନ୍ତୀ ଖେଳାଳି ମାରିଓ ଜଗାଲୋ, ପଶ୍ଚିମ ଜର୍ମାନୀର ଫ୍ରାଞ୍ଜ ବେକେନ୍‌ବର ଓ ଫ୍ରାନ୍ସର ଡିଡିଅର ଡେସ୍‌ଚାମ୍ପ....**

### ମାରିଓ ଜଗାଲୋ (୯ ଅଗଷ୍ଟ ୧୯୩୧-୫ ଜାନୁୟାରୀ ୨୦୨୪)

ମାରିଓ ଜର୍ଜ ଲୋବୋ ଜଗାଲୋ ବ୍ରାଜିଲର ଆଟାଲାଇଆଠାରେ ଜନ୍ମଗ୍ରହଣ କରି ରିଓ ଡି ଜେନିରୋ ସହରରେ ଆଦ୍ୟ ଜୀବନ କଟାଇଥିଲେ। ୧୯୫୦ରେ ବିଖ୍ୟାତ ଫୁଟ୍‌ବଲ କ୍ଲବ ଫ୍ଲାମେଙ୍ଗୋର ଯୁବ ଦଳରେ ସାମିଲ ହୋଇ ତାଙ୍କର ଫୁଟ୍‌ବଲ କ୍ୟାରିୟର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଦୁଇଥର ଖେଳାଳିଭାବେ (୧୯୫୮ ଓ ୧୯୬୨) ଏବଂ ଦୁଇଥର କୋଚ୍/ମ୍ୟାନେଜର ଭାବେ (୧୯୭୦ ଓ ୧୯୯୪) ବ୍ରାଜିଲ ଦଳକୁ ବିଶ୍ୱ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୧୯୫୮ରେ ସ୍ୱିଡେନରେ ଅନୁଷ୍ଠିତ ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଜଗାଲୋ ବ୍ରାଜିଲ ଦଳରେ ଲେଫ୍ଟ ୱିଙ୍ଗର ଏବଂ ଇନ୍‌ସାଇଡ୍ ଲେଫ୍ଟ ଉଭୟ ପୋଜିଶନରେ ଖେଳିଥିଲେ। ଏହି ଟୁର୍ନାମେଣ୍ଟରେ ବିଚକ୍ଷଣ ପ୍ରତିଭାଧାରୀ ୧୭ ବର୍ଷୀୟ ପେଲେଙ୍କ ଆବିର୍ଭାବ ହୋଇଥିଲା। ଫାଇନାଲରେ ଆୟୋଜକ ଦେଶ ସ୍ୱିଡେନକୁ ୫-୨ ଗୋଲରେ ପରାସ୍ତ କରି ବ୍ରାଜିଲ ବିଶ୍ୱଚାମ୍ପିୟନ ହୋଇଥିଲା। ଗୋଲ ସ୍କୋର କରିଥିବା ବ୍ରାଜିଲ ଖେଳାଳିଙ୍କ ମଧ୍ୟରେ ଥିଲେ ପେଲେ (୨ଟି), ଭାଭା (୨) ଏବଂ ଜଗାଲୋ(୧)। ପରବର୍ତ୍ତୀ ବିଶ୍ୱକପ୍ ହୋଇଥିଲା ଦକ୍ଷିଣ ଆମେରିକା ଦେଶ ଚିଲିରେ। ଜଗାଲୋ ଲଗାତର ଦ୍ୱିତୀୟ ଥର ପାଇଁ ବ୍ରାଜିଲ ଦଳର ସଦସ୍ୟଭାବେ ଖେଳି ତାଙ୍କ ଦେଶକୁ ବିଶ୍ୱକପ୍ ଚାମ୍ପିୟନ କରାଇଥିଲେ। ପ୍ରତିଯୋଗିତାମୂଳକ ଫୁଟବଲରୁ ଅବସର ନେବା ପରେ ୧୯୬୬ରୁ ୨୦୦୬ ପର୍ଯ୍ୟନ୍ତ ବ୍ରାଜିଲର ଏକାଧିକ ଫୁଟ୍‌ବଲ କ୍ଲବ ବୋଟା ଫୋଗୋ, ଫ୍ଲାମିଙ୍ଗୋ, ଭାସ୍କୋଡିଗାମା ବ୍ୟତୀତ ସାଉଦି ଆରବ ଏବଂ କୁଏଟ ଜାତୀୟ ଦଳର ପ୍ରଶିକ୍ଷଣ ଓ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପ୍ରଶିକ୍ଷଣ ଜୀବନର ସର୍ବୋଚ୍ଚ ସଫଳତା ମିଳିଥିଲା ୧୯୭୦ରେ। ମେକ୍ସିକୋ ସିଟିରେ ଅନୁଷ୍ଠିତ ବିଶ୍ୱକପ୍ ପ୍ରତିଯୋଗିତାରେ ଜଗାଲୋ ତାଙ୍କ ଦଳକୁ ୩ୟ ଥର ପାଇଁ ହ୍ୟାଟ୍ରିକ ବିଶ୍ୱକପ୍ ଟ୍ରଫି ହାସଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କଳାତ୍ମକ ଫୁଟବଲ ଖେଳିବାରେ ମାହିର ବ୍ରାଜିଲ ଦଳରେ ଥିଲେ ତତ୍କାଳୀନ ବିଶ୍ୱ ଫୁଟ୍‌ବଲର ଏକାଧିକ ନାମୀ ଓ ଦକ୍ଷ ଖେଳାଳି ପେଲେ, ଜୋଆରଜିନୋ, ଟୋଷଟାଓ, ରେଭେଲିନୋ, ଜର୍ସନ ଏବଂ କାର୍ଲୋସ ଆଲବର୍ଟୋ ପ୍ରମୁଖ ଖେଳାଳି। ବିଶ୍ୱର ଅଧିକାଂଶ ବିଶେଷଜ୍ଞ ୧୯୭୦ ବିଶ୍ୱକପ୍‌ର ଏହି ବ୍ରାଜିଲ ଦଳକୁ ସର୍ବକାଳୀନ ମହାନ୍ ଫୁଟ୍‌ବଲ ଦଳର ମାନ୍ୟତା ଦେଇଥାନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ଖେଳାଳି ଏବଂ ୧୯୫୮ ଓ ୧୯୬୨ ବିଶ୍ୱବିଜେତା ଦଳର ଅନ୍ୟତମ ଖେଳାଳି ପେଲେଙ୍କ ନେତୃତ୍ୱରେ ବ୍ରାଜିଲର ତାରକାମାନେ ତାଙ୍କର ଯାଦୁକରୀ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ଜଗାଲୋଙ୍କ ରଣକୌଶଳ ଓ ମାର୍ଗଦର୍ଶନରେ ଫାଇନାଲରେ ଇଟାଲିକୁ ୪-୧ ଗୋଲରେ ପରାସ୍ତ କରି ବିଶ୍ୱବିଜେତା ହୋଇଥିଲେ। ଏହାଥିଲା ଜଗାଲୋଙ୍କ କୋଚ୍/ମ୍ୟାନେଜର ଭାବେ ପ୍ରଥମ ବଡ଼ ସଫଳତା।



ପେଲେଙ୍କ ସହ ମାରିଓ ଜଗାଲୋ

ଫିଫା ନିୟମ ଅନୁସାରେ ବ୍ରାଜିଲ ଦଳ ତୃତୀୟ ଥର ପାଇଁ ବିଶ୍ୱକପ୍ ଜିତିବା ପରେ ବିଶ୍ୱକପ୍ ଟ୍ରଫି (ଜୁଲ୍ସ ରିମେ କପ୍)କୁ ସବୁଦିନ ପାଇଁ ନିଜର କରି ନେଇଥିଲା। ଜଗାଲୋ ତାଙ୍କ ଜୀବନର ଦ୍ୱିତୀୟ ଓ ଅବିସ୍ମରଣୀୟ ସଫଳତା ହାସଲ କରିଥିଲେ ଆମେରିକାରେ ଅନୁଷ୍ଠିତ ହୋଇଥିବା ୧୯୯୪ ପ୍ରତିଯୋଗିତାରେ। ବ୍ରାଜିଲ ଦଳର ସହକାରୀ କୋଚ୍/କୋଅର୍ଡିନେଟର ଭାବେ ଦାୟିତ୍ୱ ଗ୍ରହଣ କରି ତାଙ୍କ ଦଳକୁ ଚତୁର୍ଥ ଥର ପାଇଁ ବିଶ୍ୱକପ ବିଜେତା କରିବାରେ ସହାୟତା କରିଥିଲେ। ଫ୍ରାନ୍ସରେ ଅନୁଷ୍ଠିତ ପରବର୍ତ୍ତୀ ୧୯୯୮ ବିଶ୍ୱକପ୍ ପ୍ରତିଯୋଗିତାରେ ଜଗାଲୋ ପୁନଶ୍ଚ ବ୍ରାଜିଲ ଦଳର କୋଚ୍ ଦାୟିତ୍ୱ ତୁଲାଇ ତାଙ୍କ ଦଳକୁ ଫାଇନାଲକୁ ଉତ୍ତୀର୍ଣ୍ଣ କରାଇଥିଲେ। ଫାଇନାଲରେ ଦୁର୍ଭାଗ୍ୟଜନକ ଭାବେ ତାଙ୍କ ଦଳରେ ଖେଳୁଥିବା ତତ୍କାଳୀନ ବିଶ୍ୱ ଫୁଟ୍‌ବଲର ଜଣାଶୁଣା ଷ୍ଟ୍ରାଇକର ରୋନାଲ୍ଡୋ ରୋଜାରିଓଙ୍କର ଠିକ୍ ଫାଇନାଲ ମ୍ୟାଚ୍ ପୂର୍ବରୁ ରହସ୍ୟମୟ ଶାରୀରିକ ଅସୁସ୍ଥତା ଏବଂ ଫାଇନାଲରେ ତାଙ୍କ ଦକ୍ଷତା ଅନୁସାରେ ପ୍ରଦର୍ଶନର ବିଫଳତା ଦ୍ୱାରା ବ୍ରାଜିଲ ଦଳ ଫ୍ରାନ୍ସଠାରୁ ପରାସ୍ତ ହୋଇ ରନରଅପ୍ ଭାବେ ବିଶ୍ୱକପ୍ ଅଭିଯାନ ଶେଷ କରିଥିଲା।

### ଫ୍ରାଞ୍ଜ ବେକେନ୍‌ବର: ୧୧ ସେପ୍ଟେମ୍ବର ୧୯୪୫- ୭ ଜାନୁୟାରୀ ୨୦୨୪

ଫ୍ରାଞ୍ଜ ବେକେନ୍‌ବର ଜର୍ମାନୀର ଜିସିଙ୍ଗ ଜିଲାରେ ଜନ୍ମଗ୍ରହଣ କରିଥିଲେ। ପ୍ରଥମେ ୯ ବର୍ଷ ବୟସରେ ୧୯୫୪ରେ ଏସ୍‌ସି ମ୍ୟୁନିକ୍ ଯୁବ ଦଳରେ ଯୋଗ ଦେଇଥିଲେ ଏବଂ ପରେ ୧୯୫୯ରେ ବେୟର୍ନ ମ୍ୟୁନିକ୍ ଯୁବ ଦଳରେ ସାମିଲ ହୋଇଥିଲେ। ୧୯୬୫ରେ ସୁଇଡେନ୍ ବିପକ୍ଷରେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳି ସେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।

'ଦି କାଇଜର' 'ମିଡ୍ ଫିଲ୍ଡ ଜେନେରାଲ' ଏବଂ ଆଧୁନିକ ଫୁଟ୍‌ବଲରେ 'ଲିବେରୋ' ବା 'ମଡର୍ନ ସୁଇପର'ର ଉଦ୍ଭାବକ ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ବେକେନ୍‌ବର ଜର୍ମାନୀ ଫୁଟ୍‌ବଲର ସର୍ବଶ୍ରେଷ୍ଠ ଖେଳାଳିର ମାନ୍ୟତା ପାଇବା ସହିତ ବିଶ୍ୱ ଫୁଟ୍‌ବଲରେ ମଧ୍ୟ ସର୍ବକାଳୀନ ଶ୍ରେଷ୍ଠ ଡିଫେଣ୍ଡର ଭାବେ ସ୍ୱୀକୃତି ଲାଭ କରିଥିଲେ। ପଶ୍ଚିମ ଜର୍ମାନୀ ଜାତୀୟ ଦଳ ପାଇଁ ୧୦୩ ମ୍ୟାଚ ଖେଳି ୧୪ ଗୋଲ ସ୍କୋର କରିଥିବା ବେକେନ୍‌ବରଙ୍କ ପ୍ରଥମ ଶ୍ରେଣୀ କ୍ଲବ୍ ସ୍ତରୀୟ ଫୁଟ୍‌ବଲ କ୍ୟାରିୟର ଥିଲା ଅତ୍ୟନ୍ତ ସଫଳ ଓ ଅବିସ୍ମରଣୀୟ। ପଶ୍ଚିମ ଜର୍ମାନୀର ବିଖ୍ୟାତ ଫୁଟ୍‌ବଲ କ୍ଲବ ବେୟର୍ନ ମ୍ୟୁନିକ୍ ପାଇଁ ୪୨୭ ମ୍ୟାଚ୍ ଖେଳି ୬୦ ଗୋଲ୍ ସ୍କୋର କରିଥିବା ବେକେନ୍‌ବର ଆମେରିକାର ନ୍ୟୁୟର୍କ କସ୍‌ମସ୍ ଏବଂ ହାମବର୍ଗ ଏସ୍‌ଭି କ୍ଲବ୍ ପାଇଁ ଖେଳି ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ତାଙ୍କ ଖେଳାଳି ଜୀବନର ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ଜର୍ମାନୀର ମ୍ୟୁନିକ୍ ସହରରେ ହୋଇଥିବା ୧୯୭୪ ବିଶ୍ୱକପ୍ ପ୍ରତିଯୋଗିତା। ବେକେନ୍‌ବରଙ୍କ ଅଧିନାୟକତ୍ୱରେ ଜର୍ମାନୀ ଦଳ ଫାଇନାଲରେ ଟୋଟାଲ ଫୁଟ୍‌ବଲର ପ୍ରବର୍ତ୍ତକ ୟୋହାନ୍ କ୍ରଫ୍‌ଙ୍କ ନେତୃତ୍ୱାଧୀନ ନେଦରଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରି ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ପରବର୍ତ୍ତୀ ସମୟରେ ଜର୍ମାନୀ ଦଳର କୋଚ୍/ମ୍ୟାନେଜର ଭାବେ ୧୯୯୦ରେ ଇଟାଲୀଠାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ବେକେନ୍‌ବର ତାଙ୍କ ଜୀବନର ଦ୍ୱିତୀୟ ବଡ ସଫଳତା ହାସଲ କରିଥିଲେ। ତାଙ୍କ ମାର୍ଗଦର୍ଶନରେ ଖେଳୁଥିବା ଜର୍ମାନୀ ଦଳ ଫାଇନାଲରେ ପୂର୍ବ ସଂସ୍କରଣର ବିଜେତା ଆର୍ଜେଣ୍ଟିନାକୁ ୧-୦ ଗୋଲରେ ପରାସ୍ତ କରି ତୃତୀୟ ଥର ପାଇଁ ଫିଫା ବିଶ୍ୱକପ୍ ଟ୍ରଫି ଜିତିବାରେ ସକ୍ଷମ ହୋଇଥିଲା। ତାଙ୍କ ଫୁଟ୍‌ବଲ କ୍ୟାରିୟରର ସଫଳତା ମଧ୍ୟରେ ଥିଲା ୧୯୯୮ରେ ବିଂଶ ଶତାବ୍ଦୀର ବିଶ୍ୱ ଇଲେଭେନ୍ ଦଳର ସଦସ୍ୟ ମନୋନୀତ, ୨୦୦୨ରେ ଫିଫା ବିଶ୍ୱକପ୍ 'ଡ୍ରିମ୍ ଟିମ୍'ର ସଦସ୍ୟ ମନୋନୀତ, ବାଲନ୍ ଡି ଅର୍ ଡ୍ରିମ୍ ଟିମ୍ ସଦସ୍ୟ, ୨ ଥର ୟୁରୋପିଆନ୍ ଫୁଟ୍‌ବଲର ଅଫ୍ ଦ ଇୟର ପୁରସ୍କାର ବିଜେତା ଏବଂ ୧୯୭୨ ଓ ୧୯୭୬ରେ ବାଲନ୍ ଡି ଅର୍ ପୁରସ୍କାର ବିଜେତା। ଗତ ଜାନୁୟାରୀ ୭ ତାରିଖରେ ଏହି ମହାନ୍ ଫୁଟବଲ ଖେଳାଳିଙ୍କର ଦେହାନ୍ତ ହୋଇଥିଲା।

## ଖେଳ ଖବର

# ଗୋକୁଳମ୍‌କୁ ହରାଇଲା ମୁମ୍ବାଇ

**ଭୁବନେଶ୍ୱର, ୧୧।୧**
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୨-୧ ଗୋଲରେ ଗୋକୁଲମ୍ କେରଳକୁ ପରାସ୍ତ କରିଛି। ଫଳରେ ଗ୍ରୁପ୍ 'ସି'ରେ ମୁମ୍ବାଇ ଦଳ ୩ ପଏଣ୍ଟ ସହ ଅଭିଯାନ ଆରମ୍ଭ କରିଛି। ଇଣ୍ଡିଆନ ସୁପର ଲିଗ୍‌ର ଅନ୍ୟତମ ଶକ୍ତିଶାଳୀ ଦଳ ମୁମ୍ବାଇ ସିଟି ଏଫ୍‌ସିକୁ କଡ଼ା ଟକ୍କର ଦେଇଥିଲା ଆଇ-ଲିଗ୍‌ର ଗୋକୁଲମ୍। ଏହି ଦଳର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ୨୩ତମ ମିନିଟରେ ଆଲେଜାଣ୍ଡ୍ରୋ ସାଞ୍ଚେଜ ଲୋପେଜ ଏକ ଗୋଲ ଦେଇ ଗୋକୁଲମ୍‌କୁ

**କଳିଙ୍ଗ ସୁପର କପ୍**

ଅଗ୍ରଣୀ କରିଥିଲେ। ୩୬ତମ ମିନିଟରେ ଏହି ଦଳର ଅବଦୁଲ ହାକୁ ନେଦିୟୋଦାଥ ୟେଲୋ କାର୍ଡ ପାଇଥିବାବେଳେ ପ୍ରଥମାର୍ଦ୍ଧ ଶେଷ ବେଳକୁ ଗୋକୁଲମ୍ ୧-୦ରେ ଅଗ୍ରଣୀ ରହି ମୁମ୍ବାଇ ଉପରେ ଚାପ ସୃଷ୍ଟି କରିଥିଲା। ଦ୍ୱିତୀୟାର୍ଦ୍ଧର ୧୦ ମିନିଟ ପରେ ବିପଜ୍ଜନକ ଖେଳ ପାଇଁ ଗୋକୁଲମ୍‌ର ଶ୍ରୀକୁଟ୍ଟାନ ଭି.ଏସ. ୟେଲୋ କାର୍ଡ ପାଇଥିଲେ। ମ୍ୟାଚର ଶେଷ ପର୍ଯ୍ୟାୟରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ମୁମ୍ବାଇ। ୬୨ତମ ମିନିଟରେ ଗୁରକୀରଟ ସିଂଙ୍କ ସ୍ଥାନରେ ବଦଳ ଖେଳାଳିଭାବେ ଆସିଥିବା ଆୟୁଷ ଚିକାରା ୭୭ତମ ମିନିଟରେ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ଫାଉଲ ଯୋଗୁ ୮୯ତମ ମିନିଟରେ ଗୋକୁଲମ୍‌ର ତୃତୀୟ ଖେଳାଳିଭାବେ ୟେଲୋ କାର୍ଡ ପାଇଥିଲେ ଅଭିଲାଷ ପଲ୍। ମ୍ୟାଚ ଡ୍ର ଆଡ଼କୁ ଗତି କରୁଥିବାବେଳେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୭ ମିନିଟରେ ମୁମ୍ବାଇର ଆବଦେନାସେର ଇଲଖାୟାତି ଏକ ଗୋଲ ଦେଇ ଗୋକୁଲମ୍ ଆଶାରେ ପାଣି ଭରି ଦେଇଥିଲେ। ପୂରା ମ୍ୟାଚରେ ଉତ୍ତମ ପ୍ରଦର୍ଶନ ପାଇଁ ଆବଦେନାସେର ଇଲଖାୟାତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୁକ୍ରବାର ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବ। ଏହି ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଅନୁଷ୍ଠିତ ହେବ। ଅନ୍ୟ ଏକ ମ୍ୟାଚ ଏଫ୍‌ସି ଗୋଆ ଓ ଇଷ୍ଟର କାଶି ମଧ୍ୟରେ ଅନୁଷ୍ଠିତ ହେବ। ଅନ୍ୟ ପକ୍ଷରେ ପଞ୍ଜାବ ଏଫ୍‌ସି ଓ ଚେନାଇନ୍ ଏଫ୍‌ସି ମଧ୍ୟରେ ଖେଳା ଯାଇଥିବା ଦ୍ୱିତୀୟ ମ୍ୟାଚଟି ଡ୍ରରେ ଶେଷ ହୋଇଛି। ପଞ୍ଜାବ ପକ୍ଷରୁ ଜୋର୍ଡାନ ମ୍ୟାଚ୍‌ର ଚତୁର୍ଥ ମିନିଟରେ ଗୋଟିଏ ଗୋଲ ଦେଇଥିବା ବେଳେ ୮୨ ତମ ମିନିଟରେ ଚେନାଇନ୍ ପକ୍ଷରୁ ଜୋର୍ଡାନ ମୁରେ ଗୋଲଟି ପରିଶୋଧ କରିଥିଲେ।



ମୁମ୍ବାଇ ସିଟି ଏଫ୍‌ସି ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଅମନ ଶେରାୱତ୍‌ଙ୍କୁ ସ୍ୱର୍ଣ୍ଣ

**ଜାଗ୍ରେବ୍, ୧୧।୧ (ପି.ଟି.)**

**ଜାଗ୍ରେବ ଓପନ କୁସ୍ତି**

ବିଶ୍ୱର ୭ ନମ୍ବର ତଥା ଚାଇନାର ୱାନହାଓ ଜୋଉଙ୍କୁ ୧୦-୦ରେ ହରାଇ ଭାରତୀୟ କୁସ୍ତି ଯୋଦ୍ଧା ଅମନ ଶେରାୱତ ଏଠାରେ ଚାଲିଥିବା ଜାଗ୍ରେବ ଓପନ ର୍‍ୟାଙ୍କିଙ୍ଗ ସିରିଜ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶେରାୱତ ଟେକ୍‌ନିକାଲ ସୁପରିଅରିଟି ଭିତ୍ତିରେ ଏହି ମୁକାବିଲା ଜିତିଛନ୍ତି। ଭାରତୀୟ କୁସ୍ତି ପାଇଁ ଏହା ଏକ ଉଜ୍ଜ୍ୱଳ ମୁହୂର୍ତ୍ତ। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ନବନିର୍ବାଚିତ ମହାସଂଘ ବର୍ତ୍ତମାନ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସସ୍‌ପେଣ୍ଡ ହୋଇଛି। ଜୁନିୟର କୁସ୍ତିଯୋଦ୍ଧାମାନେ ଏବେ ବିକ୍ଷୋଭ ଚଳାଇଛନ୍ତି। ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ବାଚନ କରାଇ ପାରିଥିବାରୁ ଡବ୍ଲ୍ୟୁଏଫ୍‌ଆଇ ଗତବର୍ଷ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ଦ୍ୱାରା ସସ୍‌ପେଣ୍ଡ ହୋଇଛି। ଫଳରେ ଭାରତୀୟ କୁସ୍ତି ଯୋଦ୍ଧାମାନେ ବର୍ତ୍ତମାନ ୟୁଡବ୍ଲ୍ୟୁଡବ୍ଲ୍ୟୁ ପତାକା ଅଧୀନରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ୧୩ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଅମନ ଚାମ୍ପିୟନଶିପ୍‌ରେ ପ୍ରଥମେ ୧୫-୪ରେ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ତୁର୍କୀର ମୁହାମେତ କାରାଭସଙ୍କୁ ଟେକ୍‌ନିକାଲ ସୁପରିଅରିଟିରେ ପରାସ୍ତ କରିଥିଲେ। ୫୭ କେଜି ଶ୍ରେଣୀ ମୁକାବିଲାରେ ଭାଗ ନେଇଥିବା ଏହି ଚାମ୍ପିୟନ କୁସ୍ତିଯୋଦ୍ଧା ଗତବର୍ଷ ହାଙ୍ଗଝୋ ଏସିଆନ ଗେମ୍ସରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଏଠାରେ ସେ ତାଙ୍କ ପରବର୍ତ୍ତୀ ମୁକାବିଲାରେ ୧୯ତମ ର୍‍ୟାଙ୍କିଙ୍ଗ




ଅମନ ଶେରାୱତ

ଆମେରିକାର ରିଚାର୍ଡ୍ସ ଜେନ୍‌ରେ ରୋଡ୍ସଙ୍କୁ ୧୧-୦ ଟେକ୍‌ନିକାଲ ସୁପରିଅରିଟି ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଏହି ପର୍ଯ୍ୟାୟରେ ସେ ଅନ୍ୟ ଜଣେ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ କୁସ୍ତିଯୋଦ୍ଧା ଜର୍ଜିଆର ରବର୍ଟ ଡିଙ୍ଗାସଭିଲି (ବିଶ୍ୱର ୧୬ ନମ୍ବର)ଙ୍କ ବିପକ୍ଷ ଲଢ଼େଇକୁ ୧୧-୦ରେ ଜିତିନେଇଥିଲେ। ଅନ୍ୟପକ୍ଷରେ ଏସିଆନ ଗେମ୍ସ ରୌପ୍ୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଫ୍ରିଷ୍ଟାଇଲ କୁସ୍ତିଯୋଦ୍ଧା ଦୀପକ ପୁନିଆ ୮୬କେଜି ଶ୍ରେଣୀ ପଦକ ରାଉଣ୍ଡକୁ ଉନ୍ନୀତ ହୋଇପାରି ନ ଥିଲେ। ସେ ତାଙ୍କ ପ୍ରଥମ ବାଉଟ କାଜାଖସ୍ତାନର ଆଜାମତ ଦୌଲତବେକୋଭଙ୍କଠାରୁ ହାରିଯାଇଥିଲେ। ରିପିଚେଜ୍ ରାଉଣ୍ଡରେ ସେ ଗୋଟିଏ ବାଉଟ ଜିତିବାରେ ସମର୍ଥ ହୋଇଥିଲେ ଏବଂ ଅନ୍ୟଟିରେ ପରାଜିତ ହୋଇ ପଦକ ଦୌଡ଼ରୁ ବାଦ୍ ପଡ଼ିଥିଲେ।

# ଭକ୍ତ ଦେଖିବେ ମହାପ୍ରଭୁଙ୍କ ପ୍ରତୀକ ବେଶ



ମହାପ୍ରଭୁଙ୍କ ୧୨ ମାସରେ ତେର ଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଦୈନନ୍ଦିନ ତଥା ବର୍ଷର ବିଭିନ୍ନ ଦିବସରେ ଶ୍ରୀବିଗ୍ରହମାନେ ଅନେକ ବେଶରେ ଭୂଷିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ତେବେ ମହାପ୍ରଭୁଙ୍କ ସମସ୍ତ ବେଶକୁ ଦର୍ଶନ କରିବା ସମସ୍ତ ଭକ୍ତମାନଙ୍କ ନିମନ୍ତେ ସମ୍ଭବ ପର ହୋଇ ନ ଥାଏ। ତେଣୁ ଗୋଟିଏ ସ୍ଥାନରେ ମହାପ୍ରଭୁଙ୍କ ବିଭିନ୍ନ ବେଶର ପ୍ରତୀକାତ୍ମକ ବେଶର ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଭକ୍ତମାନେ ମହାପ୍ରଭୁଙ୍କ ପ୍ରାୟ ୨୫ପ୍ରକାରର ବେଶ ଦର୍ଶନ କରିପାରିବେ। ଏଥିରେ ମହାପ୍ରଭୁଙ୍କ ଅବକାଶ ବେଶଠାରୁ ଆରମ୍ଭ କରି ଦୁର୍ଲଭ ରଘୁନାଥ ବେଶ ରହିବ। ମହାପ୍ରଭୁଙ୍କ ଉକ୍ତ ବେଶଗୁଡ଼ିକ ଗଙ୍ଗାମଠ ପରିସରରେ କାରିଗର ବସନ୍ତ ରଣାଙ୍କ ନେତୃତ୍ୱରେ ବେଶ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଶ୍ରୀବିଗ୍ରହମାନଙ୍କ ଛୋଟ ଛୋଟ ମୂର୍ତ୍ତି ନିର୍ମାଣ କରାଯାଇଛି। ଶ୍ରୀବିଗ୍ରହମାନଙ୍କ ଉଚ୍ଚତା ୩ ଫୁଟ ରଖାଯାଇଛି। ବୈଶାଖ ମାସଠାରୁ ଆରମ୍ଭ କରି ଚୈତ୍ରମାସ ପର୍ଯ୍ୟନ୍ତ ଶ୍ରୀବିଗ୍ରହଙ୍କ ବର୍ଷଯାକର ସମସ୍ତ ବେଶ ପ୍ରଦର୍ଶନ କରାଯିବ। ବେଶ ପ୍ରସ୍ତୁତ ପାଇଁ ପ୍ରାୟ ୨ମାସ ତଳୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ବେଶ ପ୍ରସ୍ତୁତିରେ ୨୫ରୁ ଊର୍ଦ୍ଧ୍ୱ କାରିଗରଙ୍କ ସହ ପରିବାର ଲୋକ ମଧ୍ୟ ସାମିଲ ରହିଛନ୍ତି। ବେଶଗୁଡିକ ସୋଲ, ଜରି, ଜାମୁରା, ମାଳି, ଅଠା, ପ୍ଲାଇ ଓ ବିଭିନ୍ନ ପ୍ରକାର ଲେସ୍ ଆଦିର ବ୍ୟବହାର କରାଯାଇ ନିର୍ମାଣ କରାଯାଇଛି। ବେଶ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ଦ୍ଧାରିତ ସମୟରେ ବେଶ ଶେଷ ହେବ। ଭକ୍ତମାନେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ସାମିଲ ହେବା ସହ ମହାପ୍ରଭୁଙ୍କ ଏହି ବେଶ ଦର୍ଶନ କରିପାରିବେ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଉତ୍ସବମୁଖର ହୋଇଉଠୁଛି ସାରା ରାଜ୍ୟ। ରାଜ୍ୟବାସୀଙ୍କୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଜୟଜଗନ୍ନାଥ ଅର୍ପଣ ରଥ ବୁଲୁଛି। ଏହି କ୍ରମରେ ଗୁରୁବାର ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଉଛି। ରଥ ବୁଲିବା ସମୟରେ ଲୋକମାନେ ଚାଉଳ ଓ ଗୁଆ ଦାନ କରି ପୂଜାର୍ଚ୍ଚନା କରୁଛନ୍ତି।



# ଗରିବ ତୀର୍ଥଯାତ୍ରୀଙ୍କ ପାଇଁ ଧର୍ମଶାଳା

ବଡ଼ଦାଣ୍ଡରେ ଶୀତ କାକରରେ ଖୋଲା ଆକାଶ ତଳେ କେହି ରାତି କାଟିବେ ନାହିଁ। ଏପରି କି ହୋଟେଲ ଓ ଲଜ୍‌ରେ ରହଣି ପାଇଁ ଚଢ଼ା ଦରର ଶିକାର ହେବାକୁ ପଡ଼ିବ ନାହିଁ। ଗରିବ ଭକ୍ତଙ୍କ ରହଣି ପାଇଁ ଶ୍ରୀକ୍ଷେତ୍ରରେ ଉପଲବ୍ଧ ହେବ ଶସ୍ତାରେ ଧର୍ମଶାଳା। ରାଜ୍ୟ ସରକାର ଗରିବ ତୀର୍ଥଯାତ୍ରୀଙ୍କୁ ଆତିଥେୟତା ଦେବା ପାଇଁ ନିର୍ମାଣ କରୁଛନ୍ତି ଶସ୍ତା ଧର୍ମଶାଳା। ମାତ୍ର ୨ଶହରୁ ୪ଶହ ଟଙ୍କା ଦେଇ ଭକ୍ତମାନେ ଶ୍ରୀକ୍ଷେତ୍ରରେ ଛାତ ତଳେ ରାତି ବିତାଇପାରିବେ। ବାସେଳି ସାହି ଥାନା ପଛପାର୍ଶ୍ୱରେ ୧୦ ଏକର ଜମିରେ ନିର୍ମିତ ହେଉଛି ଧର୍ମଶାଳା। ଏହା ମଧ୍ୟରେ ପ୍ରାୟ ୩ ହଜାର ତୀର୍ଥଯାତ୍ରୀ ତଥା ଭକ୍ତ ଏକକାଳୀନ ରହିବାର ସୁବିଧା ପାଇପାରିବେ। ଭକ୍ତଙ୍କୁ ଖାଦ୍ୟ ଯୋଗାଇଦେବା ପାଇଁ କ୍ୟାଣ୍ଟିନ୍‌ର ମଧ୍ୟ ବ୍ୟବସ୍ଥା ରହିବା ନେଇ ପରିକଳ୍ପନା କରାଯାଇଛି। ୧୩୫.୬ କୋଟି ଟଙ୍କାରେ ନିର୍ମିତ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୪ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବିଶେଷକରି ଗରିବ ଓ ବରିଷ୍ଠ ନାଗରିକମାନେ ଯେପରି ପୁରୀରେ ରହିବାକୁ ଅର୍ଥର ବୋଝ ନ ମୁଣ୍ଡାନ୍ତି, ସେଥିପାଇଁ ସରକାର ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ପରିକଳ୍ପନା କରିଛନ୍ତି।

# ବଦଳିଲା ଜାଗା ଆଖଡ଼ାର ରୂପ


ଜାଗା ଆଖଡ଼ା

ଶ୍ରୀମନ୍ଦିର ସଂସ୍କୃତି ଓ ପରମ୍ପରା ସହ ଓତଃପ୍ରୋତ ଭାବେ ଶ୍ରୀକ୍ଷେତ୍ରରେ ଥିବା ଜାଗା ଆଖଡ଼ା ଜଡ଼ିତ ରହିଛି। ତେବେ ଆର୍ଥିକ ସମସ୍ୟା ପାଇଁ ଏହି ଜାଗା ଆଖଡ଼ାଗୁଡ଼ିକ ଅବହେଳିତ ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ଅନେକ ଦିନ ହେବ ପଡ଼ି ରହିଥିଲା। ଶ୍ରୀକ୍ଷେତ୍ରବାସୀଙ୍କ ବହୁ ଦାବି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଜାଗା ଆଖଡ଼ାଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ହୋଇଛି। ମୁକ୍ତା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ସହରରେ ଥିବା ୪୧ଟି ଜାଗା ଆଖଡ଼ା ଘରର ପୁନରୁଦ୍ଧାର ପାଇଁ କାର୍ଯ୍ୟ ହୋଇଛି। ଜାଗା ଆଖଡ଼ା ଘରର ଉନ୍ନତୀକରଣ ସହ ସୁନ୍ଦର ଉଦ୍ୟାନ, ଚିଲ୍ଡ୍ରେନ୍ ପାର୍କ, ପୋଖରୀ ପୁନରୁଦ୍ଧାର ଓ ପାର୍କିଂ ବ୍ୟବସ୍ଥା ଆଦି କାର୍ଯ୍ୟ ବିଭିନ୍ନ ଜାଗା ଆଖଡ଼ାରେ ନିର୍ମାଣ କରାଯାଇଛି। ସେବାୟତ ପରିବାର ଯୁବକମାନେ ଏହି ଜାଗା ଆଖଡ଼ାରେ ବିଭିନ୍ନ ପ୍ରକାର ବ୍ୟାୟାମ, କସରତ ଓ ଶରୀରର ଚର୍ଚ୍ଚା କରିବା ସହ ବିଭିନ୍ନ ପାରମ୍ପରିକ ଯୁଦ୍ଧ କଳାକୌଶଳ ଶିକ୍ଷା ମଧ୍ୟ ଗ୍ରହଣ କରିଥାନ୍ତି । ରାଜାରାଜୁଡ଼ା ସମୟରେ ଏହି ଜାଗା ଆଖଡ଼ା ଘରର ଅନେକ ଗୌରବ ଗାଥା ଥିବାବେଳେ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ସମସ୍ୟାକୁ ନେଇ ଏହି ଜାଗା ଆଖଡ଼ା ସଂସ୍କୃତି ବିଲୀନ ହେବାକୁ ବସିଥିଲା। ତେବେ ପୁରୀର ଜାଗା ଆଖଡ଼ା ଭଳି ସମୃଦ୍ଧ ପରମ୍ପରାକୁ ପୁନରୁଦ୍ଧାର ସହ ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଦେଇଥିଲେ। ଉନ୍ନତୀକରଣ କାର୍ଯ୍ୟ ଜାରି ରହିଥିବାରୁ ପୁରୀବାସୀ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ସଫେଇ ହେଉଛି ପ୍ରକଳ୍ପ ଓ ଚତୁଃପାର୍ଶ୍ୱ



ପରିକ୍ରମା ପ୍ରକଳ୍ପର ଲୋକାପର୍ଣ ଉତ୍ସବ ଯେତିକି ପାଖେଇ ଆସୁଛି ସେହି ଅନୁଯାୟୀ ପ୍ରଶାସନ ତତ୍ପର ହୋଇଉଠୁଛି। ଅପରପକ୍ଷରେ ଉତ୍ସବକୁ ନେଇ ଭକ୍ତ ମହଲରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଆସନ୍ତା ୧୭ ତାରିଖରେ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ୧୨ତାରିଖରୁ ଯଜ୍ଞର ଆଦ୍ୟ ପର୍ବ ଆରମ୍ଭ ହେବ। ତେଣୁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଧାରିତ ସମୟ ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟକୁ କାରିଗରମାନେ ଶେଷ କରିଛନ୍ତି। କାର୍ଯ୍ୟ ଶେଷ ହେବାପରେ ଶ୍ରୀମନ୍ଦିର ଚାରିପାଖ ପରିକ୍ରମା ପ୍ରକଳ୍ପର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଅଗ୍ନିଶମ କର୍ମଚାରୀମାନେ ପାଣି ସାହାଯ୍ୟରେ ପ୍ରକଳ୍ପ ପରିସରକୁ ସଫା କରିଛନ୍ତି। ସଫା କାର୍ଯ୍ୟ ଶେଷହେବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବେ।

# ମେଘନାଦ ପାଚେରି ସୌନ୍ଦର୍ଯ୍ୟ ବଢ଼ିଲା



ଶ୍ରୀମନ୍ଦିର ପରିସରରେ ଅନେକ ବୈଶିଷ୍ଟ୍ୟ ବିମଣ୍ଡିତ ତଥ୍ୟ ରହିଛି। ସେଥିମଧ୍ୟରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଅବସ୍ଥିତ ମେଘନାଦ ପାଚେରି ଅନ୍ୟତମ। ଏହା ଶ୍ରୀମନ୍ଦିରର ଅଭେଦ୍ୟ ସୁରକ୍ଷା ବଳୟ ରୂପେ କାର୍ଯ୍ୟ କରିଥାଏ। ଶ୍ରୀମନ୍ଦିର ସଂସ୍କୃତି ସହ ଏହାର ସମ୍ପର୍କ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ବିଶ୍ୱାସ ରହିଛି ଯେ ମହୋଦଧି ନିକଟବର୍ତ୍ତୀ ହୋଇଥିବା ସତ୍ତ୍ୱେ ମେଘନାଦକୁ ସମୁଦ୍ରର ଗର୍ଜନ ଶୁଭେନାହିଁ। ମେଘନାଦ ପାଚେରୀ ହେଉଛି ଶ୍ରୀମନ୍ଦିରର ବାହାର ବେଢା ପାଚେରି। ଶାଣ ପଥରରେ ନିର୍ମିତ ଏହି ପାଚେରିରେ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପାଇଁ ଚାରୋଟି ଦ୍ୱାର ରହିଛି। ଏହି ଚାରି ଦ୍ୱାରକୁ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗର ଅବସ୍ଥିତି ଅନୁଯାୟୀ ଯଥାକ୍ରମେ – ସିଂହ ଦ୍ୱାର, ବ୍ୟାଘ୍ର ଦ୍ୱାର, ହସ୍ତୀ ଦ୍ୱାର ଓ ଅଶ୍ୱ ଦ୍ୱାର ନାମରେ ନାମିତ କରାଯାଇଛି।

ମାଦଳା ପାଞ୍ଜି ଅନୁଯାୟୀ ଏହି ପାଚେରି ୧୪୪୮ ଖ୍ରୀଷ୍ଟାବ୍ଦରେ ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ନିର୍ମିତ ହୋଇଥିଲା। ବର୍ଷ ବର୍ଷ ଧରି ମେଘନାଦ ପାଚେରି ପାର୍ଶ୍ୱରେ ଅଣଓସାରିଆ ରାସ୍ତା ଗଢ଼ି ଉଠିଥିଲା ଓ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକ ସେମାନଙ୍କ କାର୍ଯ୍ୟକଳାପ ଜାରି ରଖିଥିଲେ। ଲୋକଗହଳି ଓ ଅବାଧ ଯାତାୟାତ କାରଣରୁ ଏହି ପାଚେରି ଦୃଷ୍ଟିଗୋଚର ହୋଇପାରୁ ନ ଥିଲା। ବ୍ୟବସାୟିକ ଅନୁଷ୍ଠାନର ବର୍ଜ୍ୟବସ୍ତୁ ଓ ଜଳ ଏଠାରେ ଜମି ରହିବା ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲା। ଫଳରେ ମେଘନାଦ ପାଚେରି ତାର ଆକର୍ଷଣ ହରାଇବା ସହ ଶ୍ରୀମନ୍ଦିରର ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲା। ଏହିସବୁ ସମସ୍ୟାକୁ ହୃଦବୋଧ କରି ପ୍ରାୟ ୫୦୦ ବର୍ଷ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ଅନୁଯାୟୀ ପ୍ରଥମଥର ପାଇଁ ଶ୍ରୀମନ୍ଦିର ଇତିହାସରେ ଏପରି ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାଧ୍ୟମରେ ମେଘନାଦ ପାଚେରୀର ହୃତଗୌରବ ଫେରିପାଇଛି। ମେଘନାଦ ପାଚେରୀକୁ ସଂଲଗ୍ନ ଥିବା ଅନେକାନେକ ନିର୍ମାଣ ଢାଞ୍ଚାକୁ ସ୍ଥାନାନ୍ତରିତ କରାଯାଇଛି। ପରିକ୍ରମା ମାର୍ଗ ନିର୍ମାଣ ହେତୁ ଭକ୍ତମାନେ ଏବେ ସମ୍ପୂର୍ଣ୍ଣ ମେଘନାଦ ପାଚେରିର ଚତୁଃପାର୍ଶ୍ୱ ନିର୍ବିଘ୍ନରେ ପ୍ରଦକ୍ଷିଣ କରିପାରିବେ। ପରିକ୍ରମା ବଳୟରେ ମୋଟ ତିନୋଟି ଚଲାପଥ ଏବଂ ପାଚେରି ରହିଛି। ପରିକ୍ରମା ପଥରେ ଥରେ ବୁଲି ଆସିଲେ ଜଗନ୍ନାଥପ୍ରେମୀ ସମ୍ପୂର୍ଣ୍ଣ ମେଘନାଦ ପାଚେରି ସହ ଶ୍ରୀମନ୍ଦିରର ଆଧ୍ୟାତ୍ମିକ ସଂପୂର୍ଣ୍ଣତାର ଅନୁଭବ ପାଇ ପାରିବେ। ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ ଏହି ପରିକ୍ରମା ପ୍ରକଳ୍ପ ଦ୍ୱାରା ମେଘନାଦ ପାଚେରିର ଆଧ୍ୟାତ୍ମିକ ପରିଚୟ ଓ ଐତିହ୍ୟ ସଂରକ୍ଷିତ ଓ ବିକଶିତ ହୋଇପାରିଛି। ଏ ହ । ର ସୁରକ୍ଷା ଓ ସୌନ୍ଦର୍ଯ୍ୟ ମଧ୍ୟ ପୁନଃସ୍ଥାପିତ ହୋଇଛି।

# ମୁକ୍ତାକାଶ ମଞ୍ଚରୁ ପତିତପାବନ ବାନା



ଶ୍ରୀଜଗନ୍ନାଥ ମନ୍ଦିର ଚୂଡ଼ାର ଦଧିନଉତି ଉପରେ ସ୍ଥାପିତ ଅଷ୍ଟଧାତୁରେ ନିର୍ମିତ ନୀଳଚକ୍ର କେବଳ ଏକ ଭାସ୍କର୍ଯ୍ୟ ନୁହେଁ ବରଂ ଗର୍ଭଗୃହରେ ବିରାଜିତ ଶ୍ରୀଜଗନ୍ନାଥଙ୍କ ପ୍ରିୟ ପତିତପାବନ ନେତକୁ ଧାରଣ କରିଥିବା ଗୌରବମୟ ପ୍ରତୀକ। ଶ୍ରୀମନ୍ଦିର ଶିଖରରେ ବିଦ୍ୟମାନ ଏହି ନୀଳଚକ୍ର ୧୭୧୩ ମସିହାରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ରାଜତ୍ୱ କାଳରେ ସ୍ଥାପିତ ହୋଇଥିଲା। ପ୍ରାତଃକାଳରେ ଶ୍ୱେତ ଦିଶୁଥିବା ଏହି ନୀଳଚକ୍ର ଦିନ ବିତିବା ସଙ୍ଗେସଙ୍ଗେ କ୍ରମବର୍ଦ୍ଧମାନ ସୂର୍ଯ୍ୟତାପ ସହ ତାଳ ଦେଇ ନୀଳରୁ ନୀଳତର ହୋଇଥାଏ। ନୀଳଚକ୍ର ହେଉଛି ଚକ୍ରାୟୁଧ ସୁଦର୍ଶନଙ୍କ ପ୍ରତୀକ। ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ଯେତିକି ପ୍ରିୟ, ନୀଳଚକ୍ର ଓ ପତିତପାବନ ନେତ ମଧ୍ୟ ଅନୁରୂପ ଭାବରେ ପବିତ୍ର। ଶ୍ରୀମନ୍ଦିର ନୀତି ସହ ନୀଳଚକ୍ର ଓ ପତିତପାବନ ନେତର ସମ୍ପର୍କ ଅଭିନ୍ନ। ନୀଳଚକ୍ରରେ ନେତ ନ ଥିଲେ ଶ୍ରୀଜୀଉମାନଙ୍କ ନୀତି ସମ୍ପନ୍ନ ହୋଇପାରେ ନାହିଁ। ପ୍ରତ୍ୟହ ପତିତପାବନ ନେତକୁ ପରିବର୍ତ୍ତନ କରାଯାଏ ଓ ସେତେବେଳେ ଭକ୍ତ ସେହି ଅପୂର୍ବ ଦୃଶ୍ୟ ଦେଖି ନିଜକୁ ଭାଗ୍ୟବାନ ମନେକରିଥାଏ। ପୂର୍ବରୁ ମନ୍ଦିରର ଅନ୍ତର୍ବଳୟ ମଧ୍ୟରେ ରହି କମ୍ ସଂଖ୍ୟକ ଭକ୍ତ, ପୁଣି ବହୁ କଷ୍ଟରେ ନେତ ପରିବର୍ତ୍ତନ ନୀତିକୁ ଦେଖି ପାରୁଥିଲେ। ଏବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବହୁ ସଂଖ୍ୟକ ଭକ୍ତ ଏହି ଦିବ୍ୟ ଦୃଶ୍ୟର ପ୍ରତ୍ୟକ୍ଷ ଦର୍ଶନ କରିପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭକ୍ତଙ୍କ ସୁବିଧା ନିମନ୍ତେ ପରିକ୍ରମା ପ୍ରକଳ୍ପ ମଧ୍ୟରେ ଏକ ମୁକ୍ତାକାଶ ମଞ୍ଚ ନିର୍ମାଣ କରାଯାଇଛି। ଏଠାରେ ବସି ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ପତିତପାବନ ନେତ ପରିବର୍ତ୍ତନ ଓ ମହାଦୀପ ଉଠାଣ ଭଳି ଗୁରୁତ୍ୱପୂର୍ଣ୍ଣ ନୀତି ଗୁଡିକ ପ୍ରତ୍ୟକ୍ଷ କରିପାରିବେ।


ବାଲେଶ୍ୱର


କଟକ


ଘସିପୁରା


ଖୋର୍ଦ୍ଧା-ଟାଙ୍ଗୀ

# ଗୁଆ, ଅରୁଆ ଚାଉଳ ସଂଗ୍ରହ

ଆସନ୍ତା ଜାନୁଆରୀ ୧୭ ତାରିଖରେ ଲୋକାର୍ପିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏହି କ୍ରମରେ ଗୁରୁବାର ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆମ୍ବପାଳସ, କଙ୍କଡାସୋଡା, ବସୁଲେଇ, କନ୍ତୁର, ମୁଣ୍ଡେଇଲୋ, ମୁକ୍ତାପଶି, କଙ୍କିଳୀ, ସାଆନ୍ଦା, ପଥରଖମ୍ବ, କନ୍ଦରସିଂହା, ଆଖୁଆପାଳ, ବାରିହାପୁର ପଞ୍ଚାୟତରେ ପରିକ୍ରମା ରଥ ବୁଲି ଅରୁଆ ଚାଉଳ, ଗୁଆ ସଂଗ୍ରହ କରିଛି। ଏହି ପରିକ୍ରମା କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ଅଞ୍ଚଳବାସୀଙ୍କ ସମେତ ଶତାଧିକ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।





# ଗାଁ ବଇଣ୍ଠାରେ ପରିକ୍ରମା ରଥ ଶୁଭାରମ୍ଭ

କିଶୋରନଗର ବ୍ଲକ ଗାଁ ବଇଣ୍ଠା ପଞ୍ଚାୟତରେ ଶ୍ରୀ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ ଯୋଗଦେଇ ରଥର ଶୁଭାରମ୍ଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ, ସରପଞ୍ଚ ସସ୍ମିତା ସାହୁ, ବିଜେଡି ନେତ୍ରୀ ଅହଲ୍ୟା ସେଠୀ ଉପସ୍ଥିତ ଥିଲେ। ସ୍ଥାନୀୟ ମନ୍ଦିରଠାରୁ ରଥକୁ ପୂଜାର୍ଚ୍ଚନା କରାଯାଇ ଗାଁ ବଇଣ୍ଠା, କରଡାବଣି, ଧୁଣ୍ଡୀ, ଦାଦରସାହି ଆଦି ଅଞ୍ଚଳ ପରିକ୍ରମା କରାଯାଇଥିଲା। ଏହାକୁ ନେଇ ନାମ ସଙ୍କୀର୍ତ୍ତନ ମଣ୍ଡଳୀ, ଯୁବକ, ଛାତ୍ର, ମହିଳା, ବରିଷ୍ଠ ନାଗରିକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଶଙ୍ଖ, ଘଣ୍ଟ, ମୃଦଙ୍ଗ ସହିତ ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା।


ଦେବଗଡ଼


ସୁନ୍ଦରଗଡ

# ଶ୍ରୀକ୍ଷେତ୍ର ଅନୁଭୂତି

## କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ଆହୁରି ଭଲ ଲାଗିବ



"ପରିବାର ସହ ପୁରୀ ଆସିଥିଲି। ମହାପ୍ରଭୁଙ୍କୁ ଦର୍ଶନ କରି ବେଶ୍ ଖୁସି ଓ ଆନନ୍ଦ ଲାଗିଲା। ପ୍ରଶାସନ ପକ୍ଷରୁ କରାଯାଇଥିବା ଦର୍ଶନ ବ୍ୟବସ୍ଥା ବହୁତ ଭଲ ରହିଛି। ବୟସ୍କ ଲୋକଙ୍କ ପାଇଁ ମଧ ଯେଉଁ ବ୍ୟବସ୍ଥା କରାଯାଇଛି, ତାହା ସ୍ୱାଗତଯୋଗ୍ୟ ପଦକ୍ଷପ। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଭକ୍ତମାନଙ୍କୁ ଆହୁରି ଭଲ ସୁବିଧା ମିଳିବ। ଭିତରେ ମଧ ମହାପ୍ରସାଦ ସେବନ ପାଇଁ ଉତ୍ତମ ବ୍ୟବସ୍ଥା କରାଯାଇଛି। ବ୍ୟାରିକେଡ ମଧରେ ବସିବା ପାଇଁ ଯେଉଁ ବ୍ୟବସ୍ଥା ରହିଛି, ତା'ଦ୍ୱାରା ବୟସ୍କ ଓ ଛୋଟ ପିଲାମାନେ ବହୁମାତ୍ରାରେ ଉପକୃତ ହେବେ।

- ଅଚ୍ୟୁତାନନ୍ଦ ଦାଶ, ଭୁବନେଶ୍ୱର।

## ପ୍ରତି ମାସରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଇଚ୍ଛା



"ପୂର୍ବରୁ ଅନେକ ଥର ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଛି, ମାତ୍ର ଚଳିତ ଥର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିବା ଏକ ନିଆରା ଅନୁଭୂତି ଆଣିଲା। ବ୍ୟାରିକେଡ୍‌ରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଗଲି। ବ୍ୟାରିକେଡ ଭିତରେ ଏସି ରହିଛି, ଫ୍ୟାନ ରହିଛି। ଗୋଡ଼ କ'ଣ ହେଲେ ବସିବା ପାଇଁ ବ୍ୟବସ୍ଥା କରାଯାଇଛି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଯେଉଁଭଳି ଦର୍ଶନ ବ୍ୟବସ୍ଥା କରାଯାଇଛି ପ୍ରତି ମାସରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଇଚ୍ଛା ହେଉଛି। ଆଗକୁ ମଧ୍ୟ ଆହୁରି ଭଲ ବ୍ୟବସ୍ଥା ହେବ ବୋଲି ଆଶା। ମହାପ୍ରଭୁଙ୍କ ଇଚ୍ଛାରେ ସମସ୍ତ କାର୍ଯ୍ୟ ହେଉଛି।

- ମୀନତି ଦାଶ, ଭୁବନେଶ୍ୱର ।

## ମହାପ୍ରଭୁଙ୍କ କାର୍ଯ୍ୟ କରି ବହୁତ ଭଲ ଲାଗୁଛି



"ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାପର୍ଣ ଉତ୍ସବ ପାଇଁ ନିର୍ମାଣ କରାଯାଇଥିବା ଯଜ୍ଞ ବେଦୀ ଆଦି ଚିତ୍ର କରିବାର ସୁଯୋଗ ପାଇଛି। ଏହାଛଡା ରଥ ଚକ, ପ୍ରଭା ଆଦିର ରଙ୍ଗ କରିବାର ଦାୟିତ୍ୱ ଦିଆଯାଇଛି। ଯଜ୍ଞବେଦୀ ନିକଟରେ ଝୋଟି କାର୍ଯ୍ୟ କରାଯାଉଛି। ମହାପ୍ରଭୁଙ୍କ କାର୍ଯ୍ୟ କରି ବହୁତ ଭଲ ଲାଗୁଛି। ଯଜ୍ଞବେଦୀ ସହ ଶ୍ରୀମନ୍ଦିର ଚାରିଦ୍ୱାର ନିକଟରେ ହେଉଥିବା ବେଦ ପାରାୟଣ ମଣ୍ଡପକୁ ମଧ ଚିତ୍ର କରାଯିବ। ଏହାଛଡ଼ା ଶ୍ରୀମନ୍ଦିର ଚାରିଦ୍ୱାର ସମ୍ମୁଖରେ ଫୁଲ ଚିତ୍ର ଅଙ୍କନ କରାଯିବ। ବହୁ ଆଗ୍ରହର ସହ କାର୍ଯ୍ୟ କରାଯାଉଛି। ମହାପ୍ରଭୁଙ୍କ କାର୍ଯ୍ୟ ଠିକ୍ ସମୟରେ ସରିବ ବୋଲି ଆଶା ରହିଛି।

- ଦେବଦତ୍ତ ମହାରାଣା, ଚିତ୍ରକର ସେବାୟତ

## ଅନନ୍ୟ, ଆଧାତ୍ମିକ ଚେତନାର ପ୍ରତିଫଳନ



"ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଏକ ଅନନ୍ୟ ଓ ଆଧାତ୍ମିକ ଚେତନାର ପ୍ରତିଫଳନ। ଏହା ସମଗ୍ର ବିଶ୍ୱବାସୀଙ୍କୁ ଭକ୍ତି ଓ ଭାବରେ ଉଦ୍‌ଭାସିତ କରି ଜଗନ୍ନାଥ ଧାମ ତଥା ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ସୁନ୍ଦର ଉପବନ ମଧରେ ଭକ୍ତମାନେ ଭକ୍ତି ଭାବରେ ନିମଗ୍ନ ରହି ପ୍ରଭୁଙ୍କୁ ଦର୍ଶନ କରି କୃତ୍ୟକୃତ୍ୟ ହେବେ । ଜନସାଧାରଣ ଖୁସିରେ ଯାତାୟାତ କରି ପାରିବେ । ପୁରୀ ଏକ ଆଧାତ୍ମିକ କ୍ଷେତ୍ର ସହ ପର୍ଯ୍ୟଟନ କ୍ଷେତ୍ରର ସ୍ୱତନ୍ତ୍ର ମାନ୍ୟତା ଲାଭ କରିବ।

- ବଳରାମ ଦାଶ, ସଂସ୍କୃତି ଗବେଷକ।

## ବିକାଶ ଜନମାନସକୁ ଆକୃଷ୍ଟ କରିଛି



"ସାମ୍ପ୍ରତିକ ସ୍ଥିତିରେ ପୁରୀରେ ଏକ ବୃହତ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ମାର୍ଗ ସହିତ ପୁରୀସହରର ସାମଗ୍ରିକ ବିକାଶ, ସୌନ୍ଦର୍ଯ୍ୟକରଣ, ଯାତ୍ରୀ ସୁରକ୍ଷା ଓ ପରିଚର୍ଯ୍ୟା, ଗମନାଗମନର ପରିପୁଷ୍ଟତା ଏବେ ଜନମାନସକୁ ଆକୃଷ୍ଟ କରିଛି। ଶ୍ରୀସେତୁ, ଶ୍ରୀଦାଣ୍ଡ ସହିତ ଶୀତତାପ ନିୟନ୍ତ୍ରଣ ଟନେଲ ବ୍ୟବସ୍ଥା ପାଇଁ ପୁରୀକୁ ଆସୁଥିବା ଯାତ୍ରୀ ବେଶ୍ ଖୁସି ଅଛନ୍ତି। କୁମ୍ଭକାର ନିଯୋଗ ପକ୍ଷରୁ ଜଣେ କୁମ୍ଭକାର ସେବକ ଭାବେ ସରକାରଙ୍କ ଏଭଳି କାର୍ଯ୍ୟକୁ ମୁଁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ପୁରୀବାସୀ ସ୍ୱପ୍ନରେ ଯାହା ଭାବି ନ ଥିଲେ, ରାଜ୍ୟ ସରକାର ତାହାକୁ ବାସ୍ତବରେ କରି ଦେଖାଇଲେ।

- ମହେନ୍ଦ୍ର ବିଶୋଇ, ସମ୍ପାଦକ କୁମ୍ଭକାର ନିଯୋଗ, ପୁରୀ



ଆ । ସ ନ୍ତା । ୧୭ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଭକ୍ତଙ୍କ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପକୁ ଲୋକାର୍ପଣ କରିବେ। ତେବେ ଉଦ୍‌ଘାଟନ ଉତ୍ସବକୁ ଆଉ ଦିନ କେଇଟା ଥିବାବେଳେ ପୁରୀରେ ଆସ୍ତେ ଆସ୍ତେ ଭକ୍ତମାନଙ୍କ ଗହଳି ପରିଲକ୍ଷିତ ହେବାକୁ ଲାଗିଲାଣି। ଅପରପକ୍ଷରେ ସମସ୍ତ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ବର୍ତ୍ତମାନ ପୁରୀର ବିଭିନ୍ନ ସ୍ଥାନରେ ପରିକ୍ରମା ପ୍ରକଳ୍ପର ବଡ଼ ବଡ଼ ହୋର୍ଡିଂ ଦେଖିବାକୁ ମିଳିଲାଣି। ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂ ପରିସରରେ ନିର୍ମିତ ହୋଇଥିବା ଶ୍ରୀଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର କାର୍ଯ୍ୟ ଶେଷ ହୋଇଥିବାବେଳେ ଉଦ୍‌ଘାଟନ ଅପେକ୍ଷାରେ ରହିଛି। ତେବେ ଉଦ୍‌ଘାଟନ ପୂର୍ବରୁ ସେଣ୍ଟର ଚାରି ପାର୍ଶ୍ୱରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଗାଥା ହୋର୍ଡିଂ ମାଧ୍ୟମରେ ଦେଖିବାକୁ ମିଳୁଛି, ଯାହା ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରୁଥିବା ଭଳି ପ୍ରତୀୟମାନ ହେଉଛି।

# ହୋର୍ଡିଂରେ ପରିକ୍ରମା ପ୍ରକଳ୍ପର ଗାଥା


ଓଡ଼ିଶା ସରକାର
ମିଶନ ଶକ୍ତି
ଆମ ଓଡ଼ିଶା ନବୀନ ଓଡ଼ିଶା
DSPL-535
କୃଷି ଓଡ଼ିଶା
କୃଷି ପ୍ରଗତିରେ ମହିଳା
କୃଷି ପ୍ରଗତିରେ ମହିଳା
ଆଧୁନିକ କୃଷି ସାମଗ୍ରୀ ଏବଂ
ସର୍ବୋତ୍ତମ କୃଷି ପ୍ରଯୁକ୍ତିର
ବିଶାଳ ପ୍ରଦର୍ଶନୀ
୧୨-୧୪ ଜାନୁଆରୀ ୨୦୨୪
ଜନତା ମଇଦାନ
ଭୁବନେଶ୍ୱର
#KrushiOdisha
ଶୁଭ ଉଦ୍‌ଘାଟନ
ଶ୍ରୀ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
୧୨.୦୧.୨୦୨୪, ଅପରାହ୍ଣ ୪:୩୦
ଆଭିମୁଖ୍ୟ
ସମସ୍ତ ଭାଗିଦାରଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ମଞ୍ଚ
କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅନ୍‌ଲାଇନ୍ ବୁକିଂ ଏବଂ ଋଣ ସୁଯୋଗ
କୃଷି ଶିକ୍ଷା ଶିବିର, କୃଷକ ସେବା ଓ ସୁଗମ କେନ୍ଦ୍ର
କୃଷକ ଉତ୍ପାଦକ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷି ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା
କାର୍ଯ୍ୟାବଳୀ
କୃଷକ ଶିକ୍ଷାକେନ୍ଦ୍ର
କୁଇଜ୍ ଏବଂ ଡିବେଟ୍
ସାଂସ୍କୃତିକ କାର୍ଯ୍ୟକ୍ରମ
କୃଷି ଯନ୍ତ୍ରପାତି ପ୍ରଦର୍ଶନ
କୃଷକ କଳା ପରିବେଷଣ
ପୋଷ୍ଟକାର୍ଡ ଆଦାନପ୍ରଦାନ
ଏହି ବିଶାଳ ସମାବେଶରେ ବହୁ ସଂଖ୍ୟାରେ ଯୋଗଦାନ କରି
କୃଷି ଓଡ଼ିଶା ୨୦୨୪କୁ ସଫଳ କରନ୍ତୁ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା
Follow Us: /krushibibhag /krushibibhag /agriculture.odisha
OIPR-01034/13/0004/2324

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୨/୨୦୨୪ | Bhubaneswar, Friday, January 12/2024 | ପୃଷ୍ଠା-୧




**ଗ୍ରୀଜ୍‌ମାନ ଟପ୍ ସ୍କୋରର**

ଆଣ୍ଟୋନୀ ଗ୍ରୀଜ୍‌ମାନ ମୋଟ ୧୭୪ ଗୋଲ୍ ସହ ଆଟଲେଟିକୋ ମାଡ୍ରିଡ୍‌ର ସର୍ବକାଳୀନ ଟପ୍ ଗୋଲ୍ ସ୍କୋରର ହୋଇଛନ୍ତି।

୦୪

୦୫

**ନୟନତାରାଙ୍କ ନାମରେ ମାମଲା**

ସାଉଥ୍ ଅଭିନେତ୍ରୀ ନୟନତାରାଙ୍କ ଫିଲ୍ମ 'ଅନ୍ନପୂର୍ଣ୍ଣି'ରେ ହିନ୍ଦୁ ଭାବନାକୁ କ୍ଷତି ପହଞ୍ଚାଯାଇଥିବା ଅଭିଯୋଗରେ ତାଙ୍କ ନାମରେ ମାମଲା ରୁଜୁ ହୋଇଛି।





ଇସ୍ରାଏଲ-ହମାସ୍ ଯୁଦ୍ଧକୁ ୧୦୦ ଦିନ ପୂରିବାକୁ ଯାଉଥିବାବେଳେ ଗୁରୁବାର ସଂଘର୍ଷ ପ୍ରଭାବିତ ଜଣେ ପାଲେଷ୍ଟିନୀୟ ରାଫାହ ସୀମାରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଭର୍ତ୍ତି ପାଇଁ ଅପେକ୍ଷା କରିଛନ୍ତି।

# ତ୍ୱରିତ ଶୁଣାଣି ସମ୍ପର୍କରେ ଜଣାଅ: ହାଇକୋର୍ଟ

## ଏମ୍‌ପି, ବିଧାୟକଙ୍କ ବିରୋଧରେ ଆପରାଧିକ ମାମଲା

**କଟକ,୧୧।୧ (କାର୍ତ୍ତିକ ସାହୁ)**

ରାଜ୍ୟରେ ଏମ୍‌ପି ଏବଂ ବିଧାୟକଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍‌ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରି ଡେଜିଗ୍‌ନେଟେଡ୍ କୋର୍ଟସ୍ ଫର୍ ଏମ୍‌ପି ଆଣ୍ଡ ଏମ୍‌ଏଲ୍‌ଏ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଏପରି ଆଦେଶ ଦେଇଛନ୍ତି। ୨ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ୨୦୨୩ ଡିସେମ୍ବର ୩୧ ତାରିଖ ସୁଦ୍ଧା ରାଜ୍ୟର ୩୦ ଜିଲାରେ ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ରହିଥିବା ମାମଲା ସମ୍ପର୍କରେ ହାଇକୋର୍ଟ ୱେବ୍‌ସାଇଟ୍‌ରେ ସୂଚନା ଜାରି କରାଯାଇଛି। ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୮୬, ସମ୍ବଲପୁରରେ ୫୩ ଓ ଗଞ୍ଜାମ ଜିଲାରେ ୫୧ ମାମଲା ବିଚାରାଧୀନ ରହିଛି। ମାମଲାର ଶୁଣାଣିରୁ ଜଣାପଡିଥିଲା ଅନୁଗୋଳରେ ୨୭, ବାଲେଶ୍ୱରରେ ୨୮, ବରଗଡ଼ରେ ଗୋଟିଏ, ବଲାଙ୍ଗୀରରେ ୨୬, କଟକରେ ୩୬, କଳାହାଣ୍ଡିରେ ୧, କୋରାପୁଟରେ ୪୮, ମୟୂରଭଞ୍ଜରେ ୨୪, ସୋନପୁରରେ ୧, ସୁନ୍ଦରଗଡ଼ରେ ୪୧ଟି ମାମଲା ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ବିଚାରାଧୀନ ରହିଛି। ଏଭଳି ଅନ୍ୟ ଜିଲାଗୁଡିକରେ ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ଥିବା ମାମଲାଗୁଡିକୁ ମିଶାଇ ମୋଟ୍ ୪୩୧ ମାମଲା ରାଜ୍ୟରେ ବିଚାରାଧୀନ ଅଛି। ସୁପ୍ରିମକୋର୍ଟ ୨୦୨୦ ସେପ୍ଟେମ୍ବର ୧୬ ତାରିଖରେ ଅଶ୍ୱିନୀ କୁମାର ଉପାଧ୍ୟାୟ ବନାମ କେନ୍ଦ୍ର ସରକାର ମାମଲାର ଶୁଣାଣି କରି ନିର୍ବାଚିତ ଜନ ପ୍ରତିନିଧିଙ୍କ ବିରୋଧରେ ଥିବା ମାମଲାଗୁଡ଼ିକ ଅଦାଲତରେ ତ୍ୱରିତ ଶୁଣାଣି ଓ ଫଇସଲା ପାଇଁ ସ୍ୱତନ୍ତ୍ର ଅଦାଲତ ଗଠନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପରେ ହାଇକୋର୍ଟ ଏହି ପ୍ରସଙ୍ଗକୁ ନେଇ ୨୦୨୦ରେ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣିବେଳେ ରାଜ୍ୟ ସରକାର ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ପାଇଁ କେତେକ ସ୍ଥାନରେ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଥିବା ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ତଦନୁସାରେ ଏମ୍‌ପି, ପୂର୍ବତନ ଏମ୍‌ପି, ବିଧାୟକ ଓ ପୂର୍ବତନ ବିଧାୟକଙ୍କ ବିରୋଧରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଟ୍ରାଏଲ ଯୋଗ୍ୟ ମାମଲାଗୁଡ଼ିକର ଶୁଣାଣି ପାଇଁ ୧୧ଟି ସିଭିଲ ଜଜ୍ ଅଦାଲତଙ୍କୁ ସ୍ୱତନ୍ତ୍ର ଅଦାଲତ ମାନ୍ୟତା ଦିଆଯାଇଥିବା ଦର୍ଶାଇଥିଲେ। ରାଜ୍ୟ ସରକାର ୨୦୨୧ ମାର୍ଚ୍ଚ ୧୭ର ବିଜ୍ଞପ୍ତି ଅନୁସାରେ ୩ଟି ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅଦାଲତଙ୍କୁ ଏଭଳି ମାମଲା ଶୁଣାଣି ପାଇଁ ସ୍ୱତନ୍ତ୍ର ଅଦାଲତ ମାନ୍ୟତା ପ୍ରଦାନ କରାଯାଇଥିବା ୨୦୨୧ ଏପ୍ରିଲ ୫ ଶୁଣାଣିବେଳେ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ।

# ଜୀବନରେ ୫-ଟି ନୀତିର ପ୍ରୟୋଗ କର

## ପିଲାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

### ପ୍ରଥମ ଦିବସରେ ୩୮୯ ସ୍କୁଲ ଲୋକାର୍ପିତ

**ଭୁବନେଶ୍ୱର,୧୧।୧ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟ ଶୁଭାରମ୍ଭ କରିଛନ୍ତି। ଏହି ପର୍ଯ୍ୟାୟର ପ୍ରଥମ ଦିବସରେ ଗଞ୍ଜାମ, ଝାରସୁଗୁଡ଼ା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ବରଗଡ଼ ଜିଲାର ୩୮୯ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏଥିରେ ଗଞ୍ଜାମ ଜିଲାର ୧୪୯ଟି ହାଇସ୍କୁଲ ଥିବା ବେଳେ ଝାରସୁଗୁଡାର ୧୧, ଜଗତସିଂହପୁରର ୫୭, କେନ୍ଦ୍ରାପଡ଼ାର ୧୧୨ ଏବଂ ବରଗଡ଼ର ୬୦ଟି ହାଇସ୍କୁଲ ଅନ୍ତର୍ଭୁକ୍ତ।

ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ ସ୍କୁଲ ରୂପାନ୍ତରିତ ହେବ।

ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ଓଡ଼ିଶାରେ ରୂପାନ୍ତରଣର ଯୁଗ ଚାଲିଛି। ସ୍କୁଲ କଲେଜ ଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତରଣ କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ଏସବୁ ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିର ଉନ୍ନତି ଓ ପ୍ରଗତି କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ୫-ଟି ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ତୁମ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବରେଟୋରୀର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ଟେକ୍ନୋଲୋଜିର ପ୍ରୟୋଗ। ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି। ଏସବୁର ଉପଯୋଗରେ ସ୍କୁଲଗୁଡ଼ିକରେ ରୂପାନ୍ତର ଆସିଛି; ଯାହାକୁ ତୁମେ ଏବେ ଦେଖୁଛ ଓ ଅନୁଭବ କରୁଛ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପିଲାମାନଙ୍କ ଭବିଷ୍ୟତ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ଏବେ ସରକାରୀ ସ୍କୁଲରେ ପାଠ ପଢ଼ିବା ପାଇଁ ପିଲା ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ଏହି ରୂପାନ୍ତରିତ ସ୍କୁଲର ଉପଯୋଗ କରି ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଜୀବନରେ ୫-ଟି ନୀତିର ପ୍ରୟୋଗ କର। ଏହା ସଫଳତା ଆଣିଦେବ। ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର। ଜୀବନର ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ଚେଷ୍ଟା କର। ସମୟ ନଷ୍ଟ ନ କରି ତା'ର ଉପଯୋଗ କର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଜିଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ, ୨୦୨୧ ଫେବୃଆରୀ ୧୬ରୁ ମୁଖ୍ୟମନ୍ତ୍ରୀ ହିଞ୍ଜିଳିକାଟୁରୁ ସ୍କୁଲ ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି, ସ୍କୁଲ ପରିଚାଳନା କମିଟି ଓ ଜନସାଧାରଣଙ୍କ ଆନ୍ତରିକ ସହଯୋଗ ଯୋଗୁ ଏହି ସଫଳତା ହାସଲ ହୋଇଛି। ୫-ଟି ସ୍କୁଲ ରୂପାନ୍ତର ଆଜି ପିଲାଙ୍କ ମଧ୍ୟରେ ଭଲ ପାଠ ପଢ଼ି ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରମାନେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଗଞ୍ଜାମରେ ୧୦ମ ଶ୍ରେଣୀର ଛାତ୍ର ରୁଦ୍ରପ୍ରସାଦ ସାହୁ, ଝାରସୁଗୁଡ଼ାର ୧୦ମ ଶ୍ରେଣୀ ଛାତ୍ରୀ କୁମାରୀ ରତ୍ନପୂର୍ଣ୍ଣା ବେହେରା, ଜଗତ୍‌ସିଂହପୁରର ଅଷ୍ଟମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ପଣ୍ଡା, କେନ୍ଦ୍ରାପଡ଼ାର ୧୦ମ ଶ୍ରେଣୀ ଛାତ୍ର ସୁବ୍ରତ କୁମାର ସାହୁ ଏବଂ ବରଗଡ଼ର ୧୦ମ ଶ୍ରେଣୀ ଛାତ୍ରୀ ସାଇପ୍ରିୟା ଭୁଏ ପ୍ରମୁଖ ସେମାନଙ୍କ ମତାମତ ଦେଇଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାରେ ୪ ଦିନ ରାହୁଲଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

### ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାର ୩୪୧ କି.ମି. ବୁଲିବେ

**ଭୁବନେଶ୍ୱର, ୧୧।୧ (ସୁନିତ୍ ମିଶ୍ର)**




କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆସନ୍ତା ୧୪ ତାରିଖରେ ମଣିପୁରରୁ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ଶୁଭାରମ୍ଭ କରିବେ। ଫେବୃଆରୀ ୧୪ରେ ରାହୁଲ ଗାନ୍ଧୀଙ୍କ ଏହି ଯାତ୍ରା ଝାଡ଼ଖଣ୍ଡ ଅତିକ୍ରମକରି ଓଡ଼ିଶାର ମୟୂରଭଞ୍ଜରେ ପହଞ୍ଚିବ। ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ରାହୁଲଙ୍କ ଏହି ଯାତ୍ରା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୪ ଦିନ ଧରି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାରେ ୩୪୧ କି.ମି. ଦେଇ ଅତିକ୍ରମ କରିବ। ଏହି ନ୍ୟାୟ ଯାତ୍ରାରେ ଯେକୌଣସି ବ୍ୟକ୍ତି ୯୮୯୧୮୦୨୦୨୪ ନମ୍ବରରେ ମିସ୍‌ଡ କଲ୍ କରି ନିଜକୁ ଜଣେ ନ୍ୟାୟ ଯୋଦ୍ଧା ହିସାବରେ ଯୋଗଦାନ କରିପାରିବେ। ଯେଉଁ ଅଞ୍ଚଳ ଦେଇ ଏହି ଯାତ୍ରା ଅତିକ୍ରମ କରିବ ସେସବୁ ଅଞ୍ଚଳର ଜନସାଧାରଣ ଏହି ଯାତ୍ରାରେ ନିଜକୁ ସାମିଲ କରିପାରିବେ ବୋଲି ଦଳର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି। କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି, ଏହି ଯାତ୍ରାରେ ବୁଦ୍ଧିଜୀବୀ, ସମାଜସେବୀ, କଳାକାର ଏବଂ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଯୋଗଦାନ କରିପାରିବେ। ଦୀର୍ଘ ୧୦ ବର୍ଷର ଅନ୍ୟାୟକାଳ ବିରୋଧରେ ଦେଶର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ ସମ୍ବିଧାନ, ସାମ୍ବିଧାନିକ ଅନୁଷ୍ଠାନ, ବିବିଧତା ଏବଂ ଏକତାକୁ ରକ୍ଷା କରିବା ପାଇଁ ଏହି ନ୍ୟାୟଯାତ୍ରା କରାଯାଉଛି। ଘୃଣା ଓ ହିଂସାଜନିତ ଅପରାଧ ଏବେ ଆମ ସମାଜରେ ଅହେତୁକ ବୃଦ୍ଧି ଘଟିଛି। ତେଣୁ ଏହି ବର୍ଗଙ୍କର ସାମାଜିକ ନ୍ୟାୟ ପାଇଁ ନ୍ୟାୟ ଯାତ୍ରା କରାଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋଙ୍କ ସମେତ ଦଳର ଅନ୍ୟ ନେତୃବୃନ୍ଦ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ପୁସ୍ତିକା ଓ ପ୍ରଚାରପତ୍ର ଉନ୍ମୋଚନ କରିଛନ୍ତି।

# ସବୁ ଭାରିଆଣ୍ଟ ପାଇଁ ଉତ୍ତାପ ସହିଷ୍ଣୁ କୋଭିଡ୍ ଟିକା

**ବେଙ୍ଗାଲୁରୁ,୧୧।୧**




ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି) ବୈଜ୍ଞାନିକମାନେ ଏକ ନୂଆ କରୋନା ଟିକା ବିକଶିତ କରିଛନ୍ତି। ଏହି ଭାକ୍ସିନ୍ ଏସ୍‌ଏଆର୍‌ଏସ୍-କୋଭ୍-୨ର ବର୍ତ୍ତମାନ ଏବଂ ଭବିଷ୍ୟତରେ ଦେଖାଦେବାକୁ ଥିବା ଭାରିଆଣ୍ଟଗୁଡ଼ିକଠାରୁ ସୁରକ୍ଷା ଦେବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। କୋଭିଡ୍-୧୯ ମହାମାରୀ ଆରମ୍ଭ ପରଠାରୁ ଆଇଆଇଏସ୍‌ସିର ମୋଲେକ୍ୟୁଲାର ବାୟୋଫିଜିକ୍ସ ୟୁନିଟ (ଏମ୍‌ବିୟୁ) ପ୍ରଫେସର ରାଘବନ ବରଦାରଞ୍ଜନ ଏବଂ ଅନ୍ୟ ବୈଜ୍ଞାନିକମାନେ ଏକ ଉତ୍ତାପ ସହିଷ୍ଣୁ ଭାକ୍ସିନ ବିକଶିତ କରିବାରେ ଲାଗିଥିଲେ, ଯାହାକି ସବୁ ପ୍ରକାର ଭାରିଆଣ୍ଟଠାରୁ ଲୋକଙ୍କୁ ସୁରକ୍ଷା ଦେଇପାରିବ। ଏହି କ୍ଷେତ୍ରରେ ଗବେଷକ ଦଳକୁ ଅଭୂତପୂର୍ବ ସଫଳତା ମିଳିଛି। ଆର୍‌ଏସ୍୨ ହେଉଛି ଏକ କୃତ୍ରିମ ଆଣ୍ଟିଜେନ୍, ଯାହାକି ଏସ୍୨ ସବ୍‌ୟୁନିଟ୍ ଏବଂ ରିସେପ୍ଟର ବାଇଣ୍ଡିଂ ଡୋମେନ୍ (ଆର୍‌ବିଡି) ଭଳି କୋଭିଡ୍ ଭୂତାଣୁର ସ୍ପାଇକ୍ ପ୍ରୋଟିନକୁ ଯୋଡ଼ିଥାଏ। ବିଆର୍‌ଡି ସଂକ୍ରମିତଙ୍କୁ ଅଧିକ ସମୟ ଧରି ଭୂତାଣୁରୁ ସୁରକ୍ଷା ଦେଇଥାଏ। ଏହାକୁ ଘରର ସ୍ୱାଭାବିକ ତାପମାତ୍ରାରେ ମଧ୍ୟ ରଖାଯାଇପାରେ।

# ୨ ଏଟିଏମ୍‌ରୁ ଲୁଟି ନେଲେ ୩୨ ଲକ୍ଷ

- ଲୁଟ୍ ପରେ ବୋମା ଫୁଟାଇଲେ ଦୁର୍ବୃତ୍ତ
- ଖୁଣ୍ଟା ଥାନା ଅଞ୍ଚଳରେ ଗାଡ଼ି ଛାଡ଼ି ପଳାଇଲେ

**ଖଇରା(ଉତ୍କଳବନ୍ଧୁ ପଣ୍ଡା)/ ସୋର(ଜନ୍ମେଜୟ ମିଶ୍ର)/ ଖୁଣ୍ଟା (ଦେବରଞ୍ଜନ ବେହେରା),୧୧।୧**



ଜବତ କାର୍

ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ବୁଧବାର ବିଳମ୍ବିତ ରାତିରେ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ୨ଟି ଏଟିଏମ୍ ଭାଙ୍ଗି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଘଟଣା ଘଟିଛି ଖଇରା ଥାନା ଅଧୀନ ତୁଡିଗଡ଼ିଆ ବଜାର ଓ ସୋର ଥାନା ଅଧୀନ ମଙ୍ଗଳପୁର ବଜାରରେ। ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେବା ପରେ ବୋମା ଫୁଟାଇ ଚାଲିଯିବାରୁ ସ୍ଥାନୀୟ ବାସିନ୍ଦା ଆତଙ୍କିତ ହୋଇପଡ଼ିଥିଲେ। ଉଭୟ ଥାନାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଧରାପଡ଼ିଯିବା ଭୟରେ ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ଏକ କାର୍ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳରେ ଛାଡ଼ି ପଳାଇଛନ୍ତି। ଉକ୍ତ କାର୍‌ରୁ ଗ୍ୟାସ୍ କଟର, ସ୍ପ୍ରେ, ମାସ୍କ ଓ ପ୍ୟାଣ୍ଟଶାର୍ଟ ଜବତ ହୋଇଛି। ଜବତ ଗାଡ଼ିକୁ ଖୁଣ୍ଟା ଥାନାରେ ରଖାଯାଇଛି।

୨ଟି ବୋଲେରୋରେ ୬ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତୁଡିଗଡ଼ିଆସ୍ଥିତ ଆକ୍ସିସ ବ୍ୟାଙ୍କ ଏଟିଏମ୍ କାଉଣ୍ଟରରେ ପଶି ଗ୍ୟାସ କଟରରେ ଏଟିଏମ୍‌କୁ କାଟି ୨୦ଲକ୍ଷ ନେଇ ପଳାଇଥିଲେ। ଏହି ସମୟରେ ୨ଟି ବୋମା ଫୁଟାଇବାରୁ ଲୋକେ ଶବ୍ଦ ଶୁଣି ଆସି ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସେହିଭଳି ମଙ୍ଗଳପୁର ବଜାରରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମ କାଟିପାଖାପାଖି ୧୨ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଖଇରା ଅଞ୍ଚଳରେ ମାସକ ମଧ୍ୟରେ ୮ରୁ ଅଧିକ ଚୋରି ଘଟଣାରେ ଜନସାଧାରଣ ଆତଙ୍କିତ ହୋଇପଡିଛନ୍ତି।

ଏଟିଏମ୍ ଲୁଟ୍ ପରେ ଦୁର୍ବୃତ୍ତମାନେ ଜେଏଚ୍୧୦- ସିଏମ୍‌ତ- ୧୪୪୪ ନମ୍ବର ବିଶିଷ୍ଟ ଏକ ଧଳା ରଙ୍ଗର ବ୍ରିଜା କାର୍‌ରେ ମୟୂରଭଞ୍ଜ ଜିଲା ଆଡ଼କୁ ଯାଇଥିଲେ। ଏ ସମ୍ପର୍କରେ ବାଲେଶ୍ୱର ପୋଲିସଠାରୁ ସୂଚନା ପାଇ ଖୁଣ୍ଟା ଥାନା ଆଇଆଇସି ସୁଜାତା ଖମାରୀଙ୍କ ନେତୃତ୍ୱରେ ଗଠିତ ଟିମ୍ ଥାନା ଅଧୀନ ବିଭିନ୍ନ ଛକରେ ଜଗି ରହିଥିଲେ। ବିଳମ୍ବିତ ରାତିରେ ଦାମୋଦରପୁର- ବଡ଼ସାହି ରାସ୍ତା ଦେଇ ଉକ୍ତ ଲୁଟେରା ଗ୍ୟାଙ୍ଗର ଗାଡିଟି ଯାଉଥିବାବେଳେ ଖୁଣ୍ଟା ପୋଲିସ ପିଛା କରିଥିଲା। ଲୁଟେରାମାନେ ପୋଲିସ ଗାଡ଼ି ଦେଖି ଚମ୍ପାଗଡ଼ି ଗ୍ରାମ ଦେଇ ଯାଇଥିବା ଗଙ୍ଗାହାର ନଦୀ ରାସ୍ତାରେ ପଳାଇବାକୁ ଚେଷ୍ଟା କରୁଥିଲେ। ତେବେ ଗଙ୍ଗାହାର ନଦୀରେ ଥିବା ଏକ ବାଉଁଶ ପୋଲ ଦେଖି ଆଗକୁ ନ ଯାଇ ସେଠାରେ ଗାଡ଼ି ରଖି ନଦୀ ପାର ହୋଇ ଚମ୍ପଟ ମାରିଥିଲେ। ଗୁରୁବାର ବାଲେଶ୍ୱର ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛି।

# ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ



ଲାଞ୍ଜିଗଡ଼ରେ ବ୍ଲକସ୍ତରୀୟ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।



ଥୁଆମୂଳ ରାମପୁର ବ୍ଲକ ବାବା ଖଣ୍ଡୁଆଳ ଖେଳ ପଡିଆରେ ବ୍ଲକସ୍ତରୀୟ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ଲାଞ୍ଜିଗଡ଼/ଥୁଆମୂଳ ରାମପୁର,୧୧।୧ (ରମେଶ ଚନ୍ଦ୍ର ନାୟକ/ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ହାଇସ୍କୁଲ ଖେଳ ପଡିଆ କାର୍ଜି ମାଝିମଞ୍ଚଠାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଗୁରୁବାର ଉଦଯାପିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥ ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ବିଶିଷ୍ଟ ଅତିଥ ଭାବେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଶିବାଜୀ ମାଝି, ମୁଖ୍ୟବକ୍ତା ମଧୁପୁର କନ୍ୟା ଆଶ୍ରମ ପ୍ରଧାନ ଶିକ୍ଷକ ବେଦବ୍ୟାସ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ଼ ଜୋନ-୧ ଜିଲା ପରିଷଦ ସଦସ୍ୟା ଅଞ୍ଜଳୀ ମାଝି, ବ୍ଲକ ଉପାଦକ୍ଷ ସଞ୍ଜୀବ କୁମାର ନାୟକ, ବ୍ଲକ ସମିତି ସଭ୍ୟ ସଭାପତି ଜଗଦୀଶ ବେନିଆଁ, ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଟଙ୍କଧର ମାଝି, ରଘୁବିର ନାଗ, ବ୍ଲକର ୨୬ଟି ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟାମାନେ ମଞ୍ଚାସୀନ ଥିଲେ। କଳାହାଣ୍ଡି ଉତ୍ସବ ୨୬ତମ ବର୍ଷରେ ପହଞ୍ଚି ବେଳେ ଅନେକ ପ୍ରତିଭା କଳା ପ୍ରଦର୍ଶନ କରି ଦେଶବିଦେଶରେ ରାଜ୍ୟ ଓ ଜିଲା ପାଇଁ ଗୌରବ ଆଣିଛନ୍ତି ବୋଲି ଅତିଥିମାନେ କହିଥିଲେ। କାର୍ଜି ମାଝି ମଞ୍ଚରେ ରାଜ୍ୟ ଓ ଜିଲା ବାହାରୁ ଆସିଥିବା କଳାକାରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ନୃତ୍ୟ, ଗୀତ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟସ୍ଥିତ ବାବା ଖଣ୍ଡୁଆଳ ଖେଳ ପଡିଆରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପିତ ହୋଇଯାଇଛି। ବିଡିଓ ଧ୍ରୁବଚରଣ ମୁଦୁଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଡିଏମ ଏଫ ଲିଡର ପ୍ରଶାନ୍ତ ମିଶ୍ର, ତହସିଲଦାର କବିରାଜ ପ୍ରଧାନ, ଥୁଆମୂଳ ରାମପୁର ଥାନାଧିକାରୀ, ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରଭାତୀ ନଳିନୀ ଠାକୁର, ମୁଖ୍ୟବକ୍ତା ଭାବେ ମା' ମାଣିକେଶ୍ୱର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଭାବେ କୃଷି ଅଧିକାରୀ ଡ. ସିର୍ଦ୍ଧାର୍ଥ ସୌରଭ ଜେନା, ଡାକ୍ତର ନିତୀଶ ଝା, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ଶିଶୁ ବିକାଶ ଅଧିକାରିଣୀ ସବିତା ସମାଦୋରା, ଥୁଆମୂଳ ରାମପୁର ବ୍ୟାଙ୍କ ଶାଖା ପରିଚାଳକ ସୁଶାନ୍ତ କୁମାର ପାତ୍ର, ବନବିଭାଗ ଅଧିକାରୀ ଜୟଦେବ ମାଝି, ଅଗ୍ନିଶମ ବିଭାଗର ସୁନୀଲ କୁମାର ବେହେରା, ଗୋ ସମ୍ପଦ ବିଭାଗ ଅଧିକାରୀ ଛବିଳ କୁମାର ମାଝି, ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ସୂର୍ଯ୍ୟନାରାୟଣ ମୁଣ୍ଡଛିନା ଏବଂ ବବୃବାହାନ ବୁଦ୍ଧିଆ ମଞ୍ଚ ପରିଚାଳନା କରିଥିଲେ। ଲୋକଗୀତ ଘୁଡୁକା, ବଜାସାଲିଆ, ରସକେଲି, ଥୁଆମୂଳ ରାମପୁର ଅଞ୍ଚଳର ବିଭିନ୍ନ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଘୁମୁରା ଓ ଲୋକନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା।

## ସଂକ୍ଷେପରେ

### ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ପରିଦର୍ଶନ କଲେ ରାଜ୍ୟ ସଭା ସଦସ୍ୟ

**ତୁଣ୍ଡଲା,୧୧।୧(ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟକୁ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଗୁରୁବାର ପରିଦର୍ଶନ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶ ଓ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକଙ୍କ ସମେତ ପରିଚାଳନା କମିଟି ସଭାପତି ମକଲିଙ୍ଗ ଗହୀର, କମିଟି ସଭ୍ୟାସଭ୍ୟ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟ ପରିସର ବୁଲି ଦେଖିଥିଲେ। ମହାବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି, ତାହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରୀଛାତ୍ରମାନେ କିପରି ଭଲ ପାଠ ପଢି ଭଲ ମଣିଷ ହେବେ ତାହା ସମସ୍ତଙ୍କୁ ବୁଝାଇଥିଲେ। ଏଥିରେ ସ୍ଥାନୀୟ ଜନସାଧାରଣମାନେ ମଧ୍ୟ ଉପସ୍ଥିତ ଥିଲେ।

### ଏସିଡ ମାଡ଼ରେ ୫ ଆହତ, ୨ ଗୁରୁତରଙ୍କୁ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର

**ଖଡ଼ିଆଳ,୧୧।୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡିଆଳା ଥାନା ଅନ୍ତର୍ଗତ ଡୁଆଝର ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଏସିଡ ମାଡରେ ୨ ସୁନାକାରିଗର ପରିବାରର ୫ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣ ବିଜୟ ସରାଫ ଓ ଧନଞ୍ଜୟ ସରାଫ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନୂଆପଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନଙ୍କୁ ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାରେ ପ୍ରଥମେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏ ନେଇ ବର୍ତ୍ତମାନ ସୁଦ୍ଧା ଗୋଟେ ଗୋଷ୍ଠି ପକ୍ଷରୁ ଖଡିଆଳ ଥାନାରେ ଅଭିଯୋଗ ହୋଇଥିବା ବେଳେ ଅନ୍ୟ ଗୋଷ୍ଠି ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପ୍ରକାଶ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ଖଡ଼ିଆଳ ପୋଲିସ ପହଞ୍ଚି ତଦନ୍ତ ଚଳାଇ ଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଦୀର୍ଘ ଦିନ ହେଲା ଡୁଆଝର ଗାଁର ଘନଶ୍ୟାମ ସରାଫ ଏବଂ ମନିଜର ସରାଫ ୨ଜଣ ସୁନାକାରିଗର ମଧ୍ୟରେ ଚିନ୍ଦାଗୁଡ଼ା ଗାଁରେ ସୁନାଗହଣା ଦୋକାନ ଖୋଲିବାକୁ ନେଇ ବିବାଦ ଲାଗିରହିଥିଲା। ଗୁରୁବାର ପୁଣି ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଶେଷରେ ଗଣ୍ଡଗୋଳ ଉଗ୍ରରୂପ ନେଇ ଦୁଇ କାରିଗର ପରିବାର ମଧ୍ୟରେ ଏସିଡ ମାଡ ହୋଇଛି।

### ସିନାପାଲି ଶିଶୁ ମନ୍ଦିରରେ ମାତଭାରତୀ ଗଠନ

**ସିନାପାଲି,୧୧।୧(ମନଫୁଲ ମେହେର)**

ନୂଆପ ଜିଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ତଥା ମାତଭାରତୀ ସଂଯୋଜକ ରମେଶ କୁମାର ହଂସଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ମାତମଣ୍ଡଳୀଙ୍କୁ ନେଇ ମାତଭାରତୀ ଗଠନ କରାଯାଇଛି। ଏ ନେଇ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ଚନ୍ଦକାନ୍ତୀ ମାଝି ଓ ମାତଭାରତୀ ପ୍ରମୁଖ ଆଚାର୍ଯ୍ୟା ମିନାକ୍ଷୀ ପାୀ, ସଂଯୋଜିକା ରଞ୍ଜିତା ଠାକୁର ଉପସ୍ଥିତ ଥିଲେ। ନବ ଗଠିତ ମାତଭାରତୀର ଅଧ୍ୟକ୍ଷା ଭାବେ ନିରୂପମା ପାଣିଗ୍ରାହୀ, ଉପାଧ୍ୟକ୍ଷା ଡାକନ୍ତି ହଂସ, ସମ୍ପାଦିକା ଅଞ୍ଜଳୀ ପାଣିଗ୍ରାହୀ, ସହସମ୍ପାଦିକା କୁନ୍ତୀ ମେହେର, ଆର୍ଥିକ ବିଭାଗରେ ରୀତାଞ୍ଜଳୀ ମେହେର, ପ୍ରଚାରପ୍ରସାରରେ ଦିପ୍ପା ବୈଠାରୁ ଓ ସୁରଭୀ ସାହୁ, ସେବା ପାଇଁ ମନସ୍ୱିନୀ ପ୍ରଧାନ ଓ ସୁମିତ୍ରା ଦାଶ, ସ୍ୱଚ୍ଛତାରେ ସବିତା ମେହେର ଓ ରଶ୍ମିତା ରାଉତ, ସାଜସଜ୍ଜା ବିଭାଗରେ ନମିତା ମେହେର ଓ ତପ୍ତି ମେହେର, ସମ୍ପର୍କରେ ସନ୍ତୋଷିନୀ ତାଣ୍ଡି, କାର୍ଯ୍ୟକ୍ରମ ବିଭାଗରେ ଭାର୍ଗବୀ ମେହେର ଓ କୁନି ମେହେରଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ମାତୃଭାରତୀର ସଦସ୍ୟାମାନେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିବେ ବୋଲି ଜଣାପଡ଼ିଛି।

## ଦାବି ପୂରଣ ନ ହେଲେ ୨୦୨୪ ନିର୍ବାଚନରେ ଉଚିତ ଜବାବ ଦେବୁ

### କୃଷକ ସାଥୀ ସଂଘର ସାଧାରଣ ବୈଠକ

**ନୂଆପଡ଼ା,୧୧।୧(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଉଦ୍ୟାନବନ୍ଧଠାରେ କୃଷକ ସାଥୀ ସଂଘ ଏକ ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନରହରି ବାଗଙ୍କ ଅଧ୍ୟକ୍ଷତାରେ କୋମନା ବ୍ଲକର ସମସ୍ତ କୃଷକ ସାଥୀଙ୍କୁ ନେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। କୃଷକସାଥୀଙ୍କୁ ଦୀର୍ଘବର୍ଷ ହେବ ସରକାରୀ ଭାବେ ନିଯୁକ୍ତି କରାଯାଇଛି। କୃଷି ବିଭାଗ ନିର୍ଦ୍ଦେଶକ୍ରମେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସୁଚାରୁ ରୂପେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ପାରିଶ୍ରମିକ ଭାବେ ମାସିକ ଏକ ହଜାର ଟଙ୍କା ମିଳୁଥିବାରୁ ପରିବାର ଚଳାଇବା କଷ୍ଟକର ହେଉଛି। ପାରିଶ୍ରମିକ ବୃଦ୍ଧି ପାଇଁ ବିଭିନ୍ନ ସମୟରେ ଜିଲା ପ୍ରଶାସନଠାରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ପୁଣି ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଛନ୍ତି। ମାସିକ ଦରମା ୧୮ ହଜାର ଟଙ୍କା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ନ ଦେଲେ ଆଗାମୀ ୨୦୨୪ ନିର୍ବାଚନରେ ସରକାରଙ୍କୁ ଉଚିତ ଜବାବ ଦେବୁ ବୋଲି ସଂଘ ଚେତାବନୀ ଦେଇଛି। ବୈଠକରେ ନୀଳାଚଳ ସାହୁ, ହେମନ୍ତ କୁମ୍ଭାର, କେଶରାଜ ମାଝି, ହରି ପାଣିଗ୍ରାହୀ, ଅମୂଲ୍ୟ ଯୋଶୀ, ବିଶ୍ୱାମିତ୍ର ସାହୁ, ଅନନ୍ତରାମ ଦୀପ, ରୁଦ୍ର ବରିହା, ଅମୂଲ୍ୟ ସାହୁ, ଗୋଲାପ ପାଣ୍ଡେ, ତୁଳସୀ ମାଝି, ହେମ ସାଗର ଭୋଇ, ଧନସିଂ ବିଶ୍ୱାଳ ପ୍ରମୁଖ କୃଷକ ସାଥୀମାନେ ଉପସ୍ଥିତ ଥିଲେ।

## କଳାହାଣ୍ଡି ଉତ୍ସବ ଘୁମୁରା



**କେସିଙ୍ଗା,୧୧।୧(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ୨୬ତମ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ନେତୃତ୍ୱରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବେଲଖଣ୍ଡି ଶୈବ ପୀଠରୁ କେସିଙ୍ଗା ୪୦କିମି ଦୂର ବିରାଟ ମଶାଲ ଯାତ୍ରା ବାହାରି ଜଗନ୍ନାଥ ମନ୍ଦିରସ୍ଥିତ କଳାହାଣ୍ଡି ଉତ୍ସବ ଘୁମୁରା ପେଣ୍ଡାଲ୍‌ରେ ଏକ ବିରାଟ ଶୋଭାଯାତ୍ରାରେ ଅଣାଯାଇଥିଲା। ମଶାଲ ଯାତ୍ରାରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଓ ଅନ୍ୟାନ୍ୟ ବ୍ଲକ କର୍ମଚାରୀ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ଏକ ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ସହ କାରୀବନ ସଂରକ୍ଷୀକା ପ୍ରଭାତୀ ସେଠ, ଅତିରିକ୍ତ ବିଡିଓ ପ୍ରମୁଖ କଳାହାଣ୍ଡି ଉତ୍ସବର ମାହାତ୍ମ୍ୟ, ଜଙ୍ଗଲ ସୁରକ୍ଷା ଆଦି ବିଷୟତ୍‌ରେ ଅତିଥିଗଣ ମତ ପୋଷଣ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ସ୍କୁଲ, କଲେଜ, ମହିଳା ଗୋଷ୍ଠୀ, ମିଶନ ଶକ୍ତି ମହିଳାଙ୍କ ଦାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଅଧିବେଶନରେ ଅତିଥିଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଦ୍‌ଥିଲା। ଏହି ଉତ୍ସବରେ ସମ୍ବଲପୁରୀ, ରସରକେଲି, ଡାଲଖାଇ, ମଞ୍ଚ ଦୁଲୁକି ଉଠି ଥିଲା। ଏହି ଉତ୍ସବ ନିର୍ବାହୀ ଅଧିକାରୀ ଲମ୍ଭୁ ଶିଖା ପରିଚାଳନା କରିବା ସହ ସମସ୍ତ ନିର୍ବାହୀ ଅଧିକାରୀ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଅଂଶଗ୍ରହଣ କରିଥିଲେ।


**ପୂର୍ବ ତଟ ରେଳପଥ**

| | |
|---|---|
| ଇ-ଟେଣ୍ଡର ନୋଟିସ୍ ନଂ.: MCSW-Shell Rep-23-24-28 | |
| କାର୍ଯ୍ୟର ନାମ: | ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ICF ଏବଂ LHB କୋଚ୍ ଗୁଡିକର ହେଭି ସେଲ୍ ରିପେୟାର। |
| ବିଜ୍ଞାପିତ ମୂଲ୍ୟ : | ଟ.3,02,53,262.64 |
| EMD: | ଟ. 3,01,300/- |
| ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : | ତା.27.01.2024 ରିଖ 1100 ଘଟିକାରେ। |

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ :www.ireps.gov.in ରେ ଉପଲବ୍ଧ ।
ମୁଖ୍ୟ ୱାର୍କସପ୍ ମ୍ୟାନେଜର, ମଞ୍ଚେଶ୍ୱର
PR-972/O/23-24


## ମା' ସୁନାଦେଈ କପ୍ କ୍ରିକେଟ ଉଦ୍‌ଘାଟିତ

**ନୂଆପଡ଼ା,୧୧।୧(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଖେଳ ପଡିଆରେ ମା' ସୁନାଦେଈ କପ୍ କ୍ରିକେଟ ଉଦଘାଟିତ ହୋଇଯାଇଛି। ଉଦଘାଟନି ମ୍ୟାଚ ଜଡ଼ାମୁଣ୍ଡା ଓ ଡୋଙ୍ଗରୀପାଲି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଡୋଙ୍ଗରୀପାଲିକୁ ହରାଇ ଜଡାମୁଣ୍ଡା କ୍ୱାଟର ଫାଇନାଲରେ ପ୍ରବେଶ କରିଛି। ଉଦଘାଟନୀ ଉତ୍ସବରେ ସୁନାବେଡା ସରପଞ୍ଚ ରଜନୀ ଜଗତ ମୁଖ୍ୟଅତିଥି, ସମିତି ସଭ୍ୟ ହେମଲ ରାଉତ, ନାଏବ ସରପଞ୍ଚ ଭୋରାମ ମାଝି, ସୁନାଦେଈ ମନ୍ଦିର ପୂଜକ ବିଶ୍ରାମ ଛତ୍ରିଆ, ଭୁଜବଳ ମାଝି, ଧନୀରାମ ସୁଆର, ଯାଦବ ଖମାରୀ, ଦିବ୍ୟରାଜ ସାହୁ, ରୂପସିଂ ଚିନ୍ଦା, ଭବନ ବର୍ଗେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପୁରନ ବିଶାଳ ଓ ଧବଳେଶ୍ୱର ଝାଙ୍କର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଅନୁପ ସିଂ ଓ ଅଜୟ ଲାକ୍ରା ଖେଳ ପରିଚାଳନା କରିଛନ୍ତି। କୁନୁ ବାରିକ ସ୍କୋର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କମିଟି ସଭାପତି କାଳିରାମ ସୁଆର, ସମ୍ପାଦକ ଗୌତମ ଭୋଇ, ଆକାଶ ସାହୁ, ରଶ୍ମି ରଞ୍ଜନ ସ୍ୱାଇଁ, ମୁକେଶ ରଣା, ନିରଞ୍ଜନ ସ୍ୱାଇଁ, ନନ୍ଦ କୁମାର୍ ଅହୀର, ବିନୋଦ ମାଝି, ନବୀନ ଖମାରୀ, ଲେଖ ରାମ ମାଝି ପ୍ରମୁଖ ଆୟୋଜନ କରୁଛନ୍ତି।


**ପୂର୍ବ ତଟ ରେଳପଥ**

'ଇ'-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ୍
ଟେଣ୍ଡର ନୋଟିସ୍ ନଂ.: Sr.DMM/KUR/EP/2023-24/12, ତାରିଖ.05.01.2024

| | |
|---|---|
| କ୍ର. ନଂ. ୦୧: | TENDER NO. 81236091, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: ବିଦ୍ୟୁତ୍ ଚାଳିତ ରୋଟାରୀ ସ୍କ୍ରୁ ଏୟାର କମ୍ପ୍ରେସର। |
| କ୍ର. ନଂ. ୦୨: | TENDER NO. 81235798A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍ସନ୍ ମୋଟର |
| କ୍ର. ନଂ. ୦୩: | TENDER NO. 81235799A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍ସନ୍ କନ୍‌ଭର୍ଟର/ଇନ୍‌ଭର୍ଟର |
| ପରିମାଣ: | କ୍ର.ନଂ. ୧ ଏବଂ ୩ ନିମନ୍ତେ (1 ଟି), କ୍ର.ନଂ. ୨ ନିମନ୍ତେ (2 ଟି) |
| ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : | ତା 05.02.2024 ରିଖ 1500 ଘଟିକାରେ (ସମସ୍ତ କ୍ର.ନଂ. ନିମନ୍ତେ) |

ନିମ୍ନଲିଖିତ ଟେଣ୍ଡରର ୱେବ୍‌ସାଇଟ୍ : www.ireps.gov.in ରେ ଅପ୍‌ଲୋଡ ହୋଇଛି।
ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ ଖୋର୍ଦ୍ଧା ରୋଡ
PR-968/O/23-24



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୪/୧, ତାରିଖ: ୦୨।୦୧।୨୦୨୪

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୩୧୯୮୫ | ସେଣ୍ଟର ପାଇଭଟ୍ ପିନ୍ ନିମନ୍ତେ ଲକିଂ ଆରେଞ୍ଜମେଣ୍ଟ ପାଇଁ କିଟ୍ | ୧୫।୦୧।୨୦୨୪ ୧୦.୩୦ ଘଟିକା | ୧୧୭୬୮ ସେଟ୍ |
| ୨ | ୦୩୨୩୧୪୦୧ | ୱାଗନ୍ ନିମନ୍ତେ ଏୟାର୍ ବ୍ରେକ୍ ହୋସ୍ କପ୍‌ଲିଂ ସପୋର୍ଟ | ୨୨।୦୧।୨୦୨୪ ୧୦.୩୦ ଘଟିକା | ୨୮୦୫୬ ଗୋଟି |
| ୩ | ୦୨୨୩୪୨୨୪ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୫୦-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୪ | ୦୨୨୩୪୨୨୫ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୩୪-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୫ | ୦୩୨୩୩୪୦୯ | ବିଓବିଆର୍‌ଏନ୍ ୱାଗନ୍‌ରୁ ଆର୍‌ଡିଏସ୍‌ଓ ପାଇଁ କ୍ରସ୍ ରିଜ୍ ଷ୍ଟେ | ୦୧।୦୨।୨୦୨୪ ୧୦.୩୦ ଘଟିକା | ୩୦୦ ଗୋଟି |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।
CPR/10/370
ସହକାରୀ ସାମଗ୍ରୀ ପରିଚାଳକ-I ଦ.ପୂ.ମ. ରେଳପଥ, ବିଳାସପୁର


## ରିଞ୍ଜାରେ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ

**କର୍ଲାମୁଣ୍ଡା,୧୧।୧(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତର ବିଭିନ୍ନ ଗାଁରେ ଗୁରୁବାର ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନିମନ୍ତେ ଅର୍ପଣ ରଥ ଘର ଘର ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଛି। ଏହି ଅବସରରେ ବ୍ଲକର ରିଞ୍ଜା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ଥାନୀୟ ସରପଞ୍ଚ ପଂଚନାନ ବାଗ, ଗ୍ରାମ ରୋଜଗାର ସେବକ ଶିବ କୁମାର ଭୋଇ, ଯୋଗାଣ ସହାୟକ ଫକୀର ବାଗ, ଗାଁ କମିଟି ସଭାପତି ରାତ୍ର ସାହୁ, ବୀରେନ୍ଦ୍ର ସାହୁ, ନିତୁ ସାହୁ, ହେରାମ୍ବ ସାହୁ, ପର୍ଶୁ ସାହୁ, ବିର ସାହୁ, ପାର୍ଥ ସାହୁ, ବଳରାମ ସାହୁ ପିଇଓ ପରମାନନ୍ଦ ମାଝି, ଭୋଳା ମାଝି ପ୍ରମୁଖ ଉପସ୍ଥିତ ରହି ରଥ ପରିକ୍ରମା ଶୁଭାରମ୍ଭ କରିଥିଲେ। ପରେ ରଥ ଏହି ପଞ୍ଚାୟତର ରେଙ୍ଗାଲି, ଦେଓଗାଁ, ଟକରୁମାଲ, ରିଞ୍ଜା ସହ ବିଭିନ୍ନ ପଡାକୁ ବୁଲିଥିଲା। ବିଶେଷ ଭାବେ ବିଭିନ୍ନ ଗାଁରେ ମହିଳାମାନେ ନିଜର ଘର ଅଗଣାରେ ଝୋଟି ପକାଇ କଳସ ସ୍ଥାପନ କରି ରଥକୁ ପୂଜାର୍ଚ୍ଚନା କରିବା ସହ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ।



ରିଞ୍ଜାଠାରେ ଜଣେ ମହିଳା ରଥକୁ ପୂଜାର୍ଚ୍ଚନା କରୁଛନ୍ତି।

## ଚାମ୍ପିୟନ ଟ୍ରଫି କ୍ରିକେଟ: ଦଳସର୍ଗି କ୍ରିକେଟ କ୍ଲବ ବିଜୟୀ

**ବେହେରା,୧୧।୧(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାଗୁଡ଼ା ଚଞ୍ଚରା ଡଙ୍ଗରି ଖେଳ ପଡିଆରେ ବୋର୍ଡର ଚାମ୍ପିୟନ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଛି। ବେହେରାଗୁଡ଼ା କ୍ରିକେଟ କ୍ଲବ ଆନୁକୂଲ୍ୟରେ ମୁଖ୍ୟଅତିଥି ଭାବେ ଛଞ୍ଚାଣାହାଲି ସରପଞ୍ଚ ପ୍ରତିନିଧି ଗଗନେଶ୍ୱର୍ ବେମାଲ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମଧୁସୂଦନ ପୂଝାରୀ, ଅନ୍ତରାମ ପୋଡ଼, ଦେବେନ୍ଦ୍ର ନାଏକ, ନୀଳାମ୍ବର ପୋଡ଼, ଶିମଞ୍ଚଳ ବାରିକ, ତ୍ରିନାଥ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ ଦଳସର୍ଗି ଓ ଗୋଡୋମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦଳସର୍ଗି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୮୮ରନ ସଂଗ୍ରହ କରିଥିଲା। ୮୯ରନର ବିଜୟ ଲକ୍ଷ୍ୟ ନେଇ ଗୋଡୋମୁଣ୍ଡା ଦଳ ୫ ଓଭରରେ ସମସ୍ତ ଉଇକେଟ ହରାଇ ୨୨ରନ କରିଥିଲା। ଦଳସର୍ଗି କ୍ରିକେଟ ଦଳ ଏହି ମ୍ୟାଚ ୬୬ରନରେ ବିଜୟୀ ହୋଇଥିଲ। ବିଜେତା ଟିମର ବୋଲର ଜୟପ୍ରକାଶ ନାଏକ ହ୍ୟାଟ୍ରିକ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୌମ୍ୟରଞ୍ଜନ ଗୋପାଲ ଓ ଅରୁଣ ବେମାଲ ଖେଳ ପରିଚାଳନା କରିଥିବା ବେଳେ ପ୍ୟାରୀ ବେମାଲ ସ୍କୋରର, ଭାଷ୍ୟକାର ଭାବେ ଦିପେନ୍ଦ୍ର ସୁନାନି ଦାୟିତ୍ୱ ତୁଲାଇଥିଲେ। ଆକାଶ ଛତ୍ରିଆ, ଲଙ୍କେ ବେମାଲ, ଖୀରସିନ୍ଧୁ ସାହୁ, ଅମୃତ ଛତ୍ରିଆ, ଲିଟୁ ହଂସ, ଅମୂଲ୍ୟ ନାଏକ, ମଣ୍ଟୁ ପୋଡ଼, ନାରାୟଣ ସାଗର, ହେମାନାଥ ବାରିକ ତଥା କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।


**TPCODL**

**TP CENTRAL ODISHA**
DISTRIBUTION LIMITED
**(A Joint Venture of Tata Power and Government of Odisha)**
1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER**
**NIT No: TPCODL/P&S/NIT/23-24/28**

Bids are invited from eligible Bidders for the following tenders of Odisha DISCOMs, namely TPCODL/TPNODL/TPWODL/TPSODL (JV of Tata Power & Odisha Govt.):

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2023-24/1000000518 | RC for MS Windows Server Data Centre Edition Operating System Software (2 Core) and Microsoft SQL Server (2 Core) licenses for TPCODL, TPNODL, TPWODL & TPSODL |
| 2 | TPCODL/CCG/2023-24/1000000520 | RC for supply of LT Distribution Boxes at TPCODL, TPNODL & TPSODL |
| 3 | TPCODL/CCG/2023-24/1000000526 | RC for supply of 33 & 11 kV Outdoor VCB at TPCODL, TPNODL, TPWODL & TPSODL |
| 4 | TPCODL/CCG/2023-24/1000000531 | RC for supply of 33 kV Cables at TPCODL, TPNODL & TPSODL |
| 5 | TPCODL/CCG/2023-24/1000000532 | RC for supply of 11 kV Cables at TPCODL, TPNODL & TPSODL |
| 6 | TPCODL/CCG/2023-24/1000000534 | RC for supply of Pin & Disc Insulator (Polymer) at TPCODL, TPNODL & TPSODL |
| 7 | TPCODL/CCG/2023-24/1000000535 | RC for supply of 33 kV & 11 kV Isolators at TPCODL, TPNODL & TPSODL. |
| 8 | TPCODL/CCG/2023-24/1000000538 | RC for supply of LT Power and Control Cables at TPCODL, TPNODL & TPSODL |
| 9 | TPCODL/CCG/2023-24/1000000539 | RC for supply of HT Cable Jointing Kits for TPCODL, TPNODL, TPWODL & TPSODL |
| 10 | TPCODL/CCG/2023-24/1000000540 | RC for SITC of 11 kV and 33 kV Auto Recloser and Sectionalizers for TPNODL & TPSODL |
| 11 | TPCODL/CCG/2023-24/1000000542 | RC for supply of Lightning Arresters of various ratings at TPCODL, TPNODL & TPSODL |
| 12 | TPCODL/CCG/2023-24/1000000544 | RC for supply of AB Switches of various ratings at TPCODL, TPNODL & TPSODL |
| 13 | TPCODL/CCG/2023-24/1000000546 | RC for supply of 33 KV & 11 KV Metering Units at TPCODL, TPNODL, TPWODL & TPSODL |
| 14 | TPCODL/CCG/2023-24/1000000547 | RC for supply of 33 KV & 11 KV Metering Cubicles at TPNODL, TPWODL & TPSODL |
| 15 | TPCODL/CCG/2023-24/1000000548 | RC for SITC of 33 & 11 kV CRP at TPCODL, TPNODL, TPWODL & TPSODL. |
| 16 | TPCODL/CCG/2023-24/1000000549 | RC for Supply of AB Cable at TPCODL, TPNODL & TPSODL |
| 17 | TPCODL/CCG/2023-24/1000000550 | RC for Supply of Conductor at TPCODL, TPNODL & TPSODL |
| 18 | TPCODL/CCG/2023-24/1000000551 | RC for Supply of WPB Pole, RSJ Pole, H-Pole, Rebbar Lacing Pole at TPCODL, TPNODL & TPSODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com.** All tenders will be available on TPCODL website w.e.f. from **dtd. 16.01.2024**. Future communication / corrigendum to tender documents, if any, shall be available on TPCODL website.

# ୧.୩୫ କୋଟି ଟଙ୍କାର ସାମଗ୍ରୀ ବିକ୍ରି



ମେଳାରେ ଲୋକଙ୍କ ଭିଡ଼(ବାମ), ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବିଶ୍ୱରଞ୍ଜନ ପଟ୍ଟନାୟକଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

**ସରିଲା ପଲ୍ଲିଶ୍ରୀ ମେଳା**

**ସୋନପୁର,୧୧।୧(ମୃତ୍ୟୁଞ୍ଜୟ ଶତପଥୀ)**

୩୦ତମ ସୁବର୍ଣ୍ଣ ଲୋକ ମହୋତ୍ସବ ଅବସରରେ ଓର୍‌ମାସ(ଜିଲା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସଂସ୍ଥା) ଦ୍ୱାରା ସହରର ରାମେଶ୍ୱର ଷ୍ଟାଡିୟମ ପରିସରରେ ଆୟୋଜିତ ପଲ୍ଲିଶ୍ରୀ ମେଳା ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ୫ ଦିନିଆ ମେଳାରେ ଓଡିଶା, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, କଶ୍ମୀର, ରାଜସ୍ଥାନ, ମହାରାଷ୍ଟ୍ର ଓ ବିହାର ଭଳି ରାଜ୍ୟର ଶିଳ୍ପୀ, ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ଯୋଗ ଦେଇଥିଲେ। ସେହିପରି ୩୦ଟି ଜିଲାରୁ ଶିଳ୍ପୀ, କ୍ଷୁଦ୍ର ବ୍ୟବସାୟୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦାନ କରି ସେମାନଙ୍କ ସାମଗ୍ରୀ ବିକ୍ରି କରିଥିଲେ। ସୌଖୀନ ହସ୍ତଶିଳ୍ପ, ଆୟୁର୍ବେଦିକ ଔଷଧ, ମିଲେଟ୍ସ ଓ ମିଲେଟ୍ସ ଦ୍ୱାରା ପ୍ରସ୍ତୁତ ଖାଦ୍ୟ, ବନଜାତ ଦ୍ରବ୍ୟ, ଦୈନିକ ଘରକରଣା ସାମଗ୍ରୀ, ମସଲା, ବ୍ରହ୍ମପୁରର ଆଚାର, ନୟାଗଡର ଛେନାପୋଡ, ଖାଦ୍ୟ ଷ୍ଟଲ ଓ ଗାଲିଚା ଆଦି ପ୍ରଦର୍ଶିତ ହୋଇଥିଲା। ଚଳିତବର୍ଷ ପଲ୍ଲିଶ୍ରୀ ମେଳା ଓ ଜିଲା ଉନ୍ନୟନ ପ୍ରଦର୍ଶନୀରେ ୧୭୩ଟି ଷ୍ଟଲ ଖୋଲା ଯାଇଥିଲା। ଏହି ବୃହତ ବ୍ୟବସାୟିକ ମେଳାରେ ୧ କୋଟି ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି। ଫୁଡ୍ ପ୍ଲାଜା ସହିତ କାଠ ଖୋଦେଇ ସୌଖୀନ କାମ, ହ୍ୟାଣ୍ଡଲୁମ୍, ସୁନ୍ଦର କାର୍ପେଟ୍, ପ୍ଲାଷ୍ଟିକ୍ ଫୁଲ ସହିତ ଘର ସଜାଇବା ପାଇଁ ବିଭିନ୍ନ ପ୍ରକାର ମନଲୋଭା ସାମଗ୍ରୀର ବେଶ ଚାହିଦା ଥିଲା। ସୁବର୍ଣ୍ଣପୁର ଜିଲାର ପ୍ରସିଦ୍ଧ ହସ୍ତଶିଳ୍ପ, ପାଟଶାଢୀ, ଗଞ୍ଜାମର ଆଚାର, ରାୟଗଡା ଓ କୋରାପୁଟର ବନଜାତ ସାମଗ୍ରୀ, କନ୍ଧମାଳର ହଳଦୀ, କୋରାପୁଟର ମିଲେଟ୍ସ, ନୟାଗଡର ଛେନାପୋଡ, ବାଣପୁରର ଶିଳ୍ପୀଙ୍କ ବେତରେ ତିଆରି ଆସବାବପତ୍ର ବେଶୀ ବିକ୍ରି ହୋଇଥିଲା। ତେବେ ଅନୁକୂଳ ପାଗ ଯୋଗୁ ମେଳାରେ ବିକ୍ରି ଭଲ ହୋଇଥିଲା ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ କହିଛନ୍ତି। ଏହି ଅବସରରେ ବିଭିନ୍ନ ବିଭାଗର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରା ଯାଇଥିଲା। ଭଲ ପ୍ରଦର୍ଶନ ପାଇଁ ମୟୁରଭଞ୍ଜ ଜିଲାର କ୍ରିଷ୍ଣା ଏସ୍‌ଏଚଜି, ଶ୍ରେଷ୍ଠ ବିକ୍ରେତା ଭାବେ ନୟାଗଡର ବୁଢୀ ମା’ ଏସ୍‌ଏଚଜି ଓ ମହୋତ୍ସବରେ ଅଧିକ ବିକ୍ରି ପାଇଁ କୋରାପୁଟ ଆଗ୍ରୋ ପ୍ରଡକ୍ଟ ପ୍ରଡ୍ୟୁସର କମ୍ପାନୀକୁ ପୁରସ୍କୃତ କରା ଯାଇଥିବା ସୁବର୍ଣ୍ଣପୁର ଜିଲା ଓରମାସ୍‌ର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ସମୀର କୁମାର ନାୟକ, ସହାୟକ ଦେବାଶିଷ ମିଶ୍ର ଓ ଡିପିସି ମିଶନ ଶକ୍ତି ବିଶ୍ୱଜିତ ପରିଡା ସୂଚନା ଦେଇଛନ୍ତି। ଓରମାସ୍ ପକ୍ଷରୁ ମେଳାରେ ଭାଗ ନେଇଥିବା ଏସ୍‌ଏଚଜିଙ୍କୁ ମାଗଣାରେ ଷ୍ଟଲ ଯୋଗାଇ ଦିଆଯିବା ସହିତ ରହିବାର ବ୍ୟବସ୍ଥା କରା ଯାଇଥିଲା। ଅନ୍ୟପକ୍ଷରେ ସୁବର୍ଣ୍ଣ କୃଷି ଓ ଯନ୍ତ୍ରପାତି ମେଳାରେ ବିଭିନ୍ନ କୃଷି ଉପକରଣ ନିର୍ମାତା କମ୍ପାନୀର ଷ୍ଟଲ ଖୋଲା ଯାଇଥିଲା। ଜିଲା ଉନ୍ନୟନ ପ୍ରଦର୍ଶନୀରେ ଉଦ୍ୟାନ, କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ବନ ବିଭାଗ, ସମଗ୍ର ଶିକ୍ଷା ଅଭିଯାନ, ଶିଶୁ ସୁରକ୍ଷା ବିଭାଗ ଓ ଜଳ ବିଭାଜିକା ମିଶନ ପକ୍ଷରୁ ଖୋଲା ଯାଇଥିବା ପ୍ରଦର୍ଶନୀରେ ବେଶ ଗହଳି ଲାଗିଥିଲା। ଜିଲା ଉନ୍ନୟନ ପ୍ରଦର୍ଶନୀରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପ୍ରଥମ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱିତୀୟ ଓ ସମଗ୍ର ଶିକ୍ଷା ଅଭିଯାନ ତୃତୀୟ ସ୍ଥାନ ରଖି ପୁରସ୍କୃତ ହୋଇଥିଲା। ଜିଲାପାଳ ବିମଳେନ୍ଦୁ ରାୟ, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅଞ୍ଜଳିନା ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ।

## ବୀରମହାରାଜପୁର-ବସ୍ତର ଫାଇନାଲ ମୁକାବିଲା

**ସୁବଳ ସାହୁ ମେମୋରିଆଲ ଫୁଟବଲ**

**ବରପାଲି, ୧୧।୧(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ସୁବଳ ସାହୁ ମେମୋରିଆଲ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ଗୁରୁବାର ଖେଳାଯାଇଥିଲା। ମୁହାଁମୁହିଁ ହୋଇଥିଲେ କୋଲକାତାର ହାୱାଡା ଓ ବୀରମହାରାଜପୁର ଦଳ। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ୧-୦ଗୋଲରେ ହାୱାଡାକୁ ପରାସ୍ତ କରି ବୀରମହାରାଜପୁର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିରେ ବିଜୟୀ ହୋଇ ବିହାର ପ୍ରଦେଶର ବସ୍ତର ଦଳ ଫାଇନାଲରେ ପ୍ରବେଶ କରିଥିଲା। ଆଗାମୀ ୧୪ତାରିଖ ଫାଇନାଲ ମ୍ୟାଚ ବସ୍ତର ଓ ବୀରମହାରାଜପୁର ମଧ୍ୟରେ ହେବାର କାର୍ଯ୍ୟକ୍ରମ ରହିଛି। ଆଶୀର୍ବାଦ କାନୁନଗୋ, ଶଶିକାନ୍ତ ଦାଶିଆ, ଦେବାଶିଷ ବାଗ, ଜିତେନ୍ଦ୍ରିୟ ଥନାପତି ଏବଂ ମନୋଜ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଆମନ୍ତ୍ରିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ଏନଏସି ଅଧ୍ୟକ୍ଷ ଅଇଁଠୁ ସାହୁ, ସାମାଜିକ କର୍ମୀ ସିଂନାଦ ପଧାନ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଫୁଟବଲ ଖେଳାଳି ଲବ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସାଙ୍ଗଠନିକ ସମ୍ପାଦକ ସୌରଭ ସାହୁଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ଆଥେଲେଟିକ ଆସୋସିଏଶନ ସଭାପତି ଉପଗୁପ୍ତ ତ୍ରିପାଠୀ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅଶୋକ କୁମାର ପଣ୍ଡା ଓ ମଧୁ ମଙ୍ଗଳ ମିଶ୍ରଙ୍କ ସଂଯୋଜନାରେ ସଭା ପରିଚାଳିତ ହୋଇଥିଲା।

## ଘଣ୍ଟାପଡ଼ାରେ ଅର୍ପଣ ରଥ

**ଘଣ୍ଟାପଡ଼ା,୧୧।୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ଗ୍ରାମରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ରଥକୁ ସ୍ଥାନୀୟ ସରପଞ୍ଚ ରିତା କହଁର ସ୍ୱାଗତ କରି ଜଗନ୍ନାଥ ମନ୍ଦିରକୁ ପାଛୋଟି ନେଇଥିଲେ। ପରେ ମନ୍ଦିର ପ୍ରାଙ୍ଗଣରେ ଅର୍ପଣ ରଥକୁ ପୂଜାର୍ଚ୍ଚନା ପରେ ଏହା ଗ୍ରାମ ପରିକ୍ରମା କରିଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁରୁଚରଣ ସେଠୀ ଓ ଜିଆରଏସ ଶଙ୍କର୍ଷଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗନ୍ନାଥ ମନ୍ଦିରରୁ ଅର୍ପଣ ରଥ ବାହାରିବା ପରେ ଘଣ୍ଟାପଡ଼ା ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ କରାଯାଇଥିଲା। ସଂକୀର୍ତ୍ତନ୍ୟମଣ୍ଡଳୀ ସହିତ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିଲା। ଶ୍ରଦ୍ଧାଳୁମାନେ ଘରେ ଘରେ ଦୀପ ଜାଳି ରଥକୁ ସ୍ୱାଗତ କରି ଅକ୍ଷତ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ନବୀନ କିଶୋର ମେଣ୍ଡିଲି, ସାମାଜିକ କର୍ମୀ କାଳିଆ କହଁର, ମହେଶ୍ୱର ରଣା, ନିତ୍ୟାନନ୍ଦ ଥନାପତି , ବିଶ୍ୱାମିତ୍ର ମାଝୀ,ୱାର୍ଡ ସଭ୍ୟାସଭ୍ୟ, ପଞ୍ଚାୟତ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ମହିଳା ମିଶନ ଶକ୍ତିର ଏମବିକେ, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଘଣ୍ଟାପଡ଼ା ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଘଣ୍ଟାପଡ଼ା ପଞ୍ଚାୟତ ଅଧୀନ ପୋଡାପଦର, ଲଣ୍ଡାପଦର,କୋଡ଼ିବାହାଲି, ରେକଡୋଲ, ସୁର୍କାଭଟ୍ଟା,ତାଲବେଡା ଆଦି ଗ୍ରାମରେ ରଥକୁ ସ୍ୱାଗତ କରାଯାଇଥିବା ବେଳେ ଶ୍ରଦ୍ଧାଳୁ ଅରୁଆ ଚାଉଳ, ଟଙ୍କା ଓ ଗୁଆ ଅର୍ପଣ କରିଥିଲେ।

## ସ୍ଥଗିତାଦେଶ ଜାରି କଲେ ଜିଲା ଦୌରଜଜ୍

**ଖୁଣ୍ଟିଗୋରା ସରପଞ୍ଚଙ୍କୁ ଅସିଦ୍ଧ ଘୋଷଣା ମାମଲା**

**ବୌଦ୍ଧ,୧୧।୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଖୁଣ୍ଟିଗୋରା ସରପଞ୍ଚ ନିର୍ବାଚନୀ ମାମଲାକୁ ଗତ ୨୨।୧୨।୨୦୨୩ରେ କଣ୍ଟାମାଳ ସିଭିଲ ଜଜ୍ ଜୁନିୟର ଡିଭିଜନ ବିଚାର କରି ସରପଞ୍ଚ ସୁନୀତା ମାଝୀଙ୍କୁ ଅସିଦ୍ଧ ଘୋଷଣା କରିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ପ୍ରଭାସିନୀ ଖଟୁଆଙ୍କୁ ସରପଞ୍ଚ ଭାବେ ଘୋଷଣା କରିଥିଲେ। ଏନେଇ ସରପଞ୍ଚ ସୁନୀତା ମାଝୀ ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ ରାୟ ଉପରେ ବୌଦ୍ଧ ଜିଲା ଦୌରଜଜ୍‌ଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ଜିଲା ଦୌରଜଜ୍‌ଙ୍କ ଅଦାଲତରେ ଇଲେକସନ ଅପିଲ ନଂ ୧/୨୩ ହୋଇ ବିଚାର ପାଇଁ ଗ୍ରହଣ କରାଯାଇଥିଲା । ମାମଲାରେ ଜିଲା ଦୌରଜଜ୍ ବିକ୍ରମ କୁମାର ପ୍ରଧାନ ଗୁରୁବାର ଦିନ କଣ୍ଟାମାଳ ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ ଆଦେଶ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ମାମଲାଟି ଜିଲା ଦୌରଜଜ୍‌ଙ୍କ ଅଦାଲତରେ ଶେଷ ଶୁଣାଣି ପର୍ଯ୍ୟନ୍ତ ନିମ୍ନ ଅଦାଲତର ରାୟ ଉପରେ ସ୍ଥଗିତଦେଶ ଜାରି କରିଛନ୍ତି। ସରପଞ୍ଚ ସୁନୀତା ମାଝୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁରେଶ ଚନ୍ଦ୍ର ମେହେର ଓ ଅଜିତ କୁମାର ଦାସ ମାମଲା ପରିଚାଳନା କରିଥିଲେ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ନୋଟିସ୍ ନଂ.: MCSW-Shell Rep-23-24-28
କାର୍ଯ୍ୟର ନାମ: ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ICF ଏବଂ LHB କୋଚ୍ ଗୁଡିକର ହେଭି ସେଲ୍ ରିପେୟାର।
ବିଜ୍ଞାପିତ ମୂଲ୍ୟ : ଟ.3,02,53,262.64
EMD: ଟ. 3,01,300/-
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.27.01.2024 ରିଖ 1100 ଘଟିକାରେ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ :www.ireps.gov.in ରେ ଉପଲବ୍ଧ ।
ମୁଖ୍ୟ ୱାର୍କସପ୍ ମ୍ୟାନେଜର, ମଞ୍ଚେଶ୍ୱର
PR-972/O/23-24

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ବଘିଆପଡା,୧୧।୧(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ରମ୍ଭିକଟା ରାସ୍ତାର ସାଲୁଙ୍କି ନଦୀ ଉପରେ ପ୍ରସ୍ତାବିତ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ,ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ । ପ୍ରାୟ ସାଢେ ଆଠ କୋଟି ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ଏହି ସେତୁ ଟିକରପଡା, ଆମ୍ବଝରୀ ପଞ୍ଚାୟତକୁ ସଂଯୋଗ କରିବ । ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ବୌଦ୍ଧଗଡ ଏନଏସି ଅନ୍ତର୍ଗତ ମର୍ଜାକୁଦଠାରେ ହରିଜନସାହିଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମନ୍ତ୍ରୀ ଅମାତ, ସମ୍ମାନିତ ଅତିଥି ଜିଲାପାଳ ସ୍ୱାଇଁ, ଏନଏସି ଅଧ୍ୟକ୍ଷ ମିଶ୍ର ଯୋଗ ଦେଇଥିଲେ ।

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ରନର ଅପ୍

**ଅମରପାଲି,୧୧।୧(ପୀତାମ୍ବର ସାହୁ)**

ଓଡିଶା ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚାମ୍ପିୟନଶିପରେ ସୁବର୍ଣ୍ଣପୁର ଜିଲା ଏହେସାସ ଟାଏକୋଣ୍ଡୋ ଏକାଡେମୀର ଖେଳାଳିଙ୍କୁ ମିଳିଛି ସଫଳତା। ଏହି ଚାମ୍ପିୟନଶିପରେ ଏହେସାସ ଟାଏକୋଣ୍ଡୋ ଏକାଡେମୀ ରନରଅପ ହୋଇଥିବା ବେଳେ ୭ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୬ କାଂସ୍ୟ ପଦକ ହାସଲ କରିଛି। ପୁରୀସ୍ଥିତ ରାଣୀସତି ଭବନଠାରେ ଦୁଇଦିନ ଧରି ଆୟୋଜିତ ଏହି ଚାମ୍ପିୟନଶିପରେ କୁମାର କାଶ୍ୟପ ଷଡଙ୍ଗୀ, ହର୍ଷିତା ନାୟକ, ରବିଶଙ୍କର ସାହୁ, ସୁନିତା ନାୟକ, ପ୍ରିୟଦର୍ଶନୀ କର, ଅନ୍ୱେଷ ହୋତାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ଜ୍ୟୋତିର୍ମୟୀ ସାହୁ, ହରିପ୍ରିୟା ମିଶ୍ରଙ୍କୁ ରୋପ୍ୟ ଏବଂ ଅର୍ଲିନ ମିଶ୍ର, ତନୟା ଡି. ପଟ୍ଟନାୟକ, ବିଶ୍ୱନାଥ ଭୋଇ, ରାଜକୁମାର ପାତ୍ର, ଦେବାଶିଷ ଚନ୍ଦ୍ର ନାୟକ, ଏସ ପ୍ରିୟଦର୍ଶନୀଙ୍କୁ କାଂସ୍ୟ ପଦକ ମିଳିଛି । ଏହି ସଫଳତା ପାଇଁ ରାଜ୍ୟ ଟାଏକୋଣ୍ଡୋ ସଂଘର ସଂପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତା ଏବଂ ସମ୍ପାଦକ ଏହେସାସ ହୋତା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ସୁବର୍ଣ୍ଣପୁର ଟାଏକୋଣ୍ଡୋ ଖେଳାଳିଙ୍କ ଖେଳ ପ୍ରଦର୍ଶନ।

**ପୂର୍ବ ତଟ ରେଳପଥ**
‘ଇ’-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ୍
ଟେଣ୍ଡର ନୋଟିସ୍ ନଂ.: Sr.DMM/KUR/EP/2023-24/12, ତାରିଖ.05.01.2024
କ୍ର. ନଂ. ୦୧: TENDER NO. 81236091, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: ବିଦ୍ୟୁତ୍ ଚାଳିତ ରୋଟାରୀ ସ୍କ୍ରୁ ଏୟାର କମ୍ପ୍ରେସର।
କ୍ର. ନଂ. ୦୨: TENDER NO. 81235798A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍ସନ୍ ମୋଟର
କ୍ର. ନଂ. ୦୩: TENDER NO. 81235799A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍ସନ୍ କନ୍‌ଭର୍ଟର/ଇନ୍‌ଭର୍ଟର
ପରିମାଣ: କ୍ର.ନଂ. ୧ ଏବଂ ୩ ନିମନ୍ତେ (1 ଟି), କ୍ର.ନଂ. ୨ ନିମନ୍ତେ (2 ଟି)
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା 05.02.2024 ରିଖ 1500 ଘଟିକାରେ (ସମସ୍ତ କ୍ର.ନଂ. ନିମନ୍ତେ)
ନିମ୍ନଲିଖିତ ଟେଣ୍ଡର ୱେବସାଇଟ୍ : www.ireps.gov.in ରେ ଅପଲୋଡ ହୋଇଛି।
ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ ଖୋର୍ଦ୍ଧା ରୋଡ
PR-968/O/23-24

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୪/୧, ତାରିଖ: ୦୨।୦୧।୨୦୨୪

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୩୧୯୮୫ | ସେଣ୍ଟର ପାଇଭଟ୍ ପିନ୍ ନିମନ୍ତେ ଲକିଂ ଆରେଞ୍ଜମେଣ୍ଟ ପାଇଁ କିଟ୍ | ୧୫।୦୧।୨୦୨୪ ୧୦.୩୦ ଘଟିକା | ୧୧୭୬୮ ସେଟ୍ |
| ୨ | ୦୩୨୩୧୪୦୧ | ୱାଗନ୍ ନିମନ୍ତେ ଏୟାର୍ ବ୍ରେକ୍ ହୋସ୍ କପ୍‌ଲିଂ ସପୋର୍ଟ | ୨୨।୦୧।୨୦୨୪ ୧୦.୩୦ ଘଟିକା | ୨୮୦୫୬ ଗୋଟି |
| ୩ | ୦୨୨୩୪୨୨୪ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୫୦-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୪ | ୦୨୨୩୪୨୨୫ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୩୪-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୫ | ୦୩୨୩୩୪୦୯ | ବିଓବିଆର୍‌ଏନ୍ ୱାଗନ୍‌ରୁ ଆର୍‌ଡିଏସ୍‌ଓ ପାଇଁ କ୍ରସ୍ ରିଜ୍ ଷ୍ଟେ | ୦୧।୦୨।୨୦୨୪ ୧୦.୩୦ ଘଟିକା | ୩୦୦ ଗୋଟି |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ । ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ ।
ସହକାରୀ ସାମଗ୍ରୀ ପରିଚାଳକ-I ଦ.ପୂ.ମ. ରେଳପଥ, ବିଳାସପୁର
CPR/10/370

## ପରେଡ଼ରେ ଅଂଶଗ୍ରହଣ କରିବେ ୩୭ ଦଳ

**ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ**

**ସୋନପୁର,୧୧।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସଦର ମହକୁମାଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣପୁର ରାମେଶର ଷ୍ଟାଡିୟମଠାରେ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ ପାଇଁ ନିଷ୍ପତ୍ତି ହୋଇଛି । ଉକ୍ତଦିନ ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ। ସକାଳ ସାଢେ ୭ଟାରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ପୂର୍ବାହ୍ନ ସାଢେ ୮ଟାରେ ଷ୍ଟାଡିୟମଠାରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରିବେ । ଚଳିତବର୍ଷ ପୋଲିସ ବ୍ୟାଣ୍ଡ ଓ ପୋଲିସ ପରେଡ଼ ଦଳ ସହ ମୋଟ ୩୭ଟି ଦଳ ପରେଡ଼ରେ ଅଂଶଗ୍ରହଣ କରିବେ । ବିଭିନ୍ନ ବିଭାଗ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ନିଜ ବିଭାଗର ସଫଳତା ପ୍ରଦର୍ଶନ କରିବେ ବୋଲି ନିଷ୍ପତ୍ତି ହୋଇଛି । ସେହିପରି ବିଭିନ୍ନ ବିଭାଗର କର୍ମଚାରୀ ତଥା ସଂସ୍ଥାଗୁଡିକୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ପୁରସ୍କୃତ କରାଯିବ । ଅପରାହ୍ନରେ ରୟାଲ ପଡିଆରେ ପ୍ରଶାସନ ବନାମ ନଗରପାଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ । ସନ୍ଧ୍ୟାରେ ନୂତନ ଟାଉନ ହଲଠାରେ ପୁରସ୍କାର ବିତରଣ ଓ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜିଲାସ୍ତରୀୟ ଉତ୍ସବ ପରି ଜିଲାର ଉପଖଣ୍ଡ ସ୍ତରରେ, ବ୍ଲକ ସ୍ତରରେ ତଥା ପଞ୍ଚାୟତ ସ୍ତରରେ ମଧ୍ୟ ସମାରୋହ ଅନୁଷ୍ଠିତ ହେବ ।

ଉତ୍ସବ ପରିପ୍ରେକ୍ଷୀରେ ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ, ଜାତୀୟତାବୋଧକ ସଙ୍ଗୀତ ଆବୃତ୍ତି, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅଞ୍ଜଳିନା ପଧାନ, ପିଡି ଡ୍ରୁଡା ବିଶ୍ୱନାଥ ବାରିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାୟକ, ସିଡିଓ ତଥା ଇଓ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ବିବରଣୀ ପାଠ କରିବା ସହିତ ସଭା ପରିଚାଳନା କରିଥିଲେ।



ଜିଲାସ୍ତରୀୟ ସମାରୋହ ପାଇଁ ପ୍ରସ୍ତୁତି ବୈଠକରେ ଅଧିକାରୀ ଓ ବୁଦ୍ଧିଜୀବୀ।

**TPCODL**
**TP CENTRAL ODISHA**
DISTRIBUTION LIMITED
**(A Joint Venture of Tata Power and Government of Odisha)**
1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER**
**NIT No: TPCODL/P&S/NIT/23-24/28**

Bids are invited from eligible Bidders for the following tenders of Odisha DISCOMs, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.):

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2023-24/1000000518 | RC for MS Windows Server Data Centre Edition Operating System Software (2 Core) and Microsoft SQL Server (2 Core) licenses for TPCODL, TPNODL, TPWODL & TPSODL |
| 2 | TPCODL/CCG/2023-24/1000000520 | RC for supply of LT Distribution Boxes at TPCODL, TPNODL & TPSODL |
| 3 | TPCODL/CCG/2023-24/1000000526 | RC for supply of 33 & 11 kV Outdoor VCB at TPCODL, TPNODL, TPWODL & TPSODL |
| 4 | TPCODL/CCG/2023-24/1000000531 | RC for supply of 33 kV Cables at TPCODL, TPNODL & TPSODL |
| 5 | TPCODL/CCG/2023-24/1000000532 | RC for supply of 11 kV Cables at TPCODL, TPNODL & TPSODL |
| 6 | TPCODL/CCG/2023-24/1000000534 | RC for supply of Pin & Disc Insulator (Polymer) at TPCODL, TPNODL & TPSODL |
| 7 | TPCODL/CCG/2023-24/1000000535 | RC for supply of 33 kV & 11 kV Isolators at TPCODL, TPNODL & TPSODL. |
| 8 | TPCODL/CCG/2023-24/1000000538 | RC for supply of LT Power and Control Cables at TPCODL, TPNODL & TPSODL |
| 9 | TPCODL/CCG/2023-24/1000000539 | RC for supply of HT Cable Jointing Kits for TPCODL, TPNODL, TPWODL & TPSODL |
| 10 | TPCODL/CCG/2023-24/1000000540 | RC for SITC of 11 kV and 33 kV Auto Recloser and Sectionalizers for TPNODL & TPSODL |
| 11 | TPCODL/CCG/2023-24/1000000542 | RC for supply of Lightning Arresters of various ratings at TPCODL, TPNODL & TPSODL |
| 12 | TPCODL/CCG/2023-24/1000000544 | RC for supply of AB Switches of various ratings at TPCODL, TPNODL & TPSODL |
| 13 | TPCODL/CCG/2023-24/1000000546 | RC for supply of 33 KV & 11 KV Metering Units at TPCODL, TPNODL, TPWODL & TPSODL |
| 14 | TPCODL/CCG/2023-24/1000000547 | RC for supply of 33 KV & 11 KV Metering Cubicles at TPNODL, TPWODL & TPSODL |
| 15 | TPCODL/CCG/2023-24/1000000548 | RC for SITC of 33 & 11 kV CRP at TPCODL, TPNODL, TPWODL & TPSODL. |
| 16 | TPCODL/CCG/2023-24/1000000549 | RC for Supply of AB Cable at TPCODL, TPNODL & TPSODL |
| 17 | TPCODL/CCG/2023-24/1000000550 | RC for Supply of Conductor at TPCODL, TPNODL & TPSODL |
| 18 | TPCODL/CCG/2023-24/1000000551 | RC for Supply of WPB Pole, RSJ Pole, H-Pole, Rebbar Lacing Pole at TPCODL, TPNODL & TPSODL |

For more details like bid due date, EMD, tender fee, bid opening date etc. of the Tenders, please visit “Tender” section TPCODL website **https://www.tpcentralodisha.com.** All tenders will be available on TPCODL website w.e.f. from **dtd. 16.01.2024**. Future communication / corrigendum to tender documents, if any, shall be available on TPCODL website.

## ସଂକ୍ଷେପରେ

### ନିଆଁରେ ପୋଡି ଚିକିତ୍ସାଧୀନ ମହିଳା ମୃତ

ରାଉରକେଲା,୧୧।୧(ଦିନେଶ ମିଶ୍ର): ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ନିଆଁରେ ପୋଡିହୋଇ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ବୁଦ୍ଧିଆ ଜୋଜୋ(୪୩)। ଭାଲୁଲତା ପାତ୍ରପଡା ବସ୍ତିରେ ବୁଦ୍ଧିଆ ପରିବାର ସହ ବାସ କରୁଥିଲେ। ଗତ ୮ ତାରିଖରେ ବୁଦ୍ଧିଆ ତାଙ୍କ ପରିବାର ଲୋକଙ୍କ ପାଇଁ ମାଟି ଚୂଲିରେ ରୋଷେଇ କରୁଥିବା ସମୟରେ ତାଙ୍କ ଶାଢୀକାନିରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏହି ନିଆଁ ତାଙ୍କ ଦେହସାରା ଖେଳାଇ ହୋଇଯାଇଥିଲା। ମହିଳା ଜଣଙ୍କ ଚିତ୍କାର କରିବାରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସାଲାଗି ପ୍ରଥମେ ଭାଲୁଲତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଶରୀର ୭୦ ପ୍ରତିଶତ ଜଳିଯାଇଥିବା ଡାକ୍ତରୀସୂତ୍ରରୁ ଜଣାପଡିଥିଲା। ଗୁରୁତର ଅବସ୍ଥାରେ ମହିଳା ଜଣଙ୍କ ଚିକିତ୍ସିତ ହେଉଥିବାବେଳେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

### ସୁଭଦ୍ରାବସ୍ତିରେ ଶର୍ଟସର୍କିଟରେ ଅଗ୍ନିକାଣ୍ଡ

ରାଉରକେଲା,୧୧।୧(ସଙ୍ଗୀତା ଜେନା): କୋଏଲନଗର 'ଇ' ବ୍ଲକ ନିକଟରେ ଥିବା ସୁଭଦ୍ରାବସ୍ତିରେ ଜଣେ ମହିଳାଙ୍କ ଘରେ କେହି ନ ଥିବା ବେଳେ ବୁଧବାର ସନ୍ଧ୍ୟାରେ ସର୍ଟସର୍କିଟ ଯୋଗୁ ନିଆଁ ଲାଗି ଘର ସାମଗ୍ରୀ ପୋଡ଼ିଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ପଡୋଶୀମାନେ ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ବସ୍ତିରେ ରହିଥିବା ରୀନା ରାୟଙ୍କ ଘରେ ନ ଥିବାବେଳେ ଏପରି ହୋଇଥିଲା। ତାଙ୍କର ସମସ୍ତ ଆସବାବପତ୍ର ସାମଗ୍ରୀ ଜଳି ଯାଇଥିବା ଯୋଗୁ ଗୁରୁବାର ସକାଳେ ସ୍ଥାନୀୟ ସମାଜସେବୀ ଡା. ଲଲାଟେନ୍ଦୁ ଆଚାର୍ଯ୍ୟ, ଗୀତାଞ୍ଜଳୀ ଆଚାର୍ଯ୍ୟ, ପ୍ରିୟଙ୍କା ପାଣି ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।

### ରେଳବାଇର ଲୁହା ସ୍କ୍ରାପ ଜବତ, ଜଣେ ଗିରଫ

ରାଉରକେଲା,୧୧।୧(ସଙ୍ଗୀତା ଜେନା): ରାଉରକେଲା ରେଳଷ୍ଟେସନ ନିକଟରୁ ପ୍ରାୟ ଏକ କୁଇଣ୍ଟାଲ ଲୁହା ସ୍କ୍ରାପ ଜବତ ହୋଇଛି। ଏ ନେଇ ରାଉରକେଲା ରେଳବାଇ ସୁରକ୍ଷାବାହିନୀ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛନ୍ତି ରହମତ ନଗରର ସେକ୍ ସଭାର। ତାଙ୍କଠାରୁ ଚୋରି ଲୁହାସ୍କ୍ରାପ ଜବତ ହୋଇଛି। ସେ ଅଟୋରେ ନେଇ ଉକ୍ତ ଚୋରି ସାମଗ୍ରୀ ରହମତନଗର ଯାଉଥିଲେ।

### ଫେବୃଆରୀ ଦ୍ୱିତୀୟ ସପ୍ତାହରେ ରାଉରକେଲା ଆସିବେ ରାହୁଲ ଗାନ୍ଧୀ

ରାଉରକେଲା,୧୧।୧(ସଙ୍ଗୀତା ଜେନା): ଜାନୁଆରୀ ୧୪ରୁ କଂଗ୍ରେସ ପକ୍ଷରୁ 'ଭାରତ ନ୍ୟାୟ ଯାତ୍ରା' ଆରମ୍ଭ ହେବାକୁ ଯାଉଛି। ଏହି କ୍ରମରେ ୬୭୦୦ କିମି ଯାତ୍ରା କରାଯିବ। ଓଡ଼ିଶାର ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼ ଓ ଝାରସୁଗୁଡ଼ା ଆଦି ଜିଲା ଦେଇ ଉକ୍ତ ଯାତ୍ରା ଅତିକ୍ରମ କରିବ। ଏଥିରେ ନେତୃତ୍ୱ ନେଇଥିବା କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧୀ ଫେବୃଆରୀ ଦ୍ୱିତୀୟ ସପ୍ତାହରେ ରାଉରକେଲା ଆସିବାର ଯୋଜନା ରହିଛି। ଏହା ଜିଲା ପାଇଁ ସୌଭାଗ୍ୟ ବୋଲି କଂଗ୍ରେସ ଡିସିସି ସଭାପତି ରଶ୍ମିରଞ୍ଜନ ପାଢ଼ୀ ଗୁରୁବାର ସୂଚନା ଦେଇଛନ୍ତି।

### ୨ରୁ ରାଉରକେଲା ପୁସ୍ତକ ମେଳା

ରାଉରକେଲା,୧୧।୧(ଦିନେଶ ମିଶ୍ର): ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପରିସରରେ ଆଦର୍ଶ ପାଠାଗାର ଆୟୋଜିତ ୨୯ତମ ରାଉରକେଲା ପୁସ୍ତକ ମେଳା ଆସନ୍ତା ଫେବୃଆରୀ ୨ରେ ଅନୁଷ୍ଠିତ ହେବ। ଏହି ପୁସ୍ତକମେଳାରେ ଓଡିଶାର ସମସ୍ତ ପୁସ୍ତକ ପ୍ରକାଶନ ଓ ବିକ୍ରେତାଙ୍କୁ ଯୋଗଦେବାକୁ ଆଦର୍ଶ ପାଠାଗାର ଓ ଭଞ୍ଜ ସାଂସ୍କୃତିକ ନ୍ୟାସ ପକ୍ଷରୁ ଅନୁରୋଧ କରାଯାଇଛି। ଯେଉଁ ପ୍ରକାଶକ ଓ ବିକ୍ରେତାମାନେ ଏହି ମେଳାରେ ଯୋଗଦେବାକୁ ଚାହୁଁଛନ୍ତି ନିର୍ଦ୍ଧାରିତ ଫର୍ମରେ ସମ୍ମତି ପ୍ରଦାନ କଲେ ପାଠାଗାର ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ପୁସ୍ତକମେଳା ଫେବୃଆରୀ ୧୧ ତାରିଖରେ ଶେଷ ହେବ ବୋଲି ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଅବଗତ କରିଛନ୍ତି।



ରାଉରକେଲା ଇସ୍ପାତ ସହରାଞ୍ଚଳ ସିଭିକ ସେଣ୍ଟରରେ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବରେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

# ପାରମ୍ପରିକ ଆଦିବାସୀ ନୃତ୍ୟରେ ଦୁଲୁକିଲା ମଞ୍ଚ

- ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ୨୦୨୪
- ମା' ଚଳାକଳା ନୃତ୍ୟ ପରିଷଦ ଦଳ ବିଜୟୀ

ରାଉରକେଲା,୧୧।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଆନୁକୂଲ୍ୟରେ ରାଉରକେଲା ଇସ୍ପାତ ସହରାଞ୍ଚଳସ୍ଥିତ ସିଭିକ ସେଣ୍ଟରରେ ବୁଧବାରଠାରୁ ଚାଲିଥିବା ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ୨୦୨୪ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଚୂଡାନ୍ତ ପର୍ଯ୍ୟାୟରେ ଲାଠିକଟା ବ୍ଲକର ବଲାଣି ଗ୍ରାମର ମା'ଚଳାକଳା ନୃତ୍ୟ ପରିଷଦ ବିଜୟୀ ହୋଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୦ଟି ଆଦିବାସୀ ନୃତ୍ୟଦଳ ପାରମ୍ପରିକ ବେଶଭୁଷାରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରିଥିଲେ। ଆଦିବାସୀ ନୃତ୍ୟରେ ଦୁଲୁକି ଉଠିଥିଲା ମଞ୍ଚ। ମହୋତ୍ସବ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନ ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ବି.କେ ହୋତା, କାର୍ମିକ ଏବଂ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ସହର ପ୍ରଶାସନ ଏବଂ ସିଏସ୍‌ଆର୍ ବିଭାଗ ସିଜିଏମ୍ ପି.କେ ସ୍ୱାଇଁ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍‌ପିର ବିଭିନ୍ନ ବରିଷ୍ଠ ଅଧିକାରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଫେରିଫେରି ଅଞ୍ଚଳର ୧୦ରୁ ଉର୍ଦ୍ଧ୍ୱ କଳାକାର ଉପସ୍ଥିତ ଥିଲେ। ଲାଠିକଟା, ନୂଆଗାଁ, ବିଶ୍ରା ଏବଂ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମର ୧୨୦ ଦଳ ସର୍ବପ୍ରଥମେ ନିଜ ବ୍ଲକରେ ଆୟୋଜିତ ଜୋନାଲସ୍ତରୀୟ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ। ଏହା ପରେ ଜୋନାଲସ୍ତରରୁ ଉତ୍ତୀର୍ଣ୍ଣ ହୋଇ ସିନର୍ଜି ଲୋକ ମହୋତ୍ସବକୁ ୩୦ଟି ଦଳ ଉତ୍ତୀର୍ଣ୍ଣ ହୋଇଥିଲେ। ସିନର୍ଜି ଲୋକ ମହୋତ୍ସବରେ ଶ୍ରେଷ୍ଠ ନୃତ୍ୟ ପରିବେଷଣ କରି ଉତ୍ତୀର୍ଣ୍ଣ ହେବାକୁ ସମସ୍ତ ଦଳ ପ୍ରୟାସ କରିବା ସହିତ ଦର୍ଶକଙ୍କ ମନକୁ ବିମୋହିତ କରିଥିଲେ। ଉଦ୍‌ଯାପନୀ ଅବସରରେ ମୁଖ୍ୟଅତିଥି ଅଂଶଗ୍ରହଣ କରିଥିବା ସମସ୍ତ ଦଳକୁ ଉତ୍ସାହିତ କରିବା ସହିତ ସିଏସ୍‌ଆର ବିଭାଗର ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ଏହାସହିତ ଆର୍‌ଏସ୍‌ପି ତାର ପାରିପାର୍ଶ୍ୱିକ କ୍ଷେତ୍ରଗୁଡିକର ସାମଗ୍ରିକ ଅର୍ଥନୈତିକ, ସାମାଜିକ ଉନ୍ନତିସାଧନ କରିବା ସହିତ ଆଦିମ ସାଂସ୍କୃତିକ ପରମ୍ପରାକୁ ସିନର୍ଜି ଲୋକ ମହୋତ୍ସବ ମାଧ୍ୟମରେ ଉଜ୍ଜୀବିତ ରଖିବା ପ୍ରୟାସ ବେଶ ମନଲୋଭା ଓ ନିଆରା ବୋଲି କହିଥିଲେ। ପରେ ବିଜେତା ଚଳାକଳା ଦଳକୁ ୨୦ହଜାର ଟଙ୍କା, ଉପବିଜେତା ବିଶ୍ରା ବ୍ଲକର କେନ୍ଦୁଟୋଲା ଗ୍ରାମର ନୃତ୍ୟଦଳକୁ ୧୭ହଜାର ୫ଶହ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ତୃତୀୟ କୃତୀ ପ୍ରତିଯୋଗୀ ଭାବରେ କୁଆଁରମୁଣ୍ଡା ବ୍ଲକର କଛରୁ ଗ୍ରାମ ନୃତ୍ୟ ଦଳକୁ ୧୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ବିଚାରକ ମଣ୍ଡଳୀର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତାମାଳା ଆରମ୍ଭ

ରାଉରକେଲା,୧୧।୧(ଦିନେଶ ମିଶ୍ର)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତାମାଳାର ଷଷ୍ଠ ଅର୍ଘ୍ୟ କଲେଜର ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୂଚନା ଯୋଗାଯୋଗ ଓ ପ୍ରଯୁକ୍ତି ବିଦ୍ୟା ଶୀର୍ଷକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଭୁବନେଶ୍ୱରରୁ ଆସିଥିବା ରାଜ୍ୟ ବିବିସି ପ୍ରତିନିଧି ସୁବ୍ରତ ପତି ବକ୍ତାଭାବେ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟ ଓ ଜୀବନରେ ଯୋଗାଯୋଗ କ୍ଷେତ୍ରରେ ନୂତନ ନିଯୁକ୍ତିର ଭରପୁର ସୁଯୋଗ ରହିଥିବା ଯୋଗୁଁ ବିଭିନ୍ନ ବର୍ଗର ଛାତ୍ରୀଛାତ୍ର ଏହାର ସୁଯୋଗନେଇ ଲାଭ ଉଠାଇବାକୁ ପତି ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ବିଜୟ କୁମାର ବେହେରା ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ବର୍ତ୍ତମାନ ସମୟର ସାମ୍ବାଦିକତା ଉପରେ ଆଲୋଚନା କରିଥିଲେ। ଦିନକୁ ଦିନ ନୂତନ ପ୍ରଯୁକ୍ତିବିଦ୍ୟାର ବିକାଶ ଯୋଗୁ ଯୋଗାଯୋଗ ବ୍ୟବସ୍ଥା ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିପାରୁଛି ବୋଲି ସେ କହିଥିଲେ। ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଆଭାଷ କୁମାର ହୋତା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରଶ୍ନଉତ୍ତର ମତବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅଧ୍ୟାପକ ମହେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ନୋଟିସ୍ ନଂ.: MCSW-Shell Rep-23-24-28

କାର୍ଯ୍ୟର ନାମ: ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ICF ଏବଂ LHB କୋଚ୍ ଗୁଡିକର ହେଭି ସେଲ୍ ରିପେୟାର।

ବିଜ୍ଞାପିତ ମୂଲ୍ୟ : ଟ.3,02,53,262.64

EMD: ଟ. 3,01,300/-

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.27.01.2024 ରିଖ 1100 ଘଟିକାରେ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ :www.ireps.gov.in ରେ ଉପଲବ୍ଧ।

ମୁଖ୍ୟ ୱାର୍କସପ୍ ମ୍ୟାନେଜର, ମଞ୍ଚେଶ୍ୱର

PR-972/O/23-24


## ଶ୍ରମିକ ନେତା ଜଗଦୀଶ ନାଗଙ୍କ ସ୍ମୃତିଦିବସ


ବିଶ୍ରାଛକ ସ୍ଥିତ କାର୍ଯ୍ୟାଳୟରେ ସଦସ୍ୟମାନେ।

ରାଉରକେଲା,୧୧।୧(ସଙ୍ଗୀତା ଜେନା)

ବିଶିଷ୍ଟ ଶ୍ରମିକ ନେତା ଜଗଦୀଶ ନାଗ୍‌ଙ୍କ ୧୮ତମ ସ୍ମୃତିଦିବସ ବିଶ୍ରାଛକ ଆର୍‌ଏମ୍‌ଏସ୍ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ହିନ୍ଦ୍ ମଜଦୁର ସଭା ସହବନ୍ଧିତ ରାଉରକେଲା ମଜଦୁର ସଭାର ପ୍ରାକ୍ତନ କୋଷାଧ୍ୟକ୍ଷ ଆଦିକନ୍ଦ ଭୋଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଶ୍ରମ ଆଇନରେ ପ୍ରମୁଖ ଭୂମିକା ପରିପ୍ରେକ୍ଷୀରେ ୧୯୬୫ ବୋନସ ଆଇନ, ୧୯୭୧ ଚୁକ୍ତିଭିତ୍ତିକ ଶ୍ରମ ଆଇନ ସମେତ ଅନ୍ୟ ଆଇନଗୁଡ଼ିକ ତତ୍କାଳୀନ ଆର୍‌ଏମ୍‌ଏସ୍ ନେତାମାନଙ୍କ ପ୍ରଚେଷ୍ଟାରେ କାର୍ଯ୍ୟକାରୀ ହୋଇଥିଲା। ଅନ୍ୟତମ ଅତିଥି ଭାବେ ବିଜେଡ଼ି ରାଉରକେଲା ନଗର ସଭାପତି ଗଗନ ପଣ୍ଡା, ଶ୍ରମିକ ନେତା ମହେଶ୍ୱର ମହାପାତ୍ର, ସମ୍ପାଦକ ଜଗବନ୍ଧୁ ଜେନା, ଦିଲୀପ ଜେନା, ରାକେଶ ଚାନ୍ଦ, କୃଷ୍ଣ ରାଉତ, ଶରତ ଜେନା, ଅଶୋକ ଦାସ, ଯୋଗେନ୍ଦ୍ର ଭୂୟାଁ, କୃଷ୍ଣଚନ୍ଦ୍ର ମହାନ୍ତି, ରାଜକିଶୋର ସିଂହ, ଏମ୍‌ଡ଼ି ରଫିକ୍ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଇସ୍କନ ଓ ଶ୍ରୀଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ନଗର ସଙ୍କୀର୍ତ୍ତନ

ରାଉରକେଲା,୧୧।୧(ଦିନେଶ ମିଶ୍ର)

ରାଉରକେଲା ଇସ୍କନ ଓ ବାସନ୍ତୀ କଲୋନୀ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନଗରସଙ୍କୀର୍ତ୍ତନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାୟପୁର ଇସ୍କନର ମଣ୍ଡଳୀର ସଙ୍କୀର୍ତ୍ତନ ମଣ୍ଡଳୀ ଓ ବାସନ୍ତୀ କଲୋନୀ ଜଗନ୍ନାଥ ମନ୍ଦିର ସଙ୍କୀର୍ତ୍ତନ ମଣ୍ଡଳୀ ପ୍ରାତଃ ସମୟରେ ଜଗନ୍ନାଥ ମନ୍ଦିର ପରିସରରୁ ବାହାରି କଲୋନୀରେ ଥିବା ମୁଖ୍ୟମାର୍ଗ, ଡିଏଲ ଛକ, ଏଫଏଲ ଛକ, ବିଏଲ ଛକ, ମାଲଗୋଦାମ ଆଦି ଅଞ୍ଚଳ ଭ୍ରମଣ କରିଥିଲେ। କଲୋନୀର ବିଭିନ୍ନ ଅଞ୍ଚଳରେ ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ ମନ୍ତ୍ର ଧ୍ୱନିରେ କମ୍ପି ଉଠିଥିଲା। ଏହି ନଗର ସଙ୍କୀର୍ତ୍ତନରେ ସ୍ଥାନୀୟ ବହୁ ଶ୍ରଦ୍ଧାଳୁ ଯୋଗଦେଇ ହରିନାମ ଜପ କରିଥିଲେ। ଏହି ଶୋଭାଯାତ୍ରା ଜଗନ୍ନାଥ ମନ୍ଦିର ପରିସରରେ ଶେଷ ହୋଇଥିଲା। ପରେ ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମହାପ୍ରଭୁଙ୍କ ଦର୍ଶନଲାଗି ବେଶ କରାଯାଇ ପ୍ରସାଦ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

'ଇ'-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ୍

ଟେଣ୍ଡର ନୋଟିସ୍ ନଂ.: Sr.DMM/KUR/EP/2023-24/12, ତାରିଖ.05.01.2024

କ୍ର. ନଂ. ୦୧: TENDER NO. 81236091, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: ବିଦ୍ୟୁତ୍ ଚାଳିତ ରୋଟାରୀ ସ୍କ୍ରୁ ଏୟାର କମ୍ପ୍ରେସର।

କ୍ର. ନଂ. ୦୨: TENDER NO. 81235798A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍ସନ୍ ମୋଟର

କ୍ର. ନଂ. ୦୩: TENDER NO. 81235799A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍ସନ୍ କନଭର୍ଟର/ଇନଭର୍ଟର

ପରିମାଣ: କ୍ର.ନଂ. ୧ ଏବଂ ୩ ନିମନ୍ତେ (1 ଟି), କ୍ର.ନଂ. ୨ ନିମନ୍ତେ (2 ଟି)

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା 05.02.2024 ରିଖ 1500 ଘଟିକାରେ (ସମସ୍ତ କ୍ର.ନଂ. ନିମନ୍ତେ)

ନିମ୍ନଲିଖିତ ଟେଣ୍ଡର ୱେବସାଇଟ୍ : www.ireps.gov.in ରେ ଅପଲୋଡ ହୋଇଛି।

ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ ଖୋର୍ଦ୍ଧା ରୋଡ

PR-968/O/23-24

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୪/୧, ତାରିଖ: ୦୨।୦୧।୨୦୨୪

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୩୧୯୮୫ | ସେଣ୍ଟର ପାଇଭଟ୍ ପିନ୍ ନିମନ୍ତେ ଲକିଂ ଆରେଞ୍ଜମେଣ୍ଟ ପାଇଁ କିଟ୍ | ୧୫।୦୧।୨୦୨୪ ୧୦.୩୦ ଘଟିକା | ୧୧୭୬୮ ସେଟ୍ |
| ୨ | ୦୩୨୩୧୪୦୧ | ୱାଗନ୍ ନିମନ୍ତେ ଏୟାର୍ ବ୍ରେକ୍ ହୋସ୍ କପ୍‌ଲିଂ ସପୋର୍ଟ | ୨୨।୦୧।୨୦୨୪ ୧୦.୩୦ ଘଟିକା | ୨୮୦୫୬ ଗୋଟି |
| ୩ | ୦୨୨୩୪୨୨୪ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୫୦-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୪ | ୦୨୨୩୪୨୨୫ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୩୪-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୫ | ୦୩୨୩୩୪୦୯ | ବିଓବିଆର୍‌ଏନ୍ ୱାଗନ୍‌ରୁ ଆର୍‌ଡିଏସ୍‌ଓ ପାଇଁ କ୍ରସ୍ ରିଜ୍ ଷ୍ଟେ | ୦୧।୦୨।୨୦୨୪ ୧୦.୩୦ ଘଟିକା | ୩୦୦ ଗୋଟି |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

ସହକାରୀ ସାମଗ୍ରୀ ପରିଚାଳକ-I
ଦ.ପୂ.ମ. ରେଳପଥ, ବିଳାସପୁର

CPR/10/370


## ଗ୍ୟାସ୍‌ଜନିତ ବିପର୍ଯ୍ୟୟର ଠିକ୍ ମୁକାବିଲା ନିମନ୍ତେ ମକ୍‌ଡ୍ରିଲ୍

**ଆରଏସ୍‌ପିର ସିଲିକନ ଷ୍ଟିଲ ମିଲ ବିଭାଗ**

ରାଉରକେଲା,୧୧।୧(ବିପ୍ଳବରଞ୍ଜନ ଦାଶ)



ଆର୍‌ଏସ୍‌ପିର ସିଲିକନ ଷ୍ଟିଲ ମିଲ୍‌ର ପରିସରରେ ଗ୍ୟାସ ଲିକେଜ ଜନିତ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ମକଡ୍ରିଲ ହୋଇଯାଇଛି। ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ନେଇ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରାଧିକରଣର ମିଳିତ କ୍ରମରେ ଏହି ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ପିର ଅନ୍‌ସାଇଟ ବିପର୍ଯ୍ୟୟ ପ୍ରବନ୍ଧନ ବ୍ୟବସ୍ଥା ଓ ଏଥିରେ ଜଡିତ କର୍ମଚାରୀଙ୍କର କାର୍ଯ୍ୟ ନିପୁଣତା ଆକଳନ ଉଦ୍ଦେଶ୍ୟରେ ଏହି ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏହି ମକଡ୍ରିଲରେ ସିଓ-ସିସିଡି ବିଭାଗର ସିଜିଏମ ଆଇ ରାଜନ, ଓଡିଶା ସରକାରଙ୍କ ଫେକ୍ଟ୍ରି ଓ ବୟଲର ବିଭାଗର ଉପନିର୍ଦ୍ଦେଶକ ବିଭୂପ୍ରସାଦ, ସୁନ୍ଦରଗଡ ଜିଲାର ସହକାରୀ ଜିଲାପାଳ ବିକାଶ କୁମାର ଭୋଇ, ଓଡିଶା ସରକାରଙ୍କର ଉପ ପରିବେଶ ଇଞ୍ଜିନିୟର, ଆରଏମ୍‌ସି ଭାରପ୍ରାପ୍ତ ଉପାୟୁକ୍ତ ରୋନିତ କୁମାର, ଓଡିଶା ସରକାରଙ୍କର ମେଡିକାଲ ଏବଂ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ପଣ୍ଡିତ ସାହୁ, ଆର.ଆର ଦାସ, ସର୍ଭିସେସ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ଏମ.ଏନ.ଭିଏସ ପ୍ରଭାକର, ଏଚଏସଏମ-୧, ସିଆରଏମ, ଏସଏସଏମ,ପିପି ଓ ଆର.ଏସ ବିଭାଗ ସିଜିଏମ ସୁବ୍ରତ କୁମାର, ଇଏମଡି ବିଭାଗ ସିଜିଏମ ପି.ଏସ. କାନ୍ନନ, ଅଗ୍ନିଶମ ସେବା ବିଭାଗର ଜିଏମ ଇନଚାର୍ଜ ଜେ.ବି ପଟ୍ଟନାୟକ, ସୁରକ୍ଷା ବିଭାଗର ମହାପ୍ରବନ୍ଧକ ଅବକାଶ ବେହେରା, ଓଡ୍ରାଫ ବିଭାଗର ଇନସ୍ପେକ୍ଟର ସୁନୀଳ ମୁର୍ମୁ, ସିଆଇଏସଏଫ ଡେପୁଟି କମାଣ୍ଡାଣ୍ଟ ଏମ୍.କେ ଦାସ ଏବଂ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀ ସମ୍ମିଳିତ ହୋଇଥିଲେ। ଏହି ମକଡ୍ରିଲରେ କମ୍ବାଟ, ରେସକ୍ୟୁ ଓ ଆନୁସଙ୍ଗିକ ଦଳ ଭାବେ ୩ଭାଗରେ ବିଭକ୍ତ ହୋଇ ମକଡ୍ରିଲ ପ୍ରଦର୍ଶନ କରିଥିଲେ। ୭୯ ଜଣିଆ ସିଆଇଏସଏଫ କର୍ମୀ ଦଳ ରାଜ୍ୟସ୍ତରୀୟ ମକଡ୍ରିଲରେ ମହତ୍ୱପୂର୍ଣ୍ଣ ସହଯୋଗିତା କରିଥିଲେ। ମକଡ୍ରିଲ ସମ୍ପନ୍ନ ହେବା ପରେ ଫେକ୍ଟୋରୀ ଓ ବୟଲର ବିଭାଗର ଉପନିର୍ଦ୍ଦେଶକ ଏବଂ ସର୍ଭିସେସ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ମକଡ୍ରିଲର ସମୀକ୍ଷା ଓ ବିଶ୍ଳେଷଣ କରିଥିଲେ। ଆୟୋଜିତ ମକଡ୍ରିଲ ସିଓ-ସିସିଡି ବିଭାଗର ସିଜିଏମ ଆଇ ରାଜନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସିଲିକନ ଷ୍ଟିଲ ମିଲର ଜିଏମ ଇନଚାର୍ଜ ଆର ମିଶ୍ରଙ୍କ ପରିଚାଳନା କରିଥିଲେ।


**TPCODL**

**TP CENTRAL ODISHA**
DISTRIBUTION LIMITED
**(A Joint Venture of Tata Power and Government of Odisha)**
1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER**
**NIT No: TPCODL/P&S/NIT/23-24/28**

Bids are invited from eligible Bidders for the following tenders of Odisha DISCOMs, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.):

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2023-24/1000000518 | RC for MS Windows Server Data Centre Edition Operating System Software (2 Core) and Microsoft SQL Server (2 Core) licenses for TPCODL, TPNODL, TPWODL & TPSODL |
| 2 | TPCODL/CCG/2023-24/1000000520 | RC for supply of LT Distribution Boxes at TPCODL, TPNODL & TPSODL |
| 3 | TPCODL/CCG/2023-24/1000000526 | RC for supply of 33 & 11 kV Outdoor VCB at TPCODL, TPNODL, TPWODL & TPSODL |
| 4 | TPCODL/CCG/2023-24/1000000531 | RC for supply of 33 kV Cables at TPCODL, TPNODL & TPSODL |
| 5 | TPCODL/CCG/2023-24/1000000532 | RC for supply of 11 kV Cables at TPCODL, TPNODL & TPSODL |
| 6 | TPCODL/CCG/2023-24/1000000534 | RC for supply of Pin & Disc Insulator (Polymer) at TPCODL, TPNODL & TPSODL |
| 7 | TPCODL/CCG/2023-24/1000000535 | RC for supply of 33 kV & 11 kV Isolators at TPCODL, TPNODL & TPSODL. |
| 8 | TPCODL/CCG/2023-24/1000000538 | RC for supply of LT Power and Control Cables at TPCODL, TPNODL & TPSODL |
| 9 | TPCODL/CCG/2023-24/1000000539 | RC for supply of HT Cable Jointing Kits for TPCODL, TPNODL, TPWODL & TPSODL |
| 10 | TPCODL/CCG/2023-24/1000000540 | RC for SITC of 11 kV and 33 kV Auto Recloser and Sectionalizers for TPNODL & TPSODL |
| 11 | TPCODL/CCG/2023-24/1000000542 | RC for supply of Lightning Arresters of various ratings at TPCODL, TPNODL & TPSODL |
| 12 | TPCODL/CCG/2023-24/1000000544 | RC for supply of AB Switches of various ratings at TPCODL, TPNODL & TPSODL |
| 13 | TPCODL/CCG/2023-24/1000000546 | RC for supply of 33 KV & 11 KV Metering Units at TPCODL, TPNODL, TPWODL & TPSODL |
| 14 | TPCODL/CCG/2023-24/1000000547 | RC for supply of 33 KV & 11 KV Metering Cubicles at TPNODL, TPWODL & TPSODL |
| 15 | TPCODL/CCG/2023-24/1000000548 | RC for SITC of 33 & 11 kV CRP at TPCODL, TPNODL, TPWODL & TPSODL. |
| 16 | TPCODL/CCG/2023-24/1000000549 | RC for Supply of AB Cable at TPCODL, TPNODL & TPSODL |
| 17 | TPCODL/CCG/2023-24/1000000550 | RC for Supply of Conductor at TPCODL, TPNODL & TPSODL |
| 18 | TPCODL/CCG/2023-24/1000000551 | RC for Supply of WPB Pole, RSJ Pole, H-Pole, Rebbar Lacing Pole at TPCODL, TPNODL & TPSODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com.** All tenders will be available on TPCODL website w.e.f. from **dtd. 16.01.2024**. Future communication / corrigendum to tender documents, if any, shall be available on TPCODL website.

## ସଂକ୍ଷେପରେ

### ବିଦ୍ୟୁତ୍ ଗ୍ରାହକ ସେବାକେନ୍ଦ୍ର, କାର୍ଯ୍ୟାଳୟର ନବୀକରଣ କରାଯିବ

ସମ୍ବଲପୁର,୧୧।୧(ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲ୍ ଗ୍ରାହକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିବିଧ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନେଇଛି। ଏହି କ୍ରମରେ କମ୍ପାନୀ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ବିଦ୍ୟୁତ୍ କାର୍ଯ୍ୟାଳୟ ଗୃହ ରୂପାନ୍ତରଣ ଆଣିବାକୁ ପ୍ରଚେଷ୍ଟା ଜାରି ରଖିଛି । ଡିଭିଜନ, ସବ୍‌ଡିଭିଜନ, ସବ୍‌ଷ୍ଟେସନ କାର୍ଯ୍ୟାଳୟର ପୁନଃରୁଦ୍ଧାର ଓ ନୂତନ କାର୍ଯ୍ୟାଳୟ ନିର୍ମାଣ ଆଦି କାର୍ଯ୍ୟ ହାତକୁ ନେଇଛି। ବିଦ୍ୟୁତ୍ ଜନିତ ଦୁର୍ଘଟଣା ଓ ଜୀବଜନ୍ତୁଙ୍କ ସୁରକ୍ଷାକୁ କମ୍ପାନୀ ଗୁରୁତ୍ୱ ଦେଇଆସିଛି ବୋଲି ବୁର୍ଲାସ୍ଥିତ ମୁଖ୍ୟାଳୟରୁ ପ୍ରଦତ୍ତ ପ୍ରେସ ବିବୃତିରେ ସୂଚିତ କରାଯାଇଛି। ଏହି ଧାରାରେ ପଶ୍ଚିମଓଡ଼ିଶାର ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ଭାବେ ରହିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରିପଟେ କମ୍ପାନୀ ତରଫରୁ ବାଡ଼ ଘେରାଇବା ପ୍ରକ୍ରିୟା ଜାରି ରହିଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ୧୪୫୦ ଗୋଟି ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ଘେରା ହୋଇଛି। ଏଥିସହ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ୨୪ ଗୋଟି ସେକ୍ସନ ଅଫିସର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ବେଳେ ୨୪ ଗୋଟି ଅଫିସର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଚଳିତ ବର୍ଷରେ କମ୍ପାନୀ ପକ୍ଷରୁ ୨ ଗୋଟି ନୂଆ ମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ଚାଲିଥିବା ସୂଚିତ କରାଯାଇଛି

### ପୁଟପର୍ତ୍ତିକୁ ଟ୍ରେନ୍ ସଂଯୋଗ ପାଇଁ ରେଳମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ସୁପାରିଶ

ସମ୍ବଲପୁର,୧୧।୧ (ଭବାନୀ ଶଙ୍କର ଭୋଇ)

ପୁଟ୍ଟପର୍ତ୍ତିରେ ଥିବା ସତ୍ୟସାଇ ବାବାଙ୍କ ମନ୍ଦିର ପ୍ରଶାନ୍ତୀ ନିଳୟମକୁ ଦର୍ଶନ କରିବା ପାଇଁ ଓଡିଶାରୁ ପ୍ରତ୍ୟହ ଶତାଧିକ ଭକ୍ତ ଯାଇଥାନ୍ତି। ତେବେ ସମ୍ବଲପୁର ଅଞ୍ଚଳରୁ ସିଧାସଳଖ ପୁଟ୍ଟପର୍ତ୍ତିକୁ ଟ୍ରେନ ସଂଯୋଗ ନ ଥିବାରୁ ଭକ୍ତମାନେ ଅନେକ ଅସୁବିଧା ଭୋଗିଥାନ୍ତି। ଗତ ନଭେମ୍ବର ୨୦ରେ ସତ୍ୟସାଇ ସେବା ସମିତି ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଟ୍ରେନ ସଂଯୋଗ ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଦାବିକୁ ସମର୍ଥନ କରି ଟ୍ରେନ ଯୋଗାଯୋଗ ବ୍ୟବସ୍ଥା କରିବାକୁ ରେଳମନ୍ତ୍ରୀଙ୍କୁ ଚିଠି ଲେଖି ସୁପାରିଶ କରିଛନ୍ତି। ସତ୍ୟସାଇ ସେବା ସମିତି ପକ୍ଷରୁ ରେଳମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିପତ୍ରରେ ହଟିଆ ଟାଟା ବେଙ୍ଗାଲୁରୁ ଏକ୍ସପ୍ରେସ, ଟାଟା ଯଶବନ୍ତପୁର ସୁପରଫାଷ୍ଟ ଏକ୍ସପ୍ରେସ ଏବଂ ହଟିଆ ଯଶୱନ୍ତପୁର ଏକ୍ସପ୍ରେସ ଆଦି ଟ୍ରେନଗୁଡିକ ଟାଟା ଓ ବେଙ୍ଗାଲୁରୁକୁ ସଂଯୋଗ କରୁଥିବା ବେଳେ ପ୍ରଶାନ୍ତି ନିଳୟମ ଦେଇ ଯାତ୍ରା କଲେ କିମ୍ବା ପୁଟ୍ଟପର୍ତ୍ତିକୁ ବିକଳ୍ପ ଟ୍ରେନ ସଂଯୋଗ କଲେ ବହୁ ସଂଖ୍ୟାରେ ଭକ୍ତ ଏବଂ ଚିକିତ୍ସା ପାଇଁ ଯାଉଥିବା ଯାତ୍ରୀ ଉପକୃତ ହେବେ ବୋଲି ଅନୁରୋଧ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ପ୍ରଧାନ ସୁପାରିଶ କରିବା ପରେ ଦାବି ପୂରଣ ନେଇ ଆଶା ଉଜ୍ଜୀବିତ ହୋଇଥିବା ସତ୍ୟସାଇ ସେବା ସମିତିର ସମ୍ବଲପୁର ସଂଯୋଜକ ଜି ସାଇକୃଷ୍ଣା କହିଛନ୍ତି।

## ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ସମୀକ୍ଷା

# ଚିକିତ୍ସାଳୟ ବାହାରେ ବର୍ଜ୍ୟବସ୍ତୁ ପରିଚାଳନା କରାଯିବ

ସମ୍ବଲପୁର,୧୧।୧(ପ୍ରମୋଦ ବହିଦାର):

ସମ୍ବଲପୁର ଜିଲାର ବିଭିନ୍ନ ଚିକିତ୍ସାଳୟର ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଏକ ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଜ୍ୟବସ୍ତୁ ପରିଚାଳନା, ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି ବିକାଶ, ରୋଗୀଙ୍କୁ ଉତ୍ତମ ସେବା ଯୋଗାଣ ଓ ଚିକିତ୍ସାଳୟ ପରିବେଶ ଆବର୍ଜନାମୁକ୍ତ କରିବା ଉପରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ସିଡିଏମ୍‌ଓ ଡା. ପୂର୍ଣ୍ଣଚନ୍ଦ୍ର ସାହୁ କହିଲେ, ଜିଲାର ବିଭିନ୍ନ ସହରାଞ୍ଚଳ, ଗୋଷ୍ଠୀ ଓ ପ୍ରାଥମିକ ଚିକିତ୍ସାକେନ୍ଦ୍ରର କଠିନ ଓ ତରଳ ବାୟୋ ମେଡିକାଲ ବର୍ଜ୍ୟବସ୍ତୁର ପୃଥକୀକରଣ ଓ ପରିଚାଳନା ନେଇ ସମୀକ୍ଷା କରାଯାଇଥିଲା। ବର୍ଜ୍ୟବସ୍ତୁ ପରିଚାଳନାରେ ରହିଥିବା ତ୍ରୁଟିକୁ ନେଇ ଆଲୋଚନା ପରେ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ସହ କାୟାକଳ୍ପ ଯୋଜନା ଜରିଆରେ ବିଭିନ୍ନ ଚିକିତ୍ସାଳୟର ସୌନ୍ଦର୍ଯ୍ୟକରଣ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାବ୍ୟତୀତ ବିଭିନ୍ନ ଚିକିତ୍ସାଳୟ ବାହାରେ ରହିଥିବା ଦୋକାନ ବଜାର ଆଦିର ବର୍ଜ୍ୟବସ୍ତୁ ମଧ୍ୟ ସ୍ୱତନ୍ତ୍ର ଭାବେ କିଭଳି ପରିଚାଳନା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା ବୋଲି ସାହୁ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହାନଗର ନିଗମ କମିଶନର ବେଦଭୂଷଣ, ଜିଲା ଉପମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାଶ, ଡା. ପ୍ରଦୀପ କୁମାର ହୋତା ଓ ଡା. ଭରତ ଦାଶ, ଡିପିଏମ୍ ମୌସୁମୀ ମହାନ୍ତିଙ୍କ ସମେତ ବିଭିନ୍ନ ଚିକିତ୍ସାଳୟର ସ୍ୱାସ୍ଥ୍ୟ ଅଧିକାରୀ, ନିର୍ମାଣ ବିଭାଗର ଅଧିକାରୀ ଯୋଗଦେଇଥିଲେ।


ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ବୈଠକ।

## କୋଲ୍ ଫିଲ୍ଡସ୍ ପରିଦର୍ଶନ କଲେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ


କୋଲ୍ ଫିଲ୍ଡସ ପରିଦର୍ଶନ କରୁଛନ୍ତି କୋଲ୍ ଇଣ୍ଡିଆ ଅଧ୍ୟକ୍ଷ।

ତାଳଚେର,୧୧।୧ (ମନୋଜ ନନ୍ଦ)

କୋଲ୍‌ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ପି.ଏମ. ପ୍ରସାଦ ଗୁରୁବାର ଏମ୍‌ସିଏଲ୍‌ର ତାଳଚେର କୋଲ୍‌ଫିଲ୍ଡସ୍ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ. କାଓଲେ ଏବଂ ନିର୍ଦ୍ଦେଶକ (ବୈଷୟିକ/ସଞ୍ଚାଳନ) ଜେ.କେ. ବୋରା ଉପସ୍ଥିତ ଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ପ୍ରସାଦ ତାଳଚେରସ୍ଥିତ ଏମ୍‌ସିଏଲ୍‌ର ବଳରାମ, ହିଙ୍ଗୁଳା, ଅନନ୍ତ, ଜଗନ୍ନାଥ, ଲିଙ୍ଗରାଜ ଏବଂ ଭୁବନେଶ୍ୱରୀ ଖୋଲାମୁହାଁ ପ୍ରକଳ୍ପରେ କୋଇଲା ଖଣି ଏବଂ ପରିବହନ କାର୍ଯ୍ୟର ଯାଞ୍ଚ କରିଥିଲେ। ଏହାପରେ ସେ ବିଭିନ୍ନ ଖଣି ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ପରେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଦର୍ଶନ କରଥିଲେ। ଏହି ଅବସରରେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ମୁରଲୀଧର ସାହୁ, ରାଜେନ୍ଦ୍ର ସିଂହ, ଅରୁଣ ପ୍ରଧାନ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ ଅଧ୍ୟକ୍ଷ ପ୍ରସାଦଙ୍କୁ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ।

## ଉଦ୍ଧାରକାରୀ, ପ୍ରଥମ ସୂଚନା ଦାତା ପୁରସ୍କୃତ

### ପିହୁ ଅପହରଣ ଘଟଣା

ଦେବଗଡ଼,୧୧।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ସହରର ମୁଖ୍ୟ ବଜାରରୁ ଅପହୃତା ଶିଶୁ କନ୍ୟା ପିହୁକୁ ଡିସେମ୍ବର ୧୮ରେ ଅପହରଣ କରିଥିବା ଅପହର୍ତାଙ୍କ ସମ୍ପର୍କରେ ସର୍ବ ପ୍ରଥମେ ପୋଲିସକୁ ସୂଚନା ଦେଇଥିବା ସୁନ୍ଦରଗଡ ସ୍ଥିତ ହୋଟେଲ ପାର୍ବତୀ ରେସିଡେନ୍ସିର ମ୍ୟାନେଜର କୁମୁଦ ସେଠୀ ଓ ପିହୁକୁ ରାସ୍ତା କଡରୁ ଉଦ୍ଧାର କରିଥିବା ବଡଗାଁ (ଭୋଇପାଲି)ର ଲକ୍ଷ୍ମୀକାନ୍ତ ମିଶ୍ରଙ୍କୁ ଗୁରୁବାର ପୋଲିସ ପକ୍ଷରୁ ପୁରସ୍କୃତ କରାଯାଇଛି। ପୂର୍ବାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଜିଲା ପୋଲିସ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ ଯୋଗଦେଇ ଉଭୟ କୁମୁଦ ଓ ଲକ୍ଷ୍ମୀକାନ୍ତଙ୍କୁ ପ୍ରଶସ୍ତିପତ୍ର ଓ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥିସହ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା, ଏସ୍ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ଡିଏସପି ଅଜୟ ତିର୍କୀ ଓ ଆଦର୍ଶ ଥାନା ଅଧିକାରୀ ସରୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ପ୍ରତି ଜନସାଧାରଣଙ୍କ ଭରସା ବୃଦ୍ଧିପାଇବ ଓ ଲୋକେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଆଗେଇ ଅସିବେ ବୋଲି ଆଇଜି ପଙ୍କଜ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ।


ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ଓ ପୋଲିସ ଗହଣରେ ପୁରସ୍କୃତ ବ୍ୟକ୍ତିମାନେ।

## ହିପ୍ ଅପ୍ ଡ୍ୟାନ୍ସ ପ୍ରତିଯୋଗିତାର ସ୍ୱର୍ଣ୍ଣପଦକ ବିଜେତାଙ୍କୁ ଭବ୍ୟ ସ୍ୱାଗତ


ସମ୍ବଲପୁର ରେଳ ଷ୍ଟେଶନରେ ବିଜେତା ଦଳ।

ସମ୍ବଲପୁର,୧୧।୧(ପ୍ରମୋଦ ବହିଦାର):

ମୁମ୍ବାଇରେ ଅନୁଷ୍ଠିତ ହିପ୍ ଅପ୍ ଡ୍ୟାନ୍ସ-୨୦୨୪ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଦଳକୁ ସମ୍ବଲପୁରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବଲପୁର କ୍ଷେତରାଜପୁରର ଦି ଗେଙ୍ଗ୍‌ଷ୍ଟାର ଗ୍ରୁପ ଗତ ୭ ତାରିଖରେ ମୁମ୍ବାଇରେ ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରି ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ସମ୍ବଲପୁର ରେଷ୍ଟେଶନରେ ପହଞ୍ଚିବା ପରେ ନୃତ୍ୟଦଳର ଅମିତ ଆନନ୍ଦ, ଅନିକେତ ନାଗ, ଅମନ ମଲ୍ଲିକ, ଜିତେନ ତାଣ୍ଡି, ଚନ୍ଦ୍ର ମୋହନ ପାତ୍ର, ସନୀ ବର୍ମା, ରୋହିତ ମୁଣ୍ଡା, ସାହୀଲ କସ୍ୟପ, ଆଦି ସରକାର ଓ ରଞ୍ଜିତ କସ୍ୟପ ପ୍ରମୁଖଙ୍କୁ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ସୁଧୀର ରଞ୍ଜନ ବହିଦାର ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ। ହାସ୍ୟାଭିନେତା ଯୋଗେଶ ଜୋଜୋ ମଧ୍ୟ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପରେ ସେମାନଙ୍କୁ ଶୋଭାଯାତ୍ରାରେ ମା' ସମଲେଶ୍ୱରୀଙ୍କ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା।

## ବୀରମହାରାଜପୁର-ବହ୍ମର ଫାଇନାଲ ମୁକାବିଲା

ବରପାଲି, ୧୧।୧(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ସୁବଳ ସାହୁ ମେମୋରିଆଲ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ଗୁରୁବାର ଖେଳାଯାଇଥିଲା। ମୁହାଁମୁହିଁ ହୋଇଥିଲେ କୋଲକାତାର ହାୱାଡା ଓ ବୀରମହାରାଜପୁର ଦଳ। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ୧-୦ଗୋଲରେ ହାୱଡାକୁ ପରାସ୍ତ କରି ବୀରମହାରାଜପୁର ଫାଇନାଲରେ ପ୍ରବେଶ କରିଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ନୋଟିସ୍ ନଂ.: MCSW-Shell Rep-23-24-28

| | |
|---|---|
| କାର୍ଯ୍ୟର ନାମ: | ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ICF ଏବଂ LHB କୋଚ୍ ଗୁଡିକର ହେଭି ସେଲ୍ ରିପେୟାର। |
| ବିଜ୍ଞାପିତ ମୂଲ୍ୟ : | ଟ.3,02,53,262.64 |
| EMD: | ଟ. 3,01,300/- |
| ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : | ତା.27.01.2024 ରିଖ 1100 ଘଟିକାରେ। |

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ :www.ireps.gov.in ରେ ଉପଲବ୍ଧ ।

ମୁଖ୍ୟ ୱାର୍କସପ୍ ମ୍ୟାନେଜର, ମଞ୍ଚେଶ୍ୱର

PR-972/O/23-24


## ଶୀତକାଳୀନ ଶିବିର ଉଦ୍‌ଯାପିତ

ଭବାନୀପାଟଣା,୧୧।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ରିସିଗାଁଠାରେ ଚାଲିଥିବା ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି।


**ପୂର୍ବ ତଟ ରେଳପଥ**

'ଇ'-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ୍

ଟେଣ୍ଡର ନୋଟିସ୍ ନଂ.: Sr.DMM/KUR/EP/2023-24/12, ତାରିଖ.05.01.2024

କ୍ର. ନଂ. ୦୧: TENDER NO. 81236091, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: ବିଦ୍ୟୁତ୍ ଚାଳିତ ରୋଟାରୀ ସ୍କ୍ରୁ ଏୟାର କମ୍ପ୍ରେସର।

କ୍ର. ନଂ. ୦୨: TENDER NO. 81235798A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍ସନ୍ ମୋଟର

କ୍ର. ନଂ. ୦୩: TENDER NO. 81235799A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍ସନ୍ କନ୍‌ଭର୍ଟର/ଇନ୍‌ଭର୍ଟର

ପରିମାଣ: କ୍ର.ନଂ. ୧ ଏବଂ ୩ ନିମନ୍ତେ (1 ଟି), କ୍ର.ନଂ. ୨ ନିମନ୍ତେ (2 ଟି)

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା 05.02.2024 ରିଖ 1500 ଘଟିକାରେ (ସମସ୍ତ କ୍ର.ନଂ. ନିମନ୍ତେ)

ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ : www.ireps.gov.in ରେ ଅପଲୋଡ ହୋଇଛି।

ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ ଖୋର୍ଦ୍ଧା ରୋଡ

PR-968/O/23-24



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୪/୧, ତାରିଖ: ୦୨।୦୧।୨୦୨୪

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୩୧୯୮୫ | ସେଣ୍ଟର ପାଇଭଟ୍ ପିନ୍ ନିମନ୍ତେ ଲକିଂ ଆରେଞ୍ଜମେଣ୍ଟ ପାଇଁ କିଟ୍ | ୧୫।୦୧।୨୦୨୪ ୧୦.୩୦ ଘଟିକା | ୧୧୭୮ ସେଟ୍ |
| ୨ | ୦୩୨୩୧୪୦୧ | ୱାଗନ୍ ନିମନ୍ତେ ଏୟାର୍ ବ୍ରେକ୍ ହୋସ୍ କପ୍ଲିଂ ସପୋର୍ଟ | ୨୨।୦୧।୨୦୨୪ ୧୦.୩୦ ଘଟିକା | ୨୮୦୫୬ ଗୋଟି |
| ୩ | ୦୨୨୩୪୨୨୪ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୫୦-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୪ | ୦୨୨୩୪୨୨୫ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୩୪-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୫ | ୦୩୨୩୩୪୦୯ | ବିଓବିଆର୍‌ଏନ୍ ୱାଗନ୍‌ରୁ ଆର୍‌ଡିଏସ୍‌ଓ ପାଇଁ କ୍ରସ୍ ରିଜ୍ ଷ୍ଟେ | ୦୧।୦୨।୨୦୨୪ ୧୦.୩୦ ଘଟିକା | ୩୦୦ ଗୋଟି |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ । ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ ।

ସହକାରୀ ସାମଗ୍ରୀ ପରିଚାଳକ-I
ଦ.ପୂ.ମ. ରେଳପଥ, ବିଳାସପୁର

CPR/10/370


## ସର୍ବ ଭାରତୀୟ ଫୁଟ୍‌ବଲ: ୱାଇବିସି ବିଜୟୀ

ଦେବଗଡ,୧୧।୧(ଶଶାଙ୍କ ଶେଖର ଝାଙ୍କର )

ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଗତ ୮ ତାରିଖଠାରୁ ଆରମ୍ଭ ହୋଇଥିବା ପ୍ରଧାନପାଟ୍ କପ୍ ସର୍ବ ଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ତଥା ପୁଲ 'ବି'ର ପ୍ରଥମ ମ୍ୟାଚରେ ସମ୍ବଲପୁର ଫୁଟ୍‌ବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ରାଉରକେଲାର ୱାଇବିସି ଦ୍ୱିତୀୟ ରାଉଣ୍ଡକୁ ଉନ୍ନିତ ହୋଇଛି। ମ୍ୟାଚକୁ ରେଫରୀ ଭାବେ ରାଜକୁମାର ମଣ୍ଡଳ, ରମଣୀ ମାଝି, ଚନ୍ଦ୍ର କିଷାନ ଓ ସୌରଭ କୁମାର ନାୟକ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବେଣୁଧର ଗଡନାୟକ ମ୍ୟାଚର ଧାରା ବିବରଣି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ରାଉରକେଲା ୱାଇବିସିର ଖେଳାଳି ବଳରାମ କିଣ୍ଡୋ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚକୁ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ ଓ ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଆୟୋଜକ ଏବଂ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଂଧ୍ୟାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଯୋଗଦେଇ ରାଉରକେଲା ୱାଇବିସିର ଖେଳାଳି ବଳରାମ କିଣ୍ଡୋଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ପୁଲ 'ବି' ର ଦ୍ୱିତୀୟ ମ୍ୟାଚ ମଣିପୁରର ଏସ୍ୱିଏଫ୍ସି ଓ ସୋନପୁରର ରାମଧୁନ ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ଆୟୋଜନରେ ପ୍ରଧାନପାଟ କ୍ଲବର ସଭାପତି ସୁବାସ ଚନ୍ଦ୍ର ଭୋଇ, ପ୍ରଧାନପାଟ କପ୍ ଆୟୋଜନ କମିଟି ସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବେହେରା, ପ୍ରଧାନପାଟ କ୍ଲବର ସମ୍ପାଦକ ସଞ୍ଜୀବ କୁମାର ନାଏକ, ସଦସ୍ୟ ବିକାଶ ଅଗ୍ରୱାଲା, ଯୋଗେନ୍ଦ୍ର ସାହୁ, ମଛିନ୍ଦ୍ର ନାୟକ, ରୂପକ କୁମାର ମାଝୀ, ଶରତ ମେହେର, ଯୋଗେଶ ନାୟକ, ବାବୁଲୁ ଜେନା, ଜୟନାରାୟଣ ସାମଲ, ଦୀପକ ବେହେରା ,ସନ୍ତୋଷ ଭୋଇ, ଅଲେଖ ନାୟକ ଓ ଚିତ ମହାନନ୍ଦଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ। ମ୍ୟାଚ ଦେଖିବା ପାଇଁ ମଧ୍ୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଦର୍ଶକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।


**TPCODL**
**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)
1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER**
**NIT No: TPCODL/P&S/NIT/23-24/28**

Bids are invited from eligible Bidders for the following tenders of Odisha DISCOMs, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.):

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2023-24/1000000518 | RC for MS Windows Server Data Centre Edition Operating System Software (2 Core) and Microsoft SQL Server (2 Core) licenses for TPCODL, TPNODL, TPWODL & TPSODL |
| 2 | TPCODL/CCG/2023-24/1000000520 | RC for supply of LT Distribution Boxes at TPCODL, TPNODL & TPSODL |
| 3 | TPCODL/CCG/2023-24/1000000526 | RC for supply of 33 & 11 kV Outdoor VCB at TPCODL, TPNODL, TPWODL & TPSODL |
| 4 | TPCODL/CCG/2023-24/1000000531 | RC for supply of 33 kV Cables at TPCODL, TPNODL & TPSODL |
| 5 | TPCODL/CCG/2023-24/1000000532 | RC for supply of 11 kV Cables at TPCODL, TPNODL & TPSODL |
| 6 | TPCODL/CCG/2023-24/1000000534 | RC for supply of Pin & Disc Insulator (Polymer) at TPCODL, TPNODL & TPSODL |
| 7 | TPCODL/CCG/2023-24/1000000535 | RC for supply of 33 kV & 11 kV Isolators at TPCODL, TPNODL & TPSODL. |
| 8 | TPCODL/CCG/2023-24/1000000538 | RC for supply of LT Power and Control Cables at TPCODL, TPNODL & TPSODL |
| 9 | TPCODL/CCG/2023-24/1000000539 | RC for supply of HT Cable Jointing Kits for TPCODL, TPNODL, TPWODL & TPSODL |
| 10 | TPCODL/CCG/2023-24/1000000540 | RC for SITC of 11 kV and 33 kV Auto Recloser and Sectionalizers for TPNODL & TPSODL |
| 11 | TPCODL/CCG/2023-24/1000000542 | RC for supply of Lightning Arresters of various ratings at TPCODL, TPNODL & TPSODL |
| 12 | TPCODL/CCG/2023-24/1000000544 | RC for supply of AB Switches of various ratings at TPCODL, TPNODL & TPSODL |
| 13 | TPCODL/CCG/2023-24/1000000546 | RC for supply of 33 KV & 11 KV Metering Units at TPCODL, TPNODL, TPWODL & TPSODL |
| 14 | TPCODL/CCG/2023-24/1000000547 | RC for supply of 33 KV & 11 KV Metering Cubicles at TPNODL, TPWODL & TPSODL |
| 15 | TPCODL/CCG/2023-24/1000000548 | RC for SITC of 33 & 11 kV CRP at TPCODL, TPNODL, TPWODL & TPSODL |
| 16 | TPCODL/CCG/2023-24/1000000549 | RC for Supply of AB Cable at TPCODL, TPNODL & TPSODL |
| 17 | TPCODL/CCG/2023-24/1000000550 | RC for Supply of Conductor at TPCODL, TPNODL & TPSODL |
| 18 | TPCODL/CCG/2023-24/1000000551 | RC for Supply of WPB Pole, RSJ Pole, H-Pole, Rebbar Lacing Pole at TPCODL, TPNODL & TPSODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website https://www.tpcentralodisha.com. All tenders will be available on TPCODL website w.e.f. from dtd. 16.01.2024. Future communication / corrigendum to tender documents, if any, shall be available on TPCODL website.


# ପୂଜାର୍ଚ୍ଚନା ପରେ ଗଡ଼ିଲା ଅର୍ପଣ ରଥ

ଦେବଗଡ଼,୧୧।୧(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ଜିଲାର ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ଅର୍ପଣ ରଥ ପରିକ୍ରମା ସହ ମହାପ୍ରଭୁଙ୍କ ପାଇଁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଉଛି। ଏହି ପରିପ୍ରେକ୍ଷୀରେ ୨ଟି ରଥ ଦେବଗଡ ପୌରାଞ୍ଚଳର ୨ନମ୍ବର ୱାର୍ଡ ଓ ୪ନମ୍ବର ୱାର୍ଡରେ ପରିକ୍ରମା କରିଥିବା ଜଣାପଡିଛି। ପୂର୍ବାହ୍ନରେ ସ୍ଥାନୀୟ ଗୋପାଳଜୀ ମନ୍ଦିରରେ ପୁଷ୍ପ ସୁସଜ୍ଜିତ ଅର୍ପଣ ରଥ ଦ୍ୱୟକୁ ପୂଜାର୍ଚ୍ଚନା କରାଯିବା ପରେ ସେଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ରଥ ଦ୍ୱୟର ଶୁଭାରମ୍ଭ କରିଥିଲେ। ଏହାପରେ ଏକ ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ଶଙ୍ଖ, ଘଣ୍ଟ ଓ ସଂକୀର୍ତ୍ତନର ତାଳେ ତାଳେ ଏକ ଭବ୍ୟ ଶୋଭାଯାତ୍ରାରେ ରଥ ଦ୍ୱୟ ଦେବଗଡ ପୌରାଞ୍ଚଳର ୨ ଏବଂ ୪ ନମ୍ବର ୱାର୍ଡ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ,କାଉନସିଲର ପ୍ରମିଳା ବେହେରା,ସଞ୍ଜୁକ୍ତା ଆଚାର୍ଯ୍ୟ, ବାସନ୍ତୀମଣି ମାଝି, ଜତିନ କୁମାର ନାୟକ, ଧର୍ମେନ୍ଦ୍ର କୁମାର ଦେବତା, ମଧୁସୂଦନ ବାଘ, ପିଙ୍କି ସାହୁ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର, କାର୍ତ୍ତିକ ମହାକୁଲ, ଜିଲା ବିଜେଡି ସଭାପତି ଚିତରଞ୍ଜନ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଏସ୍ଡିସିସି ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ପୂର୍ବତନ କାଉନସିଲର ମାନସ କୁମାର ପ୍ରଧାନ, ଆଲୋକ କୁମାର ଅମାନ୍ତ, ଶରତ ମେହେର ଓ ଦିପୁନ ନାୟକଙ୍କ ସମେତ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ସେହିପରି ବାରକୋଟ ବ୍ଲକ ବଳମ ପଞ୍ଚାୟତ ସଦର ମହକୁମାରୁ ଗୁରୁବାର ୨ଟି ରଥର ଶୁଭାରମ୍ଭ ହୋଇଥିଲା। ବଳମ ସ୍ଥିତ ଦୁର୍ଗପୂଜା ମଣ୍ଡପରେ ରଥ ଦ୍ୱୟକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ବଳମ ସରପଞ୍ଚ ଅମୃତୀ ନାଏକ, ସମିତି ସଦସ୍ୟା ମାମୀ ବେହେରା, କଣ୍ଡେଲର ପୂର୍ବତନ ସରପଞ୍ଚ ପ୍ରଶନ୍ନ କୁମାର ନାୟକ, ଯୁବନେତା ରଞ୍ଜିତ କୁମାର ପ୍ରଧାନ, ପ୍ରକାଶ କୁମାର ପ୍ରଧାନ, ସିକୁ ପ୍ରଧାନ, ପ୍ରଦୀପ କୁମାର ମୁଣ୍ଡା, ସଞ୍ଜୀବ କୁମାର ଶତପଥି, ବଳମ ପଞ୍ଚାୟତର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦେଓ, ବଳମ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଛାତ୍ରୀଙ୍କ ଉପସ୍ଥିତିରେ ରଥ ଦ୍ୱୟ ଶୁଭାରମ୍ଭ ହେବାସହ ଶଂଙ୍ଖ ଓ ଘଣ୍ଟ ବାଦ୍ୟ ସମେତ ସଂକୀର୍ତ୍ତନର ତାଳେ ତାଳେ ରଥ ଦ୍ୱୟ ବଳମ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଅଞ୍ଚଳବାସୀଙ୍କ ଠାରୁ ଗୁଆ ଓ ଅକ୍ଷତ ସଂଗ୍ରହ କରିଥିଲା।


କାର୍ଯ୍ୟକ୍ରମରେ ଲୋକପ୍ରତିନିଧି ଓ ଅନ୍ୟମାନେ ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................

ସାରିକା ପରିବାରବର୍ଗ
ସ୍ନିତିକ୍ ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଫାଇନାଲରେ ଜାଏଣ୍ଟ୍ସ-କୁଇକ୍ ଗନ୍ସ

ଭୁବନେଶ୍ୱର,୧୧।୧
(ସରୋଜ ଜେନା)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ସିଜିନ୍ ୨ ଫାଇନାଲରେ ପ୍ରବେଶ କରିଛନ୍ତି ଗୁଜରାଟ ଜାଏଣ୍ଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ। ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସକୁ ୨୯-୨୭ରେ ପରାସ୍ତ କରି ଜାଏଣ୍ଟ୍ସ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଥିଲା। ଦ୍ୱିତୀୟ ସେମି ଫାଇନାଲରେ ତେଲୁଗୁ ଯୋଦ୍ଧାସକୁ ୩୧-୨୯ରେ ହରାଇ ଚେନ୍ନାଇ କୁଇକ୍ ଗନ୍ସ ଫାଇନାଲରେ ପହଞ୍ଚିଥିଲା।

ଗୁରୁବାର ସନ୍ଧ୍ୟାରେ ଖେଳା ଯାଇଥିବା ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ଟର୍ନରେ ଗୁଜରାଟ ଡିଫେଣ୍ଡ କରିଥିଲା। ତେବେ ଦଳ ଥରେ ମାତ୍ର ଅଲଆଉଟ ହୋଇଥିବା ବେଳେ ୫ଟି ଡ୍ରିମ୍ ରନ୍ ନେଇଥିଲା। ଫଳରେ ଜଗରନଟ୍ସ ପ୍ରଥମ ଟର୍ନରେ ମାତ୍ର ୧ ପଏଣ୍ଟରେ ଆଗୁଆ ରହିଥିଲା। ଗୁଜରାଟ ଆଟାକ୍‌ରେ ଓଡ଼ିଶାକୁ ଦୁଇଥର ଅଲଆଉଟ କରିବା ସହିତ ୧୪ ପଏଣ୍ଟ ଅର୍ଜନ କରିଥିଲା। ଏପରିକି ଓଡ଼ିଶା ଡିଫେଣ୍ଡର ମାନେ ଗୋଟିଏ ମଧ ଡ୍ରିମ୍ ରନ୍ ହାସଲରେ ବିଫଳ ହୋଇଥିଲେ। ତେବେ ତୃତୀୟ ଟର୍ନରେ ଜଗରନଟ୍ସର ଆଟାକର୍ ମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ୩ଥର ଗୁଜରାଟକୁ ଅଲଆଉଟ କରିବା ସହିତ ଅଗ୍ରଣୀକୁ ୨୪-୧୯ରେ ପହଞ୍ଚାଇଥିଲେ। ଅନ୍ତିମ ଟର୍ନରେ ଓଡ଼ିଶାକୁ ୫ ପଏଣ୍ଟ ଡିଫେଣ୍ଡ କରିବାକୁ ଥିଲେ ମଧ ଦଳର ଡିଫେଣ୍ଡର ମାନେ ବିଫଳ ହୋଇଥିଲେ। ଦଳ ୩ ଡ୍ରିମ୍ ରନ୍ ହାସଲ କରିଥିଲେ ହେଁ ୨୯-୨୭ ପଏଣ୍ଟରେ ପରାଜିତ ହୋଇଥିଲା। ୫-ଟି ଓ ନବୀନ ଓଡ଼ିଶା ଚେୟାରମ୍ୟାନ୍ କାର୍ତ୍ତିକ ପାଣ୍ଡିଆନ୍ ଓ କ୍ରୀଡା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

ଦ୍ୱିତୀୟ ମ୍ୟାଚ୍‌ଟି ପ୍ରଥମ ସିଜନର ରନର ଅପ୍ ତେଲୁଗୁ ଯୋଦ୍ଧାସ ଓ ଚେନ୍ନାଇ କୁଇକ୍ ଗନ୍ସ ମଧ୍ୟରେ ଖେଳା ଯାଇଥିଲା। ଚେନ୍ନାଇ କୁଇକ୍ ଗନ୍ସ ପ୍ରଥମେ ଡିଫେଣ୍ଡ କରିଥିବା ବେଳେ ତେଲୁଗୁ ଯୋଦ୍ଧାସ୍ ୧୪ ପଏଣ୍ଟ ସ୍କୋର କରିଥିଲେ। ତେବେ ଅନ୍ତିମ ଟର୍ନରେ ଚମତ୍କାର ପ୍ରଦର୍ଶନ କରିବା ସହ ୩୧-୨୯ ପଏଣ୍ଟରେ ମ୍ୟାଚକୁ ଜିତି ନେଇଥିଲା କୁଇକଗନ୍ସ।


ଓଡ଼ିଶା ଜଗରନଟ୍ସ ଖେଳାଳିଙ୍କ ସହ ୫-ଟି ଓ ନବୀନ ଓଡ଼ିଶା ଚେୟାରମ୍ୟାନ୍ କାର୍ତ୍ତିକ ପାଣ୍ଡିଆନ୍ ଓ କ୍ରୀଡା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା। (ଫଟୋ: ରାଜକିଶୋର ମହାନ୍ତି)

**ଅଲ୍‌ଟିମେଟ୍ ଖୋ ଖୋ**

# ଅଷ୍ଟ୍ରେଲିଆରେ ଅଭ୍ୟାସ କରିବେ କିଶୋର

ନୂଆଦିଲ୍ଲୀ,୧୧।୧(ପି.ଟି)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪କୁ ଦୃଷ୍ଟିରେ ରଖି ଭାରତୀୟ ଆଥ୍‌ଲେଟଙ୍କୁ ବିଦେଶରେ ଅଭ୍ୟାସ କରିବାକୁ ଅନୁମତି ଦେଇଛି କ୍ରୀଡ଼ା ମନ୍ତ୍ରଣାଳୟ। ଗୁରୁବାର ଓଡ଼ିଆ ଜାଭେଲିନ୍ ଥ୍ରୋୟର କିଶୋର ଜେନାଙ୍କୁ ଅଷ୍ଟ୍ରେଲିଆରେ ପ୍ରସ୍ତୁତି ପାଇଁ ଅନୁମତି ମିଳିଥିବା ବେଳେ ଟୋକିଓ ଅଲିମ୍ପିକ୍ସ ପଦକ ବିଜୟିନୀ ମୀରାବାଇ ଚାନୁଙ୍କୁ ଆମେରିକାରେ ରହିବା ପାଇଁ ଅନୁମତି ମିଳିଛି।

ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜେତା କିଶୋରଙ୍କୁ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଅଭ୍ୟାସର ଅନୁମତି ପ୍ରଦାନ କରାଯାଇଛି। ସେ ଦୀର୍ଘ ୭୮ ଦିନ ଧରି ସେଠାରେ ଅଭ୍ୟାସ କରିବେ। କିଶୋରଙ୍କ ସହ ତାଙ୍କ କୋଚ୍, ଫିଜିଓ ଥେରାପିଷ୍ଟ ମଧ ଅଷ୍ଟ୍ରେଲିଆ ଯାତ୍ରା କରିବେ। ଅନ୍ୟପକ୍ଷରେ ଆହତ ଥିବା ମୀରାବାଇ ଚାନୁ ଆମେରିକାର ସେଣ୍ଟ ଲୁଇସ୍‌ରେ ଅଭ୍ୟାସ କରିବେ। ଡାକ୍ତର ଆରୋନ୍ ହର୍ଷିଗ୍ ଓ ମୁଖ୍ୟ କୋଚ୍ ବିଜୟ କୁମାର ଶର୍ମାଙ୍କ ତତ୍ତ୍ୱାବଧାନରେ ଚାନୁ ଅଭ୍ୟାସ କରିବେ।

**BIRTHDAY WISH**



ପ୍ରିୟାଂଶୀ ପ୍ରିୟଦର୍ଶିନୀ

ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା।

ଶୁଭେଚ୍ଛା ସହ- ବାବା, ମାମା, ଦାଦା, ଖୁଡ଼ୀ, ଜେଜେ, ମାଆ, ଅଜା, ଆଇ, ବଡ଼ମାମୁ, ବଡ଼ମାଈଁ, ସାନମାମୁ, ସାନମାଈଁ

D-2241

**BIRTHDAY WISH**



**Snitik Dash**

Khodasingi, Berhampur

Dear Son, Happy 2nd Birthday. You bring so much happiness into our lives and we feel so blessed to have you as our son. May Lord Jagannath bless you with loads of happiness, health, success & prosperity in life. Keep smiling and exploring life as you do always. Best wishes: Papa, Mama, Satvik bhai, Jeje Bapa, Jeje Maa, Aja, Aai & our loving family.

D-2241

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Admission Open**

Post Diploma in C.S.S.D TECHNIQUES (Hospital Sterilization Technology)
Eligibility : +3 Science | Duration : 1 Year

Advance Diploma in OPERATION THEATRE TECHNOLOGY (OT Techniques)
Eligibility : +2 (Any Stream) | Duration : 2 Years

RMTI, PALASUNI, RASULGARH
BHUBANESWAR-25
Ph: 93382 12123

Hurry up... Hurry up... Hurry up...

**B.Ed**

Only @89,000/-

IMMEDIATELY CONTACT

B.Ed COUNSELLING CENTER BHUBANESWAR

7606962458
8908210843
9124391142
8908210443

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗ୍ରୀଜ୍‌ମାନ ସର୍ବକାଳୀନ ଟପ୍ ସ୍କୋରର

ରିୟାଦ, ୧୧।୧ (ଏପି)

ସ୍ପାନିଶ ସୁପର କପ୍ ସେମିଫାଇନାଲରେ ରିଅଲ ମାଡ୍ରିଡ ବିପକ୍ଷରେ ଗୋଲ ସ୍କୋର କରିବା ପରେ ଆଣ୍ଟୋନି ଗ୍ରୀଜ୍‌ମାନ ମୋଟ ୧୭୪ ଗୋଲ୍ ସହ ଆଟଲେଟିକୋ ମାଡ୍ରିଡ୍‌ର ସର୍ବକାଳୀନ ଟପ୍ ଗୋଲ୍ ସ୍କୋରର ହୋଇଛନ୍ତି। ଏହାଦ୍ୱାରା ସେ ଲୁଇସ୍ ଆରାଗୋନ୍ସଙ୍କ ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ଆରାଗୋନ୍ସ ୩୭୦ ମ୍ୟାଚରେ ତାଙ୍କ ସଂଖ୍ୟା ହାସଲ କରିଥିବା ବେଳେ ଗ୍ରୀଜମାନ ୩୬୮ଟି ଗେମ୍ ଆବଶ୍ୟକ କରିଥିଲେ। ଫ୍ରାନ୍ସର ଏହି ଅନ୍ତର୍ଜାତୀୟ ଖେଳାଳି ବାର୍ସିଲୋନାରେ ଯୋଗଦେବା ପୂର୍ବରୁ ଆଟଲେଟିକୋ ସହ ତାଙ୍କ ୮ ସିଜନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଖେଳିଥିଲେ। ୨୦୨୧ରେ ସେ ଏକ ବର୍ଷ ପାଇଁ ଲୋନ୍‌ରେ ଆଟଲେଟିକୋକୁ ଫେରିଥିଲେ। ପରବର୍ତ୍ତୀ କାଳରେ ଏହି ମିଆଦକୁ ୨୦୨୨-୨୩ ସିଜନକୁ ବୃଦ୍ଧି କରାଯାଇଥିଲା।

**୨୫ତମ ଶ୍ରାଦ୍ଧବାର୍ଷିକୀ**



ଵ ଶଶୀଭୂଷଣ ମହାପାତ୍ର
ବୀରନରସିଂହପୁର, ପୁରୀ
ଆବିର୍ଭାବ: ୨୩।୧୦।୧୯୪୧
ତିରୋଧାନ: ୧୮।୧୨।୧୯୯୮

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାବିନ୍ଦରେ ୨୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।

ଶୋକସନ୍ତପ୍ତ: ପତ୍ନୀ-ସୁପ୍ରଭା, ଶୁଭେନ୍ଦୁ ଓ ସସ୍ମିତା, ସ୍ମିତା ଓ ମନୋଜ, ସ୍ନିଗ୍ଧା ଓ ଅନୁପ, ସ୍ୱପ୍ନା ଓ ଅଶୋକ, ନେହା, ଶୁଭମ, ହାନା, ନିଶି, ଗୁନ୍‌ଗୁନ୍, ଆୟୁଷ, ନିଧି, ଅଭିଷେକ, କିନୋ, ବନ୍ଧୁ ଓ ପରିବାରବର୍ଗ।

ପ୍ଲଟ୍ ନଂ.: ପିପି-୪୬, ପାଣ୍ଡବ ନଗର, ଭୁବନେଶ୍ୱର

# ପ୍ରଥମ ଟି୨୦: ଭାରତର ସହଜ ବିଜୟ

ମୋହାଲି,୧୧।୧

ପଞ୍ଜାବର ମୋହାଲିରେ ଖେଳା ଯାଇଥିବା ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚକୁ ୬ ଉଇକେଟରେ ଜିତି ନେଇଛି ଭାରତ। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୨୦ ଓଭରରେ ୫ ଉଇକେଟରେ ୧୫୮ ରନ୍ ସ୍କୋର କରିଥିଲା। ଜବାବରେ ଭାରତ ୧୭.୩ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଆଫଗାନିସ୍ତାନର ଦୁଇ ଓପନର ରେହମାନୁଲ୍ଲା ଗୁରବାଜ(୨୩) ଓ ଇବ୍ରାହିମ୍ ଜଦ୍ରାନ(୨୫) ପ୍ରଥମ ଉଇକେଟରେ ୫୦ ରନ୍ ଯୋଡିଥିଲେ। ଅଜମତୁଲ୍ଲା ଓମାରଜାଇ (୨୯) ଓ ମହମ୍ମଦ ନବି(୪୨)ଙ୍କ ମଧ୍ୟରେ ୬୮ ରନ୍‌ର ପାର୍ଟନରଶିପ୍ ଦଳୀୟ ସ୍କୋର ୧୫୦ ପାର କରିବାରେ ସାହାଯ୍ୟ କରିଥିଲା। ନବି ୨୭ ବଲ୍ ଖେଳି ୨ ଚୌକା ଓ ୩ ଛକା ମାରିଥିଲେ। ଶେଷ ଆଡକୁ ନଜିବୁଲ୍ଲା ୧୯* ରନ୍‌ର ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ମୁକେଶ କୁମାର ଓ ଅକ୍ଷର ପଟେଲ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଶିବମ ଦୁବେ ଅନ୍ୟ ଉଇକେଟଟି ନେଇଥିଲେ।

୧୫୯ ରନ୍‌ର ପିଛା କରୁଥିବା ଭାରତ ଖାତା ଖୋଲିବା ପୂର୍ବରୁ ଅଧିନାୟକ ରୋହିତ ଶର୍ମାଙ୍କ ଉଇକେଟ ହରାଇଥିଲା। ତେବେ ଶିବମ ଦୁବେଙ୍କ ଅଲରାଉଣ୍ଡ ସଫଳତା ବଳରେ ଭାରତ ୧୫ ବଲ୍ ପୂର୍ବରୁ ବିଜୟ ହାସଲ କରି ନେଇଥିଲା।ଶୁବମନ ଗିଲ୍(୨୩) ଓ ତିଲକ ବର୍ମା (୨୬) ଦ୍ୱିତୀୟ ଉଇକେଟରେ ୨୮ ରନ୍ ଯୋଡିଥିଲେ। ପରବର୍ତ୍ତୀ ଉଇକେଟରେ ଶିବମ ଦୁବେ(୬୦*) ଓ ତିଲକ ୪୪ ରନ୍ ଯୋଡିଥିଲେ। ଜିତେଶ ଶର୍ମା ୨୦ ବଲ୍‌ରୁ ୩୧ ରନ୍ କରିଥିଲେ। ଦଳୀୟ ସ୍କୋର ୧୧୭ରେ ଜୀତେଶ ଆଉଟ ହୋଇଥିଲେ। ଦୁବେ ୪୦ ବଲ୍ ଖେଳି ୪ ଚୌକା ଓ ୨ ଛକା ମାରିଥିଲେ। ରିଙ୍କୁ ସିଂ(୧୬*) ଓ ଶିବମ ଦୁବେ ଭାରତକୁ ଫିନିଶ ଲାଇନ୍ ପାର କରାଇଥିଲେ। ଆଫଗାନିସ୍ତାନ ପକ୍ଷରୁ ମୁଜିବ୍ ଉର ରେହମାନ ୨୧ ରନରେ ୨ ଉଇକେଟ ନେଇଥିବା ବେଳେ ଅଜମତଉଲ୍ଲା ଓମାରଜାଇ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୨୦ ଓଭରରେ ୧୫୮/୫(ମହମ୍ମଦ ନବି-୪୨, ଅଜମତୁଲ୍ଲା ଓମାରଜାଇ-୨୯, ଇବ୍ରାହିମ୍ ଜଦ୍ରାନ-୨୫, ମୁକେଶ କୁମାର-୨/୩୩, ଅକ୍ଷର ପଟେଲ-୨/୨୩, ଶିବମ ଦୁବେ-୧/୯)। ଭାରତ ୧୭.୪ ଓଭରରେ ୧୫୯/୪( ଶିବମ ଦୁବେ-୬୦*, ତିଲକ ବର୍ମା-୨୬, ଶୁବମନ ଗିଲ୍-୨୨, ମୁଜିବ୍‌ଉର ରେହମାନ-୨/୨୧, ଅଜମତଉଲ୍ଲା ଓଭାରଜାଇ-୧/୩୩)।

# କମଳାକାନ୍ତଙ୍କୁ ରୌପ୍ୟ

ଭୁବନେଶ୍ୱର,୧୧।୧
(ସରୋଜ ଜେନା)

**ଜାତୀୟ ପାରା ଆଥଲେଟିକ୍ସ**

ଗୋଆର ପାଣାଜୀରେ ଅନୁଷ୍ଠିତ ୨୨ତମ ଜାତୀୟ ପାରା ଅଥଲେଟିକ ଚାମ୍ପିଅନସିପ -୨୦୨୪ରେ ଓଡ଼ିଶା ପାଇଁ ପ୍ରଥମ ପଦକ ଜିତିଛନ୍ତି ଜାଭେଲିନ୍ ଥ୍ରୋୟର କମଳାକାନ୍ତ ନାୟକ। ପୁରୁଷ ବର୍ଗର ଏଫ-୫୩ ଇଭେଣ୍ଟରେ କମଳାକାନ୍ତ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ୧୬.୫୬ ମିଟରର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟ ପକ୍ଷରେ ଉତ୍ତର ପ୍ରଦେଶର ଆଦିତ୍ୟ କୁମାର ୧୬.୬୩ ମିଟରର ଥ୍ରୋ ସହ ପ୍ରଥମ ସ୍ଥାନରେ ରହିଥିଲେ। ସେହିପରି ହରିୟାଣାର ସୁମିତ ୧୬.୫୨ ମିଟରର ଥ୍ରୋ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ।


କମଳାକାନ୍ତ ନାୟକ

**Classified Everyday**
0674-2580101, 2549949


REAL ESTATE
SALE

Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/- sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452. D-75097

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

Ready to move luxurious flat for sale at Acharya Vihar. Contact- 9437307086, 7978209277. D-2190

Duplex sale at Bhubaneswar @ 57 lakhs only. Contact: 9777433701. D-75294

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30’ ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-75292

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

Relax, Refresh your Body, Mind at Saikrupa Spa with best therapies. 8984068077. D-2209

Newly open SPA positively health benefits with expert therapist. 9938843929. D-75184

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

Positively health benefits SPA expert therapist at Nayapalli. Contact: 7846814019. D-75187

Newly open SPA positively health benefits (expert therapist). Contact: 9124527170. D-75188

**AFFIDAVIT**

I, Sayed Firoz, S/o-Late Isha Sha, R/o-W.No.3, Bengabati, P.O.-Athantara, P.S.-Balipatana, Dist.-Khordha, PIN-752102 Odisha declare by this affidavit No.-6 dtd-06.01.2024 that now onwards I shall be known as Sayed Firoj for all future purposes. D-75098

**ମନେ ପଡ଼ନ୍ତି**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
(ଏକାଦଶାହ ଦିବସରେ)



ଵ ସୁବାଷ ଚନ୍ଦ୍ର ଦଣ୍ଡପାଟ
(ପ୍ରଫୁଲ୍ଲ ନଗର, ବାରିପଦା)
ଆବିର୍ଭାବ: ୨୪.୦୨.୧୯୪୭
(ଗ୍ରାମ: ଘୁଷୁରିଆ, ଜିଲ୍ଲା: ମୟୂରଭଞ୍ଜ)
ତିରୋଧାନ: ୦୩.୦୧.୨୦୨୪
(ମଙ୍ଗଳବାର ରାତ୍ର ୨.୦୦ଘଟିକା)
(ପୌଷ ମାସ ସପ୍ତମୀ ତିଥି ୧୮ ଦିନ)

ତୁମ ସ୍ମୃତି ଆମ ପାଖରେ ସଦା ସତେଜ ଥାଉ
ତୁମ ଆତ୍ମା ପରମାତ୍ମାଙ୍କ ସହ ଲିନ ହେଉ

-: ଶୋକ ସନ୍ତପ୍ତ :-
ମିନୁ, ଦିପୁ, କୁନ୍‌ମୁନ୍, ଫୁକୁଲୁ, ଶିବୁ, ମନିକା, ନାତି ଓ ନାତୁଣୀମାନେ

ଧ-୨୨୪୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସମାଜ ସେବକ
ଵ ଗୋଲକ ବିହାରୀ ପାତ୍ର
ଯମଧର, କବିରପୁର, ଯାଜପୁର
ଆବିର୍ଭାବ : ୦୪.୧୦.୧୯୪୧
ତିରୋଧାନ : ୧୦.୦୧.୨୦୨୪

ଆପଣଙ୍କ କର୍ତ୍ତବ୍ୟପରାୟଣତା, ସଚ୍ଚୋଟତା ଓ ଉତ୍ସର୍ଗୀକୃତ ସେବା ସଦା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ବନ୍ଧୁ ଓ ପରିବାରବର୍ଗ

ଧ-୨୨୪୦

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ**

# ଓଡ଼ିଶା-କର୍ଣ୍ଣାଟକ ଫାଇନାଲ

ଭୁବନେଶ୍ୱର,୧୧।୧(ସରୋଜ ଜେନା)

କର୍ଣ୍ଣାଟକର ହୁବାଲିସ୍ଥିତ ରେଲୱେ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୪ର୍ଥ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ଗୁରୁବାର ଖେଳାଯାଇଥିବା ସେମିଫାଇନାଲରେ ଆନ୍ଧ୍ର ପ୍ରଦେଶକୁ ୧୯ ରନ୍‌ରେ ପରାସ୍ତ କରିବା ସହିତ ଓଡ଼ିଶା କ୍ରମାଗତ ଚତୁର୍ଥ ଥର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୩ ଉଇକେଟ ହରାଇ ୧୮୩ ରନ୍ କରିଥିଲା। ଝିଲି ବିରୁଆ ସର୍ବାଧିକ ୮୨ ରନ୍ କରିଥିବା ବେଳେ ମୁନି ପୂର୍ତ୍ତି ୪୪ ଓ ପାର୍ବତୀ ମାର୍ଣ୍ଡି ୨୦ ରନ୍ କରିଥିଲେ। ଜବାବରେ ଆନ୍ଧ୍ର ପ୍ରଦେଶ ୨୦ ଓଭରରେ ୬ ଉଇକେଟରେ ୧୬୪ ରନ୍‌ରେ ସୀମିତ ରହିଥିଲା। ଓଡ଼ିଶା ପକ୍ଷରୁ ରଚନା ଜେନା ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ଝିଲି ବିରୁଆଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଦ୍ୱିତୀୟ ସେମିରେ ଦିଲ୍ଲୀକୁ ହରାଇ କର୍ଣ୍ଣାଟକ ଫାଇନାଲରେ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ବିଗତ ବର୍ଷର ଫାଇନାଲରେ କର୍ଣ୍ଣାଟକକୁ ପରାସ୍ତ କରିଥିବା ବେଳେ ଉଭୟ ଦଳ ଲଗାତର ଚତୁର୍ଥ ଥର ପାଇଁ ପରସ୍ପରକୁ ଫାଇନାଲରେ ଭେଟିବାକୁ ଯାଉଛନ୍ତି।

# ମଠଖାଇ ମହୋତ୍ସବ ଉଦ୍‌ଯାପିତ



ଅତିଥିମାନେ ନିର୍ଦ୍ଦେଶକ ବାଳମୁକୁନ୍ଦ ବେହେରାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି।


ନାଟକ ଭାବ୍ ନୁ ଅଭାବ୍‌ର ଏକ ଦୃଶ୍ୟ।

**ବଲାଙ୍ଗୀର,୧୧।୧(ବୀରେନ୍ଦ୍ର କୁମାର ଝାଙ୍କର)**

## ପାରିବାରିକ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଲା ନାଟକ ଭାବ୍ ନୁ ଅଭାବ୍

■ଲୀଳା ନାଟକ ନିର୍ଦ୍ଦେଶକ ବାଳମୁକୁନ୍ଦ ବେହେରାଙ୍କୁ ମଠଖାଇ ସମ୍ମାନ

ସର୍ବଭାରତୀୟ ନାଟକ ସମାରୋହ ମଠଖାଇ ମହୋତ୍ସବର ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ଥାନୀୟ କୋଶଳ କଳାମଣ୍ଡଳ ନୂଆ ରଙ୍ଗମଞ୍ଚରେ ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଭୂମିକା ତଥା ମଠଖାଇ ମହୋତ୍ସବ କମିଟି ଉପଦେଷ୍ଟା ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ଥିଲେ। ଅତିଥି ମନ୍ତ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀରର ମହାନ ନାଟ୍ୟ ପରମ୍ପରାକୁ ମନେ ପକାଇ ମଠଖାଇ ମହୋତ୍ସବ ଜରିଆରେ ସାମାଜିକ ସଚେତନତା ସମ୍ଭବ ହୋଇଛି ବୋଲି କହିଥିଲେ। ମଠଖାଇ ଅଧ୍ୟକ୍ଷ ବିଧାୟକ ମିଶ୍ର ଓ ମଠଖାଇର ଅନ୍ୟ ସଦସ୍ୟଙ୍କୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଉପଦେଷ୍ଟା ଛୁରିଆ ତାଙ୍କ ବକ୍ତବ୍ୟରେ ନାଟକ କିଭଳି ମଣିଷପଣିଆର ବାର୍ତ୍ତା ଦେବା ସହ ଭାବବନ୍ଧନରେ ବାନ୍ଧି ରଖିଥାଏ କହିଥିଲେ।

ସଭାପତୀୟ ଅଭିଭାଷଣରେ ବିଧାୟକ ନରସିଂହ ମିଶ୍ର ମଠଖାଇ ମହୋତ୍ସବର ପରିକଳ୍ପନା କେବଳ ସାମାଜିକ ସଂସ୍କାର, ସାମାଜିକ ବିକାଶ ଏବଂ ଏକତା ସୃଷ୍ଟି ପାଇଁ ବୋଲି କହିଥିଲେ। ମଠଖାଇ ମହୋତ୍ସବରେ ଯେଉଁ ନାଟକ ପ୍ରଦର୍ଶିତ ହୋଇଛି ତାହା ନିଶ୍ଚିତ ଭାବେ କିଛି ବାର୍ତ୍ତା ଦେଇଛି ଯାହା ଆମର ସାମାଜିକ ସଚେତନତା ସୃଷ୍ଟିରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଅଭିନେତା ଏବଂ ନିର୍ଦ୍ଦେଶକ ବାଳମୁକୁନ୍ଦ ବେହେରାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ସଭା ପୂର୍ବରୁ ପଞ୍ଚାମ ଅନୁଷ୍ଠାନ ପକ୍ଷରୁ ଲୋକନୃତ୍ୟ ଏବଂ କୋଟପାଡ ସ୍ଥିତ କଳା ବିକାଶ କେନ୍ଦ୍ର ପକ୍ଷରୁ ଢେମସା ନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଦିବସ ମଞ୍ଚକୁ ଦିବଙ୍ଗତ ନାଟ୍ୟପ୍ରାଣ ମଧୁସୂଦନ ମହାନନ୍ଦଙ୍କ ସ୍ମୃତିରେ ସମର୍ପଣ କରାଯାଇଥିଲା। ତାଙ୍କ ପରିବାର ସଦସ୍ୟା ସଦସ୍ୟଙ୍କୁ ମଞ୍ଚରେ ଅତିଥିମାନେ ସମର୍ପଣ ପତ୍ର ପ୍ରଦାନ କରିବା ସହ ସମ୍ମାନିତ କରିଥିଲେ। ସଭାପତି ଚିତ୍ତରଞ୍ଜନ ଦାସ ସଭା ପରିଚାଳନା କରିଥିଲେ ଓ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସଭା ପରେ ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ଅତିଶ କୁମାର ଶତପଥୀଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ ଭାବ୍ ନୁ ଅଭାବ୍ ମଞ୍ଚସ୍ଥ ହୋଇଥିଲା। ପରିବାର ଭିତରେ ପିତା-ପୁତ୍ରଙ୍କ ଭିତରେ କ୍ରମଶଃ ବୃଦ୍ଧି ପାଉଥିବା ତିକ୍ତତା ଏବଂ ଅବିଶ୍ୱାସକୁ କିଭଳି ବିଶ୍ୱାସ ଦ୍ୱାରା ଏବଂ ଭାବମୟତାରେ ଆମେ ସଶକ୍ତ କରିପାରିବା ନାଟକରେ ପ୍ରଦର୍ଶିତ ହୋଇଥିଲା। ଅଭିନେତାମାନଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପୂର୍ବାହ୍ନରେ ମଠଖାଇ ମହୋତ୍ସବ ଉପଲକ୍ଷେ କୋଶଳ କଳାମଣ୍ଡଳ ଠାରେ ନାଟକ ଆଉ୍ ଯୁବଗୋଷ୍ଠୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ମଧୁସୂଦନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଭିନ୍ନ ଅନୁଷ୍ଠାନର ଆଲୋଚକ ମାନେ ମତବ୍ୟକ୍ତ କରିଥିଲେ।

## ନୟନତାରାଙ୍କ ନାମରେ ମାମଲା

**ମୁମ୍ବାଇ:** ଅଭିନେତ୍ରୀ ନୟନତାରା ଏବଂ ଜୟଙ୍କ ଫିଲ୍ମ 'ଅନ୍ନପୂର୍ଣ୍ଣି' ନିକଟରେ ଓଟିଟିରେ ରିଲିଜ୍ ହୋଇଛି। ହେଲେ ଏହି ଫିଲ୍ମକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିଛି। ସିନେମାରେ ହିନ୍ଦୁ ସମୁଦାୟର ଧାର୍ମିକ ଭାବନାକୁ କ୍ଷତି ପହଞ୍ଚାଇବା ଏବଂ ଲଭ୍ ଜିହାଦ୍‌କୁ ସମର୍ଥନ କରିବା ଭଳି ଅଭିଯୋଗ ରହିଛି। ଗତ ଡିସେମ୍ବର ୧ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ପ୍ରଭୁ ରାମଙ୍କ ସମ୍ବନ୍ଧୀୟ ଏକ ବିବାଦପୂର୍ଣ୍ଣ ଟିପ୍ପଣୀକୁ ସାମିଲ କରାଯାଇଛି। ଯେଉଁଥିପାଇଁ ସିନେମା ଏବେ ବିବାଦ ଘେରକୁ ଆସିଛି। ଫିଲ୍ମ ନିର୍ମାତା ଆର୍. ରବିନ୍ଦ୍ରନ୍ ଏବଂ ଯତୀନ ସେଠୀ, ନିର୍ଦ୍ଦେଶକ ନିଲେଶ କ୍ରିଷ୍ଣାଙ୍କ ସମେତ ଅଭିନେତ୍ରୀ ନୟନତାରାଙ୍କ ସହ ସମସ୍ତ ଷ୍ଟାରଙ୍କ ବିରୋଧରେ ମୁମ୍ବାଇ ପରେ ଏବେ ମଧ୍ୟପ୍ରଦେଶରେ ମଧ୍ୟ ମାମଲା ରୁଜୁ କରାଯାଇଛି। ମୁମ୍ବାଇରେ ଅଭିଯୋଗକାରୀ ରମେଶ ସୋଲଙ୍କି 'ଏକ୍ସ'ରେ ତାଙ୍କର ଏକ ପୋଷ୍ଟ ଶେୟାର କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ଯେଉଁଥିରେ ବାଲ୍ମୀକି ରାମାୟଣକୁ ଭୁଲ ଭାବେ ଦର୍ଶାଯାଇଥିବା ସହ ସିନେମାରେ ପ୍ରଭୁ ରାମ ମାଂସ ଭକ୍ଷଣ କରୁଥିବା ଆକ୍ଷେପ କରାଯାଇଛି। ମଧ୍ୟପ୍ରଦେଶ ଜବଲପୁରରେ ହିନ୍ଦୁବାଦୀ ସଂଗଠନ ନୟନତାରାଙ୍କ ସମେତ ଅନ୍ୟ ଷ୍ଟାରଙ୍କ ବିରୋଧରେ ମାମଲା ରୁଜୁ କରିଛି। ହିନ୍ଦୁସେବା ପରିଷଦର ଅତୁଲ ଜୈଶୱାନିଙ୍କ କହିବା ମୁତାବକ, ସିନେମାରେ ଏପରି କିଛି ଦୃଶ୍ୟ ରହିଛି ଯେଉଁଥିରେ ପ୍ରଭୁ ରାମଙ୍କୁ ଅପମାନ କରାଯାଇଛି। ଏଥିସହ କିଛି ଟିପ୍ପଣୀ ରହିଛି, ଯାହା ହିନ୍ଦୁଙ୍କ ଭାବନାକୁ କ୍ଷତି ପହଞ୍ଚାଉଛି। ଫିଲ୍ମରେ ନୟନତାରା ଜଣେ ରୋଷେୟା ଭୂମିକାରେ ନଜରକୁ ଆସିଛନ୍ତି। ସେଥିରେ ସେ ତାଙ୍କ ମା' ବାରଣ ସତ୍ତ୍ୱେ ଏକ ରିଆଲିଟି ଶୋ' 'ଇଣ୍ଡିଆଜ୍ ବେଷ୍ଟ ସେଫ୍'ରେ ଭାଗ ନେଇଛନ୍ତି। ସେ ଜଣେ ବ୍ରାହ୍ମଣ ଘରର ଝିଅ ହୋଇଥିବାବେଳେ ସେ ଆମିଷ ଖାଦ୍ୟ ରାନ୍ଧିବା ଏବଂ ରୋଷେଇ ପ୍ରତିଯୋଗିତା ପୂର୍ବରୁ ସେ ନମାଜ ପଢୁଥିବା ଦେଖିବାକୁ ମିଳିଛି। ତେବେ ଫିଲ୍ମରେ କାର୍ତ୍ତିକ କୁମାର, ସତ୍ୟରାଜ୍, ରେଣୁକା, କେ.ଏସ୍. ରବି କୁମାର, ପୂର୍ଣ୍ଣିମା ରବି, ସୁରେଶ ଚକ୍ରବର୍ତ୍ତୀ, ରେଡିନ କିଙ୍ଗସଲେ ପ୍ରମୁଖ ନଜରକୁ ଆସିଛନ୍ତି।



## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ, ୨ ଗିରଫ

**ଲୋଇସିଂହା,୧୧।୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ଥାନା ଅନ୍ତର୍ଗତ ଉଛବାହାଲ ଗ୍ରାମର ଜଣେ ମହିଳାଙ୍କୁ ଆକ୍ରମଣ କରି ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସେହି ଗ୍ରାମର ସୁବଳ ପାଣ୍ଡେ (୨୬) ଓ ଦ୍ୱାରୁ ପାଣ୍ଡେ (୬୧)। ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ବାସୁଦେବ ଭୋଇ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବାଲମତୀ ପାଣ୍ଡେଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଠେଙ୍ଗାରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ଛାତ୍ରୀଙ୍କୁ ଆକ୍ରମଣ କରି ଲୁଟିଲେ

**ଟିଟିଲାଗଡ, ୧୧।୧(ଶରତ ମିଶ୍ର)**

ଟିଟିଲାଗଡ ଡିଏଭି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ସ୍ନାତକୋତ୍ତର ଚତୁର୍ଥ ସେମିଷ୍ଟାରର ଛାତ୍ରୀ ପ୍ରିୟମ୍ବଦା ମାଝିଙ୍କୁ ଆକ୍ରମଣ କରି ଦୁର୍ବୃତ୍ତ ୫ଶହ ଟଙ୍କା ଲୁଟି ନେଇଛନ୍ତି। ନିଜଘର ବହିଦାରପଡ଼ାରୁ ପ୍ରିୟମ୍ବଦା ଡିଏଭି ମହାବିଦ୍ୟାଳୟକୁ ଆସୁଥିବା ବେଳେ ତିନି ଜଣ ମୁଖାପିନ୍ଧା ଯୁବକ ତାଙ୍କୁ ଅଟକାଇଥିଲେ। ଏକ ବ୍ଲେଡରେ ତାଙ୍କୁ ଆକ୍ରମଣ କରି ବ୍ୟାଗରେ ଥିବା ପାଞ୍ଚ ସହ ଟଙ୍କା ଛଡେଇ ନେଇଥିଲେ। ମୋବାଇଲ ଛଡାଇବାକୁ ଉଦ୍ୟମ କଲାବେଳେ ପ୍ରିୟମ୍ବଦା କୌଣସିମତେ ସେଠାରୁ ଦୌଡି ପଳାଇ ଯାଇଥିଲେ। ତାଙ୍କଠାରୁ ଖବର ପାଇ ଅନ୍ୟ ଛାତ୍ରୀମାନେ ତାଙ୍କୁ ଉଦ୍ଧାର କରି କଲେଜ ନେଇଥିଲେ। ପରେ ଏ ନେଇ ପ୍ରିୟମ୍ବଦା ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଛାନବିନ ଆରମ୍ଭ କରିଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୋଷୀଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି।

### ଅତିରିକ୍ତ ଜିଲାପାଳଙ୍କ ଗ୍ରାମୀଣ ବହୁମୁଖୀ ଉଦ୍ୟୋଗ କେନ୍ଦ୍ର ପରିଦର୍ଶନ

**ପଦ୍ମପୁର,୧୧।୧(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁରରେ ନବନିଯୁକ୍ତ ଅତିରିକ୍ତ ଜିଲାପାଳ କୁଣାଲ ଚହ୍ୱାନ କାର୍ଯ୍ୟରେ ଯୋଗଦାନ ପରେ ଅଞ୍ଚଳର ବିକାଶଧାରାକୁ ଆଗେଇ ନେବାକୁ ପ୍ରୟାସ କରୁଛନ୍ତି। ପ୍ରଥମେ ଭେଉଁରିଆ ପଞ୍ଚାୟତ ଦେଉଳିଠାରେ ଥିବା ଗ୍ରାମୀଣ ବହୁମୁଖୀ ଉଦ୍ୟୋଗ କେନ୍ଦ୍ର ପରିଦର୍ଶନ କରିଯାଇଥିଲେ। ପରିଚାଳନା ଦାୟିତ୍ୱରେ ଥିବା ମହିଳା ଗୋଷ୍ଠୀ ସଦସ୍ୟାଙ୍କ ସହ ବହୁମୁଖି ଗ୍ରାମୀଣ ଉଦ୍ୟୋଗ କେନ୍ଦ୍ର ସମ୍ପର୍କରେ ଆଲୋଚନା କରିଥିଲେ।

## ବିକାଶ ପାଇଁ ଅର୍ଥର ଅଭାବ ନାହିଁ:ପାଣ୍ଡିଆନ୍

**କଣ୍ଟାବାଞ୍ଜି,୧୦।୧(ଗୁରୁଦୟାଲ ହଂସ)**

### କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ବିକାଶ ପାଇଁ ୬୦କୋଟିର ଅନୁଦାନ

ବିକାଶ ପାଇଁ ଅର୍ଥର ଅଭାବ ନାହିଁ। କଣ୍ଟାବାଞ୍ଜି ନର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ସବୁମତେ ଉଦ୍ୟମ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ଏହି ଅଞ୍ଚଳ ପାଇଁ ୬୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅନୁଦାନ ରାଶିରେ ରାଣିପୁର ଝରିଆଲର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ କ୍ଷେତ୍ରରେ ବ୍ୟୟ କରାଯିବ। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କେ.ଭି.କଲେଜ ପଡିଆରେ ଗୁରୁବାର ଅନୁଷ୍ଠିତ ବିଧାନ ସଭା ନିର୍ବାଚନ ମଣ୍ଡଳୀର ଜନ ଶୁଣାଣି ସଭାରେ ୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ୫ଟି ଯୋଜନାରେ ସ୍କୁଲ, କଲେଜର ଉନ୍ନତୀକରଣ କରାଯାଇଛି। ମହିଳାମାନଙ୍କର ବିକାଶ ପାଇଁ ମିଶନଶକ୍ତି, ଲକ୍ଷ୍ମୀ ବସ ଏବଂ ବ୍ୟାଙ୍କ ସୁବିଧା ଯୋଗାଇ ଦିଆଯାଇଛି। ଆଗାମୀ ୧୦ ଦିନ ମଧ୍ୟରେ ପ୍ରତ୍ୟେକ ଆବେଦନ ମଧ୍ୟରୁ ମନ୍ଦିର, ମସ୍‌ଜିଦ, ଗୀର୍ଜା, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟରଗୁଡିକର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିବେ ବୋଲି କହିଥିଲେ। ଏହି ସଭାରେ ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲା ଓ ରାଜ୍ୟର ବିକାଶ ହୋଇଥିବା କହିଥିଲେ। ପୂର୍ବତନ ବିଧାୟକ ଅୟୁବ ଖାନ, ବରଷ୍ଠ ନେତା ଅଜୟ ଦାଶ, ପାଟଣାଗଡ ବିଧାୟକ ସରୋଜ ମେହେର, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଗିରିରାଜ ମାଝି, ବଲାଙ୍ଗୀର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୂପମା ମାଝି, ବିଜେଡି ରାଜ୍ୟ ସମ୍ପାଦକ ଉଦ୍ଧବ ବେହେରା, ଜିଲା ସମ୍ପାଦକ ଫିରୋଜ ଖାନ, ଅମଜାଦ ଖାନ,ଡବ୍ଲ୍ୟୁଓଡିସି ଏକ୍ସପର୍ଟ ମେମ୍ବର ହଂସରାଜ ଜୈନ, ଉପାଧ୍ୟକ୍ଷା ଗୋପା ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଗଠନ

**ଲାଠୋର, ୧୧।୧(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ଗଠିତ ହୋଇଛି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ। ନୀଳମାଧବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସହମତିକ୍ରମେ ସଭାପତିଭାବେ ନୀଳମାଧବ ପଣ୍ଡା, ଉପସଭାପତି ଗୌରାଙ୍ଗ ଚରଣ ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତି, ସହସମ୍ପାଦକ ସଚ୍ଚିକାନ୍ତ ପାଣିଗ୍ରାହୀ, କୋଷାଧ୍ୟକ୍ଷଭାବେ ସଦାନନ୍ଦ ବେହେରା ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ରଣଜିତ ଭଇଁଷାଲ, ଗିରୀଶ ନାଏକ, ସନ୍ତୋଷ ବିଶି ଶବର, ପ୍ରଦୀପ କୁମାର ଦାଶ, ବିଶ୍ୱନାଥ ଦତ୍ତ, ବୁଦ୍ଧବନ୍ଧୁ ନାଏକ, ପରମେଶ୍ୱର ବେହେରାଙ୍କୁ ରଖାଯାଇଛି। ଆଗାମୀ ଦିନରେ ସଂଘକୁ ସୁଦୃଢ଼ କରି ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ସହ ଅଞ୍ଚଳରେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନ ସହ ସାମିଲ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ସଭାପତି ପଣ୍ଡା କହିଛନ୍ତି। ସଦାନନ୍ଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗହଳ ଦାଶ, କପିଳେଶ୍ୱର ବେହେରା, କୃଷ୍ଣଚନ୍ଦ୍ର କୈବର୍ତ୍ତ, ରାମଚନ୍ଦ୍ର ଭଇଁଷାଲ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ।

## ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

**ବଲାଙ୍ଗୀର,୧୧।୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଗୁରୁବାର ଜିଲାସ୍ତରୀୟ ନୂଆ-ଓ ଉତ୍ସବ ତଥା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଯୋଗଦେଇ ଜିଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ ଡିଗ୍ରୀ କଲେଜର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। ହେଲେ ଏହି କାର୍ଯ୍ୟକ୍ରମକୁ ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ କେତେଜଣ ଛାତ୍ର ମୁହଁରେ କଳାକନା ବାନ୍ଧି ଓ ହାତରେ ପ୍ଲାକାର୍ଡ ଧରି କଲେଜ ଛକରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଟକୁ ଆସିଥିଲେ। ରାଜେନ୍ଦ୍ର କଲେଜ ଗେଟ୍ ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେମାନଙ୍କୁ ଗାନ୍ଧୀ ଷ୍ଟାଡିୟମ ପଟକୁ ଯିବାକୁ ଦିଆ ଯାଇ ନ ଥିଲା। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଖାଲି ପଡିଛି। ତାକୁ ପୂରଣ ନକରି ୫-ଟି ଅଧ୍ୟକ୍ଷ ପାଣ୍ଡିଆନ୍ ଛାତ୍ରୀଛାତ୍ରଙ୍କ କ'ଣ ଦକ୍ଷତା ବୃଦ୍ଧି କରିବାକୁ ଆସିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଗୁରୁବାର ଯୁକ୍ତ ୩ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଚାଲିଥିବାବେଳେ ବିଶ୍ୱବିଦ୍ୟାଳୟ ସମ୍ମୁଖ ଗାନ୍ଧୀ ଷ୍ଟାଡିୟମଠାରେ ଡିଜେ ବଜାଇ ନୂଆ-ଓ ଉତ୍ସବ କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହିତ ଖେଳ ଖେଳିବା ସହ ରାଜନୀତି କରିବାକୁ ଆସିଛନ୍ତି ବୋଲି ସମାଲୋଚନା କରିଥିଲେ।

## କନ୍ଧମାଳ ରେଞ୍ଜ ଅଞ୍ଚଳରେ ବଲାଙ୍ଗୀର ବନ ବିଭାଗର ଚଢ଼ାଉ


ଗିରଫ ୨ ଅଭିଯୁକ୍ତ, ଜବତ ବଘଛାଲ।

**ବଲାଙ୍ଗୀର,୧୧।୧(ବୀରେନ୍ଦ୍ର ଝାଙ୍କର)**

### ଚିତାବାଘ ଛାଲ ଜବତ: ୨ ଗିରଫ

ବୁଧବାର ରାତିରେ ବଲାଙ୍ଗୀର ବନ ବିଭାଗ ପକ୍ଷରୁ ବୌଦ୍ଧ ଜିଲା କନ୍ଧମାଳ ରେଞ୍ଜ ଅଧୀନ ଘଣ୍ଟାପଡ଼ା ସେକ୍ସନର ଫଟାମୁଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ଗୋଟିଏ ଚିତାବାଘ ଛାଲ ଜବତ ହୋଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ବୌଦ୍ଧ ବନଖଣ୍ଡ କନ୍ଧମାଳ ଅଞ୍ଚଳରୁ ଚିତାବାଘ ଛାଲ ଚାଲାଣ ହେବା ନେଇ ତୁଷୁରା ଅଞ୍ଚଳରେ ଡିଲ୍ ଚାଲିଥିବା କୌଣସି ସୂତ୍ରରୁ ବଲାଙ୍ଗୀର ବନ ବିଭାଗ କର୍ମଚାରୀମାନେ ଖବର ପାଇଥିଲେ। ପରେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନିତିଶ କୁମାରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ତୁଷୁରା ଥାନା କୋଟଗାଁରେ ଗତ ସୋମବାର ଚଢ଼ାଉକରି ଉକ୍ତ ଗ୍ରାମର ମୁକେଶ ମନହୀରାକୁ ଅଟକ ରଖି ଅଧିକ ତଦନ୍ତ ଚଳାଇଥିଲା। ତାଙ୍କଠାରୁ ସମସ୍ତ ତଥ୍ୟ ପାଇବା ପରେ ଘଣ୍ଟାପଡ଼ା ସେକ୍ସନର ଫଟାମୁଣ୍ଡା ଗ୍ରାମରେ ଚିତାବାଘ ଛାଲ ଥିବା ସୂଚନା ମିଳିଥିଲା। ବଲାଙ୍ଗୀର ବନ ବିଭାଗର ଏକ ଟିମ୍ ଚଢ଼ାଉକରି ଫଟାମୁଣ୍ଡା ଗ୍ରାମ ନିକଟ ଏକ ପାଲଗଦାରୁ ଚିତା ବାଘ ଛାଲ ପାଇଥିଲା। ଏହି ଘଟଣାରେ ଫଟାମୁଣ୍ଡାର ଦିବ୍ୟଶଙ୍କର ବଗର୍ତ୍ତୀ ଓ ମୁକେଶ ମନହୀରାଙ୍କୁ ବନ ବିଭାଗ ଗିରଫ କରିଛି। ମାମଲା (୨୭/୨୩-୨୪) ରୁଜୁକରି ଗୁରୁବାର ୨ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବଲାଙ୍ଗୀର ଡିଏଫ୍‌ଓ କୁମାର ସୂଚନା ଦେଇଛନ୍ତି। ଏସିଏଫ ଜିତେନ୍ଦ୍ର ସାହୁ, ଫରେଷ୍ଟର ବ୍ୟାସଦେବ ସାହୁ ଓ ଅନ୍ୟ ବନ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

## ହନୁମାନ କ୍ରିକେଟ ଟୁର୍ନାମେଣ୍ଟ: ଖପ୍ରାଖୋଲ ବିଜୟୀ

**ଖପ୍ରାଖୋଲ,୧୧।୧(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ଜୟ ହନୁମାନ କ୍ରିକେଟ କ୍ଲବ ତରଫରୁ ଆୟୋଜିତ ଜୟ ହନୁମାନ କପ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ସମ୍ମାନିତ ଅତିଥି ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ସମାଜସେବୀ ସତ୍ୟାନନ୍ଦ ସେଦ୍ରିଆ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଖପ୍ରାଖୋଲ ଓ କର୍ଲାକୁଟୁନା ମଧ୍ୟରେ ହୋଇଥିଲା। ଖପ୍ରାଖୋଲ ଦଳ ୮ ଓଭରରେ ୬୨ ରନ କରିଥିଲା। ଜବାବରେ କର୍ଲାକୁଟୁନା ଦଳ ନିର୍ଦ୍ଧାରିତ ଓଭରରେ ୫୦ରନ କରି ପରାଜିତ ହୋଇଥିଲା।


ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ସହ ଅତିଥିମାନେ।

## ମନ୍ଥର ଗତିରେ ଚାଲିଛି ଧାନକିଣା

**ଲୋଇସିଂହା,୧୧।୧(ସୁଶାନ୍ତ ବାରିକ)**

■ଲୋଇସିଂହା ବ୍ଲକ:୧୦ ପାକ୍ସରେ ୨୬୮୧ ଚାଷୀଙ୍କ ଧାନବିକ୍ରି

■ଏବେବି ବିକ୍ରି ଅପେକ୍ଷାରେ ୧୯୦୭ ଚାଷୀ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୧୦ଟି ପାକ୍ସରେ ଧାନକ୍ରୟ ଚାଲିଛି। ଏଯାଏ ବ୍ଲକର ୨୬୮୧ ଜଣ ଚାଷୀ ୧ଲକ୍ଷ ୧୨ହଜାର ୮୩୭ କୁଇଣ୍ଟାଲ ଧାନବିକ୍ରି କରିଛନ୍ତି। ୨୦୨୩-୨୪ ଖରିଫଋତୁରେ ବ୍ଲକର ୪୫୮୮ଜଣ ଚାଷୀ ଧାନ ବିକ୍ରି ସକାଶେ ପଞ୍ଜୀକୃତ ହୋଇଥିବା ବେଳେ ଏବେ ବି ୧୯୦୭ଚାଷୀ ବିକ୍ରି ଅପେକ୍ଷାରେ ରହିଛନ୍ତି। ୩କେଜି କଟନୀରେ ପ୍ରାୟ ଚାଷୀ ଧାନ ବିକ୍ରି କରିଛନ୍ତି। ବିଭାଗୀୟ ଉଚ୍ଚ ପଦାଧିକାରୀ କିମ୍ବା ଜିଲା ପ୍ରଶାସନ ପକ୍ଷରୁ ମଣ୍ଡି ତଦାରଖ କରଯାଉ ନ ଥିବାରୁ ବେପାରୀଙ୍କ ସହ ମିଶି ପାକ୍ସ କର୍ମଚାରୀ ମନମାନୀ କରୁଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ନଭେମ୍ବର ୨୮ ରେ ଜିଲାପାଳ ଚଞ୍ଚଳ ରାଣା ବ୍ଲକର କନ୍ଦାଜୁରୀ ପାକ୍ସରୁ ଧାନ କ୍ରୟର ଶୁଭାରମ୍ଭ କରିଥିଲେ । ହେଲେ ଆନୁଷ୍ଠାନିକଭାବେ କେଉଁଠି ଡିସେମ୍ବର ପ୍ରଥମ ତ କେଉଁଠି ଦ୍ୱିତୀୟ ସପ୍ତାହରେ ମଣ୍ଡି ଖୋଲିଥିଲା। ବିଭାଗୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ବ୍ଲକର ସରଗାଡ ପାକ୍ସରେ ୨୪୪ଜଣ ଚାଷୀଠୁ ୧୩ହଜାର ୧୫୨କୁଇଣ୍ଟାଲ ୫୯କେଜି କ୍ରୟ ହୋଇଛି। ଯୋଗୀସର୍ଡା ପାକ୍ସରେ ୫୦୫ ଚାଷୀ ୧୯ ହଜାର୧୯୧ କୁଇଣ୍ଟାଲ ୫୯ କେଜି, କନ୍ଦାଜୁରୀ ପାକ୍ସରେ ୨୭୭ ଚାଷୀ ୧୦ହଜାର ୬୮୪ କୁଇଣ୍ଟାଲ ୮୯ କେଜି , ଲୋଇସିଂହା ପାକ୍ସରେ ୨୦୦ ଚାଷୀ ୭୫୯୭ କୁଇଣ୍ଟାଲ ୨୬ କେଜି, କୁଶମେଲ ପାକ୍ସରେ ୨୨୯ ଚାଷୀ ୧୦୯୪୩ କୁଇଣ୍ଟାଲ ୪୬ କେଜି, ବୁର୍ଡା ପାକ୍ସରେ ୨୦୭ ଚାଷୀ ୮୦୨୯ କୁଇଣ୍ଟାଲ ୫୧ କେଜି, ଜିଏସ ଡୁଙ୍ଗରିପାଲି ପାକ୍ସରେ ୧୬୮ ଚାଷୀ ୮୫୭୦ କୁଇଣ୍ଟାଲ ୫୧କେଜି, କୁଶଙ୍ଗ ପାକ୍ସରେ ୩୮୬ ଚାଷୀ ୧୫୩୫୨ କୁଇଣ୍ଟାଲ ୬୭ କେଜି, ରେଙ୍ଗାଲି ପାକ୍ସରେ ୧୬୨ ଚାଷୀ ୬ ହଜାର୫୫୫ କୁଇଣ୍ଟାଲ ୬୮ କେଜି, ବାଦିମୁଣ୍ଡା ପାକ୍ସରେ ୩୦୩ ଚାଷୀ ୧୨ ହଜାର ୭୫୯ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି।


ଲୋଇସିଂହା ପ୍ରାଥମିକ କୃଷି ସମବାୟ ସମିତିରେ ଧାନକ୍ରୟ ଚାଲିଛି।

# ବନ୍ଦ ହେଲା ଚିନିକଳ, ମିଳିଲାନି ଦରମା

- ବକେୟା ରହିଛି ୩୧୫କର୍ମଚାରୀଙ୍କ ଦରମା
- ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହେଲେ
- ୧୬ରୁ ଜିଲାପାଳ ଅଫିସରେ ଧାରଣା

ବରଗଡ଼,୧୧।୧(ପ୍ରେମାନନ୍ଦ ଖମାରୀ)



ବକେୟା ଦରମା ଦାବିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟୁଛନ୍ତି।

ବରଗଡ଼ ସହର ଉପକଣ୍ଠ ତୋରା ସମବାୟ ଚିନିକଳକୁ ରାଜ୍ୟ ସରକାର ଗତବର୍ଷ ଅକ୍ଟୋବର ୧୬ରୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଚିନିକଳରେ କାର୍ଯ୍ୟ କରିଥିବା କର୍ମଚାରୀମାନଙ୍କୁ ସେମାନଙ୍କ ବକେୟା ଦରମା ମିଳିପାରି ନାହିଁ। ଏହାକୁ ନେଇ ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଗୁରୁବାର କର୍ମଚାରୀମାନେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କୁ ଫେରାଦ ହୋଇଥିଲେ। ଆସନ୍ତା ୩ଦିନ ମଧ୍ୟରେ ତାହା ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଲୁହା ନିର୍ଭର ପ୍ରତିଶ୍ରୁତି ଦେଇଥିବା ସମ୍ପୃକ୍ତ କର୍ମଚାରୀମାନେ କହିଛନ୍ତି। ତେବେ ୩ ଦିନ ମଧ୍ୟରେ ଏହାର ସମାଧାନ କରା ନ ଗଲେ ବକେୟା ଦରମା ପାଇବାକୁ ଥିବା ସମସ୍ତ କର୍ମଚାରୀ ଜିଲାପାଳଙ୍କ ଅଫିସକୁ ଆସି ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

୧୯୭୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥି ବରଗଡ଼ ସମବାୟ ଚିନିକଳକୁ ଉଦ୍‌ଘାଟନ କରିଥିଲେ। ସେହିଦିନଠାରୁ ଦୀର୍ଘବର୍ଷ ଧରି ଚିନିକଳ ଠିକ୍ ଭାବେ ଚାଲୁଥିଲା। ଜିଲା ତଥା ଜିଲା ବାହାର ଆଖୁଚାଷୀମାନେ ମଧ୍ୟ ଉକ୍ତ ଚିନିକଳ ଦ୍ୱାରା ଉପକୃତ ହେଉଥିଲେ। ସେହିପରି ଚିନିକଳ ଅଞ୍ଚଳର ବହୁଲୋକଙ୍କୁ କର୍ମଯୋଗାଣ ଯୋଗାଉଥିଲା। ତେବେ ପରବର୍ତ୍ତୀ ସମୟରେ ଚିନିକଳ ଅକାମୀ ହୋଇ ପଡ଼ିଥିଲା। ଚିନିକଳକୁ କାର୍ଯ୍ୟକ୍ଷମ କରିବା ତଥା ବକେୟା ଦରମା ପ୍ରଦାନ ଦାବିରେ କର୍ମଚାରୀମାନେ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିନିକଳକୁ ୧୧କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। କିନ୍ତୁ ତାହା ମଧ୍ୟ ମିଳି ନ ଥିଲା। ଅନ୍ୟପଟେ ଚିନିକଳ ବ୍ୟାପକ କ୍ଷତି ସହିଥିବା, ଚିନିକଳର ବାର୍ଷିକ ସାଧାରଣ ସଭା ହୋଇ ନ ଥିବା ଆଦି କାରଣ ଦର୍ଶାଇ ଉକ୍ତ ଚିନିକଳକୁ ଗତବର୍ଷ ଅକ୍ଟୋବର ୧୬ରୁ ବନ୍ଦ ଘୋଷଣା କରାଯାଇଥିଲା। ତେବେ ଚିନିକଳ ବନ୍ଦ ହେବା ପରେ ୨୦ଦିନ ମଧ୍ୟରେ କର୍ମଚାରୀଙ୍କୁ ସେମାନଙ୍କ ବକେୟା ପାଉଣା ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ସମବାୟ ଚିନିକଳ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସୁବ୍ରତ ସାହୁ କହିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ବକେୟା ଦରମା ବାବଦକୁ କିଛି ମିଳି ନାହିଁ। ୩୧୫ କର୍ମଚାରୀଙ୍କ ୩୪ କୋଟି ୪୦ ଲକ୍ଷ ଟଙ୍କା ଦରମା ବକେୟା ରହିଛି। ଦରମା ପ୍ରଦାନ ପାଇଁ ବହୁ ପୂର୍ବରୁ ବାରମ୍ବାର କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ କିଛି ସୁଫଳ ମିଳି ନାହିଁ। ଅନ୍ୟପଟେ ଦରମା ନ ପାଇ କର୍ମଚାରୀଙ୍କ ପରିବାର ପୋଷଣ କଷ୍ଟସାଧ୍ୟ ହୋଇ ପଡୁଛି। କିନ୍ତୁ ଆସନ୍ତା ୩ଦିନ ମଧ୍ୟରେ ଦରମା ନ ମିଳିଲେ କର୍ମଚାରୀମାନେ ମଙ୍ଗଳବାରରୁ ବକେୟା ଦରମା ପାଇବା ପର୍ଯ୍ୟନ୍ତ ଜିଲାପାଳ ଅଫିସରେ ଧାରଣା ଦେବେ ଏବଂ ଦରକାର ପଡ଼ିଲେ ନିଜ ପିଲାଛୁଆ, ମା, ବାପା ମଧ୍ୟ ଧାରଣାରେ ସାମିଲ ହେବେ ବୋଲି ସାହୁ କହିଛନ୍ତି।

## ୫-ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ



**ଅତାବିରା,୧୧।୧(ହୃଷୀକେଶ ଖମାରୀ):** ବରଗଡ଼ ଜିଲାର ୬୦ଟି ୫-ଟି ରୂପାନ୍ତରିତ ସ୍କୁଲ ଗୁରୁବାର ସନ୍ଧ୍ୟାରେ ଲୋକାର୍ପିତ ହୋଇଛି। ଏହି ପରିପ୍ରେକ୍ଷୀରେ ଅତାବିରା ବ୍ଲକ ଭୋଇପୁରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲାପାଳ ମୋନିଷା ବାନାର୍ଜୀ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦିତ୍ୟ ଗୋୟଲ, ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରତ୍ୟେକ ସ୍କୁଲର ୨ଜଣ ଲେଖାଏ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ

**ପାଇକମାଳ, ୧୧।୧(ବଡ଼ ଶତପଥୀ):** ବରଗଡ଼ ଜିଲା ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଗୁରୁବାର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଲୋହିତ କୁମାର ବାରିକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହିଅବସରରେ ଆଜି ଓଡ଼ିଆ କବିତା ଲିଖନ, ଓଡ଼ିଆ ହସ୍ତାକ୍ଷର ଓ ଓଡ଼ିଆ ସ୍ଲୋଗାନ ଲିଖନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୋଡାଲ ଅଫିସର ଅଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ସବୁ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଭାଷା ସାହିତ୍ୟ ସମ୍ପର୍କିତ ପ୍ରତିଯୋଗିତା ସହିତ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ରମାନ ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ବାରିକ ସୂଚନା ଦେଇଛନ୍ତି ।

### ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ପ୍ରତିଯୋଗିତା

**ବରପାଲି, ୧୧।୧(ଚିତ୍ତରଞ୍ଜନ ସାହୁ):** ପାଣି ପଞ୍ଚାୟତ ପକ୍ଷ ୨୦୨୪ ପାଳନ ନିମନ୍ତେ ବରପାଲି ବ୍ଲକସ୍ତରୀୟ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧୀକ୍ଷଣ ଯନ୍ତ୍ରୀ କେନାଲ ଡିଭିଜନ ମଦନ ମୋହନ ସେଠୀ, ଏସ୍‌ଡିଓ ଘନଶ୍ୟାମ ସେଠ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନକୁମାର ଭୋଇ, ମୁକୁନ୍ଦ ମେହେରଙ୍କ ତତ୍ତ୍ୱାବଧାନରେ ଜଳର ବ୍ୟବହାରିକ ଦକ୍ଷତା ବୃଦ୍ଧି ନିମନ୍ତେ ରଚନା, ତର୍କ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଆସନ୍ତା ୧୭ତାରିଖରେ ବରଗଡ ଜର୍ଜ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେବାକୁ ଚୟନ କରାଯାଇଛି। ଏହି ପ୍ରତିଯୋଗୀତାରେ ବିଚାରକଭାବେ ନିବେଦିତା ସ୍ୱାଇଁ, ରୀନା ଦାସ, ହୀରାବତୀ ମହାପାତ୍ର, ରମାକାନ୍ତ ତ୍ରିପାଠୀ, ବିଜେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ସାରସ୍ୱତ କଳା ସାଧକଙ୍କୁ ଶ୍ରଦ୍ଧାଞ୍ଜଳି



**ବରଗଡ଼,୧୧।୧(ପ୍ରେମାନନ୍ଦ ଖମାରୀ):** ପଞ୍ଚବାଦ୍ୟ ଢ଼ୋଲର ଜଣେ ସଫଳ ବାଦ୍ୟକାର ତଥା ଢୁଲିଆଭାବେ ଅର୍ଜନ କରିବା ସହିତ ମୃଦଙ୍ଗ, ତବଲା ବାଦନରେ ମଧ୍ୟ ବିଶିଷ୍ଟ କଳାକାର ସ୍ୱର୍ଗତ ସନ୍ତୋଷ ଭେସ୍ରା ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ଏଭଳି ଜଣେ ସାରସ୍ୱତ କଳା ସାଧକଙ୍କ ସ୍ଥାନ ଅପୂରଣୀୟ ବୋଲି ଗୁରୁବାର ବରଗଡ଼ରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି। ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ, ସମ୍ପାଦକ ଗୋପବନ୍ଧୁ ପୁରୋହିତ, ନୃତ୍ୟ ନିର୍ଦ୍ଦେଶକ ଗାନ୍ଧି ବାରିକ, ମିଳିତ କଳାକାର ମଞ୍ଚ ଅଧ୍ୟକ୍ଷ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ଶିକ୍ଷାବିତ ସୁଦୀପ କୁମାର ରଥ, ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ଅନିରୁଦ୍ଧ ପାଇକ, ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଭେସ୍ରାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଅତିରିକ୍ତ ଜିଲାପାଳଙ୍କ ଗ୍ରାମୀଣ ବହୁମୁଖୀ ଉଦ୍ୟୋଗ କେନ୍ଦ୍ର ପରିଦର୍ଶନ

**ପଦ୍ମପୁର, ୧୧।୧(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁରରେ ନବନିଯୁକ୍ତ ଅତିରିକ୍ତ ଜିଲାପାଳ କୁଣାଲ ଚହ୍ୱାନ କାର୍ଯ୍ୟରେ ଯୋଗଦାନ କରିବା ପରେ ଅଞ୍ଚଳର ବିକାଶଧାରାକୁ ଆଗେଇ ନେବାକୁ ପ୍ରୟାସ କରୁଛନ୍ତି। ପ୍ରଥମେ ଭେଡ଼େଁରିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେଉଳିଠାରେ ଥିବା ଗ୍ରାମୀଣ ବହୁମୁଖୀ ଉଦ୍ୟୋଗ କେନ୍ଦ୍ର ପରିଦର୍ଶନ କରିଯାଇଥିଲେ। ପରିଚାଳନା ଦାୟିତ୍ୱରେ ଥିବା ମହିଳା ଗୋଷ୍ଠୀ ସଦସ୍ୟାଙ୍କ ସହ ବହୁମୁଖୀ ଗ୍ରାମୀଣ ଉଦ୍ୟୋଗ କେନ୍ଦ୍ର ସମ୍ପର୍କରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ରାଜବୋଡାସମ୍ବର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ, ବିଏଲସି ଯୋଗେଶ୍ୱରୀ ଧରୁଆ ସମେତ ଗୋଷ୍ଠୀର ମହିଳା ସଦସ୍ୟା ଉପସ୍ଥିତ ଥିଲେ।

## ଗ୍ରାମୀଣ ରାସ୍ତାରେ ଟୋଲଟ୍ୟାକ୍ସ ଆଦାୟ

- ଜିଲାପାଳଙ୍କୁ ଫେରାଦ ହେଲା ଆପ୍
- କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ

ବରଗଡ଼,୧୧।୧(ପ୍ରେମାନନ୍ଦ ଖମାରୀ)





ଜିଲାପାଳଙ୍କୁ ଫେରାଦ ହୋଇଥିବା ଆପ୍‌ର ପ୍ରତିନିଧିବୃନ୍ଦ।

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ନିକଟରେ ରହିଥିବା ଟୋଲପ୍ଲାଜା କର୍ତ୍ତୃପକ୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡି) ଅଧିନରେ ରହିଥିବା ଗ୍ରାମୀଣ ରାସ୍ତାରେ ଚଳାଚଳ କରୁଥିବା ୪ଚକିଆ ଗାଡ଼ିରୁ ବେଆଇନଭାବେ ଟୋଲଟ୍ୟାକ୍ସ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଆମ ଆଦାମୀ ପାର୍ଟି(ଆପ୍) ଏଭଳି ଅଭିଯୋଗ ନେଇ ଗୁରୁବାର ଜିଲାପାଳଙ୍କୁ ଫେରାଦ ହୋଇଥିଲା। ଆପ୍ ପ୍ରତିନିଧିମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଲାଟ୍ କୁମାର ଲୁହାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସ୍ମାରକପତ୍ର ଉଲ୍ଲେଖ ରହିଛି, ଗ୍ରାମୀଣ ରାସ୍ତାରେ ଚଳାଚଳ ଗାଡ଼ିରୁ ଟୋଲଟ୍ୟାକ୍ସ ଆଦାୟ କରିବା ଟୋଲପ୍ଲାଜାର ଅଧିକାର ନାହିଁ। କିନ୍ତୁ ଟୋଲପ୍ଲାଜା ନିକଟରେ ରହିଥିବା ବାଇପାସ୍ ଗ୍ରାମୀଣ ରାସ୍ତାରେ ଟୋଲପ୍ଲାଜା କର୍ତ୍ତୃପକ୍ଷ ଲୋକ ଲଗାଇ ଏବଂ ସ୍କାନର ସ୍ଥାପନ କରି ବେଆଇନଭାବେ ଟୋଲଟ୍ୟାକ୍ସ ଆଦାୟ କରୁଥିବା ଆପ୍ ଅଭିଯୋଗ କରିଛି। ଏ ଦିଗରେ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ମାରକପତ୍ରରେ ଜିଲାପାଳଙ୍କୁ ନିବେଦନ କରାଯାଇଛି। କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ପ୍ରତିବାଦରେ ଆନ୍ଦୋଳନ କରିବା ପାଇଁ ଆପ୍ ଚେତାବନୀ ଦେଇଛି। ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ସ୍ୱରୂପ ଭୋଇ, ଅବିନାଶ ବାଗ, ଅସିତ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ନୟନତାରାଙ୍କ ନାମରେ ମାମଲା



**ମୁମ୍ବାଇ:** ଅଭିନେତ୍ରୀ ନୟନତାରା ଏବଂ ଜୟଙ୍କ ଫିଲ୍ମ 'ଅନ୍ନପୂର୍ଣ୍ଣି' ନିକଟରେ ଓଟିଟିରେ ରିଲିଜ୍ ହୋଇଛି। ହେଲେ ଏହି ଫିଲ୍ମକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିଛି। ସିନେମାରେ ହିନ୍ଦୁ ସମ୍ପ୍ରଦାୟର ଧାର୍ମିକ ଭାବନାକୁ କ୍ଷତି ପହଞ୍ଚାଇବା ଏବଂ ଲଭ୍ ଜିହାଦ୍‌କୁ ସମର୍ଥନ କରିବା ଭଳି ଅଭିଯୋଗ ରହିଛି। ଗତ ଡିସେମ୍ବର ୧ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ପ୍ରଭୁ ରାମଙ୍କ ସମ୍ବନ୍ଧୀୟ ଏକ ବିବାଦପୂର୍ଣ୍ଣ ଟିପ୍ପଣୀକୁ ସାମିଲ କରାଯାଇଛି। ଯେଉଁଥିପାଇଁ ସିନେମା ଏବେ ବିବାଦ ଘେରକୁ ଆସିଛି। ଫିଲ୍ମ ନିର୍ମାତା ଆର୍. ରବିନ୍ଦ୍ରନ୍ ଏବଂ ଯତୀନ ସେଠୀ, ନିର୍ଦ୍ଦେଶକ ନିଲେଶ କ୍ରିଷ୍ଣାଙ୍କ ସମେତ ଅଭିନେତ୍ରୀ ନୟନତାରାଙ୍କ ସହ ସମସ୍ତ ଷ୍ଟାରଙ୍କ ବିରୋଧରେ ମୁମ୍ବାଇ ପରେ ଏବେ ମଧ୍ୟପ୍ରଦେଶରେ ମଧ ମାମଲା ରୁଜୁ କରାଯାଇଛି। ମୁମ୍ବାଇରେ ଅଭିଯୋଗକାରୀ ରମେଶ ସୋଲଙ୍କି 'ଏକ୍ସ'ରେ ତାଙ୍କର ଏକ ପୋଷ୍ଟ ଶେୟାର କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ଯେଉଁଥିରେ ବାଲ୍ମୀକି ରାମାୟଣକୁ ଭୁଲ ଭାବେ ଦର୍ଶାଯାଇଥିବା ସହ ସିନେମାରେ ପ୍ରଭୁ ରାମ ମାଂସ ଭକ୍ଷଣ କରୁଥିବା ଆକ୍ଷେପ କରାଯାଇଛି। ମଧ୍ୟପ୍ରଦେଶ ଜବଲପୁରରେ ହିନ୍ଦୁବାଦୀ ସଂଗଠନ ନୟନତାରାଙ୍କ ସମେତ ଅନ୍ୟ ଷ୍ଟାରଙ୍କ ବିରୋଧରେ ମାମଲା ରୁଜୁ କରିଛି। ହିନ୍ଦୁସେବା ପରିଷଦର ଅତୁଲ ଜୈଶୱାନିଙ୍କ କହିବା ମୁତାବକ, ସିନେମାରେ ଏପରି କିଛି ଦୃଶ୍ୟ ରହିଛି ଯେଉଁଥିରେ ପ୍ରଭୁ ରାମଙ୍କୁ ଅପମାନ କରାଯାଇଛି। ଏଥିସହ କିଛି ଟିପ୍ପଣୀ ରହିଛି, ଯାହା ହିନ୍ଦୁଙ୍କ ଭାବନାକୁ କ୍ଷତି ପହଞ୍ଚାଉଛି। ଫିଲ୍ମରେ ନୟନତାରା ଜଣେ ରୋଷେୟା ଭୂମିକାରେ ନଜରକୁ ଆସିଛନ୍ତି। ସେଥିରେ ସେ ତାଙ୍କ ମା' ବାରଣ ସତ୍ତ୍ୱେ ଏକ ରିଆଲିଟି ଶୋ' 'ଇଣ୍ଡିଆଜ୍ ବେଷ୍ଟ ସେଫ୍'ରେ ଭାଗ ନେଇଛନ୍ତି। ସେ ଜଣେ ବ୍ରାହ୍ମଣ ଘରର ଝିଅ ହୋଇଥିବାବେଳେ ସେ ଆମିଷ ଖାଦ୍ୟ ରାନ୍ଧିବା ଏବଂ ରୋଷେଇ ପ୍ରତିଯୋଗିତା ପୂର୍ବରୁ ସେ ନମାଜ ପଢୁଥିବା ଦେଖିବାକୁ ମିଳିଛି। ତେବେ ଫିଲ୍ମରେ କାର୍ତ୍ତିକ କୁମାର, ସତ୍ୟରାଜ୍, ରେଣୁକା, କେ.ଏସ୍. ରବି କୁମାର, ପୂର୍ଣ୍ଣିମା ରବି, ସୁରେଶ ଚକ୍ରବର୍ତ୍ତୀ, ରେଡିନ କିଙ୍ଗ୍‌ସଲେ ପ୍ରମୁଖ ନଜରକୁ ଆସିଛନ୍ତି।

## ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତିର ବୈଠକ

ବରଗଡ଼,୧୧।୧(ପ୍ରେମାନନ୍ଦ ଖମାରୀ)



ବୈଠକରେ ଯୋଗଦେଇଥିବା ପଣ୍ଡିତମାନେ ।

ବରଗଡ଼ ସହରସ୍ଥିତ ମା' ଶ୍ୟାମାକାଳୀ ମନ୍ଦିର ପ୍ରାଙ୍ଗଣରେ ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତିର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୟୋଜ୍ୟେଷ୍ଠ ପଣ୍ଡିତ ହିମାଂଶୁ ଶେଖର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମିତି ସଭାପତି ପଣ୍ଡିତ କୁଳମଣି ମହାପାତ୍ର, ପଣ୍ଡିତ ଶିବପ୍ରସାଦ ଦାଶ, କୋଷାଧ୍ୟକ୍ଷ ପଣ୍ଡିତ ମୁରଲୀଧର ପଣ୍ଡା, ଉପସଭାପତି କୈଳାସ ପଣ୍ଡା, ସହସମ୍ପାଦକ ନରସିଂହ ଶତପଥୀ ମଞ୍ଚାସୀନ ଥିଲେ। ଶ୍ରୀମଦ୍ ଭାଗବତ ପାଠ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲାର ପ୍ରତ୍ୟେକ ବ୍ଲକର ପଣ୍ଡିତମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ସମିତିର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ପଣ୍ଡିତ କୀର୍ତ୍ତିଚନ୍ଦ୍ର ପଣ୍ଡା ସଭାପତି, ଜୟଦେବ ପଣ୍ଡା ଉପସଭାପତି, ନରେଶ ମିଶ୍ର ସମ୍ପାଦକ, କିଶୋର ଚନ୍ଦ୍ର ଦାଶ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ସମିତିର ଉନ୍ନତି ଏବଂ କାର୍ଯ୍ୟାଳୟ ପାଇଁ ଭୂମିଗ୍ରହଣ ନିମନ୍ତେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଆଲୋକପାତ କରାଯାଇଥିଲା।

## ମିଳିତ କ୍ରିୟାନୁଷ୍ଠାନ କମିଟି କାର୍ଯ୍ୟକାରୀ ବୈଠକ

ପଦ୍ମପୁର ୧୧।୧ (ପ୍ରଦୀପ୍ତ ଦାଶ)

- ପଦ୍ମପୁର ଜିଲା ଦାବି ଆନ୍ଦୋଳନ ତୀବ୍ର ହେବ
- ୧୬ରେ ପଦ୍ମପୁର ବନ୍ଦ

ପଦ୍ମପୁର ରାଜାଜୀ ଟାଉନ ହଲଠାରେ ପଦ୍ମପୁର ଜିଲା ଗଠନ ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଓ ମିଳିତ କ୍ରିୟାନୁଷ୍ଠାନ କମିଟି ମିଳିତ ହୋଇ ପଦ୍ମପୁର ଅଞ୍ଚଳର ବୃହତ ସ୍ୱାର୍ଥ ଦୃଷ୍ଟିରୁ ଜିଲା ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟିର ନେତୃତ୍ୱରେ ଆନ୍ଦୋଳନ ପରିଚାଳିତ ହେବ। ଆବାହକଭାବେ ଓକିଲ ସଂଘ ସଭାପତି ସନ୍ତୋଷ ଶତପଥୀ, ସହ ଆବାହକ ବିଜୟ କୁମାର ସାହୁ, ସମ୍ପାଦକ ଓକିଲ ସଂଘ ସମ୍ପାଦକ ଚିନ୍ମୟ କୁମାର ପଣ୍ଡା ଓ ସଂଯୋଜକ ଭାବେ ଅଜିତ କୁମାର ଶତପଥୀଙ୍କୁ ମନୋନୀତ କରାଯାଇଥିଲା। ଏତଦ୍‌ବ୍ୟତୀତ ୭ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଆଗାମୀ ୧୬ତାରିଖ ପୂର୍ବାହ୍ନ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟା ବନ୍ଦ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟଠାରେ ମିଳିତ କ୍ରିୟାନୁଷ୍ଠାନ କମିଟି ସହ ବୈଠକ କରାଯିବ। ଗାଁଠାରୁ ସହର ଜନସଚେତନତା ସୃଷ୍ଟି କରି ଆଗାମୀ ଦିନରେ ବିରାଟ ଜନସମାବେଶ କରାଯିବ। ଉକ୍ତ ବୈଠକରେ ପଦ୍ମପୁର ଅଞ୍ଚଳର ପ୍ରମୁଖ ବ୍ୟକ୍ତିତ୍ୱ, ସମସ୍ତ ଅନୁଷ୍ଠାନ, କ୍ଲବ ଓ ସମସ୍ତ ବ୍ଲକର ପ୍ରତିନିଧିମାନେ ଯୋଗଦେଇଥିଲେ।

## ପ୍ରକଳ୍ପରେ ସାମିଲ ପରେ ସମ୍ବର୍ଦ୍ଧନା

ବରଗଡ଼,୧୧।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଉଲବା ଏବଂ ସାଲେପାଲି ଗ୍ରାମ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପରେ ସାମିଲ ହୋଇଛି। ଫଳରେ ଉଲବା ଗ୍ରାମବାସୀ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ଅବସରରେ ଗ୍ରାମବାସୀ ଏକ ଭବ୍ୟ ଶୋଭାଯାତ୍ରାରେ ବିଧାୟକ ଆଚାର୍ଯ୍ୟଙ୍କୁ ସ୍ୱାଗତ କରିଥିଲେ। ସେହିପରି ଗ୍ରାମରେ ସ୍ଥାନୀୟ ସମିତିସଭ୍ୟ ଜ୍ଞାନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ସଭାରେ ବହୁସଂଖ୍ୟକ ଚାଷୀ ମଧ୍ୟ ଯୋଗ ଦେଇଥିଲେ। ପ୍ରକାଶ ଥାଉକି, ଉପରୋକ୍ତ ୨ଗ୍ରାମ ପୂର୍ବରୁ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପରୁ ବାଦ୍ ପଡ଼ିଥିଲା। ଫଳରେ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା ଏବଂ ଗ୍ରାମକୁ ସାମିଲ କରିବା ଦିଗରେ ବିଧାୟକ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଆଚାର୍ଯ୍ୟଙ୍କ ଉଦ୍ୟମକ୍ରମେ ପ୍ରକଳ୍ପରେ ଗ୍ରାମ ସାମିଲ ହୋଇଥିବା ଯୋଗୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ବକ୍ତବ୍ୟ ରଖୁଛନ୍ତି।

## ଟ୍ରେନ୍ ଚଳାଚଳ ଦାବିରେ ରେଳ ଉପଭୋକ୍ତା ସଂଘର ଧାରଣା

**ଭୁବନେଶ୍ୱରକୁ ସକାଳୁଆ ଟ୍ରେନ୍ ଏବଂ ନୂଆଦିଲ୍ଲୀକୁ ସିଧାସଳଖ ଟ୍ରେନ୍ ଚଳାଚଳ ହେଉ**

ବରଗଡ଼,୧୧।୧(ପ୍ରେମାନନ୍ଦ ଖମାରୀ)





ବରଗଡ଼ ରୋଡ୍ ରେଳଷ୍ଟେଶନରେ ରେଳ ଉପଭୋକ୍ତା ସଂଘ କର୍ମକର୍ତ୍ତା ଧାରଣା ଦେଇଛନ୍ତି।

ବରଗଡ଼ ଦେଇ ଭୁବନେଶ୍ୱରକୁ ସକାଳୁଆ ଟ୍ରେନ ଏବଂ ନୂଆଦିଲ୍ଲୀକୁ ସିଧାସଳଖ ଟ୍ରେନ ଚଳାଚଳ ଦାବି ଜୋର୍ ଧରିଛି। ଏହି ଦାବି ନେଇ ବରଗଡ଼-ବଲାଙ୍ଗିର ରେଳ ଉପଭୋକ୍ତା ସଂଘ ସମନ୍ୱୟ କମିଟି ନିଷ୍ପତ୍ତିକ୍ରମେ ଗୁରୁବାର ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ୩ ଘଣ୍ଟିଆ ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଚାଲିଥିଲା। ଉକ୍ତ ଦାବି ନେଇ ରେଳ ଉପଭୋକ୍ତା ସଂଘ ବାରମ୍ବାର ରେଳ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛି। ମାତ୍ର ରେଳ କର୍ତ୍ତୃପକ୍ଷ ଉକ୍ତ ଦାବିକୁ ଅଣଦେଖା କରି ଚାଲିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ପ୍ରଥମ ପର୍ଯ୍ୟାୟରେ ୩ଘଣ୍ଟିଆ ଧାରଣା ଦିଆଯାଇ ଥିବାବେଳେ ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ବ୍ୟାପକ ହେବ ବୋଲି ରେଳ ଉପଭୋକ୍ତା ସଂଘ ଚେତାବନୀ ଦେଇଛି।

ବରଗଡ଼ ରେଳ ଉପଭୋକ୍ତା ସଂଘର ସଭାପତି ପ୍ରଦୀପ ହୋତା କହିଛନ୍ତି, ରେଳ ଲାଇନ ଦୋହରୀକରଣ ପରେ ଉପରୋକ୍ତ ଦାବ ପୂରଣ କରାଯାଇ ପାରିବ ବୋଲି ବିଭାଗୀୟ ଅଧିକାରୀମାନେ କହୁଥିଲେ। ପରେ ଏଠାରେ ରକ୍ଷଣାବେକ୍ଷଣର ଅଭାବ ଦର୍ଶାଇ ଭୁବନେଶ୍ୱରକୁ ସକାଳୁଆ ଟ୍ରେନ ଚଳାଚଳ ଦାବି ଉପରେ ନାସ୍ତିବାଚକ ସୂଚନା ଦେଇଥିଲେ। ବରଗଡ଼ ରେଳ ଉପଭୋକ୍ତା ସଂଘ ସେଥିପାଇଁ ୨ଟି ବିକଳ୍ପ ଜଣାଇଥିଲା। ପ୍ରଥମତଃ ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ୨ରେକ୍ ବିଶିଷ୍ଟ କରି ପୁରୀରେ ରକ୍ଷଣାବେକ୍ଷଣ କରି ବଲାଙ୍ଗିର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଏବଂ ଦ୍ୱିତୀୟତଃ ବଲାଙ୍ଗିରରୁ ଏକ ନୂତନ ଟ୍ରେନ କଟକ ଦେଇ ଭୁବନେଶ୍ୱର ପର୍ଯ୍ୟନ୍ତ ଚଳାଇବାକୁ ସଂଘ କହିଥିଲା।

ସେହିପରି ତ୍ରିସାପ୍ତାହିକ ହୀରାକୁଦ ଏକ୍ସପ୍ରେସକୁ ସପ୍ତାହର ଅବଶିଷ୍ଟ ୪ଦିନ ରାୟଗଡ଼ା, ଟିଟିଲାଗଡ଼ ଓ ସମ୍ବଲପୁର ଦେଇ ଚଳାଇବାକୁ ମଧ୍ୟ ସଂଘ ଅନୁରୋଧ କରିଥିଲା। ଏହାସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ରେଳ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ଏବଂ ଏହାର ପ୍ରତିବାଦରେ ଧାରଣା ଦିଆଯାଇଥିଲା। ଧାରଣାରେ ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ସଭାପତି ଦେବତାଙ୍କ ସମେତ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, କମଳ ଯୋଷୀ, ଗୋପାଳ ଚନ୍ଦ୍ର ଦାଶ, କିଶୋର କୁମାର ରଥ, ଅଭୟ କୁମାର ଭୋଇ, ଅଭିଜିତ ପ୍ରତିହାର, ଗୋବିନ୍ଦ ଦାଶ, ଅଚ୍ୟୁତାନନ୍ଦ ବାରିକ, ମଳୟ ମହାନ୍ତି, ତୁଳସୀ ଚରଣ ଦାଶ, ସତ୍ୟନାରାୟଣ ପଣ୍ଡା, ଦେବୀ ପଟ୍ଟନାୟକ, ଉଦ୍ଧବ ବେହେରା, ଲକି ମିରୱାନୀ, ବିଷ୍ଣୁ ଧାନୁକା, ଅନିଲ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ।

# ଗିରଫ ହେଲେ ଅଭିଯୁକ୍ତ ଫାଦର

## ମିଶନ ବିଦ୍ୟାଳୟ ଛାତ୍ରାବାସରେ ଯୌନ ନିର୍ଯାତନା ଘଟଣା

କୁତ୍ରା,୧୧।୧(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଗମାରଡିହିସ୍ଥିତ ଏକ ମିଶନ ବିଦ୍ୟାଳୟ ଛାତ୍ରାବାସରେ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ନୂଆଗାଁ ଅଞ୍ଚଳରୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୀରମିତ୍ରପୁର ଥାନା ପାତଲକାଣ୍ଡ ଗ୍ରାମର ଫାଦର ରୋଶନ ପ୍ରଦୀପ ଖେସ୍। ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆହୁରି କେତେଜଣ ଛାତ୍ର ନିର୍ଯାତନାର ଶିକାର ହୋଇଥିବା ନେଇ ପୋଲିସ ସନ୍ଦେହ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କ ବିରୋଧରେ ୟୁ/ସି ୫୦୬ ଆଇପିସି, ସେକ୍ସନ ୧୦/୧୨ ପୋକ୍‌ସୋ ଆକ୍ଟ ୨୦୧୨ ଲଗାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ଦୀର୍ଘ ମାସରୁ ଫାଦର ଜଣକ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ଛାତ୍ରମାନେ ୱାର୍ଡେନଙ୍କୁ ଜଣାଇବା ପରେ ସେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପରେ ଏକ ବୈଠକ କରି ଫାଦର ଜଣଙ୍କୁ ବିଦ୍ୟାଳୟରୁ ବହିଷ୍କୃତ କରାଯାଇଥିଲା। ବିଶେଷ ସୂତ୍ରରୁ ଜିଲାପାଳ ଖବର ପାଇ ଜିଲା ମଙ୍ଗଳ କମିଟିକୁ ଜଣାଇଥିଲେ। କମିଟି ବିଦ୍ୟାଳୟକୁ ଆସି ଘଟଣାର ଅନୁଧ୍ୟାନ କରିଥିଲା। ଘଟଣାର ସତ୍ୟତା ଜାଣିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ଛାତ୍ରାବାସରେ ନାବାଳକ ଛାତ୍ରଙ୍କୁ ଫାଦର ରୋଶନ ଯୌନ ନିର୍ଯାତନା ଦେଉଥିବା ନେଇ କୁତ୍ରା ଥାନାରେ ଗତ ୪ ତାରିଖରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ତଦନ୍ତ କରିଥିଲା। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ଜିଲା ପୋଲିସ ପ୍ରଶାସନ ଦ୍ୱାରା ଘଟଣାର ତଦନ୍ତ ପ୍ରକ୍ରିୟା ଚାଲିଥିଲା। ପୋଲିସ ଉକ୍ତ ଛାତ୍ରାବାସକୁ ଯାଇ ତଦନ୍ତ କରିବା ସମୟରେ ଯୌନ ନିର୍ଯାତନାର ଶିକାର ହୋଇଥିବା ନାବାଳକ ଛାତ୍ରଙ୍କଠାରୁ ସତ୍ୟତା ଜାଣିବାକୁ ପାଇଥିଲେ। ୧୦ ଜଣଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପୋଲିସ ଡାକ୍ତରୀମାଇନା କରେଇବା ସହ କୋର୍ଟରେ ଜୁଡିଶିନାଲ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ସେମାନଙ୍କ ବୟାନ ରେକର୍ଡ କରାଯାଇଥିଲା।

# ନୟନତାରାଙ୍କ ନାମରେ ମାମଲା



ମୁମ୍ବାଇ: ଅଭିନେତ୍ରୀ ନୟନତାରା ଏବଂ ଜୟଙ୍କ ଫିଲ୍ମ 'ଅନ୍ନପୂର୍ଣ୍ଣି' ନିକଟରେ ଓଟିଟିରେ ରିଲିଜ୍ ହୋଇଛି। ହେଲେ ଏହି ଫିଲ୍ମକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିଛି। ସିନେମାରେ ହିନ୍ଦୁ ସମୁଦାୟର ଧାର୍ମିକ ଭାବନାକୁ କ୍ଷତି ପହଞ୍ଚାଇବା ଏବଂ ଲଭ୍ ଜିହାଦ୍‌କୁ ସମର୍ଥନ କରିବା ଭଳି ଅଭିଯୋଗ ରହିଛି। ଗତ ଡିସେମ୍ବର ୧ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ପ୍ରଭୁ ରାମଙ୍କ ସମ୍ବନ୍ଧୀୟ ଏକ ବିବାଦପୂର୍ଣ୍ଣ ଟିପ୍ପଣୀକୁ ସାମିଲ କରାଯାଇଛି। ଯେଉଁଥିପାଇଁ ସିନେମା ଏବେ ବିବାଦ ଘେରକୁ ଆସିଛି। ଫିଲ୍ମ ନିର୍ମାତା ଆର୍. ରବିନ୍ଦ୍ରନ୍ ଏବଂ ଯତୀନ ସେଠୀ, ନିର୍ଦ୍ଦେଶକ ନିଲେଶ କ୍ରିଷ୍ଣାଙ୍କ ସମେତ ଅଭିନେତ୍ରୀ ନୟନତାରାଙ୍କ ସହ ସମସ୍ତ ଷ୍ଟାରଙ୍କ ବିରୋଧରେ ମୁମ୍ବାଇ ପରେ ଏବେ ମଧ୍ୟପ୍ରଦେଶରେ ମଧ୍ୟ ମାମଲା ରୁଜୁ କରାଯାଇଛି। ମୁମ୍ବାଇରେ ଅଭିଯୋଗକାରୀ ରମେଶ ସୋଲଙ୍କି 'ଏକ୍ସ'ରେ ତାଙ୍କର ଏକ ପୋଷ୍ଟ ଶେୟାର କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ଯେଉଁଥିରେ ବାଲ୍ମୀକି ରାମାୟଣକୁ ଭୁଲ ଭାବେ ଦର୍ଶାଯାଇଥିବା ସହ ସିନେମାରେ ପ୍ରଭୁ ରାମ ମାଂସ ଭକ୍ଷଣ କରୁଥିବା ଆକ୍ଷେପ କରାଯାଇଛି। ମଧ୍ୟପ୍ରଦେଶ ଜବଲପୁରରେ ହିନ୍ଦୁବାଦୀ ସଂଗଠନ ନୟନତାରାଙ୍କ ସମେତ ଅନ୍ୟ ଷ୍ଟାରଙ୍କ ବିରୋଧରେ ମାମଲା ରୁଜୁ କରିଛି। ହିନ୍ଦୁସେବା ପରିଷଦର ଅତୁଲ ଜୈଶୱାନିଙ୍କ କହିବା ମୁତାବକ, ସିନେମାରେ ଏପରି କିଛି ଦୃଶ୍ୟ ରହିଛି ଯେଉଁଥିରେ ପ୍ରଭୁ ରାମଙ୍କୁ ଅପମାନ କରାଯାଇଛି। ଏଥିସହ କିଛି ଟିପ୍ପଣୀ ରହିଛି, ଯାହା ହିନ୍ଦୁଙ୍କ ଭାବନାକୁ କ୍ଷତି ପହଞ୍ଚାଉଛି। ଫିଲ୍ମରେ ନୟନତାରା ଜଣେ ରୋଷେୟା ଭୂମିକାରେ ନଜରକୁ ଆସିଛନ୍ତି। ସେଥିରେ ସେ ତାଙ୍କ ମା' ବାରଣ ସତ୍ତ୍ୱେ ଏକ ରିଆଲିଟି ଶୋ' 'ଇଣ୍ଡିଆଜ୍ ବେଷ୍ଟ ସେଫ୍'ରେ ଭାଗ ନେଇଛନ୍ତି। ସେ ଜଣେ ବ୍ରାହ୍ମଣ ଘରର ଝିଅ ହୋଇଥିବାବେଳେ ସେ ଆମିଷ ଖାଦ୍ୟ ରାନ୍ଧିବା ଏବଂ ରୋଷେଇ ପ୍ରତିଯୋଗିତା ପୂର୍ବରୁ ସେ ନମାଜ ପଢୁଥିବା ଦେଖିବାକୁ ମିଳିଛି। ତେବେ ଫିଲ୍ମରେ କାର୍ତ୍ତିକ କୁମାର, ସତ୍ୟରାଜ୍, ରେଣୁକା, କେ.ଏସ୍. ରବି କୁମାର, ପୂର୍ଣ୍ଣିମା ରବି, ସୁରେଶ ଚକ୍ରବର୍ତ୍ତୀ, ରେଡିନ କିଙ୍ଗସଲେ ପ୍ରମୁଖ ନଜରକୁ ଆସିଛନ୍ତି।

## ସଂକ୍ଷେପରେ

### ଲହୁଣୀପଡ଼ାରେ ପ୍ରଶିକ୍ଷଣ ଶିବିର

ଲହୁଣୀପଡ଼ା,୧୧।୧ (ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ସଭାକକ୍ଷଠାରେ ଗୁରୁବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କ ଓ ଖ ଜୋନର ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର ଓ ଶୁଶିଳା ନାୟକ ଯୋଗ ଦେଇଥିବା ବେଳେ ବିଡିଓ ଅନୁରାଗ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ତଥା ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ତରଫରୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ଅନୁସୂଚିତ ଜନଜାତି ପଞ୍ଚାୟତ ସମିତି ସଭ୍ୟାସଭ୍ୟ, ଆଦିବାସୀ ୱାର୍ଡ ମେମ୍ବର, ସରପଞ୍ଚ ଉପସ୍ଥିତ ଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଯୋଜନା ମଧ୍ୟରୁ ସ୍ଥାନୀୟ ସ୍ୱୟଂଶାସନ, ପଞ୍ଚାୟତରାଜ ବ୍ୟବସ୍ଥା, ଅନୁସୂଚିତ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧିକାର ସରକାରୀ ଯୋଜନା କାର୍ଯ୍ୟକ୍ରମ ଜଙ୍ଗଲ ଅଧିକାରୀ ସ୍ୱୀକୃତି ଆଇନ ଆଦିର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭଗବତ ଗୁଡୁ ଓ ଦୀପ୍ତିମୟୀ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ହିଂସା ସଚେତନତା କାର୍ଯ୍ୟକ୍ରମ

ବଡ଼ଗାଁ,୧୧।୧(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଆଇସିଡିଏସ ଅଫିସ ପରିସରରେ ଗୁରୁବାର ଶିଶୁ ବିକାଶ ବିଭାଗ ପକ୍ଷରୁ ଲିଙ୍ଗ ଆଧାରିତ ହିଂସା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଅଙ୍ଗନୱାଡି କର୍ମୀ ଓ କିଶୋରୀ ବାଳିକା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରଥିଲେ। ଏହାପରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ବିଡିଓ ସୁମତି ପଣ୍ଡା, ଏବିଡିଓ ଉଷାବତୀ ଗରଡିଆ, ସିଡିପିଓ ସୁଜାତା ବେକ, ଥାନା ଏଏସଆଇ ଅରୁପା ନନ୍ଦ ଦାସ, ଉମାକାନ୍ତ ନାଏକ, ଆଇସିଡିଏସ ସୁପରଭାଇଜର ସୁନିତା ପୁରୋହିତ, କୁନ୍ତିଶୁତା ପାଣିଗ୍ରାହୀ ଅଂଶଗ୍ରହଣ କରି ଲିଙ୍ଗ ଆଧାରିତ ହିଂସା ଉପରେ ଆଲୋଚନା କରିଥିଲେ।



ପକ୍ଷୀଗଣା କାର୍ଯ୍ୟରେ ସାମିଲ ହୋଇଥିବା ଅଧିକାରୀ ଓ କର୍ମଚାରୀ।

# ବାଙ୍କି ରେଞ୍ଜରେ ପକ୍ଷୀଗଣନା

ଲହୁଣୀପଡା,୧୧।୧(ଦାଶରଥି ପଣ୍ଡା)

ରାଉରକେଲା ବନଖଣ୍ଡ ବାଙ୍କି ରେଞ୍ଜ ଅଧିନସ୍ଥ କଲେଇପୋଷ ଜଳାଶୟ, ଧମଣାଦର ଡ୍ୟାମ, ନୂଆଗାଁ ବ୍ରାହ୍ମଣୀ ନଦୀ କୂଳ, ଚନ୍ଦ୍ରପୁରୁ ବ୍ରାହ୍ମଣୀ ନଦୀ କୂଳ ଏବଂ କୁଚେଇତା ଜଳାଶୟଠାରେ ବୁଧବାର ପକ୍ଷୀ ଗଣନା କାର୍ଯ୍ୟକ୍ରମ ହୋଇଥିଲା। ଏହି ଗଣନା କାର୍ଯ୍ୟରେ ବନ ବିଭାଗ କର୍ମଚାରୀ ଓ ସ୍ୱେଚ୍ଛାସେବୀ କର୍ମକର୍ତ୍ତା ପ୍ରାୟ ୨୫ ଜଣ ନିୟୋଜିତ ହୋଇଥିବା ବେଳେ କେତେକ ସ୍ଥାନରେ ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନେ ମଧ୍ୟ ସାମିଲ ହୋଇଥିଲେ। ଏହି ପକ୍ଷୀ ଗଣନାରେ କଲେଇପୋଷ ଜଳାଶୟ ଠାରେ ରାଉରକେଲା ଡିଏଫଓ ଯଶୋବନ୍ତ ସେଠି,ଏସିଏଫ ସଲବିନ୍ଦର ସିଂ, ରେଞ୍ଜର ସେତୁ ରଞ୍ଜନୀ ଗମାଙ୍ଗୋ, ଡେପୁଟି ରେଞ୍ଜର ଅସିତ ପଟ୍ଟନାୟକ, ଫରେଷ୍ଟର ରାଜେଶ ଜ୍ୟୋତିଷ, କ୍ଷୀତିସ ମାହାନ୍ତ, ବନରକ୍ଷୀ ପ୍ରବୀଣ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ। ଚଳିତ ବର୍ଷ ଏହି ଜଳାଶୟ ଗୁଡିକରୁ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ ଗଣନା କରାଯାଇଥିବା ବେଳେ କଲେଇପୋଷ କଟାରେ ବହୁଳ ପରିମାଣରେ ବିଦେଶୀ ପକ୍ଷୀ ଆସିଥିବା ଜଣାପଡିଛି। ସେହିଭଳି ଲହୁଣୀପଡ଼ା ବ୍ଲକ ବରସୁଆଁ ବନାଞ୍ଚଳରେ ରେଞ୍ଜର ନବୀନ ପ୍ରଧାନଙ୍କ ନେତୃତ୍ୱରେ କୁରାଢ଼ୀ ନାଳ, ଟିଙ୍କ ପୋଖରୀ ସମେତ ୪ ଟି ଜଳାଶୟରେ ପକ୍ଷୀ ଗଣନା ହୋଇଥିଲା। ଏହା ସହିତ କୁଲିପୋଷ ରେଞ୍ଜ ଅନ୍ତର୍ଗତ ଉଲସୁରେଇ କଟା, ଡଲେଇସରା ପୋଖରୀ, ବେଲକୁଦର, ସୁଆରପାଲିର ବ୍ରାହ୍ମଣୀ ନଦୀଠାରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ହୋଇଥିଲା।

# ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ

କୁତ୍ରା,୧୧।୧(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କଟଙ୍ଗ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିତ୍ୟନନ୍ଦ ବେହେରାଙ୍କ ନେତୃତ୍ୱରେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ପ୍ରଥମେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ବିଷୟରେ ବୁଝାଇ ତାଙ୍କୁ ସଚେତନତା କରାଯାଇଥିଲା। ପରେ ଛାତ୍ରୀଛାତ୍ର ମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ରାସ୍ତାରେ ଯାଉଥିବା ଗାଡି ଚାଳକଙ୍କୁ ଲିଫ୍ଲେଟ୍ ବଣ୍ଟନ କରି ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂ ପରିଚାଳନା କରିଥିବା ବେଳେ ଗୋପାଳକୃଷ୍ଣ ଦାସ, ମମତା ସ୍ୱାଇଁ, କୁମାରୀ ଜୟପୁରୀଆ, ଭିକାରୀ ଦାସ,ପ୍ୟାରେଲାଲ ସାହୁ, ବିଜୟ କେର୍କେଟା, ଉଦିତ ସେଖର ସିଂ, ରବି କମାର ପ୍ରମୁଖ ସହଯୋଗ କରିଥିଲେ।




ସଡ଼କ ସୁରକ୍ଷା ପାଇଁ ବାହାରି ଥିବା ଶୋଭାଯାତ୍ରା।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ସୁନ୍ଦରଗଡ,୧୧।୧(ଜୟ ନାରାୟଣ ମେଣ୍ଡୁଲି)

ଦର୍ଲିପାଲି ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର ୬୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ୨ଦିନ ଧରି ହେବାକୁ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଦର୍ଲିପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡ.ଅମୃତାଂଶ ସୁବକର ଯୋଗଦେଇ ଥିଲେ। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଟେଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତବର୍ଷ ବିଦ୍ୟାଳୟରୁ ୩ଜଣ ବକ୍ସିଂ ଓ ୩ ଜଣ ସିପକ ଟାକ୍ରୋ ଖେଳରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଥିବା ସେ କହିଥିଲେ। ଖେଳ ପଡିଆର ଉନ୍ନତି ପାଇଁ ୫– ଟି ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ଦିଆଯାଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ବିଜୟା ଲକ୍ଷ୍ମୀ ନାଏକ ଖେଳ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଆମେଚର ବକ୍ସିଂ ସମ୍ପାଦକ ତଥା ଜିଲା ପ୍ରତିନିଧି ସୁଶାନ୍ତ କୁମାର ଷଡଙ୍ଗୀ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସାମାଜିକ କର୍ମୀ ସଞ୍ଜୟ ସାହୁ, ପୂର୍ବତନ ଛାତ୍ର ସଞ୍ଜୟ ପାଣ୍ଡେ ଓ ଜଗଦିଶ ଭଇଁସାଲ ଉପସ୍ଥିତ ଥିଲେ। ଜଗନ୍ନାଥ ମନ୍ଦିରରୁ ଖେଳ ପଡିଆକୁ ମଶାଲ ଅଣାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ଆଲୋକ ପଟେଲ, ସୁଷମା ତାଣ୍ଡି, ହମିଦ କୁମାର ସାହୁ, ସମରେନ୍ଦ୍ର କୁମାର ସ୍ୱାଇଁ,କିଶୋର ଓରାମ, ସୈରେନ୍ଦ୍ରି ପଟେଲ, ଅଜିତ ପଟେଲ, ଶିବାନୀ ସେଟ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମୋ ସ୍କୁଲ ଅଭିଯାନର ସଭାପତି ତଥା ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ନାଏକ, ପରାମର୍ଶଦାତା ସଦସ୍ୟ ସୁନ୍ଦରମଣି ପଟେଲ, ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଲୋଚନ ପଟେଲଙ୍କ ପୁତ୍ର କୁମୁଦ ଚନ୍ଦ୍ର ପଟେଲ, ସରପଞ୍ଚ ନଳିନୀ କୁମୁରା ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ ।

# ସୁଧାର ଗୃହକୁ ଗଲେ ଅଭିଯୁକ୍ତ ନାବାଳକ

ବଡ଼ଗାଁ,୧୧।୧(ଅଶୋକ ଷଡ଼ଙ୍ଗୀ)

## ନାବାଳିକାଙ୍କୁ ବଳାତ୍କାର, ହତ୍ୟା ଘଟଣା

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଇତମା ଗ୍ରାମର ଜଣେ ନାବାଳିକା (୧୬)ଙ୍କୁ ବଳାତ୍କାର ଓ ପରେ ହତ୍ୟା କରାଯାଇଥିବା ଅଭିଯୋଗରେ ପୋଲିସ ଧରୁଆଡିହି ଥାନା ଅଧୀନ ଏକ ଗ୍ରାମର ଜଣେ ନାବାଳକ(୧୭)ଙ୍କୁ ଦଫା ୩୭୬(୨ଏନ) /୦୬ ପୋକ୍‌ସୋ ଆକ୍ଟ, ୩୦୨, ୩୬୪ ରେ ଗୁରୁବାର ଗିରଫ କରିଛି। ପରେ ତାଙ୍କୁ ରାଉରକେଲା ସ୍ଥିତ ବାଳ ସୁଧାର ଗୃହକୁ ପଠାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ନାବାଳକ ଯୁବତୀଙ୍କୁ ବଳାତ୍କାର ପରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହାପରେ ନାବାଳକ ହତ୍ୟା କରିଥିଲେ। ଏନେଇ ପୋଲିସ ଅଧିକ ତଦନ୍ତ କରୁଛି। ଇତମା ଗ୍ରାମର ସମ୍ପୃକ୍ତା ନାବାଳିକା ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଶାଗ ତୋଳିବାକୁ ଯାଉଛି କହି ଘରୁ ବାହାରିଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହି ସମୟରେ ଗ୍ରାମର ଜଣେ ଯୁବକଙ୍କ ସହ ନାବାଳିକା ଯାଉଥିବା ଦେଖିଥିଲେ ବୋଲି ଗ୍ରାମର ଜଣେ ବ୍ୟକ୍ତି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଏ ନେଇ ନାବାଳିକାଙ୍କ ଭାଇ ରାତିରେ ଥାନାରେ ଭଉଣୀ ନିଖୋଜ ହୋଇଥିବା ଜଣାଇଥିଲେ। ବୁଧବାର ସକାଳେ ନାବାଳିକାଙ୍କ ମୃତଦେହ ଜଙ୍ଗଲରେ ପଡ଼ିଥିବା ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ନାବାଳିକାଙ୍କ ଓଢଣିର କିଛି ଅଂଶ ଏକ ଗଛରେ ବନ୍ଧା ହୋଇଥିଲାବେଳେ ବେକରେ କିଛି ଅଂଶ ବନ୍ଧା ହୋଇଥିଲା। ତେବେ ନାବାଳିକାଙ୍କ ଭାଇ ସନ୍ଦେହ କରୁଥିବା ଯୁବକଙ୍କୁ ଫୋନରେ ପଚାରିବାରୁ ସେ ଜଙ୍ଗଲରେ ଛାଡି ଆସିଥିବା କହିବା ପରେ ସନ୍ଦେହ ଘନୀଭୂତ ହୋଇଥିଲା। ବଡ଼ଗାଁ ଥାନା ଅଧିକାରୀ ବନ୍ଦନା ପାତ୍ରଙ୍କ ସହିତ ସାଇଣ୍ଟିଫିକ ଟିମ୍ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ।

# ନାବାଳିକା ହଷ୍ଟେଲ ଛାତ୍ରୀଙ୍କୁ ବଳାତ୍କାର, ରୋଷେୟା ଗିରଫ

ସୁନ୍ଦରଗଡ,୧୧।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଭଷ୍ମା ଥାନା ଭଷ୍ମା ପ୍ରାଥମିକ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଜଣେ ନାବାଳିକା ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗରେ ପୋଲିସ ହଷ୍ଟେଲ ରୋଷେୟା କ୍ଷମାଶୀଳ ତାଜନ (୫୫)ଙ୍କୁ ଗୁରୁବାର ଗିରଫ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୮ ବର୍ଷିଆ ନାବାଳିକାଙ୍କୁ ରୋଷେୟା ଯୌନ ନିର୍ଯାତନା ଦେଇଥିଲେ। ଏନେଇ ସମ୍ପୃକ୍ତା ନାବଳିକା ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ଭଷ୍ମା ଥାନାରେ ବୁଧବାର ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ପୀଡିତା ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା। ଅପରପକ୍ଷରେ ୪୦ଶଯ୍ୟା ବିଶିଷ୍ଟ ଏହି ହଷ୍ଟେଲ ଦାୟିତ୍ୱରେ ସଂପୃକ୍ତ ରୋଷେୟାଙ୍କ ଦାୟିତ୍ୱରେ ପରିଚାଳିତ ହେଉଥିଲା। ହଷ୍ଟେଲ ରେଫରୀ ୧୫ଜଣ ଝିଅ ପୁଅ ରହୁଥିଲେ। ଏନେଇ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ, ବିଦ୍ୟାଳୟ ପରିଦର୍ଶନ କରି ଘଟଣାର ଅନୁଧ୍ୟାନ କରିଥିବା ସେ କହିଥିଲେ।

# ଜଂଘା ବଡଦେଓ ମନ୍ଦିର ପରିଦର୍ଶନ କଲେ ଜିଲା ପରିଷଦ ଅଧ୍ୟକ୍ଷା

ବଡ଼ଗାଁ, ୧୧।୧( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ଗ୍ରାମରେ ଥିବା ଜଂଘା ବଡଦେଓ ମନ୍ଦିରକୁ ଗୁରୁବାର ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ପରିଦର୍ଶନ କରିବା ସହ ଗୋଁଡ ସମାଜର କର୍ମକର୍ତ୍ତାଙ୍କ ସହିତ ମନ୍ଦିରର ଉନ୍ନୟନ ଉପରେ ଆଲୋଚନା କରିଥିଲେ। ମନ୍ଦିରର ବିକାଶକୁ ନେଇ ସମାଜ ଲୋକେ ଦାବି କରିବା ପରେ ଅଧ୍ୟକ୍ଷା ପରିଦର୍ଶନ କରିଥିବା ଜଣାପଡିଛି। ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସହିତ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସମାଜର ପୂର୍ବତନ ଜିଲା ସଭାପତି ଗୋବିନ୍ଦ ଭୋଇ, ଜିଲା ସମ୍ପାଦକ ମହୀପାଳ ପ୍ରଧାନ, ପ୍ରସନ୍ନ ପ୍ରଧାନ, ପ୍ରଦୀପ ଜଗତ ପ୍ରମୁଖ ବ୍ୟକ୍ତି ଆଲୋଚନା କରିଥିଲେ।



ଜିଲାପରିଷଦ ଅଧ୍ୟକ୍ଷା ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ଏସିଡ ମାଡ଼ରେ ୫ ଆହତ, ୨ ଗୁରୁତରଙ୍କୁ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର

ଖଡ଼ିଆଳ,୧୧।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳା ଥାନା ଅନ୍ତର୍ଗତ ଡୁଆଝର ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଏସିଡ ମାଡରେ ୨ ସୁନାକାରିଗର ପରିବାରର ୫ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣ ବିଜୟ ସରାଫ ଓ ଧନଞ୍ଜୟ ସରାଫ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନୂଆପଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନଙ୍କୁ ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାରେ ପ୍ରଥମେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏ ନେଇ ବର୍ତ୍ତମାନ ସୁଦ୍ଧା ଗୋଟେ ଗୋଷ୍ଠି ପକ୍ଷରୁ ଖଡିଆଳ ଥାନାରେ ଅଭିଯୋଗ ହୋଇଥିବା ବେଳେ ଅନ୍ୟ ଗୋଷ୍ଠି ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ଖଡ଼ିଆଳ ପୋଲିସ ପହଞ୍ଚି ତଦନ୍ତ ଚଳାଇ ଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଦୀର୍ଘ ଦିନ ହେଲା ଡୁଆଝର ଗାଁର ଘନଶ୍ୟାମ ସରାଫ ଏବଂ ମନିଜର ସରାଫ ୨ଜଣ ସୁନାକାରିଗର ମଧ୍ୟରେ ଚିନ୍ଦାଗୁଡ଼ା ଗାଁରେ ସୁନାଗହଣା ଦୋକାନ ଖୋଲିବାକୁ ନେଇ ବିବାଦ ଲାଗିରହିଥିଲା।



ସୁନ୍ଦରଗଡ ସହରର ରାସ୍ତା କଡରେ ବେଆଇନଭାବେ ପାର୍କିଂ ହୋଇଥିବା ଟ୍ରକ।

# ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବେଆଇନ ପାର୍କିଂ

## ପୋଲିସ ପ୍ରଶାସନ ନିଦ୍ରା ବିଷ୍ଟ

ସୁନ୍ଦରଗଡ,୧୧।୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସହରର ରାସ୍ତା କଡରେ ଯାନ ବାହାନ ଓ କୋଇଲା ପରିବହନ କରୁଥିବା ଟ୍ରକ ଗୁଡିକ ବେଆଇନ ପାର୍କିଂ ହେଉଛି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ହସ୍ପିଟାଲ ଛକଠାରୁ ଶଙ୍କରା ଗୋଲେଇ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଏହି ବେଆଇନ ପାର୍କିଂ ଦେଖିବାକୁ ମିଳୁଛି। ଏଥିଯୋଗୁ ଅନ୍ୟ ଯାନବାହନ ଯିବା ଆସିବାରେ ଅସୁବିଧା ହେଉଛି। ଏମସିଏଲ ଓ ଅନ୍ୟାନ୍ୟ କୋଇଲା ଖଣିରୁ ଝାରସୁଗୁଡା ପଟକୁ କୋଇଲା ପରିବହନ କରୁଥିବା ଟ୍ରକ ଗୁଡିକ କବଜାରେ ଶଙ୍କରା ଗୋଲେଇ ଛକ ରହିଛି। କେବଳ ଗୋଲେଇ ଛକ ନୁହେଁ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ପର୍ଯ୍ୟନ୍ତ ଏହି ବେଆଇନ ପାର୍କିଂ ହେଉଛି। ଏହି ରାସ୍ତା ଦେଇ ଅନେକ ଶିକ୍ଷାନୁଷ୍ଠାନ ରହିଥିବାରୁ ଛାତ୍ରୀଛାତ୍ର ଯା' ଆସରେ ଅସୁବିଧା ଭୋଗୁଛନ୍ତି। କୌଣସି ସମୟରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଏଦିଗରେ ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

# କୃଷି କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱ

## ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଏଫ୍‌ଡିପି ପ୍ରଶିକ୍ଷଣ କର୍ମଶାଳା

**ସମ୍ବଲପୁର,୧୧।୧(ବି.ଶଙ୍କର)**

ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ସ୍ୱତନ୍ତ୍ର ଫାକଲ୍‌ଟି ଡେଭଲପମେଣ୍ଟ (ଏଫ୍‌ଡିପି) ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦୁଇଟି ପୃଥକ୍ ବ୍ୟାଚ୍‌ରେ କର୍ମଶାଳା ହୋଇଥିଲା। ଏଥିରେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୩୬ ଜଣ ଅଧିକାରୀ (ଏକ୍‌ଜିକ୍ୟୁଟିଭ) ଯୋଗଦେଇଥିଲେ। କୃଷି କ୍ଷେତ୍ରରେ ପରିବର୍ତ୍ତନଶୀଳନ ମ୍ୟାନେଜମେଣ୍ଟ ଶିକ୍ଷାରେ ସେମାନଙ୍କ ପେସାଦାର ଅଭିବୃଦ୍ଧି ଓ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଯୋଗଦେଇ ମ୍ୟାନେଜମେଣ୍ଟ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।

ସମ୍ପ୍ରତି ପ୍ରତ୍ୟେକ ସଂଗଠନ ପାଇଁ ଜ୍ଞାନ ସୃଷ୍ଟି ଓ ବିକାଶ ଲାଗି ଶିକ୍ଷାର ବ୍ୟବହାରିକ ମାର୍ଗଦର୍ଶକ ନୀତି ଉପରେ ଆଧାରିତ ବୃତ୍ତିଗତ ବିକାଶର ଆବଶ୍ୟକତା ରହିଛି। ଏଫ୍‌ଡିପି ପ୍ରଶିକ୍ଷଣରେ ଏଭଳି ବିକାଶ, କାର୍ଯ୍ୟକାରିତା ସମସ୍ୟା ଓ ଚିନ୍ତା ଆଦିକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କେସ୍ ଷ୍ଟଡି, ଧାରଣାଗତ ଢାଞ୍ଚା, ଗୋଷ୍ଠୀ ଆଲୋଚନା, ସହଯୋଗୀ କାର୍ଯ୍ୟକଳାପ ଏବଂ ଅନୁଭୂତିମୂଳକ ଜ୍ଞାନ ବିନିମୟକୁ ଅନ୍ତର୍ଭୁକ୍ତ କରି ବିଭିନ୍ନ ବିଷୟବସ୍ତୁରେ ବିଭକ୍ତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଧାରଣ ପରିଚାଳନାର ମୌଳିକ ସିଦ୍ଧାନ୍ତ ଓ ସ୍ୱତନ୍ତ୍ର କ୍ଷେତ୍ରରେ ଶିକ୍ଷାଗତ କୌଶଳ ବିଶେଷ କରି କେସ ପଦ୍ଧତି, ଅତ୍ୟାଧୁନିକ ଗବେଷଣା ପଦ୍ଧତି ଏବଂ ନିର୍ଦ୍ଦିଷ୍ଟ ବିଷୟ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ବିଭିନ୍ନ ଅଧିବେଶନରେ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତି, ଯୋଗାଯୋଗ ରଣନୀତି, ଶିକ୍ଷା ନେତୃତ୍ୱ ଓ ନବସୃଜନ ବିଶ୍ୱବିଦ୍ୟାଳୟ ପ୍ରଦର୍ଶନରେ ଉନ୍ନତି, ଶିକ୍ଷାଦାନରେ ଆଇଟିର ଭୂମିକା ଓ ଶିକ୍ଷାଗତ ଉତ୍କର୍ଷ ପାଇଁ ସହଯୋଗିତା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଏନଇପି-୨୦୨୦ର ଫଳାଫଳ, କୃଷି ଶିକ୍ଷା ବିକାଶ ଅଭିଯାନ ଉପରେ ଏକ ଖୋଲା ଆଲୋଚନା ମଧ୍ୟ ହୋଇଥିଲା। ପ୍ରଫେସର ଆନନ୍ଦ ହିନ୍ଦୋଳିଆ ଓ ପ୍ରଫେସର ମର୍ଲିନ ନନ୍ଦୀ ଏହି ଏଫ୍‌ଡିପିର ନେତୃତ୍ୱ ନେଇଥିଲେ। ଡ. ରାମ ଚନ୍ଦ୍ର ଦାଶ ରିସୋର୍ସ ପର୍ସନ ଭାବେ କାର୍ଯ୍ୟ କରିଥିଲେ।


ପ୍ରଶିକ୍ଷଣ କର୍ମଶାଳାରେ ଅତିଥି ଓ ପ୍ରଶିକ୍ଷାର୍ଥୀମାନେ।

# ନୟନତାରାଙ୍କ ନାମରେ ମାମଲା



ମୁମ୍ବାଇ: ଅଭିନେତ୍ରୀ ନୟନତାରା ଏବଂ ଜୟଙ୍କ ଫିଲ୍ମ 'ଅନ୍ନପୂର୍ଣ୍ଣି' ନିକଟରେ ଓଟିଟିରେ ରିଲିଜ୍ ହୋଇଛି। ହେଲେ ଏହି ଫିଲ୍ମକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିଛି। ସିନେମାରେ ହିନ୍ଦୁ ସମୁଦାୟର ଧାର୍ମିକ ଭାବନାକୁ କ୍ଷତି ପହଞ୍ଚାଇବା ଏବଂ ଲଭ୍ ଜିହାଦ୍‌କୁ ସମର୍ଥନ କରିବା ଭଳି ଅଭିଯୋଗ ରହିଛି। ଗତ ଡିସେମ୍ବର ୧ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ପ୍ରଭୁ ରାମଙ୍କ ସମ୍ବନ୍ଧୀୟ ଏକ ବିବାଦପୂର୍ଣ୍ଣ ଟିପ୍ପଣୀକୁ ସାମିଲ କରାଯାଇଛି। ଯେଉଁଥିପାଇଁ ସିନେମା ଏବେ ବିବାଦ ଘେରକୁ ଆସିଛି। ଫିଲ୍ମ ନିର୍ମାତା ଆର୍. ରବିନ୍ଦ୍ରନ୍ ଏବଂ ଯତୀନ ସେଠୀ, ନିର୍ଦ୍ଦେଶକ ନିଲେଶ କ୍ରିଷ୍ଣାଙ୍କ ସମେତ ଅଭିନେତ୍ରୀ ନୟନତାରାଙ୍କ ସହ ସମସ୍ତ ଷ୍ଟାରଙ୍କ ବିରୋଧରେ ମୁମ୍ବାଇ ପରେ ଏବେ ମଧ୍ୟପ୍ରଦେଶରେ ମଧ୍ୟ ମାମଲା ରୁଜୁ କରାଯାଇଛି। ମୁମ୍ବାଇରେ ଅଭିଯୋଗକାରୀ ରମେଶ ସୋଲଙ୍କି 'ଏକ୍ସ'ରେ ତାଙ୍କର ଏକ ପୋଷ୍ଟ ଶେୟାର କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ଯେଉଁଥିରେ ବାଲ୍ମୀକି ରାମାୟଣକୁ ଭୁଲ ଭାବେ ଦର୍ଶାଯାଇଥିବା ସହ ସିନେମାରେ ପ୍ରଭୁ ରାମ ମାଂସ ଭକ୍ଷଣ କରୁଥିବା ଆକ୍ଷେପ କରାଯାଇଛି। ମଧ୍ୟପ୍ରଦେଶ ଜବଲପୁରରେ ହିନ୍ଦୁବାଦୀ ସଂଗଠନ ନୟନତାରାଙ୍କ ସମେତ ଅନ୍ୟ ଷ୍ଟାରଙ୍କ ବିରୋଧରେ ମାମଲା ରୁଜୁ କରିଛି। ହିନ୍ଦୁସେବା ପରିଷଦର ଅତୁଲ ଜୈଶୱାନିଙ୍କ କହିବା ମୁତାବକ, ସିନେମାରେ ଏପରି କିଛି ଦୃଶ୍ୟ ରହିଛି ଯେଉଁଥିରେ ପ୍ରଭୁ ରାମଙ୍କୁ ଅପମାନ କରାଯାଇଛି। ଏଥିସହ କିଛି ଟିପ୍ପଣୀ ରହିଛି, ଯାହା ହିନ୍ଦୁଙ୍କ ଭାବନାକୁ କ୍ଷତି ପହଞ୍ଚାଉଛି। ଫିଲ୍ମରେ ନୟନତାରା ଜଣେ ରୋଷେୟା ଭୂମିକାରେ ନଜରକୁ ଆସିଛନ୍ତି। ସେଥିରେ ସେ ତାଙ୍କ ମା' ବାରଣ ସତ୍ତ୍ୱେ ଏକ ରିଆଲିଟି ଶୋ' 'ଇଣ୍ଡିଆଜ୍ ବେଷ୍ଟ ସେଫ୍'ରେ ଭାଗ ନେଇଛନ୍ତି। ସେ ଜଣେ ବ୍ରାହ୍ମଣ ଘରର ଝିଅ ହୋଇଥିବାବେଳେ ସେ ଆମିଷ ଖାଦ୍ୟ ରାନ୍ଧିବା ଏବଂ ରୋଷେଇ ପ୍ରତିଯୋଗିତା ପୂର୍ବରୁ ସେ ନମାଜ ପଢୁଥିବା ଦେଖିବାକୁ ମିଳିଛି। ତେବେ ଫିଲ୍ମରେ କାର୍ତ୍ତିକ କୁମାର, ସତ୍ୟରାଜ୍, ରେଣୁକା, କେ.ଏସ୍. ରବି କୁମାର, ପୂର୍ଣ୍ଣିମା ରବି, ସୁରେଶ ଚକ୍ରବର୍ତ୍ତୀ, ରେଡିନ କିଙ୍ଗ୍‌ସଲେ ପ୍ରମୁଖ ନଜରକୁ ଆସିଛନ୍ତି।

## ସଂକ୍ଷେପରେ

### ଅବସରପ୍ରାପ୍ତ ଯବାନ ଅନ୍‌ଲାଇନ ଠକେଇର ଶିକାର

**କୁଚିଣ୍ଡା,୧୧।୧(ବିରଞ୍ଚି ଦର୍ବା) :** ଗୋବିନ୍ଦପୁର ଥାନା ଗଡ଼ପୋଷ (ଦେଢୁରିପଡ଼ା) ଗ୍ରାମର ଅବସରପ୍ରାପ୍ତ ଯବାନ ଦିଲୀପ କୁମାର ଚାଉଁରିଆ ଅନ୍‌ଲାଇନ ଠକେଇର ଶିକାର ହୋଇଛନ୍ତି। ଏ ନେଇ ଅଭିଯୋଗ ପରେ ପୋଲିସ ଆଇଟି ଆକ୍ଟ (୬୬ସି)/୬୬(ଡି)ଆଇପିସି ଧାରା ୪୧୯/୪୨୦ରେ ମାମଲା (ନଂ.୭/୨୪) ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ରାଜେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଦିଲୀପ ନୂତନ ଗୃହ ନିର୍ମାଣ ନିମନ୍ତେ କୋଣାର୍କ ସିମେଣ୍ଟ କିଣିବାକୁ ଗୁଗ୍‌ଲ ସର୍ଚ୍ଚ କରିଥିଲେ। କମ୍ପାନୀ ସାଇଟରେ ଉଲ୍ଲେଖ ଥିବା ଏକ ନମ୍ବରକୁ କଲ କରି କଥାବାର୍ତ୍ତା ହୋଇଥିଲେ। ପରେ ସେ କମ୍ପାନୀ କର୍ମଚାରୀଙ୍କଠାରୁ ପାଇଥିବା ଆକାଉଣ୍ଟ ନମ୍ବରରେ ଦୁଇଗୋଟି ପର୍ଯ୍ୟାୟରେ ଅଗ୍ରିମ ବାବଦକୁ ୨ଲକ୍ଷ ୨୪ହଜାର ଟଙ୍କା ଅନ୍‌ଲାଇନ ପେମେଣ୍ଟ କରିଥିଲେ। କମ୍ପାନୀ ସହ ହୋଇଥିବା କଥାବାର୍ତ୍ତା ମୁତାବକ ଘରକୁ ସିମେଣ୍ଟ ନ ପହଞ୍ଚିବାରୁ ସେହି ନମ୍ବରକୁ କଲ କରିଥିଲେ। ମାତ୍ର ଉତ୍ତର ନ ଆସିବାରୁ ଠକେଇର ଶିକାର ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଭକ୍ତିସଙ୍ଗୀତ ଶ୍ୟାମ ସୁନ୍ଦର ଉନ୍ମୋଚିତ

**ସମ୍ବଲପୁର,୧୧।୧(ବି.ଶଙ୍କର):** ରାଧାକୃଷ୍ଣ ପ୍ରେମ ଆଧାରିତ ଭକ୍ତି ସଂଗୀତ ଶ୍ୟାମସୁନ୍ଦର ଗୁରୁବାର ସମ୍ବଲପୁର ମା' ସମଲେଶ୍ୱରୀଙ୍କ ପୀଠରେ ଲୋକାର୍ପିତ ହୋଇଛି। ସଂକୀର୍ତ୍ତନ କଣ୍ଠଶିଳ୍ପୀ ଗୁରୁ ସୁଧର୍ମା ଦାସ ଏହି ଗୀତରେ କଣ୍ଠଦାନ କରିଛନ୍ତି। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଖବରଦାତା ଶ୍ୱେତକୁମାର ପ୍ରଧାନ, ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ସାମାଜିକ କର୍ମୀ ପ୍ରଫୁଲ୍ଲ ହୋତା, ନରୋତ୍ତମ ଗୁରୁ ଯୋଗଦେଇଥିଲେ।

# ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ସମ୍ବଲପୁର ପକ୍ଷରୁ ଜନଜାଗରଣ କାର୍ଯ୍ୟକ୍ରମ

**ସମ୍ବଲପୁର,୧୧।୧ (ଭବାନୀ ଶଙ୍କର ଭୋଇ)**

ଆସନ୍ତା ୨୨ରେ ଉତ୍ତରପ୍ରଦେଶ ଅଯୋଧ୍ୟାଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଓ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ନେଇ ଦେଶବ୍ୟାପୀ ଉତ୍ସାହ ଦେଖିବାକୁ ମିଳିଛି। ଏହାକୁ ଭବ୍ୟ ସହକାରେ ପାଳନ କରିବା ପାଇଁ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏ ନେଇ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଗୁରୁବାର ସନ୍ଧ୍ୟାରେ ମନ୍ଦିର ପ୍ରତିଷ୍ଠା ସହ ପୂର୍ବ ଓ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇଥିଲା। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ସମ୍ବଲପୁର ମହାନଗର ଶାଖାର ମୁଖ୍ୟ ସଂଯୋଜକ ଦାମୋଦର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସହ ସଂଯୋଜକ ଡା. ପୁରୁଷୋତ୍ତମ ଅଗ୍ରୱାଲ ପରିଚାଳନା କରିଥିଲେ। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପଶ୍ଚିମ ପ୍ରାନ୍ତର ପୂର୍ବତନ ସରସଂଘ ଚାଳକ ବିପିନ ବିହାରୀ ନନ୍ଦ ମୁଖ୍ୟଅତିଥି, ବିଶ୍ୱ ହିନ୍ଦୁ ପରିଷଦର ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଭାପତି ଡା. ରାଜ କୁମାର ବଡ଼ପଣ୍ଡା ସମ୍ମାନିତ ଅତିଥି ଓ ଆର୍‌ଏସ୍‌ଏସ୍ ସମ୍ବଲପୁର ନଗର କାର୍ଯ୍ୟବାହ ରାମକୃଷ୍ଣ ନାଏକ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ୮୦ରୁ ଉର୍ଦ୍ଧ୍ୱ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ। ଜାନୁଆରୀ ୨୨ ଓ ପୂର୍ବ ଦିନମାନଙ୍କରେ ହେବାକୁ ଥିବା ବିବିଧ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହବାକୁ ଅତିଥିବୃନ୍ଦ ଆହ୍ୱାନ ଦେଇଥିଲେ। ଆର୍ଟ ଅଫ ଲିଭିଂର ହିମାଂଶୁ ଜୀ ପ୍ରାରମ୍ଭିକ ଭଜନ ଗାନ କରିଥିବା ବେଳେ ମାରୱାଡ଼ି ଯୁବାମଞ୍ଚ ଶକ୍ତି ଶାଖାର ରେଣୁକା ଅଗ୍ରୱାଲ ଓ ସାଥୀ ସାମୂହିକ ଭଜନ ପରିବେଷଣ କରିଥିଲେ। ଶେଷରେ ଭାରତ ବିକାଶ ପରିଷଦର ଶ୍ୟାମ ସୁନ୍ଦର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# କଳାପରିଷଦ ପରିସର ବୃକ୍ଷକଟାକୁ ନେଇ ଅସନ୍ତୋଷ

## କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**କୁଚିଣ୍ଡା,୧୧।୧(ବିରଞ୍ଚି ଦର୍ବା)**

କୁଚିଣ୍ଡା ସହରରେ ଥିବା କଳାପରିଷଦ ପରିସରକୁ ଶୋଭାବର୍ଦ୍ଧନ କରୁଥିବା ପୁରାତନ ବୃକ୍ଷଗୁଡ଼ିକୁ ପାଚେରି ନିର୍ମାଣ ନାମରେ କାଟିଦିଆଯାଇଥିବା ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାକୁ ବିରୋଧ କରି ଭାଜପା ପକ୍ଷରୁ ଗୁରୁବାର ଉପଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ ପୂର୍ବକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

କୁଚିଣ୍ଡା ସହରର ସରକାରୀ ହାଇସ୍କୁଲ ସମ୍ମୁଖ ତଥା ଉପକାରାଗାରକୁ ଲାଗି କଳାସଂସ୍କୃତିର ପ୍ରାଣକେନ୍ଦ୍ର କୁହାଯାଉଥିବା କଳାପରିଷଦକୁ ନିମ୍ବ, ଜାମୁ, ଶିଶୁ, କୃଷ୍ଣଚୂଡ଼ା ଓ ରାଧାଚୂଡ଼ା ଆଦି ବୃକ୍ଷରାଜି ଶୋଭାବର୍ଦ୍ଧନ କରୁଥିଲା। ଉପଖଣ୍ଡ ମୁଖ୍ୟାଳୟକୁ ବିଭିନ୍ନ କାମରେ ଆସୁଥିବା ଜନସାଧାରଣ ଏହି ବୃକ୍ଷର ଶୀତଳ ଛାଇରେ ଆଶ୍ରୟ ନେବାସହ ପକ୍ଷୀମାନଙ୍କ କଳରବରେ ଖୁସି ହେଉଥିଲେ। ମାତ୍ର ନୂତନ ପାଚେରି ନିର୍ମାଣ ନାମରେ ଏନ୍‌ଏସି କର୍ତ୍ତୃପକ୍ଷ ଏହି ମୂଲ୍ୟବାନ ବୃକ୍ଷଗୁଡ଼ିକ କାଟିଦେଇଥିବାରୁ ପରିବେଶବିତ୍ ଓ ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ପାଚେରି ନିର୍ମାଣର ଯଦି ଆବଶ୍ୟକତା ରହିଥିଲା ତେବେ କଳାପରିଷଦ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ବନ ବିଭାଗର ଅନୁମତିରେ ବୃକ୍ଷ କଟାଯିବା ଆବଶ୍ୟକ ଥିଲା। ଏ ନେଇ ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ଅତିରିକ୍ତ ଉପଜିଲାପାଳ ହେମସାଗର ଭୋଇଙ୍କୁ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ପରେ ଭାଜପା ଟିମ୍ କୁଚିଣ୍ଡା ରେଞ୍ଜର ଲକ୍ଷ୍ମୀକାନ୍ତ ନାଏକଙ୍କୁ ସାକ୍ଷାତ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛି। ଏ ସମ୍ପର୍କରେ ଏନ୍‌ଏସି ଇଓ ଗୌରବ ପ୍ରଧାନଙ୍କୁ ପଚାରିବାରେ ନୂତନ ପାଚେରି ନିର୍ମାଣ ନିମନ୍ତେ ଏହି ଗଛ କଟାଯାଇଛି ବୋଲି କହିଛନ୍ତି। ଅନ୍ୟପକ୍ଷେ ଗଛକଟା ପାଇଁ ଏନ୍‌ଏସି ପକ୍ଷରୁ ବନ ବିଭାଗର କୌଣସି ଅନୁମତି ନିଆଯାଇ ନ ଥିବା ରେଞ୍ଜର ନାଏକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅଭିଯୋଗ ପରେ ବନବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।


ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଫେବୃଆରୀ ୪ରେ କଲମର ବାର୍ଷିକ ଉତ୍ସବ

**ସମ୍ବଲପୁର,୧୧।୧(ବି.ଶଙ୍କର):** ସାହିତ୍ୟ ଅନୁଷ୍ଠାନ କଲମର ଦ୍ୱିତୀୟ ବାର୍ଷିକ ଉତ୍ସବ ଆସନ୍ତା ଫେବୃଆରୀ ୪ରେ କରାଯିବାକୁ ସ୍ଥିର ହୋଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅମୃତ ସାଗର ବିନ୍ଦୁ କାର୍ଯ୍ୟକ୍ରମ ହେବ। ବୁଧବାର ରାତିରେ ସାମ୍ବାଦିକ ଭବନଠାରେ କଲମ ପରିବାର ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସଭାପତି ଜୟକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଆବାହକ ତଫିଜୁଲ ହୋସେନ ବାର୍ଷିକ ଉତ୍ସବ ଓ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ବିଷୟରେ ସୂଚିତ କରିଥିଲେ। ଶେଷରେ କଲମ ଯାଜ୍ଞସେନୀ ଶାଖା ସଭାପତି ବିଚିତ୍ରା ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସବିତା ମିଶ୍ରଙ୍କ ସଭାପତିତ୍ୱରେ ଯାଜ୍ଞସେନୀ ଶାଖା ପକ୍ଷରୁ କବିତା ଆସର ଅନୁଷ୍ଠିତ ହୋଇଥିଲା। ଉପସଭାପତି ସାକ୍ଷୀ ଅଗ୍ରୱାଲ, ସହ ସମ୍ପାଦିକା ମିନାକ୍ଷୀ ଷଣ୍ଢ, ଗୁଣରଞ୍ଜନ ସାଲିମା, ଲଳିତ ମୋହନ ବେବର୍ତ୍ତା, ଲକ୍ଷ୍ମୀନାରାୟଣ ପଣ୍ଡା, ତରଣିସେନ ମେହେର, ସନାତନ କଟା ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ ।

## ବ୍ଲକସ୍ତରୀୟ ଟିଏଲ୍‌ଏମ୍ କର୍ମଶାଳା

**ସମ୍ବଲପୁର,୧୧।୧(ପ୍ରମୋଦ ବହିଦାର):** ଧନକଉଡ଼ାରେ ଏକ ତିନିଦିନିଆ ବ୍ଲକସ୍ତରୀୟ ଟିଏଲ୍‌ଏମ୍ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ରମେଶ କୁମାର ମିଶ୍ର, ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ଶିକ୍ଷୟିତ୍ରୀ ମଧୁସ୍ମିତା ଦାସ ମିଳିତ ଭାବେ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ସେହିପରି ଏଠାରେ ବିଦ୍ୟାଳୟ ଭିତ୍ତିକ ମୂଲ୍ୟାଙ୍କନ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରଜମୋହନ ପଟ୍ଟନାୟକ ଉପ୍ରା ବିଦ୍ୟାଳୟର ପ୍ରାୟ ୫୦ଜଣ ଶିକ୍ଷୟିତ୍ରୀଶିକ୍ଷକ ଭାଗ ନେଇଥିଲେ।

# ଡିପିଏ କଲେଜରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ପଡିଆବାହାଲ, ୧୧।୧(ରାଧାମୋହନ ଷଡ଼ଙ୍ଗୀ)**

ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଯୁବ ପ୍ରତିଭା ଅନ୍ୱେଷଣ ଗୁରୁବାର ମାନେଶ୍ୱର ବ୍ଲକ ମୁରାସ୍ଥିତ ଦ୍ୱାରିକା ପ୍ରସାଦ ଆଗ୍ରୱାଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଚିତ୍ରାଙ୍କନ, ସଂଗୀତ ଗାନ, ନୃତ୍ୟ, ବାଦ୍ୟଯନ୍ତ୍ର ବାଦନ, ବକ୍ତୃତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଯତୀନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ କ୍ଷମାଶୀଳ ଭୋଇ ମୁଖ୍ୟଅତିଥି, ଇନ୍ଦିରାଗାନ୍ଧୀ ହାଇସ୍କୁଲ କର୍ମଚାରୀ ସୁଶୀଳ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅଧ୍ୟକ୍ଷ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ଜନ୍ମମାଟିରେ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀ


ଶ୍ରାଦ୍ଧ ବାର୍ଷିକୀରେ ମଞ୍ଚାସୀନ ଅତିଥିବୃନ୍ଦ।

**ସମ୍ବଲପୁର,୧୧।୧(ବି.ଶଙ୍କର)**

ପବିତ୍ର ବକୁଳ ଅମାବାସ୍ୟା ତିଥିରେ ପଶ୍ଚିମ ଓଡ଼ିଶାର ଗାନ୍ଧୀ ଭାବେ ପରିଚିତ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ତାଙ୍କ ଜନ୍ମମାଟି ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ପାଳିତ ହୋଇଯାଇଛି। ବ୍ରଜୌଲି ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା । ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ ଡିପୋ ମ୍ୟାନେଜର ଶ୍ୟାମସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଶ୍ରାଦ୍ଧୋତ୍ସବ ହୋଇଥିଲା। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଓ ଖବରଦାତା ହେମନ୍ତ କୁମାର ମହାପାତ୍ର, ସିଦ୍ଧେଶ୍ୱରୀ ଧର୍ମସଂସଦର ସଭାପତି ଗୋପୀନାଥ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର କ୍ୟାଲେଣ୍ଡରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଲକ୍ଷ୍ମଣ ବାଗ, ଶାନ୍ତନୁ ବିଶ୍ୱାଳ, ରାହସ ବିହାରୀ ଦାଶ ଓ ବିଷ୍ଣୁ ବାଗ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଶାସନ ହାଇସ୍କୁଲରେ ମଧ୍ୟ ନୃସିଂହ ଗୁରୁଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥଲା। ଶିକ୍ଷକ ଲକ୍ଷ୍ମୀନାରାୟଣ ଭୋଇ, ଶିକ୍ଷୟିତ୍ରୀ ପ୍ରିୟଦୀପ୍ତି ପଟ୍ଟନାୟକ, ତୃପ୍ତିବାଳା ପଣ୍ଡିତ ଓ ଗାୟତ୍ରୀ ଶୁଭଜିତା କର ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ ସ୍ୱରଚିତ କବିତା ପାଠ କରି ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକକଳା କଳାକାରଙ୍କ ତାଲିମ କର୍ମଶାଳା

**ସମ୍ବଲପୁର,୧୧।୧ (ଭବାନୀ ଶଙ୍କର ଭୋଇ)**

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଲୋକକଳାକୁ ମାଧ୍ୟମ ଭାବେ ଗ୍ରହଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସମ୍ବଲପୁର ଜିଲାର ଲୋକ କଳାକାରଙ୍କ ଦିନିକିଆ ଜିଲାସ୍ତରୀୟ ତାଲିମ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିବା ସହ ଲୋକକଳା ମାଧ୍ୟମରେ ଯୋଜନା ଗୁଡ଼ିକର ପ୍ରଚାର ପ୍ରସାର କରିବା ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଜାଣିଲେ ଲୋକେ ଏହାର ଲାଭ ପାଇପାରିବେ ବୋଲି ସେ କହିଥିଲେ। ସମ୍ବଲପୁର ଜିଲାରେ ସମ୍ବଲପୁରୀ ନୃତ୍ୟ, ପରଭା ନୃତ୍ୟ, ଘୁଡୁକା ନୃତ୍ୟ, ସଞ୍ଚାର, ସମ୍ପ୍ରଦା, ପାଲା ଇତ୍ୟାଦି ଲୋକକଳା ମାଧ୍ୟମରେ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର କରାଯିବାର ଯୋଜନା ରହିଥିବା ନେଇ ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ। ପୂର୍ବରୁ ସମସ୍ତ ବ୍ଲକ କଳାସଂସ୍କୃତି ପରିଷଦର ଉପସଭାପତି, ନୋଡାଲ ଅଫିସରମାନଙ୍କୁ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଓ କାର୍ଯ୍ୟକ୍ରମ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହା ପରେ ବ୍ଲକସ୍ତରରେ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜିଲା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଧବୀର କୁମାର ମହାନନ୍ଦ, ସହକାରୀ ଜିଲାପାଳ ରଫିକ ଅହମ୍ମଦ, କୃଷି ବିଭାଗ ଅଧିକାରୀ ଟଙ୍କଧର ନାଗ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝି, ବ୍ଲକ କଳା ସଂସ୍କୃତି ପରିଷଦର ଉପସଭାପତି ପ୍ରମୁଖ ଯୋଗଦେଇଥିଲେ।



ତାଲିମ କର୍ମଶାଳାରେ କଳାକାର ଓ ଅଧିକାରୀମାନେ।

# ରେଲୱେ ଶ୍ରମିକ ୟୁନିୟନର ଅନଶନ

## ନୂଆ ପେନ୍‌ସନ୍ ଯୋଜନାକୁ ବିରୋଧ

**ସମ୍ବଲପୁର,୧୧।୧(ବି.ଶଙ୍କର)**

ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ ଗୁରୁବାର ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ (ଡିଆର୍‌ଏମ୍) କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯାଇଛି। ବିଶେଷକରି ରେଳ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଥିବା ଏନ୍‌ପିଏସ୍ (ନୂଆ ପେନ୍‌ସନ୍ ଯୋଜନା)କୁ ବିରୋଧ କରି ଏହି ଅନଶନ କରାଯାଇଛି। ଏଚ୍‌ଏମ୍‌ଏସ୍ ସହ ଅନୁବନ୍ଧିତ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନର କର୍ମକର୍ତ୍ତା ଓ ସଭ୍ୟ ଦର୍ଶାଇଥିଲେ, ଏନ୍‌ପିଏସ୍ ଲାଗୁ ହେବା ଦ୍ୱାରା ରେଳ କର୍ମଚାରୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ସେମାନଙ୍କ ଉପରେ ସିଧାସଳଖ ପ୍ରଭାବ ପକାଉଛି। ତେଣୁ ପୁରୁଣା ପେନ୍‌ସନ୍ ଯୋଜନା ଲାଗୁ କରିବାକୁ ସେମାନେ ଦାବି କରିଥିଲେ । ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନଶନ ଜାରି ରହିଥିଲା। ଏଥିରେ ଶ୍ରମିକ ୟୁନିଅନ ସମ୍ବଲପୁର ଡିଭିଜନର ସମସ୍ତ ପଦାଧିକାରୀଙ୍କ ସମେତ ଏଚ୍‌ଏମ୍‌ଏସ୍‌ର ରାଜ୍ୟ କମିଟି ନେତାମାନେ ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ମଣ୍ଡଳ ସଂଯୋଜକ ସୁନୀଲ କୁମାର, ସମ୍ବଲପୁର ଶାଖା ସମ୍ପାଦକ ଅରବିନ୍ଦ ମହାନ୍ତି, ସହ ସଂଯୋଜକ ବିଭୂତି ଭୂଷଣ ପଢ଼ିଆରୀ, କୋଷାଧ୍ୟକ୍ଷ ବି ଗୋବିନ୍ଦୁ, କାଶୀନାଥ ଜେନା, ଜେ ଓରାମ, ବିଶ୍ୱଜିତ ମିଶ୍ର, ହିନ୍ଦ ମଜଦୁର ସଭାର ଡେପୁଟି ଜେନେରାଲ ସେକ୍ରେଟାରି ଗୋକୁଳ ମେହେର ସାମିଲ ଥିଲେ ।



ଡିଆର୍‌ଏମ୍ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଂଘର ଅନଶନ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୨/୨୦୨୪ Bhubaneswar, Friday, January 12/ 2024

# ସାତ୍ତ୍ୱିକ-ଚିରାଗ ଯୋଡ଼ି କ୍ୱାର୍ଟରରେ

**ମାଲେସିଆ ଓପନ**

କୁଆଲାଲମ୍ପୁର, ୧୧।୧ (ପି.ଟି.)

ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପୁରୁଷ ଡବଲ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିଦାମ୍ବି ଶ୍ରୀକାନ୍ତ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ସାତ୍ତ୍ୱିକ ଓ ଚିରାଗ ୨୦୨୩ରେ ଚମତ୍କାର ପ୍ରଦର୍ଶନ କରି ୬ଟି ଟାଇଟଲ ହାତେଇ ପାରିଥିଲେ। ଏଠାରେ ସେ ବିଶ୍ୱର ୩୬ ନମ୍ବର ଯୋଡ଼ି ଫ୍ରାନ୍ସର ଲୁକାସ କୋର୍ଭି ଓ ରୋନାନ୍ ଲାବାରଙ୍କୁ ୨୧-୧୧, ୨୧-୧୮ରେ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ଏହି ଯୋଡ଼ି ଚାଇନାର ବିଶ୍ୱର ୩୨ନମ୍ବର ହି ଜିଟିଙ୍ଗ୍ ଏବଂ ରେନ୍ ଜିଆଙ୍ଗ ୟୁଙ୍କୁ ଭେଟିବେ। ଅନ୍ୟପକ୍ଷରେ ଗତ ମାସରେ ଗୁଆହାଟୀ ମାଷ୍ଟର୍ସ ସୁପର ୧୦୦ ଟାଇଟଲ ଜିତିଥିବା ଭାରତୀୟ ମହିଳା ଡବଲ୍ସ ଯୋଡ଼ି ଅଶ୍ୱିନୀ ପୋନାପ୍ପା ଓ ତନିଶା କ୍ରାଷ୍ଟୋ ୭ମ ସିଡ୍ ଜାପାନିଜ ଯୋଡ଼ି ୱାକାନା ନାଗାହାରା ଏବଂ ମାୟୁ ମାତ୍ସୁମୋଟୋଙ୍କୁ ୨୧-୧୯, ୧୩-୨୧, ୨୧-୧୫ରେ ହରାଇ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ନିକଟତର ହୋଇଛନ୍ତି। ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ହଂକଂର ଏଙ୍ଗ୍ କା ଲଙ୍ଗ୍ ଆଙ୍ଗସଙ୍କଠାରୁ ୧୩-୨୧, ୧୭-୨୧ରେ ହାରିଯାଇଛନ୍ତି।



ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି।

# କ୍ୱାର୍ଟରରେ ଜୋକୋଭିଚ୍-ସିତ୍‌ସିପାସ ମ୍ୟାଚ୍ ସମ୍ଭାବନା

**ଅଷ୍ଟ୍ରେଲିଆନ ଓପନ ଟେନିସ୍**

ମେଲବୋର୍ନ, ୧୧।୧ (ପି.ଟି.)

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ପୁରୁଷ ବର୍ଗରେ ନୋଭାକ୍ ଜୋକୋଭିଚ୍ ଓ ମହିଳା ବର୍ଗରେ ଇଗା ସ୍ୱିଟେକ୍ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ଚଳିତ ବର୍ଷରେ ଟପ୍ ସିଡ୍ ଇଗା ସ୍ୱିଟେକ୍‌ଙ୍କ ପାଇଁ ଟୁର୍ନାମେଣ୍ଟ ସାମାନ୍ୟ କଠିନ ରହିବ। ପ୍ରାରମ୍ଭିକ ରାଉଣ୍ଡରେ ହିଁ ସ୍ୱିଟେକ୍ ଦୁଇ ଜଣ ପୂର୍ବତନ ଚାମ୍ପିୟନଙ୍କ ମୁକାବିଲା କରିବେ। ପ୍ରଥମ ରାଉଣ୍ଡରେ ୨୦୨୦ ଚାମ୍ପିୟନ ସୋଫିଆ କେନିନ୍ ଓ ଦ୍ୱିତୀୟ ରାଉଣ୍ଡରେ ସମ୍ଭବତଃ ୨୦୧୬ ଚାମ୍ପିୟନ ଆଞ୍ଜେଲିକ୍ କେର୍ବର ଓ ଡାନିଏଲ କଲିନ୍ସଙ୍କ ବିଜେତାଙ୍କୁ ଭେଟିବେ। ସେହିପରି ୧୧ ତମ ଅଷ୍ଟ୍ରେଲିଆନ୍ ଓପନ୍ ଲକ୍ଷ୍ୟରେ ଥିବା ନୋଭାକ୍ ଜୋକୋଭିଚ୍‌ଙ୍କ ପ୍ରଥମ ଦୁଇ ରାଉଣ୍ଡ ମ୍ୟାଚ୍ ଦୁର୍ବଳ ପ୍ରତିପକ୍ଷଙ୍କ ବିପକ୍ଷରେ ରହିବ। ସେ ସମ୍ଭବତଃ ତୃତୀୟ ରାଉଣ୍ଡରେ ଆଣ୍ଡି ମୁରେ ଓ କ୍ୱାର୍ଟର ଫାଇନାଲରେ ବିଶ୍ୱ ମାନ୍ୟତାର ୭ ନମ୍ବର ଖେଳାଳି ଷ୍ଟିଫାନୋସ୍ ସିତ୍‌ସିପାସଙ୍କୁ ଭେଟିପାରନ୍ତି। ମାତୃତ୍ୱରୁ ପ୍ରତ୍ୟାବର୍ତ୍ତନ କରିଥିବା ନାଓମି ଓସାକା, ଆଞ୍ଜେଲିକ କେର୍ବର ଓ କାରୋଲିନ୍ ଓଜ୍‌ନିଆକିଙ୍କ ପାଇଁ କଷ୍ଟସାଧ ଡ୍ର ରହିଛି। ୨ ଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଓସାକାଙ୍କ ପ୍ରଥମ ମ୍ୟାଚ୍ ବିଶ୍ୱ ମାନ୍ୟତାର ୧୬ ନମ୍ବର ଖେଳାଳି କାରୋଲିନ୍ ଗାର୍ସିଆଙ୍କ ବିପକ୍ଷରେ ରହିଛି। ଆଞ୍ଜେଲିକ କେର୍ବରଙ୍କ ମ୍ୟାଚ୍ ଡାନିଏଲ କଲିନ୍ସଙ୍କ ବିପକ୍ଷରେ ରହିଥିବା ବେଳେ ୨୦୧୮ ମସିହା ଚାମ୍ପିୟନ ଓଜ୍‌ନିଆକି ୨୦ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ମାଗଦା ଲିନେଟ୍‌ଙ୍କୁ ଭେଟିବେ।

# ନାଗାଲ ମୁଖ୍ୟ ଡ୍ର'ର ନିକଟତର

ମେଲବୋର୍ନ, ୧୧।୧ (ପି.ଟି.)




ଭାରତର ସୁମିତ ନାଗାଲ ଅଷ୍ଟ୍ରେଲିଆନ ଓପନ ଟେନିସ ମୁଖ୍ୟ ଡ୍ର'ର ନିକଟତର ହୋଇଛନ୍ତି। ସ୍ଥାନୀୟ କିଆ ଆରେନାଠାରେ ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ନାଗାଲ ୬-୩, ୬-୨ରେ ଅଷ୍ଟ୍ରେଲିଆର ଏଡ୍‌ୱାର୍ଡ ୱିଣ୍ଟରଙ୍କୁ ହରାଇ ଦେଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ଓ ୪ ମିନିଟ ଧରି ଚାଲିଥିଲା। ସିଜନ ଆରମ୍ଭ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ଖେଳିବା ଲାଗି ଯୋଗ୍ୟତା ହାସଲ କରିବା ସକାଶେ ୨୬ ବର୍ଷୀୟ ଏହି ଭାରତୀୟ ଶୁକ୍ରବାର ଫାଇନାଲ ରାଉଣ୍ଡରେ ସ୍ଲୋଭାକିଆର ଆଲେକ୍ସ ମୋଲ୍‌କାନଙ୍କୁ ହରାଇବାକୁ ପଡ଼ିବ। ବର୍ତ୍ତମାନ ବିଶ୍ୱର ୧୩୯ତମ ର‌୍ୟାଙ୍କିଙ୍ଗପ୍ରାପ୍ତ ନଗାଲ ଯଦି ସୋମବାର ମ୍ୟାଚ ଜିତନ୍ତି ତେବେ ୨୦୨୧ପରେ ଏକ ଗ୍ରାଣ୍ଡସ୍ଲାମ ଇଭେଣ୍ଟର ମୁଖ୍ୟ ରାଉଣ୍ଡଠାରେ ପ୍ରବେଶ କରିବାରେ ସେ ପ୍ରଥମ ଏବଂ ଓଭର ଅଲ ଚତୁର୍ଥ। ସେ ପୂର୍ବରୁ ୨୦୧୯ ଓ ୨୦୨୦ ୟୁଏସ୍ ଓପନ ମୁଖ୍ୟ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ପରେ ସେ ୨୦୨୧ ଅଷ୍ଟ୍ରେଲିଆନ ଓପନ ମୁଖ୍ୟ ଡ୍ର'ରେ ସ୍ଥାନ ପାଇଥିଲେ।

# ଲାମିଚାନେଙ୍କୁ ବାସନ୍ଦ କଲା ନେପାଳ କ୍ରିକେଟ ବୋର୍ଡ

କାଠମାଣ୍ଡୁ, ୧୧।୧ (ପି.ଟି)



ବଳାତ୍କାର ମାମଲାରେ ୮ ବର୍ଷ ଜେଲ ଦଣ୍ଡ ପାଇଥିବା ନେପାଳ କ୍ରିକେଟର ସନ୍ଦୀପ ଲାମିଚାନେଙ୍କୁ ଗୁରୁବାର ବାସନ୍ଦ କରିଛି କ୍ରିକେଟ ଆସୋସିଏଶନ ଅଫ୍ ନେପାଳ(କ୍ୟାନ୍)। ସନ୍ଦୀପଙ୍କୁ ସମସ୍ତ ପ୍ରକାର ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟରୁ ବାସନ୍ଦ କରାଯାଇଥିବା ନେଇ କ୍ୟାନ୍ କହିଛି। ବୁଧବାର ସନ୍ଦୀପଙ୍କୁ ନେପାଳର ଏକ କୋର୍ଟ ୮ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଜଣେ ୧୮ ବର୍ଷୀୟା ଯୁବତୀଙ୍କୁ ଲାମିଚାନେ ନିଜ ହୋଟେଲ ରୁମ୍‌ରେ ବଳାତ୍କାର କରିଥିଲେ। ଯୁବତୀଙ୍କ ଅଭିଯୋଗ ପରେ ସେପ୍ଟେମ୍ବର ୨୦୨୩ରେ ପ୍ରଥମେ ଲାମିଚାନେଙ୍କ ନାମରେ ଏକ ଆରେଷ୍ଟ ୱାରେଣ୍ଟ ଜାରି ହୋଇଥିଲା। ସେ ସମୟରେ ନେପାଳର ଅଧିନାୟକ ରହିଥିବା ବେଳେ ତାଙ୍କୁ ଅଧିନାୟକ ପଦରୁ ସସ୍‌ପେଣ୍ଡ କରିଥିଲା କ୍ରିକେଟ ଆସୋସିଏଶନ୍ ଅଫ୍ ନେପାଳ। ପରେ କାରିବିଆନ୍ ପ୍ରିମିୟର୍ ଲିଗ୍‌ରେ ଜାମାଇକା ତଲାୱାସ ପକ୍ଷରୁ ଖେଳୁଥିବା ବେଳେ ଫ୍ରାଞ୍ଚାଇଜ ତାଙ୍କୁ ତୁରନ୍ତ ରିଲିଜ୍ କରିଥିଲା। ସେ ନେପାଳ ଫେରିବା ପରେ ତାଙ୍କୁ ତୁରନ୍ତ ଗିରଫ କରାଯାଇଥିଲା। ତେବେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିବା ପରେ ସେ ନେପାଳ ପାଇଁ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ଖେଳିଥିଲେ। ସେ ନେପାଳ ପାଇଁ ୧୦୩ ଦିନିକିଆ ମ୍ୟାଚ୍ ଖେଳି ୧୦୦ ଉଇକେଟ ନେଇଛନ୍ତି।

# ଶୁଟିଂରେ ସାଙ୍ଗୱାନଙ୍କୁ ୧୬ତମ କୋଟା

ଜାକର୍ତ୍ତା, ୧୧।୧ (ପି.ଟି.)

ଏସିଆ ଅଲିମ୍ପିକ କ୍ୱାଲିଫାୟର୍ସ ୨୫ ମିଟର ସ୍ପୋର୍ଟ୍ସ ପିସ୍ତଲରେ ଏକ ବ୍ରୋଞ୍ଜ ପଦକ ହାସଲ କରିବା ସହ ରିଦିମ ସାଙ୍ଗୱାନ ୧୬ତମ ଭାରତୀୟ ଶୁଟର ଭାବେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ କୋଟା ହାସଲ କରିଛନ୍ତି। ଫଳରେ ଚଳିତବର୍ଷ ଜୁଲାଇ-ଅଗଷ୍ଟରେ ହେବାକୁଥିବା ଗେମ୍ସ ପାଇଁ ଭାରତ ଏହାର ସର୍ବବୃହତ୍ ଶୁଟିଂ ଦଳ ପଠାଇବ। ଭାରତ ଏହା ପୂର୍ବରୁ ଏହାର ୧୫ ଜଣିଆ ସର୍ବବୃହତ୍ ଦଳ ଟୋକିଓରେ ଅନୁଷ୍ଠିତ ୨୦୨୦ ଅଲିମ୍ପିକ୍ ଗେମ୍ସକୁ ପଠାଇଥିଲା। ଜାକର୍ତ୍ତାରେ ଭାରତୀୟ ଶୁଟରମାନଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ଏଠାରେ ୩ ଭାରତୀୟ ଶୁଟର ଅଲିମ୍ପିକ କୋଟା ହାସଲ କରିଛନ୍ତି। ପୂର୍ବରୁ ଇଶା ସିଂ, ଭରୁଣ ତୋମାର (ଉଭୟ ୧୦ ମିଟର ଏୟାର ପିସ୍ତଲ) ଏବଂ ବର୍ତ୍ତମାନ ରିଦିମ ଦେଶ ପାଇଁ କୋଟା ହାସଲ କରିଛନ୍ତି। ଗତବର୍ଷ ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ଇଶା ଓ ମନୁ ଭାକରଙ୍କ ସହ ୨୫ ମିଟର ସ୍ପୋର୍ଟ୍ସ ପିସ୍ତଲ ସ୍ୱର୍ଣ୍ଣ ହାସଲ କରିଥିବା ହରିୟାଣାର ୨୦ ବର୍ଷୀୟା ରିଦିମ ଫାଇନାଲରେ ୨୮ଶଟ୍ ସହ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଦେଶ ପାଇଁ ଏକ ପ୍ୟାରିସ କୋଟା ହାସଲ କରିବା ଲାଗି ତାଙ୍କ ନିମନ୍ତେ ଯଥେଷ୍ଟ ଥିଲା। କାରଣ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା କୋରିଆର ୟାଙ୍ଗ୍ ଜିନ୍ (୪୧) ଓ କିମ୍ ୟେଜି (୩୨) ଅଲିମ୍ପିକ କୋଟା ହାସଲ କରିବା ଲାଗି ଅଯୋଗ୍ୟ ଅଟନ୍ତି। ଚଳିତ ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସରେ ରିଦିମଙ୍କର ଏହା ହେଉଛି ତୃତୀୟ ପଦକ।





To know more scan here

Series Price Starts @ ₹1 20 420#
Down Payment Starts @ ₹11 999#
Funding Up To 100%#
www.tvsmotor.com/tvs-apache | #T&C apply.

BEST-IN-CLASS 17.6 PS POWER | ABS DC-RLP | 3 RIDE MODES | LIGHTNING BLUE COLOUR | SMARTXONNECT

www.tvsmotor.com/tvs-apache | For further details please give a missed call to 18003157227. *Amongst air/oil cooled vehicles. #T&C apply.

TVS CREDIT | L&T Financial Services | HDFC BANK We understand your world | IDFC FIRST Bank ALWAYS YOU FIRST | ICICI Bank Credit & Debit Cards

FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.com. Authorised Main Dealers: SAMBALPUR: KISHORE TVS, 9778371171, BOLANGIR: RAJALAXMI TVS, 8260437538, BARGARH: SHUBHAMM TVS, 8860625628, ROURKELA: UNIQUE TVS, 8114372182, 8114372181, GURU GOBIND TVS, 9776280601, 9437203299, JHARSUGUDA: GUNNU TVS: 8586977624, SONEPUR: MINERVA TVS: 6370700730, 6370700732, BHAWANIPATNA: RAAJ RAJESWARI TVS, 7682809880; JUNAGARH: MAA BANJARI TVS: 9437939586, 7978323005. Authorised Dealers: Brajrajnagar: 9937077883, Deogarh: 9437392892, Modipara: 9337016000, Bamra: 9668005302, Kuchinda: 9777189689. Kantapali: 9437096134, Dhama: 7735079641, Rairakhol: 9937503010, Patnagarh: 9938621078, Raj Khariar: 9439144433. Kantabanji: 8596980487, Gaisilat: 7683848645, Saintala: 9861471371, Bangamunda: 9937526500, Tusura: 9437890955. Udanbandh: 9437626855, Lathor: 7008086417, Titlagarh: 9776516666, Belpara: 7008771977, Belpahar: 8249880971. Bandhbahal: 9439810542, Nuapara: 9938098888, Baragarh: 9938739550, Attabira: 9583558398, Paikamal: 9938119999. Bheden: 7008822177, Godbagha: 9438043220, Diptipur: 9937119913, Padampur: 8018570957, Jagadalpur: 7974013864, Dungripally: 9937926986, Kantamal: 7008225996, Birmaharajpur: 8018860710, Narla: 9437707650, Kesinga: 9437625573. Charbahal: 9178236679, M. Rampur: 9078855864, Sinapali: 9937906526, Laikera: 9938465363, Bagdehi: 9438736989, Rajgangpur: 9437172724, Kutra: 6370578102, Bonai: 9124187787.

McCann/Blr/Tvs/05/01/24


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ